Revengeful, *a.* ପ୍ରତିହିଂସକ, ଦ୍ୱେଷୀ, ଜିଘାଂସକ
Revenger, *s.* ପ୍ରତିଦ୍ୱେଷକର୍ତ୍ତା, ଦଣ୍ଡଦାୟୀ ।
Revenue, *s.* ରାଜସ୍ୱ, କର, ଖଜଣା, ମାଲ-
Reverberate, *v.* ପ୍ରତିଧ୍ୱନି-ହ । [ଗୁଜାରି ।
Revere, *v.* ଆଦର- ସମ୍ଭ୍ରମ-କ, ମାନ୍ୟ ବା ଶ୍ରଦ୍ଧା-କ । [ଦଣ୍ଡବତ ।
Reverence, *s.* ଆଦର, ସମ୍ମାନ; ନମସ୍କାର,
Reverence, *v.* ଆଦର- ଶ୍ରଦ୍ଧା-କ; ପୂଜା-କ ।
Reverend, *a.* ମାନ୍ୟ, ସେବ୍ୟ; ଧର୍ମୋପଦେଶକର ଉପାଧି ।
Reverie, *s.* ଧ୍ୟାନ; ଅସ୍ଥିରଚିନ୍ତା । [ବର୍ତ୍ତନ ।
Reversal, *s.* ଅନ୍ୟଥା ବା ରହିତକରଣ, ପରି-
Reverse, *v.* ଉଲ୍ଟା- ତଳଉପର- ବିପରୀତ-କ,
Reverse, *s.* ଅନ୍ୟଥା, ବ୍ୟତିକ୍ରମ; *a.* ବିପରୀତ, ଉଲ୍ଟାକାର, ପ୍ରତିକୂଳ ।
Reversion, *s.* ଉତ୍ତରାଧିକାରିତ୍ୱ, ଉତ୍ତରାଧିକାର
Revert, *v.* ଫେରିବାର, ନେଉଟି ଆସିବାର ।
Review, *v.* ଅବଲୋକନ-କ, ପଛେ ଦେଖିବାର; ଦୋଷାଦୋଷ ବିବେଚନା-କ ।

Review, *s.* ପୁନର୍ଦୃଷ୍ଟି, ପୁନର୍ବିବେଚନା । [ଚକ ।
Reviewer, *s.* ଗ୍ରନ୍ଥର ଦୋଷାଦୋଷ ବିବେ-
Revile, *v.* ଭର୍ତ୍ସନା- ନିନ୍ଦା-କ, ଗାଳି-ଦ ।
Reviler, *s.* ନିନ୍ଦକ, ଗ୍ଲାନିକାରକ, ଉତ୍ସ୍ରାପ-କର୍ତ୍ତା ।
Reviling, *s.* ନିନ୍ଦାକରଣ, ଗ୍ଲାନି, ଭର୍ତ୍ସନ ।
Revise, *v.* ପୁନର୍ଦୃଷ୍ଟି- ପୁନଃପରୀକ୍ଷା-କ, ଶୋଧନ-କ । [ଶୋଧନ ।
Revision, *s.* ପୁନଦର୍ଶନ ବା ପରୀକ୍ଷା, ପୁନଃ-
Revisit, *v.* ପୁନର୍ଦର୍ଶନ ବା ସାକ୍ଷାତ-କ ।
Revival, *s.* ପୁନଶ୍ଚେତନା, ପୁନର୍ଜୀବନ; ଧର୍ମବିଷୟରେ ପୁନଃପ୍ରବୃତ୍ତି । [ବାର, ଆଶ୍ୱାସ-ଦ ।
Revive, *v.* ପୁନଶ୍ଚେତନ-କ, ପୁଣି ଜୀଅାଇ-
Reviving, *a.* ଚେତନାକାରୀ, ସାନ୍ତ୍ୱନା ଓ ଆଶ୍ୱାସଦାୟକ । [ଖଣ୍ଡନ ।
Revocation, *s.* ରହିତ ବା ବ୍ୟର୍ଥକରଣ,
Revoke, *v.* ଅନ୍ୟଥା-କ, ବ୍ୟର୍ଥ ବା ରଦ-କ ।
Revolt, *v.* ରାଜଦ୍ରୋହ-କ, ରାଜପକ୍ଷତ୍ୟାଚରଣ-କ ।
Revolt, *s.* ରାଜଦ୍ରୋହ; ପରିତ୍ୟାଗ ।
Revolve, *v.* ଘୂରିବାର, ଚକ୍ରଗତି-କ; ମନେ ଭାବିବାର । [ପରିବର୍ତ୍ତନ ।
Revolution, *s.* ଚକ୍ରଗତି, ଭ୍ରମଣ; ରାଜ୍ୟ-
Revulsion, *s.* ପ୍ରତ୍ୟାକର୍ଷଣ; ବିପରୀତସ୍ୱଭାବ, ବୈପରୀତ୍ୟ । [ଷିକ ।
Reward, *s.* ପ୍ରତିଫଳ, ପୁରସ୍କାର, ପାରିତୋ-
Reward, *v.* ପୁରସ୍କାର-କ, ପ୍ରତିଫଳ ବା ବକ୍ସିସ୍-ଦ ।
Rhapsody, *s.* ଅସଂଲଗ୍ନକଥା, ବାଗାଡମ୍ବର ।
Rhetoric, *s.* ଅଳଙ୍କାରଶାସ୍ତ୍ର, ବାକ୍‌ପଟୁତା ।
Rhetorician, *s.* ଅଳଙ୍କାରଶାସ୍ତ୍ରବେତ୍ତା, ସୁ-
Rheum, *s.* କଫ, ଶ୍ଳେଷ୍ମା, ସର୍ଦ୍ଦି । [ବକ୍ତା ।
Rheumatic, *a.* ରସବାତଯୁକ୍ତ, ଶ୍ଳୈଷ୍ମିକ ।

Rheumatism, *s.* ଗଣ୍ଠିବାତ, ରସବାତ, ବାତରୋଗ ।
Rhinoceros, *s.* ଗଣ୍ଡାର, ଖଡ୍ଗୀ । [କୌଷଧ ।
Rhubarb, *s.* ରେଉଚିନି, ରେବଚିନି, ରେଚ-
Rhyme, *s.* ମିତ୍ରାକ୍ଷର, ଗୀତ ବା ଶ୍ଳୋକର
Rib, *s.* ପଞ୍ଜର, ପାଞ୍ଜର । [ଶେଷାକ୍ଷର ମିଳନ ।
Ribaldry, *s.* ଭଣ୍ଡ ବା ଖେଚଡାକଥା ।
Ribbon, *s.* ରେଶମନିର୍ମିତ ଫିତା, ବନ୍ଧନୀ ।
Rice, *s.* in ear, ଧାନ, ଧାନ୍ୟ; raw, ଚାଉଳ, ତଣ୍ଡୁଳ; boiled, ଭାତ । [ଉତ୍କର୍ଷ ।
Rich, *a.* ଧନବାନ୍, ଧନୀ, ଧନାଢ୍ୟ; ବହୁମୂଲ୍ୟ;
Riches, *s.* ଧନ, ଅର୍ଥ, ସମ୍ପତ୍ତି, ଦୌଲତ ।
Richly, *ad.* ଧନବନ୍ତରୂପେ, ବାହୁଲ୍ୟରୂପେ ।
Richness, *s.* ଧନବତ୍ତା, ଉତ୍କର୍ଷତ୍ୱ; ମିଷ୍ଟତା ।
Rick, *s.* ଗଞ୍ଜି, ଟିପି, ଗଦା ।
Rickety, *a.* ରୋଗଗ୍ରସ୍ତ, ଦୁର୍ବଳ ।
Rid, *v.* ମୁକ୍ତ- ଦୂର-କ, ତ୍ୟାଗ-ଦ ।
Riddance, *s.* ମୁକ୍ତି, ଉଦ୍ଧାର, ଖଲାସ, ତ୍ୟାଗ ।
Riddle, *s.* ଢଗ, ପ୍ରହେଳିକା; ମୋଟା ଚାଲୁଣୀ । [ଅଶ୍ୱାରୋହଣ-କ ।
Ride, *v.* ଘୋଡା ବା ଗାଡିଆଦିରେ ଚଢିବାର,
Rider, *s.* ଅଶ୍ୱାରୋହକ, ସଉଆର । [ମଥାନ ।
Ridge, *s.* of a field, ହିଡ; of a house,
Ridicule, *s.* ପରିହାସ, ଠାପରା, ଠାକୁରାଳି, ଥଟ୍ଟା
Ridicule, *v.* ପରିହାସ- ଥଟ୍ଟା-କ ।
Ridiculous, *a.* ପରିହାସ୍ୟ, ଠାପରାଯୋଗ୍ୟ
Rife, *a.* ବ୍ୟାପକ; ସାଧାରଣ, ପ୍ରବଳ ।
Riffraff, *s.* ଇତର ବା ନୀଚଲୋକ, ଅଧମବର୍ଣ୍ଣ
Rifle, *v.* ଅପହରଣ-କ, ଲୁଟିବାର, ଚୋର-କ
Rifle, *s.* ବନ୍ଧୁକବିଶେଷ ।
Rig, *v.* ସୁସଜ୍ଜିତ-କ, ଜାହାଜର ପାଲଦୌଡ ଇତ୍ୟାଦି ସଜାଇବାର ।
Rigging, *s.* ଜାହାଜର ପାଲ୍ ଓ ଦୌଡ ।
Right, *a.* ଉଚିତ, ଯଥାର୍ଥ, ଠିକ ।
Right, *ad.* ଯଥାର୍ଥରୂପେ, ଠିକରୂପେ ।
Right, *s.* ନ୍ୟାୟ, ଉତ୍ତମ, ଯାଥାର୍ଥ୍ୟ; ସ୍ୱତ୍ୱ, ଅଧିକାର ।
Righteous, *a.* ଧାର୍ମିକ, ପୁଣ୍ୟାତ୍ମା, ଧର୍ମବନ୍ତ, ଯଥାର୍ଥିକ । [ଯାଥାର୍ଥ୍ୟ ।
Righteousness, *s.* ଧର୍ମ, ନ୍ୟାୟ, ପୁଣ୍ୟ,
Rightful, *a.* ଯଥାର୍ଥାଧିକାରୀ, ହକ୍‌ଦାର, ସତ୍ୟ । [ଉପଯୁକ୍ତରୂପେ ।
Rightly, *ad.* ପ୍ରକୃତରୂପେ ବା ଠିକ ବା
Rigid, *s.* କଠିନ, ଦୃଢ, ଠିକ ।
Rigmarole, *s.* ବକାବକ, ଗଳ୍ପ ।
Rigorous, *a.* କର୍କଶ, କଠିନ, କଠୋର ।
Rigour, *s.* କାଠିନ୍ୟ, କଠୋରତା, ଦୃଢତା ।
Rill, *s.* କ୍ଷୁଦ୍ରନଦୀ ବା ସ୍ରୋତ, ପାଣିଧାର ।
Rim, *s.* ଧାର, କନ୍ଦା, ଫନ ।
Rind, *s.* ତ୍ୱକ, ଛାଲ, ବକଳ, ଖୋସା ।
Ring, *s.* ମଣ୍ଡଳ, ଚକ୍ର, ଗୋଲ; ଅଙ୍ଗୁଳୀ, ମୁଦ୍ରା; ଘଣ୍ଟାର ଧ୍ୱନି ।
Ring, *v.* ବଜାଇବାର, ଘଣ୍ଟାର ଶବ୍ଦ-କ ।
Ringleader, *s.* ଦଳପତି, ଦୁଷ୍ଟଲୋକମାନଙ୍କର ସରଦାର ।
Ringlet, *s.* ଗୁଡ଼ିଚରବାଳ, ସାନକୁଳପି ।
Ringworm, *s.* ଦାଦୁ, ଦାଦ୍ରୁ, ଦଦ୍ରୁ ।
Rinse, *v.* ପ୍ରକ୍ଷାଳନ ବା ଧୌତ-କ, ଧୋଇବାର
Riot, *s.* କଳହ, ଗଣ୍ଡଗୋଳ, ଦଙ୍ଗା ।
Riot, *v.* ଧୁମଧାମ-କ, କଳି ବା ଗଣ୍ଡଗୋଳ-କ
Rip, *s.* ପାଜି, ନାକାସଲୋକ, କଳହକାରୀ ।
Rip, *v.* ଚିରିବାର, ଫାଡିବାର, କଦାରିବାର ।
Ripe, *a.* ପାଚିଲା, ପକ୍ୱ, ପୋକ୍ତା, ସିଦ୍ଧ ।
Ripen, *v.* ପରିପକ୍ୱ-ହ, ପାଚିବାର, ପାକ-କ ।
Ripple, *v.* କ୍ଷୁଦ୍ର ଲହରିଯୁକ୍ତ-ହ, ଜଳ ଦୋହୋଲିବାର ।

Ripple, s. କ୍ଷୁଦ୍ର ଢେଉ ବା ତରଙ୍ଗ, ସାନ ଲହରୀ ।
Rise, v. ଉଠିବାର, ଉଦୟ-ହ, ଉନ୍ନତ-ହ; in price, ମୂଲ ବଢ଼ିଯିବାର । [ଅଦ୍ୟ ।
Rise, s. ଉତ୍ଥାନ, ଊର୍ଦ୍ଧ୍ୱଗମନ, ଉଦୟ, ଉନ୍ନତି;
Risibility, s. ହସିବାର ଭାବ, ରହସ୍ୟତା ।
Risible, a. ହାସ୍ୟଜନକ, ପରିହାସ୍ୟ ।
Rising, s. ଉତ୍ଥାନ, ଉଦୟ, ଊର୍ଦ୍ଧ୍ୱଗମନ ।
Risk, s. ଦାୟ, ଝୁଙ୍କି, ଆପଦ, ଭୟ ।
Risk, v. ଦାୟ-କ, ଭୟ ସେନିବାର, ପଣ-କ ।
Rite, s. ଧର୍ମକର୍ମ ବା ବ୍ୟବସ୍ଥା, ଶାସ୍ତ୍ରୀୟ ଧାରା, ଆଚାର ।
Ritual, a. ଧର୍ମଶାସ୍ତ୍ରାନୁମତ; s. ଧର୍ମକର୍ମପଦ୍ଧତି, ଧର୍ମସଂହିତା ।
Rival, a. ଏକ ଦ୍ରବ୍ୟାଭିଲାଷୀ, ଏକ କର୍ମୀ ।
Rival, v. ପ୍ରତିଯୋଗିତା-କ, ପ୍ରତିବାଦ-କ ।
Rivalry, s. ପ୍ରତିଯୋଗିତା, ବିପକ୍ଷତା, ପ୍ରତିବାଧକତା ।
Rive, v. ଫାଟିବାର, ଚିରିବାର, ଫାଡିବାର ।
River, s. ନଦୀ, ନଈ, ନଦ, ସ୍ରୋତ ସ୍ୱତୀ ।
Rivet, s. ମେଖ, ଗୋଲା, ପ୍ରେକ; v. ବନ୍ଦ-କ ।
Rivulet, s. କ୍ଷୁଦ୍ରନଦୀ, ସାନନଈ, ନାଳା ।
Road, s. ପଥ, ବାଟ; ବଡଦାଣ୍ଡ ବା ସଡକ ।
Roadstead, s. ସମୁଦ୍ର ତଟରେ ନଙ୍ଗର କରିବା ସ୍ଥାନ ।
Roam, v. ଭ୍ରମଣ-କ, ଦେଶାନ୍ତରେ ବୁଲିବାର ।
Roan, a. ଚିତ୍ରିତବିଶେଷ; s. ଚର୍ମବିଶେଷ ।
Roar, v. ଗର୍ଜନ-କ, ଆର୍ତ୍ତନାଦ-କ, କଲ୍ଲୋଳ ଶବ୍ଦ-କ । [ଧ୍ୱନି ।
Roar, s. ପଶୁରନାଦ, ଗର୍ଜନ; ସମୁଦ୍ରାଦିର
Roast, v. ଭାଜିବାର, କବାବ-କ; s. କବାବର ମାଂସ ।
Rob, v. ଲୁଟିବାର, ଡକାଇତି-କ, ଚୋର-କ ।
Robber, s. ଡକାଇତ, ଚୋର, ଗଣ୍ଡ, ବାଟପାଡ
Robbery, s. ଚୋରି, ଡକାଇତି, ଗଣ୍ଡପଣିଆ ।
Robe, s. ଉପରି ଲୁଗାବିଶେଷ, ଗୌରବସୂଚକବସ୍ତ୍ର । [ମୋଟା ।
Robust, a. ବଳମାନ, ଶକ୍ତିମାନ, ସବଳିଷ୍ଠ,
Rock, s. ଶୈଳ, ବଡ ପଥର, ପାହାଡ ।
Rock, v. ଝୁଲାଇବାର, ହଲାଇବାର ।
Rocket, s. ଅଗ୍ନିବାଣ, ହାଉଇ ।
Rocksalt, s. ସୈନ୍ଧବ, ଆକରୀୟ ଲବଣ ।
Rocky, a. ପଥରମୟ, ଶିଳାମୟ; କଠିନ ।
Rod, s. ଦଣ୍ଡ, ବାଡ, ଯଷ୍ଟି; measuring- ଗଜ, ପମାନ; fishing- ବନଶୀ ।
Roe, s. ମୃଗୀ, ହରିଣୀ; ମାଛର ଡିମ୍ବ ।
Rogue, s. ପ୍ରବଞ୍ଚକ, ଦୁଷ୍ଟ, ଠକ, ଚୋର ।
Roguery, s. ଠକପଣିଆ, ଗଣ୍ଡପଣିଆ, ଧୂର୍ତ୍ତତା ।
Roll, v. ଗଡାଇବାର, ଗୋଟିବାର, ବୁଲିବାର
Roll, s. ଜଡିତବସ୍ତୁ; ତାଲିକା, ଫର୍ଦ୍ଦ ।
Roller, s. ବେଲଣା, ବଲନା, ଗୋଲ ।
Roman, a. ରୋମ ନଗରସ୍ଥଲୋକ, ରୋମୀୟ ।
Romance, s. ଇତିହାସ, ଉପନ୍ୟାସ, ଗଳ୍ପ ।
Romanize, v. ରୋମୀୟ ଅକ୍ଷରରେ ଲେଖିବାର ।
Romantic, a. କଳ୍ପିତ, ଅସମ୍ଭବ; ବନ୍ୟମୟ ।
Romish, a. ରୋମୀୟ, ରୋମନଗର ସମ୍ବନ୍ଧୀୟ
Romp, s. ଚଞ୍ଚଳା ସ୍ତ୍ରୀ, ବାଳକପରି ଖେଳିବାରବାଳିକା । [ପଦାକା ।
Rood, s. ଭୂମିର ମାପ, ପ୍ରାୟ ୧୧ ହାତ
Roof, s. ଛାତ, ଛପର; -of mouth, ମୁଖତାଳୁ ।
Roof, v. ଛାଇବାର, ଛାତ- ଛପର-କ ।
Rook, s. କାକ ବା କାଉବିଶେଷ ।
Room, s. କାମରା, କୁଠରୀ, ସ୍ଥାନ, ଜାଗା, ବସାସ ।

Roomy, a. ଅନେକ ସ୍ଥାନଯୁକ୍ତ, ପଇସ୍ତ, ବଡ ।
Roost, s. ପକ୍ଷୀଆଦ ବସିବାର ଦଣ୍ଡ, ଅଡା ।
Root, s. ମୂଳ, ଜଡ, ଚେର; ଆଦକାରଣ ।
Root, v. ମାଟିରେ ମୂଳ ବା ଚେର ବସାଇ-
 ବାର; -up, ମୂଳସହିତ ଉପାଡବାର ।
Rope, s. ଦୌଡି, ରଜ୍ଜୁ, ରସୀ । [ସ୍ଥାନ ।
Rope-walk, s. ଦୌଡି ବା ଦୌଡିର ନିର୍ମାଣ-
Rosary, s. ଗୋଲାପ ଫୁଲର କ୍ଷେତ୍ର; ଜପ-
 ମାଳା, କରମାଳା ।
Rose, s. ଗୋଲାବ କି ଗୋଲାବ ଫୁଲ ।
Rose-apple, s. ଗୋଲାବଜାମ ।
Roses, conserve of s. ଗୁଲକନ୍ଦ ।
Rosemary, s. ବୃକ୍ଷବିଶେଷ ।
Rosette, s. ଫିତାନିର୍ମିତ ଗୋଲାବ ଫୁଲ ।
Rosin, s. ଝୁଣା, ଧୂନା, ସର୍ଜରସ । [ଚ୍ଚାସନ ।
Rostrum, s. ପକ୍ଷିର ଥଣ୍ଟ; ବକ୍ତାର ମଞ୍ଚ ବା ଉ-
Rosy, a. ଟୁକ୍ଟୁକା, ବାସନା ବା ବର୍ଣ୍ଣରେ ଗୋଲାବ
 ଫୁଲପରି ।
Rot, v. ପଚିବାର, ସଢବାର, ଗଳିତ ବା କ୍ଷୟ-ହ
Rot, s. ପଚନ, ଗଳନ, କ୍ଷୟ, ମେଷର ରୋଗ-
 ବିଶେଷ ।
Rotation, s. ବୁଲିବାର, ଚକ୍ରଗତି, ଘୂରଣ ।
Rotatory, a. ଘୂର୍ଣ୍ଣାୟମାନ, ଘୂରଣଶୀଳ ।
Rote, s. ମୁଖସ୍ଥ କଥନ, ଅଭ୍ୟାସ ।
Rotten, a. ପଚା, ସଡା, ନଷ୍ଟ, ଗଳିତ ।
Rottenness, s. ପଚାଭାବ, ସଡାପଣିଆଁ ।
Rotund, a. ବର୍ତ୍ତୁଳାକାର, ଗୋଲ, ଚକ୍ର ।
Rouge, s. ଲାଲରଙ୍ଗବିଶେଷ, ରକ୍ତିମା ।
Rough, a. କର୍କଶ, କଠିନ; ଅସଭ୍ୟ ।
Rough-draught, s. ପ୍ରଥମଲେଖା, ଚିଠା ।
Roughness, s. ଅସମାନତା; କାଠିନ୍ୟ;
 ଅସଭ୍ୟତା । [ପୂର୍ଣ୍ଣ ।
Round, a. ଗୋଲ, ଚକ୍ରାକାର, ବର୍ତ୍ତୁଳାକାର,

Round, s. ଚକ୍ର, ମଣ୍ଡଳ, ଘେର; ଚୌକି-
 ଆର ଘରବୁଲ, ଗାରଦ ।
Round, a. ଘୂରିଦଗେ, ସବୁଦଗେ, ଚତୁର୍ଦ୍ଦିଗେ
Roundabout, ad. ବଙ୍କା, ଅସରଳ; ଅସ୍ପଷ୍ଟ ।
Roundhouse, s. ଥାନା, ଚୌକିଘର, କାରା
Roundly, ad. ଗୋଲାକାରେ, ଗୋଲରୂପେ,
 ସ୍ପଷ୍ଟେ । [ଦ୍ରାଭଙ୍ଗାଇବାର ।
Rouse, v. ଜଗାଇବାର, ଚେତାଇବାର, ନି-
Rout, s. ଭିଡ, ଲୋକଗହଳ; defeat, ପରା-
 ଜୟ । [ବାର ।
Rout, v. ପରାଜୟ-କ, ଛିନ୍ନଭିନ୍ନକରି ପଳାଇ-
Route, s. ପନ୍ଥା, ବାଟ, ପଥ, ରାସ୍ତା ।
Routine, s, କର୍ମ କରିବାର ରୀତି ବା ଧାରା ।
Rove, v. ଭ୍ରମଣ-କ, ବୁଲିବାର, ପର୍ଯ୍ୟଟନ-କ ।
Rover, s. ବୁଲିବାରଲୋକ, ପରିଭ୍ରାମକ, ପର୍ଯ୍ୟ-
Row, s. ଧାଡି, ପଂକ୍ତି, ଶ୍ରେଣୀ । [ଟକ ।
Row, s. ଗୋଳମାଳ, କଳହ, ଗଣ୍ଡଗୋଳ ।
Row, v. ଆହୁଲାପକାଇବାର, ଆହୁଲା ବହିବାର
Rower, s. ଯେ ଆହୁଲାପକାଏ, ନୌକା ବା-
 ହକ । [ପ୍ରଯୁକ୍ତ ।
Royal, a. ରାଜକୀୟ, ରାଜସମ୍ବନ୍ଧୀୟ, ରାଜୋ-
Royalist, s. ରାଜପକ୍ଷୀୟ ବ୍ୟକ୍ତି ।
Royalty, s. ରାଜତ୍ୱ, ରାଜପଦ, ରାଜଧର୍ମ ।
Rub, v. ଘସିବାର, ମାର୍ଜନ-କ, ପୋଛିବାର ।
Rub, s. ଘର୍ଷଣ, ମର୍ଦ୍ଦନ; difficulty, ଦାୟ,
 ବିପଦ; ବାଧା; ଅଟ୍କା ।
Rubbish, s. ମଇଳା, ତୁଚ୍ଛଦ୍ରବ୍ୟ, ଅଳିଆ ।
Rubicund, a. ରକ୍ତବର୍ଣ୍ଣ, ରକ୍ତପରି ଲାଲ ।
Rubric, s. ରକ୍ତାକ୍ଷରେ ଲେଖିତ ସୂତ୍ର; ପ୍ରା-
 ର୍ଥନା ପୁସ୍ତକର ପଦ୍ଧତି ।
Ruby, s. ପଦ୍ମରାଗମଣି, ମାଣିକ୍ୟ ।
Rudder, s. ମଙ୍ଗଯନ୍ତ୍ର; ହାଲ ।
Ruddy, a. ରଙ୍ଗାଟିଆ, ଈଷଦ୍ରକ୍ତବର୍ଣ୍ଣ ।

**Rude,** *a.* ଅସଭ୍ୟ, ମୂର୍ଖ, ଅଶିଷ୍ଟ, ଅକାଜ ।
**Rudely,** *ad.* ଅସଭ୍ୟରୂପେ, ଅଶିଷ୍ଟରୂପେ ।
**Rudeness,** *s.* ଅସଭ୍ୟତା, ଅଶିଷ୍ଟାଚାର; ମୂର୍ଖତା; ଜୋର । [ବା ଅରମ୍ଭ ।
**Rudiment,** *s.* ମୂଳସୂତ୍ର, ବିଦ୍ୟାର ଉପକ୍ରମ
**Rue,** *v.* ଖେଦ- ଅନୁତାପ- ସନ୍ତାପ-କ ।
**Rueful,** *a.* ଶୋକାନ୍ୱିତ, ଦୁଃଖିତ, ବିଷଣ୍ଣ ।
**Ruff,** *s.* କୁଞ୍ଚିବା କଣ୍ଠବସ୍ତ୍ର; ମତ୍ସ୍ୟବିଶେଷ ।
**Ruffian,** *s.* ଦୁଷ୍ଟ, ଦୁରାଚାର, ଗୁଣ୍ଡା, ଘାତକ ।
**Ruffle,** *v.* ଅଜାଡ଼- ବିରକ୍ତ-କ, ବିକ୍ର-ହ ।
**Ruffle,** *s.* ଚୁନଟ, କୁଞ୍ଚିବା ଲୁଗାବିଶେଷ; ବ୍ୟାକୁଳତା ।
**Rug,** *s.* କମ୍ବଳ, ଦୁଲିଚାବିଶେଷ । [କଠୋର ।
**Rugged,** *a.* ଅସମାନ, ଉଚ୍ଚନୀଚ, କର୍କଶ,
**Ruggedness,** *s.* ଅସମାନତା, କାର୍କଶ୍ୟ, କଠୁତା, ଅସଭ୍ୟତା ।
**Ruin,** *s.* ବିନାଶ, ସର୍ବନାଶ, ଧ୍ୱଂସ, ଉଜାଡ ।
**Ruin,** *v.* ବିନାଶ- ଉଚ୍ଛନ୍ନ- ନଷ୍ଟ- ଧ୍ୱଂସ-କ ।
**Ruinous,** *a.* ବିନାଶକ, ଧ୍ୱଂସକ, ହାନିଜନକ ।
**Ruins,** *s.* ଭଙ୍ଗାଘର ଆଦି, ଭଗ୍ନତା ।
**Rule,** *s.* କର୍ତ୍ତୃତ୍ୱ, ଶାସନ, ଆଜ୍ଞା, ବ୍ୟବସ୍ଥା ।
**Rule,** *v.* କର୍ତ୍ତୃତ୍ୱ-କ, ପ୍ରଭୁତ୍ୱ ବା ଶାସନ-କ; ରେଖା ବା ଗାର ଟାଣିବାର ।
**Ruler,** *s.* ଦେଶାଧିପତି, ଶାସନକର୍ତ୍ତା; ରେଖା ଟାଣିବାର ଦଣ୍ଡ ।
**Rum,** *s.* ମଦ୍ୟବିଶେଷ, ଆସବ ।
**Rumble,** *v.* ଘଡ଼ଘଡ଼ ବା ଗଡଗଡ ଶବ୍ଦ-କ ।
**Ruminate,** *v.* ଧ୍ୟାନ-କ; ପାଟି ପାକୁଳାଇବାର । [ବା ଖୋଜିବାର ।
**Rummage,** *v.* ଏଣେତେଣେ ଖୋଜିବାର
**Rumour,** *s.* ଜନରବ, ରବ, ସମ୍ବାଦ ।
**Rump,** *s.* ପିଚ୍ଛ, ପଶ୍ଚାଦ୍ଦେଶ, ନିତମ୍ବ ।
**Rumple,** *v.* ଚୁନଟ-କ, କୁଞ୍ଚିବାର ।
**Run,** *v.* ଧାଇଁବାର, ଦୌଡ଼ିବାର, ପଳାଇବାର
**Run,** *s.* ଦୌଡ଼, ଧାବନ; ବେଗଗତି, ଚଳନ ।
**Runagate, Runaway,** *s.* ପଳାଇଯିବାଲୋକ, ପଳାତକ, ଭୁଗ୍‌ଲ । [ଉତ୍ସାହ ।
**Runing,** *s.* ଦୌଡ଼; -of a sore, ପୂଜ,
**Rupee,** *s.* ଟଙ୍କା, ରୌପ୍ୟମୁଦ୍ରା ।
**Rupture,** *s.* ଭଗ୍ନ, ବିବାଦ; hernia, ଅନ୍ତ୍ରବୃଦ୍ଧି, କୋଷବୃଦ୍ଧି ।
**Rural,** *a.* ଗ୍ରାମ୍ୟ, ଗାଁଉଲିଆ, ମଫସଲସମ୍ବନ୍ଧୀୟ ।
**Ruse,** *s.* ଛଳ, ପ୍ରତାରଣା, ଚତୁରତା, ଫିକର ।
**Rush,** *v.* ବେଗେ ପ୍ରବେଶ-ହ, ବେଗେ ଦୌଡ଼ିବାର । [ଦ୍ୱାରପ୍ରବେଶ ।
**Rush,** *s.* ତୃଣବିଶେଷ, ଭୂଇଁନାଲ ବିଷୟ; ବଳାତ୍
**Russet,** *a.* ମାଟିଆଲାଲ; ଗ୍ରାମ୍ୟ, ଗ୍ରାମସ୍ଥ ।
**Rust,** *s.* ଲୌହରମଳ, ମୁର୍ଚ୍ଚା, କଳଙ୍କ ।
**Rust,** *v.* କଳଙ୍କ-ହ, ମୁର୍ଚ୍ଚାପଡ଼ିବାର, ମଳାଧରିବାର ।
**Rustic,** *a.* ଗ୍ରାମ୍ୟ, ଚଷାପର, ମଫସଲି ।
**Rusticate,** *v.* ଗ୍ରାମରେ ବାସ- ବନବାସ-କ ।
**Rustle,** *v.* ଖଡଖଡ ଶବ୍ଦ-କ ।
**Rusty,** *a.* ମୁର୍ଚ୍ଚା ବା କଳଙ୍କଯୁକ୍ତ ।
**Rut,** *s.* ମୃଗାଦିର ସଙ୍ଗମ ବା ଫଳ; ଶଗଡର ସଞ୍ଚ ବା ଦାଣ୍ଡ ।
**Ruth,** *s.* କୃପା, ଦୟା, କରୁଣା; ଶୋଚନା ।
**Ruthless,** *a.* ନିର୍ଦ୍ଦୟ, ନିଷ୍ଠୁର, କୃପାହୀନ ।
**Rye,** *s.* ଶସ୍ୟବିଶେଷ, ସ୍ୱଳ୍ପଗୋଧୂମ ।
**Ryot,** ରଇତ, ପ୍ରଜା, ଭଡାଟିଆ ।

## S.

**Sabbath,** *s.* ରବିବାର, ବିଶ୍ରାମଦିନ ।
**Sable,** *s.* ଉତ୍ତମ କଳାପଶମ; *a.* କଳାବର୍ଣ୍ଣ ।
**Sabre,** *s.* ତରବାଲ, ଖଡ୍ଗ, ଖଣ୍ଡା, ତଲୱାର ।

Saccharine, *a.* ଶର୍କରାବତ୍, ନବାତ ବା ଚିନି-
[ଜାତୀୟ ।
ପରି ।
Sacerdotal, *a.* ଯାଜକୀୟ, ପୁରୋହିତସମ୍·
Sack, *s.* ଥଳି, ଅଖା; ଲୁଟପାଟ; ସ୍ପେ-
ନେର ବସ୍ତ୍ର; ମଦ୍ୟବିଶେଷ ।
Sack, *v.* ଥଳୀରେ ପୂରାଇବାର; ଲୁଟପାଟ-କ
Sackbut, *s.* ତୁରୀବିଶେଷ । [ସୂଚକ ଲୁଗା ।
Sackcloth, *s.* ଅଖା, ଚଟ, ଲୁଗା; ଶୋକ-
Sacrament, *s.* ପଣ, ଶପଥ, ନିୟମ; ପ୍ରଭୁର
ଭୋଜନ ।
Sacred, *a.* ପ୍ରତିଷ୍ଠିତ, ପବିତ୍ର; inviolate,
ଅଟଳ; -Scriptures, ଧର୍ମପୁସ୍ତକ ।
Sacrifice, *v.* ବଳିଦାନ-ଉତ୍ସର୍ଗ-କ; କ୍ଷତି-ଦ,
କ୍ଷତି ସ୍ୱୀକାର କ । [ଯାଗ ।
Sacrifice, *s.* ବଳିଦାନ, ନୈବେଦ୍ୟ, ହୋମ,
Sacrilege, *s.* ଈଶ୍ୱରଙ୍କ ଦତ୍ତଦ୍ରବ୍ୟ ହରଣ ।
Sad, *a.* ଦୁଃଖିତ, ବିଷଣ୍ଣ, ମ୍ଳାନବଦନ, ଖେ-
ଦିତ । [ବନ୍ଧ-କ, ଘୋଡ଼ା-ଦ ।
Saddle, *s.* ଜିନ, ଘୋଡାର ଗଦି; *v.* ଜିନ-
Saddler, *s.* ଜିନ ନିର୍ମାଣକାରକ ବା ନିର୍ମାତା ।
Sadly, *a.* ବିଷଣ୍ଣରୂପେ, ଅତି ମନ୍ଦରୂପେ ।
Sadness, *a.* ଶୋକ, ଖେଦ, ବିଷଣ୍ଣତା, ନିରା-
ନନ୍ଦତା ।
Safe, *a.* ନିରାପଦ, ନିର୍ବିଘ୍ନ, ନିର୍ଭୟ, ନିଃଶଙ୍କ ।
Safeguard, *s.* ବିପଦରେ ରକ୍ଷା, ରକ୍ଷକ ।
Safely, *ad.* ନିର୍ବିଘ୍ନେ, ନିରାପଦେ, ନିର୍ଭୟ-
ରୂପରେ ।
Safety, *s.* ନିର୍ବିଘ୍ନତା, ରକ୍ଷା, ନିରାପଦ ।
Safflower, *s.* କୁସୁମଫୁଲ, କୁସୁମ୍ଭ ।
Saffron, *s.* କୁଙ୍କୁମ, କେଶର, ଜାଫ୍ରାନ; *a.*
ହଳଦିରଙ୍ଗ ।
Sagacious, *a.* ତୀକ୍ଷ୍ଣବୁଦ୍ଧିମନ୍ତ, ଚତୁର ।
Sagacity, *s.* ତୀକ୍ଷ୍ଣବୁଦ୍ଧି, ସୁବିଜ୍ଞତା, ଧୀରତା ।

Sage, *a.* ଜ୍ଞାନୀ, ପ୍ରାଜ୍ଞ, ବୁଦ୍ଧିମାନ୍ । [ଶେଷ ।
Sage, *s.* ଋଷି, ମୁନି, ପଣ୍ଡିତ, ଜ୍ଞାନୀ; ବୃକ୍ଷବି-
Sagittarius, *s.* ଧନୁରାଶି, ଧାନୁଷ୍କ ।
Sago, *s.* ସାଗୁଦାନା, ସାଗୁ ।
Sail, *s.* ଜାହାଜରପାଲ; ଏକଜାହାଜ । [ଳିବାର
Sail, *v.* ଜାହାଜାଦିରେ ଗମନ-କ; ପାଲ ତୋ-
Sailor, *s.* ନାବିକ, ଜାହାଜୀୟଲୋକ, ଖଲାସୀ ।
Saint, *s.* ପବିତ୍ରଲୋକ, ଧାର୍ମିକ, ସାଧୁ, ମୁନି ।
Sake, *s.* ଅଭିପ୍ରାୟ, ହେତୁ, କାରଣ, ପାଇଁ,
ଅର୍ଥେ । [ସାଦର ।
Sal, *s.* ଲବଣ, କ୍ଷାର; -ammoniac, ନୌ-
Salad, *s.* ଅସିଦ୍ଧ ସବଜିର ବ୍ୟଞ୍ଜନ, ଚଟଣୀ ।
Salary, *s.* ବର୍ତ୍ତନ, ଦରମା, ମାହିନା ।
Sale, *s.* ବିକ୍ରୟ, ବିକୀ, ବିକା; auction,
ନିଲାମ ।
Saleable, *a.* ବିକ୍ରୟଯୋଗ୍ୟ, ବିକ୍ରେୟ ।
Salesman, *s.* ବିକିବା ଲୋକ, ବିକ୍ରୟକାରୀ,
ବିକ୍ରେତା ।
Saline, *a.* ଲୋଣା, ଲୁଣିଆଁ, ଲବଣଯୁକ୍ତ ।
Saliva, *s.* ଥୁଅ, ଛେପ ।
Salivate, *v.* ଔଷଧ ଦ୍ୱାରା ଘାଲ ଉଠିବାର ।
Sallow, *a.* ପାଣ୍ଡୁବର୍ଣ୍ଣ, ଫିକା, ବିରସ, ମଳିନ ।
Sally, *s.* ଶତ୍ରୁ ଉପରେ ହଠାତ ଚଢାଉ,
ହଠାତ ଆକ୍ରମଣ ।
Salmon, *s.* ଉତ୍ତମମତ୍ସ୍ୟବିଶେଷ ।
Saloon, *s.* ବଡଦାଲାନ, ଉତ୍ତମ ବୈଠକଘର ।
Salt, *s.* ଲବଣ, ଲୁଣ, ନୁଣ, ନିମକ; -cellar,
ନିମକଦାନ ।
Salt, *a.* ସଲବଣ, ଲୋଣା, ଲୁଣିଆଁ, କ୍ଷାରଯୁକ୍ତ
Saltpetre, *s.* ସୋରା, ଯବକ୍ଷାର ବା ଯବକ୍ଷାର
Salubrious, *a.* ସ୍ୱାସ୍ଥ୍ୟଜନକ, ସୁଖଦ, ହିତ-
କାରୀ । [ଉପକାରକ ।
Salutary, *a.* ହିତକାରକ, କୁଶଳଦାୟୀ,

Salutation, *s*. ନମସ୍କାର, ପ୍ରଣାମ, ଦଣ୍ଡବତ୍, ବନ୍ଦନା ।
Salute, *s*. ପ୍ରଣାମ ; ଚୁମ୍ବନ ; ସଲାମି ତୋପ ।
Salute, *v*. ନମସ୍କାର-କ; ଚୁମ୍ବନ-କ; ଆଲିଙ୍ଗନ-କ
Salvage, *s*. ନଷ୍ଟ ଜାହାଜର ଦ୍ରବ୍ୟାଦି ରକ୍ଷାର୍ଥ ନିର୍ଦ୍ଦିଷ୍ଟପୁରସ୍କାର । [ମୁକ୍ତି ।
Salvation, *s*. ପରିତ୍ରାଣ, ନିସ୍ତାର, ଉଦ୍ଧାର,
Salve, *s*. ମଲମ, ପ୍ରଲେପ ; ପ୍ରତିକାର ।
Salver, *s*. ଥାଳି, ବାସନ, ରେକାବୀ ।
Salvo, *s*. ବ୍ୟତିରେକ ; ଆପତ୍ତି, ଓଜର ।
Same, *a*. ଏକଇ, ସେ, ଏକସମାନ, ସଦୃଶ ।
Sameness, *s*. ଐକ୍ୟ, ସାଦୃଶ୍ୟ, ତୁଲ୍ୟତା ।
Sample, *s*. ନମୁନା, ଆଦର୍ଶ, ନିଦର୍ଶନ ।
Sanctification, *s*. ପବିତ୍ରକରଣ, ଶୁଚି ବା ନିଷ୍ପାପକରଣ ।
Sanctify, *v*. ପବିତ୍ର-କ, ଶୁଦ୍ଧ କ ଶୁଚି -କ ।
Sanctimonious, *a*. ଶୁଦ୍ଧାଭାସ୍ୟ, ଅତିଧାର୍ମିକ
Sanction, *s*. ଅନୁମତି, ସମ୍ମତି, ଆଜ୍ଞା, ଆଦେଶ
Sanctity, *s*. ପବିତ୍ରତା, ଶୁଦ୍ଧତା, ଶୁଚିତା ।
Sanctuary, *s*. ପବିତ୍ରସ୍ଥାନ, ଭଜନାଳୟ, ଆଶ୍ରୟସ୍ଥାନ । [ବାଲିଆପଥର ।
Sand, *s*. ବାଲି, ବାଲୁକା, ରେଣୁ ; -stone,
Sandals, *s*. କାଷ୍ଠପାଦୁକା, କଠାଉ ।
Sandal-wood, *s*. ଚନ୍ଦନକାଷ୍ଠ, ଗନ୍ଧସାର ।
Sand-bank, *s*. ଚଡା, ପୁଳିନ ।
Sandy, *a*. ବାଲିମୟ, ବାଲିଆ ।
Sane, *a*. ସଜ୍ଞାନ, ସଚେତନ, ସୁସ୍ଥ ।
Sang-froid, *s*. ସ୍ଥୈର୍ଯ୍ୟ, ଅଭୟ, ନିସ୍ତବ୍ଧ ।
Sanguinary, *a*. ନିଷ୍ଠୁର, ଘାତକ, ରକ୍ତପାତକ । [ଉତ୍ସାହୀ, ଅତି-
Sanguine, *a*. ରକ୍ତବର୍ଣ୍ଣ ; ଉତ୍ସାହଶୀଳ, ଅତି-
Sanity, *s*. ସଜ୍ଞାନତା, ବୁଦ୍ଧିମତ୍ତା, ସୁସ୍ଥତା ।
Sap, *s*. ଗଛର ସାର ଅବା ରସ ।
Sap, *v*. ସିନ୍ଧି-କ, ଗଡାଇଦେଲେ ସୁଡଙ୍ଗ-କ ।
Sapid, *a*. ସୁସ୍ୱାଦ, ସୁରସ, ରସବିଶିଷ୍ଟ ।
Sapient, *a*. ପ୍ରାଜ୍ଞ, ଜ୍ଞାନୀ, ବୁଦ୍ଧିମାନ୍ ।
Sapless, *a*. ନୀରସ, ରସହୀନ, ଶୁଷ୍କ, ଶୁଖିଲା ।
Sapling, *s*. ନୂଆବୃକ୍ଷ, ଗଛରୁଆ, ଶିଶୁଗଛ ।
Sapphire, *s*. ନୀଳକାନ୍ତମଣି, ନୀଳମଣି, ଇନ୍ଦ୍ରନୀଳ ।
Saracen, *s*. ଆରବୀୟ ମୁସଲମାନ ।
Sarcasm, *s*. ଥଟ୍ଟା, ଠାଟ୍ଟା, ଶ୍ଳେଷୋକ୍ତି ।
Sarcastic, *a*. ଠାଟ୍ଟାଳି କ ଥଟ୍ଟା କାରୀ; କଟୁ ।
Sarcenet, *s*. ପଟ୍ଟବସ୍ତ୍ର ବା ପାଟବିଶେଷ ।
Sarcophagus, *s*. ଶବର ପଥର ଆଧାର ।
Sardius, *s*. ଶୋଣରତ୍ନ, ଚୁନି ।
Sardonyx, *s*. ମଣିବିଶେଷ, ବୈଦୂର୍ଯ୍ୟମଣି ।
Sash, *s*. ପଟ୍ଟବସ୍ତ୍ରର କଟିବନ୍ଧନୀ, ପଟୁକା ।
Sash-window, *s*. ପରକଳାଯୁକ୍ତ ବା ସଉଳା ଝରକା ।
Satan, *s*. ଶୟତାନ, ପାପାତ୍ମା, ପ୍ରଧାନଭୂତ ।
Satchel, *s*. ପୁସ୍ତକରକ୍ଷଣାର୍ଥ କ୍ଷୁଦ୍ର ଥଳିଆ ।
Sated, *a*. ପରିପୂର୍ଣ୍ଣ, ପରିତୃପ୍ତ, ଭରପୂର ।
Satellite, *s*. ଉପଗ୍ରହ ; ପଛେ ଗୋଡାଇ ଯେ ଅନୁଚର ।
Satiate, *v*. ତୃପ୍ତ-କ, ପରିପୂର୍ଣ୍ଣ-କ, ଅକଣ୍ଠ-କ ।
Satiety, *s*. ପୂର୍ଣ୍ଣତା, ପରିତୃପ୍ତତା, ଅରୁଚି ସଞ୍ଚିଲେ ।
Satin, *s*. ରେଶମିବସ୍ତ୍ର, ସାଟିନ୍ । [କତା ।
Satire, *s*. ବ୍ୟଙ୍ଗୋକ୍ତିକାବ୍ୟ, ଉପହାସଯୁକ୍ତକ-
Satirical, *a*. ଗ୍ଳାନିକର, ଦୋଷସୂଚକ, ଦୂଷଣୀୟ, ଶ୍ଳେଷପଦ୍ୟାଦ୍ୟ ।
Satirist, *s*. ଶ୍ଳେଷୋକ୍ତିରଚକ, ବ୍ୟଙ୍ଗକାବ୍ୟକର୍ତ୍ତା
Satirize, *v*. ଶ୍ଳେଷୋକ୍ତି-କ, ବ୍ୟଙ୍ଗୋକ୍ତି-କ ।
Satisfaction, *s*. ସନ୍ତୋଷ, ତୃପ୍ତି ; ପ୍ରତିକାର; [ପ୍ରାୟଶ୍ଚିତ୍ତ ।

Satisfactorily, *ad.* ସନ୍ତୋଷପୂର୍ବକ, ଉତ୍ତମ-
ରୂପେ । [ପ୍ତିଜନକ ।
Satisfactory, *s.* ସନ୍ତୋଷକ, ତୁଷ୍ଟିକର, ତୃ-
Satisfy, *v.* ସନ୍ତୁଷ୍ଟ ବା ତୃପ୍ତ-କ; ପ୍ରତିକାର-କ,
ପ୍ରବୋଧ-କ, ସଜ-କ । [ଧ୍ୟକ୍ଷ ।
Satrap, *s.* ନବାବ, ପାରସ ଦେଶୀୟ ପ୍ରଦେଶା
Saturate, *v.* ପାଣି ଦ୍ରବ୍ୟରେ ଭରିବାର ବା
ପରିପୂର୍ଣ୍ଣ-କ । [ବସ ।
Saturday, *s.* ଶନିବାର, ସପ୍ତାହର ଶେଷ ଦି-
Saturn, *s.* ଶନି, ଶନୈଶ୍ଚର, ଶନିଗ୍ରହ ।
Satyr, *s.* ଅରଣ୍ୟସ୍ଥ ଉପଦେବତା; କାମୁକ-
ବ୍ୟକ୍ତି । [ଦୁରସ ।
Sauce, *s.* ଉପବ୍ୟଞ୍ଜନ, ଚଟଣୀ, ଅଚାର, ସ୍ୱା-
Saucepan, *s.* ରନ୍ଧନପାତ୍ର, ଲୁହାର ହାଣ୍ଡି ।
Saucer, *s.* ପିରଚ, କ୍ଷୁଦ୍ରଥାଳୀ, ରେକାବୀ ।
Saucy, *a.* ଥେଣ୍ଡା, ଅଶିଷ୍ଟ, ଅବାଧ୍ୟ ।
Saunter, *v.* ନିରର୍ଥକ ବୁଲିବାର, ଏଣେତେ-
ଣେ ଭ୍ରମଣ-କ ।
Sausage, *s.* ମଶଲାପୂରିତ ପକ୍ୱମାଂସବିଶେଷ
Savage, *a.* ଅସଭ୍ୟ, ବଣୁଆ, ନିର୍ଦ୍ଦୟ, ନିଷ୍ଠୁର ।
Savage, *s.* ଅସଭ୍ୟବ୍ୟକ୍ତି, ବନବାସୀ ।
Save, *v.* ରକ୍ଷା-କ, ଉଦ୍ଧାର-କ, ନିସ୍ତାର-କ;
ସଞ୍ଚୟ-କ ।
Save, *ad.* ବିନୁ, ବିନା, ଛଡା, ବ୍ୟତିରେକେ ।
Saving, *a.* ସଞ୍ଚୟୀ, ଅଳ୍ପବ୍ୟୟୀ, ବ୍ୟୟକୁଣ୍ଠ ।
Saving, *pr.* ବ୍ୟତିରେକେ, ଛଡା, ବିନା ।
Saviour, *s.* ତ୍ରାଣକର୍ତ୍ତା, ଉଦ୍ଧାରକର୍ତ୍ତା, ରକ୍ଷକ ।
Savour, *s.* ସ୍ୱାଦ, ରସ, ରୁଚି; ଗନ୍ଧ, ବାସ ।
Savoury, *a.* ସୁସ୍ୱାଦୁ, ସୁରସ, ସୁଗନ୍ଧି ।
Saw, *s.* କରତ, କରପତ୍ର ।
Saw, *v.* କରତଦେଇ ଚିରିବାର ।
Sawdust, *s.* କରତର ଗୁଣ୍ଡି ।
Sawyer, *s.* କରତୀ, କାଠ ଚିରିବା ଲୋକ ।

Say, *v.* କହିବାର, ବୋଲିବାର, ଉକ୍ତି-କ ।
Saying, *s.* ବଚନ, ବାକ୍ୟ, ଉକ୍ତି, କଥା;
ଦୃଷ୍ଟାନ୍ତକଥା ।
Scab, *s.* କାଛୁ, ଘାଉଶୋଷା ।
Scabbard, *s.* ଖାପ, ଖୋଳ, ଅସିକୋଷ,
କୋଷ ।
Scabby, *a.* କାଛୁରୋଗଗ୍ରସ୍ତ, କାଛୁଆ ।
Scaffold, *s.* ମଞ୍ଚା, ମଞ୍ଚ, ଭରା; gibbet,
Scaffolding, *s.* ଭରା, ମଞ୍ଚା । [ଫାଶିକାଠ ।
Scald, *v.* ଗରମ ପାଣିରେ ଫୋଟକା-ହ, ସିଜ-
ଯିବାର ।
Scale, *s.* ନିକ୍ତି ବା ତରାଜୁର ଥାଳୀ; libra,
ତୁଳାରାଶି; -of fish, ମାଛରକାତି; lad-
der, ସିଡି; gradation, କ୍ରମ; graduat-
ed- ପରିକଟାମାପ । [ବାର ।
Scale, *v.* ସିଡି ଦେଇ ଉଠିବାର; କାତିକାଢି-
Scalp, *s.* ମୁଣ୍ଡର ଖୋଲି, ମସ୍ତାଧାର ।
Scalpel, *s.* ଚିକିତ୍ସାର ଅସ୍ତ୍ରବିଶେଷ ।
Scaly, *a.* କାତିଯୁକ୍ତ; mean, କୃପଣ ।
Scamper, *v.* ଭୟରେ ପଳାଇବାର, ଦୌଡି-
ପଳାଇବାର ।
Scan, *v.* ଅତି ସୂକ୍ଷ୍ମପରୀକ୍ଷା ବା ବିବେଚନା-କ ।
Scandal, *s.* ମନ୍ଦଚର୍ଚ୍ଚା, ନିନ୍ଦା, ଅଖ୍ୟାତି, ଅପ-
ବାଦ । [ଚରିତ୍ର-କ ।
Scandalize, *v.* ଅଖ୍ୟାତି ବା ନିନ୍ଦା-କ, ଦୁ-
Scandalous, *a.* ନିନ୍ଦାଜନକ, ଲଜ୍ଜାଜନକ ।
Scanning, *s.* ଶ୍ଳୋକର ଛନ୍ଦ ବା ମାତ୍ରା
ପରିମାଣ ।
Scantling, *s.* ସାନ ନମୁନା, ସାନଖଣ୍ଡେ ।
Scanty, *a.* ନ ଅଣ୍ଟିବାର; ଅଳ୍ପ; କମି ।
Scapula, *s.* କାନ୍ଧରହାଡ, ସ୍କନ୍ଧଦେଶର ଅସ୍ଥି ।
Scar, *s.* କ୍ଷତ ବା ଘାଉ ଚିହ୍ନ; *v.* ଦାଗ-ଦ ।
Scarce, *a.* ଦୁର୍ଲଭ, ଅଭାବ, ଅପ୍ରାପ୍ତି, ଦୁଷ୍ପ୍ରାପ୍ୟ

**Scarcely**, *ad.* କଷ୍ଟେ, କଦାଚ, ପ୍ରାୟ୍ନାହିଁ ।
**Scarcity**, *s.* ଅଭାବ, ଅପ୍ରାପ୍ତି, ଅଳ୍ପତା, ଦୁ-
ର୍ଭିକ୍ଷ । [ଚମକ-କ ।
**Scare**, *v.* ଭୟ ଦେଖାଇବାର, ଡରାଇବାର,
**Scarecrow**, *s.* ପକ୍ଷୀାଦ ଡରାଇବା ମୂର୍ତ୍ତି, ନର-
ର୍ଥକବସ୍ତୁ ।
**Scarf**, *s.* ଶାଲବିଶେଷ, ଓଢଣୀ, ଏକପଟା ।
**Scarify**, *v.* ଦେଲିକ ରେ ଦେଇ ରକ୍ତ କାଢି-
ବାର, ସିଂହା ଲଗାଇବାର ।
**Scarlet**, *s.* ରକ୍ତବର୍ଣ୍ଣ, ଲାଲବର୍ଣ୍ଣ, ରଙ୍ଗ ।
**Scate**, *s.* ଲୌହଯୁକ୍ତ କଠାଉ; ମତ୍ସ୍ୟବିଶେଷ ।
**Scatter**, *v.* ଛିନ୍ନଭିନ୍ନ-କ, ଛଡାଇବାର; to
sow, ବୁଣିବାର । [ଧଥପଚଣ୍ଟ'ରକ ।
**Scavenger**, *s.* ରାସ୍ତା ସଫା କରିବା ଲୋକ,
**Scene**, *s.* ଦର୍ଶନ, ଦୃଷ୍ଟି; ନାଟରେ ଏକ ପ୍ରସଙ୍ଗ,
ସଙ୍ଗିତର ସ୍ଥାନ; ତାମସା ।
**Scenery**, *s.* ଦୃଶ୍ୟସ୍ଥାନରେ ଯାହା ଦେଖା-
ଯାଏ, ଦେଖାଲୁଚ ।
**Scent**, *s.* ଗନ୍ଧ, ବାସ, ଆମୋଦ, ବାସନା ।
**Scent**, *v.* ଶୁଙ୍ଘିବାର, ଗନ୍ଧ ଘେନିବାର, ଆଘ୍ରା-
ଣ-କ । [ଜାସ୍ତି ।
**Sceptic**, *s.* ନାସ୍ତିକ, ଶାସ୍ତ୍ରାମାନକ, ସନ୍ଦେହ-
**Scepticism**, *s.* ପାଷଣ୍ଡତା, ସକୁ ବିଷୟରେ
**Sceptre**, *s.* ରାଜଦଣ୍ଡ, ରାଜଚିହ୍ନ । [ସନ୍ଦେହ ।
**Schedule**, *s.* ତାଲିକା, ଲେଖନବିଶେଷ, ଫର୍ଦ୍ଦ,
ତପସୀଲ । [କଣ୍ଡା ।
**Scheme**, *s.* କଳ୍ପନା, ମାନସ; ଉପାୟ; ନ-
**Schemer**, *s.* ଉପାୟ ଚେଷ୍ଟକ, କଳ୍ପନାକର୍ତ୍ତା ।
**Schism**, *s.* ମତଭେଦ, ମତାନ୍ତର, ଅନୈକ୍ୟ
**Scholar**, *s.* ଶିଷ୍ୟ, ପଢୁଆ; ପଣ୍ଡିତ, ବିଦ୍ୱାନ୍ ।
**Scholarship**, *s.* ବିଦ୍ୟା, ପାଣ୍ଡିତ୍ୟ, ବୁଦ୍ଧି;
ଛାତ୍ରବୃତ୍ତି ବା ବେତନ । [ଲୟେ ଅଭ୍ୟସ୍ତ ।
**Scholastic**, *a.* ବିଦ୍ୟାଳୟସମ୍ବନ୍ଧୀୟ, ବିଦ୍ୟା-

**Scholiast**, *s.* ଭାଷ୍ୟକାର, ଟୀକା ବା ଟିପ୍ପଣୀ-
କର୍ତ୍ତା । [ଖ୍ୟା ।
**Scholium**, *s.* ଟିପ୍ପଣୀ, ଟୀକା, ଭାଷ୍ୟ, ବ୍ୟା-
**School**, *s.* ପାଠଶାଳା, ବିଦ୍ୟାଳୟ, ଚଟ-
ଶାଳୀ । [ଦଳ ।
**Schoolfellow**, *s.* ସହପାଠକ, ସହାଧ୍ୟାୟୀ,
**Schooling**, *s.* ବିଦ୍ୟାଶିକ୍ଷା, ଉପଦେଶ ।
**Schoolmaster**, *s*, ଅବଧାନ, ପାଠଗୁରୁ, ଶି-
କ୍ଷକ, ଅଧ୍ୟାପକ ।
**Schooner**, *s.* କ୍ଷୁଦ୍ର ଜାହାଜବିଶେଷ ।
**Sciatica**, *s.* କଙ୍କାଳର ବାତରୋଗ, କମରି-
ବାତ । [ସଂଗ୍ରହ ।
**Science**, *s.* ବିଦ୍ୟା, ଜ୍ଞାନ; ଦର୍ଶନଶାସ୍ତ୍ର, ସୂକ୍ଷ-
**Scientific**, *a.* ବିଦ୍ୱାନ୍, ବିଦ୍ୟାନୁଷ୍ଠାନୁଯାୟୀ ।
**Scimitar**, *s.* ଅସି, ଖଡ୍ଗ, ଖଣ୍ଡା, ଚନ୍ଦ୍ରହାସ ।
**Scintillation**, *s.* ସ୍ଫୁଲିଙ୍ଗ ବା ଅଗ୍ନିର କଣା
ହୋଇ ଉଠିବାର ।
**Scion**, *s.* ପଲ୍ଲବ, ଅଙ୍କୁର, ଶାଖା, କଲମ ।
**Scissors**, *s.* କଇଁଚି, କତୁରୀ, କର୍ତ୍ତନୀ ।
**Scoff**, *v.* ଥଟ୍ଟା ବା ଉପହାସ- ଟାପରା-କ ।
**Scoffer**, *s.* ନିନ୍ଦକ, ପରିହାସକ, ଥଟ୍ଟାକାରକ ।
**Scold**, *v.* ଧମକାଇବାର, ଚେଡାଇବାର, ତି-
ରସ୍କାର-କ । [ସ୍ତ୍ରୀ ।
**Scold**, *s.* କଳିହୁଡୀ, ଝଗଡା ବା ପାଟି କରିବା
**Scollop**, *s.* ଶାମୁକ, ଝିନୁକ; କୁଞ୍ଚିତଧାର ।
**Scoop**, *v.* ହାତଦେଇ ତୋଳିବାର; ଖୋ-
ଳିବାର, ଗର୍ତ୍ତ-କ । [ପ୍ରଶସ୍ତସ୍ଥାନ ।
**Scope**, *s.* ଅଭିପ୍ରାୟ, ତାତ୍ପର୍ଯ୍ୟ, ଆଶୟ, ଭାବାର୍ଥ;
**Scorbutic**, *a.* ଖସୁରୋଗଗ୍ରସ୍ତ, ଖସୁଆ ।
**Scorch**, *v.* ଭାଜିବାର, ଉପଦଗ୍ଧ-କ, ପୋଡି-
ବାର ।
**Score**, *s.* ରେଖା, ଅଙ୍କ; ହିସାବ; ରେଖା;
କୋଡିଏ ।

Scorner, *s.* ନିନ୍ଦକ, ଭୁଚ୍ଛକାରୀ, ଦ୍ୱେଷୀ, ଅବ-
Scornful, *a.* ଅବଜ୍ଞାକାରୀ, ନିନ୍ଦକ । [ଜ୍ଞକ ।
Scorpion, *s.* କଙ୍କଡାବିଛା, ବୃଶ୍ଚିକ ।
Scotch, *v.* କାଷ୍ଠାଦିଦ୍ୱାରା ଚକବନ୍ଧନ-କ; *a.*
ସ୍କଟଲଣ୍ଡଦେଶୀୟ ।
Scotfree, *a.* ଦଣ୍ଡାନିଷ୍କୃତି, ନିଷ୍କର; ଅଦଣ୍ଡିତ ।
Scoundrel, *s.* ଦୁଷ୍ଟଲୋକ, ପାଜି, ଦଗାବାଜ
Scour, *v.* ମାର୍ଜନ- ପରିଷ୍କାର-କ, ଘସିବାର;
ବୁଲିବାର । [କାରୀ ।
Scourge, *s.* କୋଡା, ଘୁଷୁକ; ଶାସ୍ତି; ଦଣ୍ଡ-
Scourge, *v.* କୋଡାମାରିବାର, କଶାଘାତ-କ,
ଶାସ୍ତି-ଦ । [ଗୁଚ୍ଛଭୂତ ।
Scout, *s.* ଚର, ଚର, ସନ୍ଧାନୀ, ଗୋଏନ୍ଦା,
Scout, *v.* ଗୋପନେ ଅନୁସନ୍ଧାନ-କ; ଦୂର-କ ।
Scowl, *v.* ମୁଖରେ କ୍ରୋଧ ଦେଖାଇ ମୁଖ-
ବଙ୍କା-କ । [ହାମାଗୁଡିଦେଇ ଚଢିବାର ।
Scramble, *v.* କଡାକଡି ବା ଛଡାଛଡି-କ,
Scrap, *s.* ଖଣ୍ଡ, ଟୁକୁରା, କୁଟି, ଲେଶ ।
Scrape, *v.* କୋରିବାର, ଘୁଞ୍ଚି ପକାଇବାର;
କ୍ଲେଶରେ ଧନ ସଞ୍ଚୟ-କ ।
Scrape, *s.* ଆପଦ, ବିପତ୍ତି, ଦାୟ, ପେଁଚ ।
Scraper, *s.* କୋରଣୀ, ଘଷିବା ଅସ୍ତ୍ର; କୃପଣ,
କାଙ୍ଗାଳ । [ରିବାର ।
Scratch, *v.* ନଖାଘାତ-କ, ଆଞ୍ଚୁଡିବାର, କୋ-
Scratch, *s.* ନଖାଘାତ, ଆଞ୍ଚୁଡା, ବିଦାର୍ଣ୍ଣ ।
Scrawl, *v.* ଆଞ୍ଚୁଡିଲେଖିବାର, ଅସ୍ପଷ୍ଟାକ୍ଷର
ଲେଖିବାର । [ଶବ୍ଦ ।
Scream, *s.* ଭୟାଦିର କାତରୋକ୍ତି ଚିତ୍କାର-
Screech, *v.* ପେଚ୍‌ପେଚ ରବ-କ, ଚିତ୍କାର-କ;
*s.* -owl, କାଳପେଚା । [କ୍ଷା-କ ।
Screen, *v.* ଘୋଡାଇବାର, ଆବରଣ-କ; ର-
Screen, *s.* ଆଚ୍ଛାଦନ, ଆବରଣ, ପର୍ଦା ।
Screw, *s.* ପେଁଚ, ପେଁଚକଣ୍ଟା ।
Screw, *v.* ପେଁଚଦେଇ ବନ୍ଦ-କ; ଉପଦ୍ରବ-କ ।
Scribble, *s.* କଦର୍ଯ୍ୟଲେଖା; -*v.* ଆଞ୍ଚୁଡିଲେ-
Scribbler, *s.* ସାମାନ୍ୟ ଗ୍ରନ୍ଥକର୍ତ୍ତା । [ଖିବାର ।
Scribe, *s.* ଲେଖକ, ମସୀଜୀବୀ, କରଣି ।
Scrip, *s.* କ୍ଷୁଦ୍ର ବା ସାନ ଥଳୀ; ଲେଖାପତ୍ର ।
Scriptural, *a.* ଧର୍ମଶାସ୍ତ୍ରାନୁସାରୀ, ଧର୍ମପୁସ୍ତକ
ସିଦ୍ଧ । [ଶାସ୍ତ୍ର, ଲେଖା ।
Scripture, *s.* ଧର୍ମପୁସ୍ତକ, ଈଶ୍ୱରଙ୍କର ଧର୍ମ-
Scrivener, *s.* ନିୟମ ପତ୍ରାଦି ଲେଖକ; ଟଙ୍କା-
ବଣିକ୍ । [ସେବା ।
Scrofula, *s.* ଗଣ୍ଡମାଳା, ଗଳାରେ ଅତିକଷ୍ଟ୍ୟ
Scroll, *s.* ଗୋଟାଇ ଲେଖାପତ୍ର ଅବା ଲେଖିବାର
ଚର୍ମଖଣ୍ଡ ।
Scrotum, *s.* ଅଣ୍ଡକୋଷ । [*s.* ପାଜିଲୋକ ।
Scrub, *v.* ଘର୍ଷଣ-କ, ଘଷିବାର, ରଗଡିବାର;
Scruple, *s.* ପ୍ରାୟ ଆଠ ରତି ପରିମାଣ; ଆପତ୍ତି,
ସନ୍ଦେହ, ଦ୍ୱିଧା ।
Scruple, *v.* ସନ୍ଦେହ ବା ସଂଶୟ- ଆପତ୍ତି-କ
Scrupulous, *a.* ସୂକ୍ଷ୍ମଦର୍ଶୀ; ସନ୍ଦେହୀ; ଅତି
ସାବଧାନୀ ।
Scrutinize, *v.* ସୂକ୍ଷ୍ମ ପରୀକ୍ଷା ବା ବିବେଚନା-କ
Scrutiny, *s.* ପରୀକ୍ଷା, ସୂକ୍ଷ୍ମତତ୍ତ୍ୱ, ଅନୁସନ୍ଧାନ ।
Scrutoire, *s.* ଲେଖିବାର ସିନ୍ଦୁକ ।
Scud, *v.* ପବନଦ୍ୱାରା ଅତିବେଗରେ ଗମନ-କ ।
Scuffle, *s.* ଠେଲାଠେଲି, ମରାମରି, ପେଲା-
ପେଲି, କଳହ । [ଲିବହିବାର ।
Sculk, *v.* ଅଲକ୍ଷ୍ୟ-ହ, ଲୁଚିରହିବାର; ଓଗା-
Scull, *s.* ମୁଣ୍ଡର ଖୋଳ, ମସ୍ତ ଧାର, ମଡାର ମୁଣ୍ଡ
Scullery, *s.* ବାସନ ଇତ୍ୟାଦି ରଖିବାର ଗୃହ
Scullion, *s.* ବାସନ ଧୋ ଧୁଏ ।
Sculptor, *s.* ପଥରଦ୍ୱାରା ମୂର୍ତ୍ତି ନିର୍ମାଣକ, ଖୋ-
ଦକାରକ । [କର୍ମ ।
Sculpture, *s.* ସ୍ଥପତିର କର୍ମ, ଖୋଦକାରୀ

**Scum**, *s.* ଫେଣ; ଜଳାଦିର ବିକାର; froth, ମଇଲା ।
**Scurf**, *s.* ଶୁଷ୍କଚର୍ମ, କୁଣ୍ଡିଆ ।
**Scurrility**, *s.* ଗାଳିମନ୍ଦ, କଟୁବାକ୍ୟ, ଦୁର୍ଭାଷା
**Scurrilous**, *a.* ଦୁର୍ମୁଖ, କଟୁବାଦୀ, ଖେଚଡ଼ା ।
**Scurvy**, *s.* କାଛୁ ରୋଗବିଶେଷ; *a.* ନୀଚ, ଅଧମ ।
**Scuttle**, *s.* ଝୋଡ଼ାଇ, ବେତା; ସିଝୁଣି ।
**Scuttle**, *v.* ଜାହାଜ ତଳରେ ଛିଦ୍ର-କ ।
**Scymetar**, *s.* ଖଡ୍ଗ, କରବାଳ ।
**Scythe**, *s.* ତୃଣଛେଦନାସ୍ତ୍ର, ବଡ଼ଦାଆ, କଟିଆ ।
**Sea**, *s.* ସମୁଦ୍ର, ସାଗର, ସିନ୍ଧୁ, ଅର୍ଣ୍ଣବ; -beach, ସମୁଦ୍ର ତୀର ବା ତଟ ।
**Seafaring**, *a.* ସମୁଦ୍ରରେ ଗମନାଗମନକାରୀ
**Seaman**, *s.* ନାବିକ, ଖଲାସୀ । [ମୁଦ୍ରା ।
**Seal**, *s.* ସାମୁଦ୍ରିୟ ଜନ୍ତୁ; stamp, ମୋହର,
**Seal**, *v.* ମୋହର ଦେଇ ବନ୍ଦ-କ, ମୋହର ଛପାଇବାର ।
**Sealing-wax**, *s.* ଜଉ, ଲାଖ ।
**Seam**, *s.* ଯୋଡ଼, ସିଲାଇ; ସନ୍ଧିସ୍ଥାନ, ଦାଗ ।
**Seamless**, *a.* ଯୋଡ଼ରହିତ, ନିଯୋଡ଼, ବେ-ସିଲାଇ ।
**Seaport**, *s.* ବନ୍ଦର, ସମୁଦ୍ର ତୀରସ୍ଥ ନଗର ।
**Sear**, *v.* ଦଗ୍ଧ-କ, ପୋଡ଼ିବାର; ଛିଦ୍ର ବା ଦାଗ-ଦ ।
**Sear**, *a.* ଶୁଷ୍କ, ଶୁଖିଲା, ମ୍ଳାନ, ନୀରସ ।
**Search**, *s.* ଅନୁସନ୍ଧାନ, ତତ୍ତ୍ୱ, ଅନ୍ୱେଷଣ, ତଲାସ ।
**Search**, *v.* ଅନ୍ୱେଷଣ- ତତ୍ତ୍ୱ-କ, ଖୋଜିବାର
**Searcher**, *s.* ଅନୁସନ୍ଧାନୀ, ପରୀକ୍ଷକ, ଖୋଜିବା ଲୋକ । [fit time, ସୁଯୋଗ ।
**Season**, *s.* ଋତୁ; time, କାଳ, ସମୟ;
**Season**, *v.* ସୁସ୍ୱାଦ ବା ସୁରସ-କ, ପରିପକ୍ୱ-କ
**Seasonable**, *a.* ସାମୟିକ, ଉଚିତକାଳ, ଋତ୍ୱନୁସାରେ ।
**Seasoning**, *s.* ସ୍ୱାଦଜନକ ଦ୍ରବ୍ୟ, ବ୍ୟଞ୍ଜନ ।
**Seat**, *s.* ଆସନ, ଚୌକି, ଗଦି, ସ୍ଥାନ ।
**Seat**, *v.* ଉପବିଷ୍ଟ-ହ, ଆସନରେ ବସାଇବାର, ସ୍ଥାପନ-କ ।
**Seaward**, *ad.* ସମୁଦ୍ର ଦିଗେ ବା ମୁଖେ ।
**Secede**, *v.* ତ୍ୟାଗ କରି ବା ଛାଡ଼ି ଯିବାର, ଭିନ୍ନ-ହ ।
**Secession**, *s.* ତ୍ୟାଗକରଣ, ବହିର୍ଗମନ ।
**Seclude**, *v.* ବାହାର-କ, ଭିନ୍ନେ ରଖିବାର, କାଟି-ଦ । [ଦାସ୍ୟ ।
**Seclusion**, *s.* ପୃଥକ୍କରଣ; ଗୋପନ; ଔ-
**Second**, *a.* ଦ୍ୱିତୀୟ, ଦୋସର, ଅପ୍ରଧାନ, ସାମାନ୍ୟ । [ment, ପଳକ ।
**Second**, *s.* ସହାୟ, ସଙ୍ଗୀ, ସହାୟୀ; mo-
**Second**, *v.* ସାହାଯ୍ୟ ବା ଉପକାର-କ ।
**Secondarily**, *ad.* ଦ୍ୱିତୀୟତଃ, ଦ୍ୱିତୀୟକ୍ରମେ ବା ସ୍ଥଳେ ।
**Secondary**, *a.* ଦ୍ୱିତୀୟ, ଅପ୍ରଧାନ, ସାନ ।
**Secondhand**, *a.* ଅର୍ଦ୍ଧପୁରୁଣା, ଦୁଇ ଥର ବିକ୍ରୀତ ।
**Secondly**, *ad.* ଦ୍ୱିତୀୟତଃ, ଦ୍ୱିତୀୟବାର ।
**Second-rate**, *a.* ଅତ୍ୟୁତ୍ତମ ନୋହିବାରୁ ମ-ଧ୍ୟମ ।
**Secrecy**, *s.* ଗୋପନ, ଅପ୍ରକାଶ, ଗୁପ୍ତତା ।
**Secret**, *a.* ଅପ୍ରକାଶିତ, ଗୁପ୍ତ, ଅବ୍ୟକ୍ତ, ଅଦେଖା
**Secret**, *s.* ଗୁପ୍ତ ବାକ୍ୟ ବା ବିଷୟ, ଅପ୍ରକାଶ କଥା, ମର୍ମ । [ସମାଜର ନେବର୍ଗ ।
**Secretary**, *s.* ପରର ଲେଖକ, କର୍ମନିର୍ବାହକ,
**Secretaryship**, *s.* କର୍ମାଧ୍ୟକ୍ଷ ବା କର୍ମକର୍ତ୍ତାର ପଦ । [ଇବାର ।
**Secrete**, *v.* ଗୁପ୍ତ-କ, ଲୁଚାଇବାର, ଶୋଷା-

Secretion, *s.* ଶରୀରର ରସ ବା ମଳ ବା ସାର ।
Secretly, *ad.* ଗୁପ୍ତରୂପେ, ଅପ୍ରକାଶରେ, ଅଜ୍ଞାତରେ ।
Sect, *s.* ବିଶେଷ ମତାବଲମ୍ବିମାନଙ୍କର ଦଳ ।
Sectary, *s.* ବିଶେଷ ଧର୍ମ ମତାବଲମ୍ବୀ ।
Sectarian, *a.* ବିଶେଷ ମତ ସମ୍ପର୍କୀୟ ।
Section, *s.* ଅଂଶ, ଖଣ୍ଡ; ପରିଚ୍ଛେଦ, ଅଧ୍ୟାୟ, ପର୍ବ, ପ୍ରକରଣ । [ସଂସାରକ୍ଷମୀ ।
Secular, *a.* ସାଂସାରିକ, ଲୌକିକ, ବିଷୟୀ,
Secularize, *v.* ସାଂସାରିକ-କ, ବିଷୟ କର୍ମରେ ଲଗିବାର । [ଫୁଲ ।
Secundine, *s.* ଗର୍ଭପୁଷ୍ପ, ପେଟ ବା ଜରାୟୁ-
Secure, *a.* ନିର୍ଭୟ, ନିର୍ବିଘ୍ନ, ନିଃଶଙ୍କ, ନିଶ୍ଚିନ୍ତ
Secure, *v.* ନିଶ୍ଚିନ୍ତ-କ, ରକ୍ଷା-କ, ବନ୍ଧାଇବାର
Securely, *ad.* ନିର୍ବିଘ୍ନରୂପେ, ନିର୍ଭୟରେ, ନିଃସନ୍ଦେହେ । [ମୀନ, ଆଶ୍ରୟ ।
Security, *s.* ଅଭୟ, ନିରାପଦ; ଲଗା, ଜା-
Sedan, *s.* ପାଲ୍କିବିଶେଷ ।
Sedate, *a.* ଧୀର, ସ୍ଥିରମନାଃ, ଗମ୍ଭୀର, ଅଚଞ୍ଚଳ
Sedately, *ad.* ଧୀରେ, ଗମ୍ଭୀରରୂପେ ।
Sedative, *a.* ସୁସ୍ଥିରକାରକ, ଶାନ୍ତିକର ।
Sedentary, *a.* ଅଚରିଷ୍ଣୁ ,ଅନୁଦ୍ୟୋଗଶୀଳ ।
Sedge, *s.* ଜଳଜାତ ବୃକ୍ଷବିଶେଷ ।
Sediment, *s.* ଗାଦ, ମଳି, କାଣ୍ଠି; ପଟୁ, ପଙ୍କ
Sedition, *s.* ରାଜବିଦ୍ରୋହକର୍ମ, ଗଣ୍ଡଗୋଳ, ଦଙ୍ଗା । [ଚାବାଜ ।
Seditious, *a.* ରାଜଦ୍ରୋହୀ, କଳହକାରୀ, ଦ-
Seduce, *v.* ଭୁଲାଇବାର, କୁପଥଗାମୀ-କ, ସ୍ତ୍ରୀସତୀତ୍ୱନାଶ-କ ।
Seducer, *s.* କୁପଥରେ ଗମନ କରାଇବାଲୋକ; ଭ୍ରଷ୍ଟକର୍ତ୍ତା ।
Seduction, *s.* ଭ୍ରାନ୍ତି, ଭ୍ରଷ୍ଟକରଣ; ସତୀତ୍ୱନାଶ
Sedulous, *a.* ପରିଶ୍ରମୀ, ଉଦ୍ୟୋଗୀ, ତତ୍ପର

See, *s.* ଧର୍ମାଧ୍ୟକ୍ଷର ଅଧିକାର ।
See, *v.* ଦେଖିବାର, ଚାହିଁବାର, ଦୃଷ୍ଟି-କ ।
Seed, *s.* ବୀଜ, ବିହନ; semen, ରେତଃ; offspring, ସନ୍ତାନ, ବଂଶ ।
Seeding, *s.* ବୀଜାଙ୍କୁର, ଚାରାଗଛ ।
Seedsman, *s.* ବୀଜବିକ୍ରିବାଲୋକ, ବୁଣିବାଲୋକ ।
Seedtime, *s.* ବୀଜବପନକାଳ, ବୁଣିବାସମୟ
Seeing, *s.* ଦୃଷ୍ଟି, ଦର୍ଶନ, ଅବଲୋକନ ।
Seeing that, ଯେହେତୁ ।
Seek, *v.* ଚେଷ୍ଟା-କ, ଅନ୍ୱେଷଣ-କ, ଖୋଜିବାର, ପ୍ରାର୍ଥନା-କ ।
Seem, *v.* ଦେଖା-ହ, ଦିଶିବାର; it seems to me, ଅମୃକୁ ଦିଶୁଛି ।
Seemingly, *ad.* ଆକାର ପରି, ଦୃଷ୍ଟିମତେ ।
Seemly, *a.* ଶିଷ୍ଟ, ଉପଯୁକ୍ତ, ଯୋଗ୍ୟ, ଉଚିତ
Seer, *s.* ଭାବିଦର୍ଶକ, ଭବିଷ୍ୟବକ୍ତା ।
Seesaw, *s.* ଝୁଲଝୁଲି, ଆନ୍ଦୋଳନ, ଦୋଳନ ।
Seeth, *v.* ସିଝାଇବାର, ରନ୍ଧିବାର, ପାକ-କ ।
Segar, *s.* ଚୁଟା, ପିକା, ତମାଖୁ ।
Segment, *s.* ଅର୍ଦ୍ଧଚକ୍ରାକାର; ଖଣ୍ଡାଂଶ ।
Segregate, *v.* ବିଚ୍ଛିନ୍ନ-କ, ପୃଥକ୍-ହ, ଛଡ଼ାଇରଖିବାର ।
Seignior, *s.* ମହାଶୟ, ମହାରାଜ, ଅଧିପତି
Seize, *v.* ଆକ୍ରମଣ-କ, ବଳପୂର୍ବକ ଧରିବାର, କ୍ରୋକ-କ ।
Seizure, *s.* ଆକ୍ରମଣ, ଗ୍ରହଣ, କ୍ରୋକ, ଧରଣ ।
Selah, ଏହା ମନରେ କର, ସାବଧାନ ।
Seldom, *ad.* କେବେ୨, କ୍ୱଚିତ୍, କଦାଚ ।
Select, *v.* ମନୋନୀତ- ପସନ୍ଦ-କ, ବାଛିବାର ।
Select, *a.* ବଛା, ବାଛିଲା, ମନୋନୀତ, ପସନ୍ଦ
Selection, *s.* ବାଛିଲା ବସ୍ତ୍ୱାଦି ସମୂହ, ସଂଗ୍ରହ
Self, *p.* ସ୍ୱୟଂ, ଆପଣା, ନିଜ, ଆତ୍ମ ।

Self-applause, *s.* ଅତ୍ମଶ୍ଳାଘା, ଅହଂକାର, ଅତ୍ମପ୍ରଶଂସା ।
Self-conceit, *s.* ଅତ୍ମାଭିମାନ ।
Self-defence, *s.* ଅତ୍ମାରକ୍ଷା ।
Self-existent, *a.* ସ୍ୱୟମ୍ଭୂ, ସ୍ୱୟଂଜାତ ।
Selfish, *a.* ସ୍ୱାର୍ଥୀ, ଲୋଭୀ, ଅତ୍ମମ୍ଭରି ।
Selfsame, *a.* ତତ୍, ସେହି, ତାହାଇ, ଏକକଥା ।
Sell, *v.* ବିକିବାର, ବିକ୍ରୟ-ବିକୀ-କ । [ବେପାରି ।
Seller, *s.* ବିକ୍ରୟକର୍ତ୍ତା, ବିକିବା ଲୋକ, ବି-
Selvage, *s.* ଲୁଗାର୍ଧାର ବା ଧଡି, ବସ୍ତ୍ରର କୋଣ । [ଭୁଲିଡା ।
Semblance, *s.* ଅନୁରୂପ, ପ୍ରତିମୂର୍ତ୍ତି, ସାଦୃଶ୍ୟ,
Semi, *a.* ଅଧେ, ଅର୍ଦ୍ଧ, ଅଧେକ, ଅଧା ।
Semicircle, *s.* ଅର୍ଦ୍ଧମଣ୍ଡଳ, ଅର୍ଦ୍ଧଚକ୍ର, ଅର୍ଦ୍ଧ-ଗୋଲାକାର ।
Semicolon, *s.* ପଦଚ୍ଛେଦର ଚିହ୍ନ, ଯଥା ( ; )
Seminal, *a.* ବୀଜସମ୍ବନ୍ଧୀୟ, ବୀଜର ଅନ୍ତର୍ଗତ
Seminary, *s.* ବୀଜ ରୋପଣସ୍ଥାନ; ପାଠ-ଶାଳା, ବିଦ୍ୟାଳୟ । [n, r, s.
Semivowel, *s.* ଅର୍ଦ୍ଧସ୍ୱର, ଯଥା; f, l, m,
Sempstress, *s.* ସୂଚି ବ୍ୟବସାୟିନୀ ସ୍ତ୍ରୀ ।
Senate, *s.* ରାଜକର୍ମ ସମ୍ପାଦକସଭା, ରାଜସଭା ।
Senator, *s.* ରାଜସଭାସ୍ଥ ଲୋକ, ରାଜମନ୍ତ୍ରୀ ।
Send, *v.* ପଠାଇବାର, ପ୍ରେରଣ କ, ପେଷି-ବାର; -word, କହି ପଠାଇବାର; -for, ଡାକପଠାଇବାର; -away, ବିଦାୟ-କ ।
Senior, *a.* ଜ୍ୟେଷ୍ଠ, ବଡ, ଅଗ୍ରଜ; -*s.* ଅନ୍ୟ-ଠାରୁ ଅଧିକ ବୟସ ।
Senna, *s.* ସୋନାମୁଖୀପତ୍ର, ରେଚକପତ୍ର ।
Sensation, *s.* ଇନ୍ଦ୍ରିୟବୋଧ, ବେଦନା ।
Sense, *s.* ଜ୍ଞାନେନ୍ଦ୍ରିୟ; ବୁଦ୍ଧି, ଜ୍ଞାନ; ଅର୍ଥ, ମାନେ
Senseless, *a.* ହତଜ୍ଞାନ, ନିର୍ବୋଧ, ମୂର୍ଖ; ଅଚେତନ ।
Sensibility, *s.* ଇନ୍ଦ୍ରିୟବୋଧ, ଚୈତନ୍ୟ, ଅନୁଭବୋଧ । [ଜ୍ଞାନୀ ।
Sensible, *a.* ଇନ୍ଦ୍ରିୟଗୋଚର; ବୁଦ୍ଧିମାନ୍,
Sensitive, *a.* ବେଦନାଯୁକ୍ତ, ସଚେତନ ।
Sensualist, *s.* କାମୁକ, ଶାରୀରିକ ସୁଖା-ଭିଳାଷୀ ।
Sensuality, *s.* ଇନ୍ଦ୍ରିୟସୁଖେଚ୍ଛା ବା ଅଭିଳାଷ
Sentence, *s.* ଦଣ୍ଡାଜ୍ଞା, ସଜା; ବଚନ, ବାକ୍ୟ
Sentence, *v.* ଦଣ୍ଡାଜ୍ଞା- ନିଷ୍ପତ୍ତି-କ । [ପଦ ।
Sententious, *a.* ଅଳ୍ପ କଥାରେ ଅନେକ ଅର୍ଥଯୁକ୍ତ, ଭାବପୂର୍ଣ୍ଣ । [ବଶିଷ୍ଟ ।
Sentient, *a.* ବୋଧକ୍ଷମ, ସଚେତନ, ଜ୍ଞାନ-
Sentiment, *s.* ଜ୍ଞାନ, ଚିନ୍ତା, ମତ, ଭାବ, ଅଭିପ୍ରାୟ । [ରସବିଶିଷ୍ଟ, ଭାବଯୁକ୍ତ ।
Sentimental, *a.* ଚିନ୍ତାକାରୀ, କରୁଣାଦର
Sentinel, Sentry, *s.* ପ୍ରହରୀ, ସୈନ୍ୟ, ଜଗୁଆଳି, ରକ୍ଷକ ।
Separable, *a.* ପୃଥକ୍‌ଯୋଗ୍ୟ, ବିଯୋଜ୍ୟ, ବିଚ୍ଛେଦ୍ୟ । [ଭଙ୍ଗୁର ।
Separate, *a.* ପୃଥକ୍, ଭିନ୍ନ, ଛଡା, ଅଲଗା,
Separate, *v.* ପୃଥକ୍- ଭିନ୍ନ ଅବା ଅଲଗା କ ।
Separately, *ad.* ପୃଥକରୂପେ, ଭିନ୍ନରୂପେ, ଏକା ।
Separation, *s.* ପୃଥକ୍‌କରଣ, ବିଚ୍ଛେଦ, ବି-ଯୋଗ । [ମାସ ।
September, *s.* ଇଂରାଜୀୟ ବର୍ଷର ନବମ
Septennial, *a.* ସାତବର୍ଷୀୟ, ସପ୍ତବର୍ଷୀୟ ।
Sepulchral, *a.* କବର ବା ସମାଧିସମ୍ବନ୍ଧୀୟ ।
Sepulchre, *s.* କବର, ଗୋର, ସମାଧି, ଶ୍ମ-ଶାନ । [ସମର୍ପଣ ।
Sepulture, *s.* ଅନ୍ତ୍ୟେଷ୍ଟିକ୍ରିୟା, ମୃତକାରେ
Sequel, *s.* ଶେଷଭାଗ; ଫଳ, ଶେଷାନୁସାରେ
Sequence, *s.* ଅନୁକ୍ରମ, ଶ୍ରେଣୀ ।
Sequester, *v.* ପୃଥକ୍- ଛାଡ ବା ଅଟକ-କ ।

Seraglio, s. ତୁର୍କୀଦେଶ ରାଜାର ସ୍ତ୍ରୀଲୋକମାନଙ୍କର ପୁରୀ ବା ଗୃହ ।
Seraph, s. ଈଶ୍ୱରଦୂତ, ସ୍ୱର୍ଗଦୂତ ।
Seraphic, a. ସ୍ୱର୍ଗଦୂତ ସଦୃଶ; ଶୁଦ୍ଧ ।
Serenade, v. ଝରକା ତଳେ ରାତ୍ରେ ଗାନବାଦ୍ୟ-କ ।
Serene, a. ପ୍ରସନ୍ନ, ସ୍ଥିର, ଶାନ୍ତ, ନିର୍ମଳ ।
Serenity, s. ଶାନ୍ତି, ଧୀରତା, ଧୈର୍ଯ୍ୟ; ନିର୍ମଳତା ।
Serf, s. ପରାଧୀନବ୍ୟକ୍ତି; ଦାସ, ଚାକର ।
Sergeant, s. ଦଣ୍ଡନାୟକ, ଦଫାଦାର, ହାବିଲଦାର ।
Series, s. ଅନୁକ୍ରମ, ଶ୍ରେଣୀ, ଧାରା, ପ୍ରଣାଳୀ ।
Serious, a. ଭାରି, ଧୀର, ଗମ୍ଭୀର, ମନୋଯୋଗୀ । [ପୂର୍ବକ ।
Seriously, ad. ଧୀରରୂପେ, ମନୋଯୋଗ-
Sermon, s. ଧର୍ମୋପଦେଶ ବା ପ୍ରସଙ୍ଗ ।
Serous, a. ଜଳୁଆ, ଜଳବତ୍, ପାଣିଆ ।
Serpent, s. ସାପ, ସର୍ପ, ନାଗ, ଅହି ।
Serpentine, a. ସର୍ପାକୃତି, ସର୍ପବତ୍, ଅଙ୍କାବଙ୍କା
Servant, s. ସେବକ, ଦାସ, ଭୃତ୍ୟ, ଚାକର ।
Serve, v. ସେବା- ଚାକରି-କ, ଉପଯୁକ୍ତ-ହ ।
Service, s. ଉପକାର, ଚାକରି, ସେବା, ପଦ, କର୍ମ; worship, ପୂଜା, ଭଜନା ।
Serviceable, a. କର୍ମଯୋଗ୍ୟ, କର୍ମୋପଯୁକ୍ତ, ଉପକାରୀ । [ମୋଦିଆ ।
Servile, a. ଦାସବତ୍, ଚରଣସେବକ, ଖୋସା-
Servility, s. ଅଧୀନତା, ଚରଣସେବା, ଖୋସାମୋଦ ।
Servitude, s. ଦାସତ୍ୱ, ସେବା, ସେବକପଣ ।
Sesamum, s. ତିଳ, ଖସା, ରାଶି ।
Session, s. ସଭା, ଦରସ, ଦୋରା; ଅଦାଲତର ବସିବାର ସମୟ । [ଦଳ ।
Set, s. a suit, ଯୋଡା; party, ସମ୍ପ୍ରଦାୟ,

Set, v. ସ୍ଥାପନ-କ, ରଖିବାର, ଥୋଇବାର; -a tool, ଶାଣ ବା ଧାର-ଦ; -as cream, ଜମିବାର, ଗାଢ-ହ; -a tree, ରୋପଣ-କ; -about, ପ୍ରବର୍ତ୍ତ-ହ; -aside, ରଦ-କ; -off, ପ୍ରସ୍ଥାନ-କ; -forth, ପ୍ରକାଶ-କ ।
Set, a. ନିୟମିତ, ବ୍ୟବସ୍ଥିତ, କ୍ରମାଗତ ।
Set-off, s. ସମମୂଲ୍ୟବସ୍ତୁ, ପ୍ରତିଦାନ, ପରିବର୍ତ୍ତନ, ତୁଲଣା ।
Settle, v. ବସତି- ବାସ- ସ୍ଥିର- ନିର୍ଣ୍ଣୟ-କ, ଜମିବାର, ବସିବାର, ବନ୍ଦୋବସ୍ତ ବା ରଫା-କ ।
Settlement, s. ବସତିକରଣ; ନିଷ୍ପତ୍ତି, ବନ୍ଦୋବସ୍ତ; ଯୌତୁକ; ବାସସ୍ଥାନ ।
Settler, s. ଭିନ୍ନଦେଶବାସୀ, ଅବସ୍ଥିତିକର୍ତ୍ତା ।
Seven, s. ସପ୍ତ, ସାତ; a. -fold, ସପ୍ତ ବା ସାତଗୁଣ ।
Seventeen, a. ସତର, ସପ୍ତଦଶ ।
Seventh, a. ସପ୍ତମ, ସପ୍ତକ ।
Seventy, a. ସତୁରି, ସପ୍ତତି । [ପକାଇବାର ।
Sever, v. ଭିନ୍ନ- ପୃଥକ୍- ଦ୍ୱିଭାଗ-କ, କାଟି-
Several, a. ବିବିଧ, ପୃଥକ୍, ଅନେକ, ବହୁତ ।
Severally, ad. ପ୍ରତ୍ୟେକ, ଏକ୨, ଭିନ୍ନ୨, ପୃଥକ୍୨ ।
Severe, a. କଠିନ, ଶକ୍ତ, ନିର୍ଦ୍ଦୟ, ନିଷ୍ଠୁର ।
Severely, ad. ଶକ୍ତରୂପେ, ନିଷ୍ଠୁରରୂପେ, କଟୁବାକ୍ୟ ।
Severity, s. ନିର୍ଦ୍ଦୟତା, କାଠିନ୍ୟ, କଟୁତା ।
Sew, v. ସିଇଁବାର, ସିଲାଇ-କ । [ନାଳ ।
Sewer, s. ପୟଃନାଳୀ, ନର୍ଦ୍ଦମା, ମହୁରୀ, ପାଣି-
Sex, s. ଲିଙ୍ଗ, ସ୍ତ୍ରୀଜାତି ବା ପୁରୁଷଜାତି ।
Sexagenary, a. ଷଷ୍ଠିବର୍ଷୀୟ, ଷାଠିଏ ବର୍ଷର ।
Sexangular, a. ଷଟ୍ ବା ଛଅ କୋଣବିଶେଷ
Sexennial, a. ଛଅ୨ ବର୍ଷର ଅନ୍ତର ।

Sextant, *s.* ଚକ୍ରର ଷଷ୍ଠାଂଶ ବା ଛଅଭାଗ; ଜ୍ୟୋତିଷୀୟ ଯନ୍ତ୍ର ।
Sexton, *s.* ଧର୍ମାଳୟର କବରଖୋଳିବା ଲୋକ
Shabbily, *ad.* କଦର୍ଯ୍ୟ ବା କୁତ୍ସିତ ବା ଅଧମଭାବେ ।
Shabby, *a.* କୃପଣ, ଅପକୃଷ୍ଟ, କଦର୍ଯ୍ୟ, ପାଜି
Shackle, *v.* ଜଞ୍ଜିର କି ବେଡ଼ି ଦେଇ ବାନ୍ଧିବାର; ଅଟକାଇବାର । [ଶୃଙ୍ଖଳ ।
Shackles, *s.* ବେଡ଼ି, ହାତକଡ଼ି, ଜଞ୍ଜିର,
Shade, *s.* ଛାୟା, ଆଚ୍ଛାଦନୀ, ପର୍ଦ୍ଦା; ଭୂତ, ପ୍ରେତ ।
Shade, *v.* ଛାୟା- ଅନ୍ଧକାର-ଦ, ଆଚ୍ଛାଦନ-କ ।
Shadow, *s.* ଛାୟା, ଉହାଡ଼; ପ୍ରତିବିମ୍ବ, ଆଶ୍ରୟ
Shadowy, *a.* ଛାୟାମୟ, ଅନ୍ଧକାର; ଅସାର,
Shady, *a.* ଉହାଡ଼ପର, ଛାୟାଯୁକ୍ତ । [ମିଥ୍ୟା ।
Shaft, *s.* ତୀର, ବାଣ, ଶର; ସୁଡ଼ଙ୍ଗପଥ,
Shaggy, *a.* ଲୋମପୂର୍ଣ୍ଣ; ଅବଡ଼ଖାବଡ଼ ।
Shake, *v.* ହଲ୍‌ବାର, କମ୍ପିବାର, ଥରଥର-ହ ।
Shall, *v.* ଭବିଷ୍ୟତ୍କାଳସୂଚକ କ୍ରିୟାପଦ, ଯଥା ଆମ୍ଭେ ଯିବା । [ଅଳ୍ପଜଳ ।
Shallow, *a.* ଅଗଭୀର; ଅଳ୍ପବୁଦ୍ଧି; -*s.* ଚଡ଼ା,
Sham, *v.* ପ୍ରତାରଣା- ଛଳ- ବାହାନା-କ ।
Sham, *a.* କଳ୍ପିତ, ମିଥ୍ୟା, କୃତ୍ରିମ ।
Shambles, *s.* ମାଂସ ବିକବାର ହାଟ ଅବା
Shame, *s.* ଲଜ୍ଜା, ସରମ, ଅପମାନ । [ବଜାର
Shamefaced, *a.* ଲଜ୍ଜିତ, ଲାଜୁକ, ମାଇମୁହାଁ
Shameful, *a.* ଲଜ୍ଜାକର ବା ଜନକ, କଦାକାର, ନିନ୍ଦକ । [ରହିତ ।
Shameless, *a.* ନିର୍ଲଜ୍ଜ, ବେହାୟା, ସରମ-
Shank, *s.* ଗୋଡ଼ର ନଳୀ; ଅସ୍ତ୍ରର ବେଣ୍ଟ ।
Shape, *v.* ନିର୍ମାଣ-କ, ଗଢ଼ିବାର, ଆକାର କି ରୂପ ବନାଇବାର ।
Shape, *s.* ଆକାର, ରୂପ, ଗଢ଼ଣ, ଡୌଲ ।
Shapeless, *a.* କୁରୂପ, କଦାକାର, ବେଡୌଲ
Share, *s.* ଅଂଶ, ଭାଗ, ବାଣ୍ଟ, ବଖରା; plough- ଲଙ୍ଗଳ ଲୁହା । [ବିଖରା-କ ।
Share, *v.* ଅଂଶ-କ, ବାଣ୍ଟିବାର, ଭାଗୀ-ହ,
Shark, *s.* ହାଙ୍ଗରମାଛ; sharper, ଠକ, ଧୂର୍ତ୍ତ ।
Sharp, *a.* ଧାରୁଆ, ତୀକ୍ଷ୍ଣ, ତୀବ୍ର; acute, ସୂକ୍ଷ୍ମବୁଦ୍ଧି ।
Sharpen, *a.* ଧାରୁଆ ବା ତୀକ୍ଷ୍ଣ-କ; quicken, ତେଜାଇବାର; painful, କ୍ଲେଶଦାୟକ ।
Sharper, *s.* ଜୁଆଡ଼ୀ, ପ୍ରବଞ୍ଚକ, ଠଗ ।
Sharply, *ad.* ସୁଧାରରେ, ପ୍ରଖରଭାବେ, କଠୋରଭାବେ ।
Sharp-sighted, *a.* ତୀକ୍ଷ୍ଣଦୃଷ୍ଟି, ପ୍ରଖରଦର୍ଶୀ ।
Shatter, *v.* ଖଣ୍ଡ ଖଣ୍ଡ-କ, ଭାଙ୍ଗିପକାଇବାର ।
Shave, *v.* କ୍ଷୌର-କ, ମୁଣ୍ଡନ-କ । [କ୍ଷିଦ ।
Shaver, *s.* ଭଣ୍ଡାରୀ, ନାପିତ, ବାରିକ; ପ୍ରବ-
Shavings, *s.* କାଠ ରନ୍ଧାର ଛୁଲକା ।
Shawl, *s.* ଉତ୍ତରୀୟ ପଶମୀ ବସ୍ତ୍ର, ଶାଲ ।
She, *pron.* ସ୍ତ୍ରୀଲିଙ୍ଗବାଚକ ସଂଜ୍ଞା, ସେ ।
Sheaf, *s.* ଶସ୍ୟର ବିଡ଼ା, ଗୋଛା, ପୁଳା ।
Shear, *v.* କଇଞ୍ଚିଦେଇ କାଟିବାର, ମେଷର ଲୋମ ଛେଦନ-କ । [କର୍ତ୍ତନୀ ।
Shears, *s.* ବଡ଼ କଇଞ୍ଚି ବା କତୁରୀ ଅବା
Sheath, *s.* ଖାପ, ଖୋଳ, କୋଷ, ଆଧାର ।
Sheathe, *v.* କୋଷରେ ରଖିବାର, ଖାପ-ଦ
Shed, *s.* କୁଡ଼ିଆଘର, କୁଟୀର, ଏକଚାଳ ।
Shed, *v.* ଢାଳି-ଦ, ଝର ପଡ଼ିବାର ।
Sheep, *s.* ମେଣ୍ଢା, ମେଷ, ଗାଡ଼ର, ଭେଡ଼ା ।
Sheepfold, *s.* ମେଷ ବା ମେଣ୍ଢାର ଖୁଆଡ଼ ବା ଅଟାଳ ।
Sheepish, *a.* ମେଷବତ୍, ଭୟାଳୁ, ଲାଜୁକ ।
Sheer, *a.* ମାତ୍ର, କେବଳ, ଶୁଦ୍ଧ, ନିର୍ଭେଜ ।

**Sheet**, *s.* ଚାଦର, ଦୋପଟା; -paper, ଫର୍ଦ୍ଦ, ତକ୍ତା ।
**Sheet-anchor**, *s.* ଜାହାଜର ପ୍ରଧାନ ଲଙ୍ଗର
**Shelf**, *s.* ମଞ୍ଚା, ତକ୍ତାକାଠ, ପଟା । [ସ୍ଥଲ ।
**Shell**, *s.* ଶଙ୍ଖ, ଶାମୁକ, କଉଡ଼ି; ଖୋଲପା,
**Shell**, *v.* ଖୋଲ୍ପା ଅବା ସ୍ଥଲକାଢ଼ିବାର ।
**Shell-fish**, *s.* ଶାମୁକ, ଝିନୁକାଦି ଜନ୍ତୁ ।
**Shelter**, *s.* ଆଶ୍ରୟ, ଶରଣ, ରକ୍ଷାସ୍ଥାନ, ଉହାଡ଼
**Shelter**, *v.* ଆଶ୍ରୟ-ଦ, ପ୍ରତିପାଳନ- ରକ୍ଷା-କ
**Shelving**, *a.* ଢାଲୁ, ଗଡ଼ାଣିଆଁ, ଗଡନ୍ତି ।
**Shepherd**, *s.* ମେଷପାଳକ, ରକ୍ଷକ, ରଖୁ-
**Sherbert**, *s.* ଚିନିର ପଣା, ଶରବତ । [ଆଲ
**Sheriff**, *s.* ନଗର ବା ଜିଲ୍ଲାର ଦୈବର୍ତ୍ତ, ଦଣ୍ଡନାୟକ ।
**Sherry**, *s.* ମଦ୍ୟବିଶେଷ ।
**Shew**, *v.* ଦେଖାଇବାର, ପ୍ରକାଶ-କ ।
**Shield**, *s.* ଢାଲ, ଫଳକ; ଆଶ୍ରୟ, ରକ୍ଷା ।
**Shield**, *v.* ଢାଲ ଧରିବାର, ରକ୍ଷା-କ, ବଞ୍ଚାଇବାର । [କାମିଜ ।
**Shift**, *s.* ଉପାୟ, ବାହାନା, ଛଳ; ସ୍ତ୍ରୀଲୋକର
**Shift**, *v.* ପରିବର୍ତ୍ତନ ବା ବଦଳି-କ, ସ୍ଥାନାନ୍ତରେ ଯିବାର । [ଶୂନ୍ୟ ।
**Shiftless**, *a.* ନିରୁପାୟୀ, ଗତିବିହୀନ, ଉପାୟ-
**Shilling**, *s.* ଇଂଲଣ୍ଡୀୟ ରୌପ୍ୟମୁଦ୍ରା, ପ୍ରାୟ ଅଠଅଣା । [ଟାଲ ।
**Shillishally**, *s.* ବିକଳ୍ପ, ଅସ୍ଥିରତା, ଟାଲମ-
**Shin**, *s.* ଗୋଡ଼ନଳୀର ଅଗଭାଗ ।
**Shine**, *v.* ଉଜ୍ଜ୍ୱଳ-କ, ଶୋଭିତ-ହ, ପ୍ରକାଶ-ହ
**Shining**, *a.* ଦୀପ୍ତିମାନ, ଚିକ୍କଣ, ଚକଚକ୍ୟା ।
**Shingles**, *s.* ଗୃହାଚ୍ଛାଦନୀ ତକ୍ତା ବା ପଟା ।
**Ship**, *s.* ଜାହାଜ, ବୋଇତ, ସମୁଦ୍ରପୋତ ।
**Ship**, *v.* ଜାହାଜରେ ତୋଳିବାର, ଜାହାଜରେ ବୋଝାଇ-କ ।
**Shipboard**, *ad.* ଜାହାଜରେ, ବୋଇତ ବା ନୌକାରେ ।
**Shipping**, *s.* ଜାହାଜସମୂହ, ବହର ।
**Shipwreck**, *s.* ଜାହାଜଭଙ୍ଗା; ଉଚ୍ଛିନ୍ନ, ବିନାଶ
**Shipwright**, *s.* ଜାହାଜ ନିର୍ମାଣକର୍ତ୍ତା, ଜାହାଜୀ ମିସ୍ତ୍ରୀ ।
**Shire**, *s.* ଇଂଲଣ୍ଡ ଦେଶର ଜିଲ୍ଲା ।
**Shirt**, *s.* କାମିଜ, ଭିତର ଜାମାବିଶେଷ ।
**Shiver**, *v.* ଖଣ୍ଡ୨ ଭାଙ୍ଗିବାର; tremble, କମ୍ପିବାର, ଥରଥର-ହ ।
**Shivering**, *s.* କମ୍ପ, ଥରଥର; ଖଣ୍ଡ୨କରଣ ।
**Shoal**, *s.* ଗହଳ, ଭିଡ଼; sandbank, ଚଡ଼ା; -of fish, ମାଛର ଝାଙ୍କ ।
**Shock**, *s.* ଧକ୍କା, ଧମକ, ଠେଲାଠେଲି, ଆଘାତ ।
**Shock**, *v.* ଧକ୍କାମାରିବାର; ବିରକ୍ତ-କ, ଭୟ ଜନ୍ମାଇବାର । [ଜନକ ।
**Shocking**, *a.* ଘୃଣାଜନକ, କୁତ୍ସିତ, ଭୟା-
**Shoe**, *s.* ଜୋତା, ପାଦୁକା, କଠାଉ; horse- ନାଲ; *v.* ନାଲବନ୍ଦ-କ ।
**Shoemaker**, *s.* ମୋଚି, ଚର୍ମକାର; horse-shoer, ନାଲବନ୍ଦା ।
**Shoot**, *s.* ନୂଆପଲ୍ଲବ, ଅଙ୍କୁର, ଶାଖା ।
**Shoot**, *v.* ଫୁଟିବାର, ଅଙ୍କୁର ବାହାରିବାର ।
**Shop**, *s.* ଦୋକାନ, ମୁଦିଘର; ଶିଳ୍ପଶାଳା ।
**Shopkeeper**, *s.* ଦୋକାନୀ, ମୁଦି, ଦୋକାନଦାର ।
**Shore**, *s.* ତଟ, ତୀର, କୂଳ; ଖୁଣ୍ଟ, ଠେକ ।
**Shoreless**, *a.* ଅକୂଳ, ଅପାର, ଅତଟ ।
**Short**, *a.* ଅଦୀର୍ଘ, କମଲମ୍ବ; ନ ଅଣ୍ଟିବାର, ଊଣା ।
**Shorten**, *v.* ହ୍ରାସ-କ, କମି-କ, ଊଣା-କ ।
**Shorthand**, *s.* ସଂକ୍ଷେପ ଲେଖାବିଶେଷ ।

**Short-lived**, *a.* ଅଳ୍ପକାଳସ୍ଥାୟୀ, ଅଚିର-
ଜୀବୀ, ଅଳ୍ପାୟୁଷ । [କ୍ଷେପରେ ।
**Shortly**, *ad.* ଶୀଘ୍ର, ଝଟତ, ବେଗେ ; ସଂ-
**Short-sighted**, *a.* ଅଦୂରଦର୍ଶୀ; ଅଳ୍ପବୁଦ୍ଧି ।
**Shot**, *s.* ଗୁଳି; small- ସାନ ଗୁଳି ।
**Should**, *v.* ଭବିଷ୍ୟତ୍କାଳବୋଧକ କ୍ରିୟା ।
**Shoulder**, *s.* କାନ୍ଧ, ସ୍କନ୍ଧ; ଅଂଶ ।
**Shoulder**, *v.* କାନ୍ଧିଆଇବାର, ସ୍କନ୍ଧରେ ଉ-
ଠାଇବାର; ଧକ୍କା ମାରିବାର । [ହାଙ୍କ ।
**Shout**, *s.* ଉଚ୍ଚ ବା ଜୟସୂଚକ ଧ୍ୱନି, ଡାକ,
**Shout**, *v.* ଜୟଧ୍ୱନି-କ, ଉଚ୍ଚୈଃସ୍ୱରେ ଡାକି-
ବାର, ହାଙ୍କ ମାରିବାର ।
**Shove**, *s.* ଠେଲା, ପେଲା, ଧକ୍କା ।
**Shovel**, *s.* କୋଡି, କୋଦାଳୀ । [ମାଣ-ଦ ।
**Show**, *v.* ଦର୍ଶାଇବାର, ଦେଖାଇବାର, ପ୍ର-
**Show**, *s.* ଦର୍ଶନ, ଦୃଷ୍ଟି, ଝାଁକଜମକ; ତାମସା ।
**Shower**, *s.* ବୃଷ୍ଟି, ବର୍ଷଣ, ଝଡ, ବର୍ଷା ।
**Shower**, *v.* ବୃଷ୍ଟି-ହ, ବର୍ଷିବାର; ଦାନ-କ ।
**Showery**, *a.* ବୃଷ୍ଟିମୟ, ବର୍ଷାବହୁ ।
**Showy**, *a.* ଜମକପର, ଝାଁକମୟ, ସୁନ୍ଦର ।
**Shred**, *s.* ଟୁକୁରା, ଖଣ୍ଡ, କନା ।
**Shrew**, *s.* କଳିହୁତସ୍ତ୍ରୀ, ଭୁଣ୍ଡେଇ, ମୁଖରା ।
**Shrewd**, *a.* ବୁଦ୍ଧିମାନ୍, ସିୟାଣା, ଶଠ, ଧୂର୍ତ୍ତ ।
**Shrewdly**, *ad.* ଚତୁରତାପୂର୍ବକ ।
**Shriek**, *v.* ଚିତ୍କାର ବା ଆର୍ତ୍ତନାଦ-କ, ଭୟରେ
ଡାକିବାର ।
**Shrill**, *a.* ସୂକ୍ଷ୍ମଶବ୍ଦପର; ତୀକ୍ଷ୍ଣ ।
**Shrimp**, *s.* ଚିଙ୍ଗୁଡିମତ୍ସ୍ୟ । [ବେଦୀ ।
**Shrine**, *s.* ପବିତ୍ର ବସ୍ତୁର ଆଧାର, ଦେବାଳୟ ;
**Shrink**, *v.* ସଙ୍କୁଚିତ- ଛୋଟ-ହ, ଭୟରେ
ହଟିବାର । [ନିତ ନତାଇବାର ।
**Shrivel**, *v.* କୁଞ୍ଚିତ ହେବାର, ସଙ୍କୁଚିବାର,
**Shroud**, *s.* ଚିତାବସ୍ତ୍ର, ଶବାଚ୍ଛାଦନୀ; ଆଶ୍ରୟ ।
**Shroud**, *v.* ଆଚ୍ଛାଦନ-କ, ଘୋଡାଇବାର,
ଆଚ୍ଛନ୍ନ-କ । [ମିଶ୍ରିତ ମଦ୍ୟ ।
**Shrub**, *s.* ସାନଗଛ, ଗୁଳ୍ମ, ଝାଡ; ଗୁଡ଼ଅଦ୍ଧ-
**Shrubbery**, *s.* ଉପବନ, ଉଦ୍ୟାନ, ଗୁଳ୍ମମୟ
ସ୍ଥାନ । [ତାଇଁ ଉଠିବାର ।
**Shrug**, *v.* ଘୃଣାରେ କି ତୁଚ୍ଛବୋଧରେ ଶୀ-
**Shudder**, *v.* କମ୍ପିବାର, ଥରହର-ହ ।
**Shuffle**, *v.* -cards, ତାସ ମିଶାଇବାର;
ଅଡୁଆ ପକାଇବାର, ବଞ୍ଚନା-କ ।
**Shuffler**, *s.* ପ୍ରବଞ୍ଚକ, ଠକ, ଜୁଆଚ୍ଚୋର, ଛଳୀ
**Shun**, *v.* ତ୍ୟାଗ-କ, ଅନ୍ତର-ହ, ଘୁଞ୍ଚିବାର ।
**Shut**, *v.* ବନ୍ଦ ବା ରୁଦ୍ଧ-କ, ଫାଟକାଇବାର,
ମୁଦ୍ରିତ-କ ।
**Shutter**, *s.* କବାଟ, ଖିଡକି, ଦୁଆର, ଝରକା
**Shuttle**, *s.* ମାକୁ, ତନ୍ତ୍ରଭୁସା ।
**Shy**, *a.* ଲାଜୁକ, ଶଙ୍କୁଚିତ, ଅନାଳାପୀ ।
**Shyness**, *s.* ଅନଙ୍ଗୁକତା, ଅସାହସ ।
**Sibilant**, *a.* ଶୀତ୍କାରବହୁ, ସର୍ପଶବ୍ଦପର ।
**Sibyl**, *s.* କବିକଳ୍ପିତ ଭବିଷ୍ୟବକ୍ତ୍ରୀ ।
**Sick**, *a.* ପୀଡିତ, ରୋଗୀ, ଅସୁସ୍ଥ; ବିରକ୍ତ ।
**Sicken**, *v.* ପୀଡିତ-ହ, ବମନେଚ୍ଛା ଜନ୍ମାଇ-
ବାର; ବିରକ୍ତ-କ ।
**Sickle**, *s.* ଦାଆ, ଧାନ୍ୟାଦି କର୍ତ୍ତନୀ, କଟିଆ ।
**Sickly**, *a.* ଅସୁସ୍ଥ, ସଦାରୋଗୀ, କ୍ଷୀଣ, ଦୁ-
ର୍ବଳ । [ନେଚ୍ଛା ।
**Sickness**, *s.* ପୀଡା, ରୋଗ, ବ୍ୟାଧି, ବମ-
**Side**, *s.* ପାର୍ଶ୍ୱ, ପାଖ, ପାଶ, କଡ, ପକ୍ଷ, ଦଳ
**Side**, *a.* ପାଖର, ପାର୍ଶ୍ୱସ୍ଥିତ, ଏକପାଖିଆ ।
**Side**, *v.* ପକ୍ଷ-ହ, ପକ୍ଷପାତ-କ, ଏକବାଜ-ହ ।
**Sideboard**, *s.* ପାଖରମେଜ, ସାଲ୍‌ବୋର୍ଡ ।
**Sidelong**, *a.* ପାର୍ଶ୍ୱସ୍ଥ, ତେର୍ଚ୍ଛା, ତେଡା ।
**Sidereal**, *a.* ତାରା ସମ୍ବନ୍ଧୀୟ, ନକ୍ଷତ୍ରମୟ ।
**Sideways**, *ad.* ଏକପାର୍ଶ୍ୱେ, ଏକପାଖେ; ଅଢେ

**Sidle**, *v*. ଅଡହୋଇ ବା ଅପ୍ରଶସ୍ତ ବାଟେ ଯିବାର ।
**Siege**, *s*. ନଗର ଅବା ଗଡାଦି ସୈନ୍ୟରେ [ବେଷ୍ଟନ ।
**Sieve**, *s*. ଚାଲୁଣୀ, ଛାଙ୍କୁଣୀ, ଝାଡଣୀ ।
**Sift**, *v*. ଚଳାଇବାର, ଛାଣିବାର; ପରୀକ୍ଷା-କ ।
**Sigh**, *s*. ଦୀର୍ଘ ନିଶ୍ୱାସ, ହାଇ; *v*. ଦୀର୍ଘ ନିଶ୍ୱାସ ଛାଡିବାର ।
**Sight**, *s*. ଦର୍ଶନ, ଦୃଷ୍ଟି, ଚକ୍ଷୁ; ଆଶ୍ଚର୍ଯ୍ୟବିଷୟ ।
**Sightless**, *a*. ଅନ୍ଧ, କଣା, ଦୃଷ୍ଟି ବା ଚକ୍ଷୁହୀନ
**Sightly**, *a*. ସୁନ୍ଦର, ସୁରୂପ, ସୁଦୃଶ୍ୟ ।
**Sign**, *s*. ଚିହ୍ନ, ଲକ୍ଷଣ, ଠାର, ସଙ୍କେତ ।
**Sign**, *v*. ଚିହ୍ନ-ଦ, ସ୍ୱାକ୍ଷର- ଦସ୍ତଖତ- ସହି-କ
**Signal**, *s*. ଚିହ୍ନ, ଠାର, ଇଶାରା, ସଙ୍କେତ, ନିଶାନ । [ଅପୂର୍ବ ।
**Signal**, *a*. ସ୍ମରଣୀୟ; ଆଶ୍ଚର୍ଯ୍ୟ, ବିଶେଷ,
**Signalize**, *v*. ପ୍ରସିଦ୍ଧ- ସ୍ମରଣୀୟ- ଖ୍ୟାତା-ପନ୍ନ-କ ।
**Signally**, *ad*. ଅପୂର୍ବରୂପେ, ଆଶ୍ଚର୍ଯ୍ୟରୂପେ ।
**Signature**, *s*. ସ୍ୱାକ୍ଷର, ନାମାକ୍ଷର, ଦସ୍ତଖତ, ଚିହ୍ନ ।
**Signet**, *s*. ରାଜାଦିର ମୋହର ବା ମୁଦ୍ରା ।
**Significance**, *s*. ଅର୍ଥ, ଭାବ, ଅଭିପ୍ରାୟ; ଶକ୍ତି, ବଳ, ଆବଶ୍ୟକତା ।
**Significant**, *a*. ଅର୍ଥବୋଧକ; ବଡଭାରି, ଆବଶ୍ୟକ; ଶକ୍ତିମାନ ।
**Signification**, *s*. ଅର୍ଥ, ଭାବ, ମାନେ, ଅଭିପ୍ରାୟ; ଜ୍ଞାପକ । [ଇବାର ।
**Signify**, *v*. ଜ୍ଞାପନ-କ, ବୁଝାଇବାର, ଜଣା-
**Silence**, *s*. ମୌନ, ନିଃଶବ୍ଦ, ଅବାକ୍, ଚୁପ୍, ତୁନି । [ଇବାର, ସ୍ଥିର-କ ।
**Silence**, *v*. ତୁନି ବା ଚୁପ୍ କରାଇବାର, ଥମା-
**Silent**, *a*. ମୌନୀ, ନୀରବ, ଚୁପ୍, ତୁନି, ସ୍ଥିର
**Silk**, *s*. ରେଶମ, ତସର, ଗୁଟିପୋକର ସୂତା
**Silk-mercer**, *s*. ରେଶମ ବା ପାଟ ବ୍ୟବସାୟୀ; -weaver, ତସର ତନ୍ତି ।
**Silkworm**, *s*. ଗୁଟିପୋକ, ତୁତପୋକ ।
**Sill**, *s*. ଦ୍ୱାର ଝର୍କାଠର ତଳଭାଗ ।
**Silly**, *a*. ମୂର୍ଖ, ନିର୍ବୋଧ, ମୂଢ, ବାୟା ।
**Silver**, *s*. ରୂପା, ରୂପୀ, ରୌପ୍ୟ ।
**Silvery**, *a*. ରୂପାପରି, ରୌପ୍ୟମୟ ।
**Silversmith**, *s*. ସୁନାରୀ ବଣିଆ, ସ୍ୱର୍ଣ୍ଣକାର ।
**Similar**, *a*. ତୁଲ୍ୟ, ପରି, ସଦୃଶ୍ୟ, ଅନୁସାରୀ ।
**Similarity**, *s*. ସାଦୃଶ୍ୟ, ତୁଲ୍ୟତା, ସମାନଭାବ ।
**Simile**, *s*. ଉପମା, ଦୃଷ୍ଟାନ୍ତ, ଉଦାହରଣ ।
**Similitude**, *s*. ସାଦୃଶ୍ୟ, ଉପମା, ତୁଳନା,
**Simmer**, *v*. ଅଳ୍ପ ଫୁଟିବାର । [ଦୃଷ୍ଟାନ୍ତ ।
**Simper**, *v*. ମୂଢକ ହସିବାର, ଅଳ୍ପହାସ୍ୟ-କ ।
**Simple**, *a*. ସରଳ, ନିଷ୍କପଟ; ସହଜ; ମୂଢ ।
**Simpleton**, *s*. ନିର୍ବୋଧ ଲୋକ, କ୍ଷୀଣବୁଦ୍ଧି, ମୂର୍ଖ । [ଜତା ।
**Simplicity**, *s*. ସରଳତା; ନିର୍ବୁଦ୍ଧିତା; ସହ-
**Simplify**, *v*. ସହଜ- ସ୍ପଷ୍ଟ ବା ବ୍ୟକ୍ତ-କ ।
**Simply**, *ad*. ସାରଲ୍ୟରୂପେ, ଅକପଟରୂପେ; ମାତ୍ର, କେବଳ ।
**Simulation**, *s*. କାଳ୍ପନିକତା, କାପଟ୍ୟ, ଛଳ
**Simultaneous**, *a*. ସମକାଳର, ଏକକାଳରେ ଘଟିବାର ।
**Sin**, *s*. ପାପ, ପାତକ, ଅପରାଧ, ଦୋଷ ।
**Sin**, *v*. ଈଶ୍ୱରଙ୍କ ଆଜ୍ଞା ଲଙ୍ଘିବାର, ପାପ-କ ।
**Since**, *ad*. ଯେହେତୁକ; ଯଦବଧି, ଯେଉଁ-କାଳରୁ ।
**Sincere**, *a*. ସରଳ, ଅକପଟ, ଠିକ୍, ଯଥାର୍ଥ ।
**Sincerely**, *ad*. ସରଳ ବା ସତ୍ୟରୂପେ ।
**Sincerity**, *s*. ସରଳତା, ଅକାପଟ୍ୟ, ସତ୍ୟତା, ଶୁଦ୍ଧତା ।

Sinecure, *s.* ବିନାକର୍ମରେ ବୃତ୍ତିଭୋଗ; ଉ-ପଭ୍ରୁ ଲଭ୍ୟପଦ । [ସାମର୍ଥ୍ୟ ।
Sinew, *s.* ଶିରା, ଶିର, ରଗ; nerve, ବଳ,
Sinful, *a.* ପାପିଷ୍ଠ, ପାପୀ, ପାତକୀ, ଦୋଷୀ ।
Sing, *v.* ଗାଇବାର, ଗାନ- କୀର୍ତ୍ତନ-କ; ସ୍ୱର-ଗୁଞ୍ଜିବାର ।
Singe, *v.* ଅଳ୍ପଦଗ୍ଧ-କ, ଅଧେ ପୋଡିବାର ।
Singer, *s.* ଗାୟକ, ଗାଥକ, କୀର୍ତ୍ତନୀୟା ।
Single, *a.* ଏକ, ଅଦ୍ୱିତୀୟ; ଅବିବାହିତ, ଅନୂଢ଼ା
Single, *v.* ବାଛିବାର, ପୃଥକ କା ଭିନ୍ନ-କ ।
Singleness, *s.* ଏକତ୍ୱ, ସରଳତା ।
Singly, *ad.* ଏକେ୨, ପ୍ରତ୍ୟେକେ; only, ମାତ୍ରକେ, କେବଳ । [ପୂର୍ବ ।
Singular, *a.* ଏକ, ଏକକ, ଅସାଧାରଣ, ଅ-
Singularity, *s.* ଅସାଧାରଣ ବା ବିଶେଷ ଭାବ, ଅଦ୍ଭୁତତା ।
Singularly, *ad.* ଅଦ୍ଭୁତରୂପେ, ଅପୂର୍ବମତେ
Sinister, *a.* ବାମ, ବାମହସ୍ତ; ମନ୍ଦ; ଅମ-ଙ୍ଗଳ ।
Sink, *v.* ଉବୁ କ ବୁଡ-ଯି, ଜଳରେ ମଗ୍ନ-ହ ।
Sink, *s.* କର୍ଦ୍ଦମା, ନଳା, ମନ୍ଦୁସ୍ଥ, ପାଣିନାଳା ।
Sinless, *a.* ନିଷ୍ପାପୀ, ନିର୍ଦ୍ଦୋଷୀ, ସାଧୁ ।
Sinner, *s.* ପାପୀ, ପାତକୀ, ଦୋଷୀ, ଅପରାଧୀ
Sin-offering, *s.* ପ୍ରାୟଶ୍ଚିତ୍ତ, ବଳିଦାନ ।
Sinuous, *a.* ବଙ୍କା, ବଙ୍କ, ଚୈଙ୍ଗୁଲ ।
Sip, *v.* ଅଳ୍ପ୨ ପାନ-କ; *s.* ଚୋକ, ଅଳ୍ପପାନ
Siphon, *s.* ପିପାରୁ ମଦ କାଢିବାର ନଳ ବା ଚୁଙ୍ଗୀ । [ନିର ଉପାଧି ।
Sir, *s.* ମହାଶୟ, ଅବଧାନ, ସାହେବ, କୁଳୀ-
Sire, *s.* ପିତା, ବାପ, ଜନକ; ରାଜୋପାଧି ।
Siren, *s.* କଳ୍ପିତ ସମୁଦ୍ରୀୟ ରାକ୍ଷସୀ; ମୋ-
Sirius, *s.* ତାରାବିଶେଷ । [ହିନୀ ।
Sirloin, *s.* ଗବାଦିର କଟିଦେଶ ।

Sirocco, *s.* ସିସିଲ୍ ଦେଶର ଦକ୍ଷିଣପୂର୍ବର ମନ୍ଦ-ବାୟୁ ।
Sirrah, *s.* ଅବଜ୍ଞାସୂଚକ ଶବ୍ଦ, ଯଥା ଅରେ, ରେ
Sirup, *s.* ଚିନିରସ, ମିଶ୍ରୀରସ, ଶିରା ।
Sister, *s.* ଭଉଣୀ, ଭଗିନୀ, ସହୋଦରା; eldest- ନାନୀ । [ଶାଳୀ ଇତ୍ୟାଦି ।
Sister-in-law, *s.* ଭାଇର ବହୁ, ଭାଉଜ,
Sisterhood, *s.* ଏକ ସମ୍ପ୍ରଦାୟର ସ୍ତ୍ରୀଗଣ, ଭଗିନୀର ସମାଜ ।
Sisterly, *a.* ଭଉଣୀ ତୁଲ୍ୟ, ଭଗିନୀବତ୍ ।
Sit, *v.* ବସିବାର, ଉପବେଶନ-କ; ସଭା-କ ।
Site, *s.* ସ୍ଥାନ, ସ୍ଥଳ, ଠାବ ।
Sitting, *s.* ଉପବେଶନ, ବୈଠକ, ସଭା ।
Situation, *s.* ସ୍ଥାନ, ସ୍ଥଳ, ସ୍ଥିତି, ଅବସ୍ଥା; ପଦ; କର୍ମ ।
Situated, *a.* ସ୍ଥିତ, ସ୍ଥାପିତ, ଅବସ୍ଥିତ ।
Six, *a.* ଛଅ, ଷଟ୍, -fold, ଛଅଗୁଣ ।
Sixteen, *s.* ଷୋଳ; sixteenth, ଷୋ-ଡଶ ।
Sixty, *s.* ଷାଠିଏ; sixtieth, ଷଷ୍ଟିତମ ।
Size, *s.* ପରିମାଣ, ମାପ; ମଣ୍ଡ, କଲପ ।
Skate, *v.* କମାଠ ହିମର ଉପରେ ଗମନାଗମ-ନାର୍ଥ ଲୌହ ପାଦୁକା ।
Skein, *s.* ସୂତାର ଲଟାଇ ବା ଲେଟି ।
Skeleton, *s.* ଅସ୍ଥିମାତ୍ରାକାର, କଙ୍କାଳ ।
Sketch, *s.* ନକ୍ସା, ଶତଲେଖା, ଆକାର ।
Sketch, *v.* ନକ୍ସା-କ, କଳ୍ପନା-କ, ସଂକ୍ଷେ-ପରେ ଲେଖିବାର ।
Skewer, *s.* ଖିଲ, ଗୋଜ ।
Skiff, *s.* ସାନ ନୌକା ବା ନାବ, ଡଙ୍ଗା ।
Skilful, *a.* ନିପୁଣ, ଦକ୍ଷ, ପଟୁ, ବୁଦ୍ଧିମନ୍ତ ।
Skilfully, *ad.* ନୈପୁଣ୍ୟରୂପେ, ଦକ୍ଷତାପୂର୍ବକ
Skill, *s.* ନିପୁଣତା, ଦକ୍ଷତା, ପାରଗତା ।

Skim, *v.* ଫେଣ ବା ସାରକାଢିବାର ।
Skimmer, *s.* ଚଟୁ, ହତା ।
Skin, *s.* ଚମ, ଚର୍ମ, ଚମଡା, ଛାଲ ।
Skin, *v.* ଚର୍ମ ବା ଛାଲ କାଢିବାର ।
Skinner, *s.* ଚର୍ମବ୍ୟବସାୟୀ, ଚର୍ମକାର ।
Skinny, *a.* ଚର୍ମମାତ୍ର, ମାଂସହୀନ, ମୃଗ୍ଧିଷ୍ଟିୟା ।
Skip, *v.* ଡେଇଁବାର, କୁଦାମାରିବାର; ଛାଡି-ଦେବାର । [କର୍ତ୍ତା ।
Skipper, *s.* ସାନ ଜାହାଜର ଅଧ୍ୟକ୍ଷ ବା
Skirmish, *s.* ଅଳ୍ପଯୁଦ୍ଧ, ହାଣାହାଣି ।
Skirt, *s.* ତଳକନ; edge, ପ୍ରାନ୍ତଭାଗ, ଧାର
Skittish, *a.* ଚଞ୍ଚଳ, ଅସ୍ଥିର, ଖେଳୁଆ ।
Skulk, *v.* ଲୁଚିଯିବାର, ଗୋପନରେ ଥିବାର
Skull, *s.* ମୁଣ୍ଡର ଖୋଲି, କପାଳ, କରୋଟୀ ।
Sky, *s.* ଆକାଶ, ଗଗଣମଣ୍ଡଳ, ଅନ୍ତରୀକ୍ଷ ।
Skylark, *s.* ଘୋରୁଇପକ୍ଷୀ ।
Skylight, *s.* ଘରର ଉପରସ୍ଥ ଝରକା ।
Skyrocket, *s.* ହାଉଇ, ଅଗ୍ନିବାଣ ।
Slab, *s.* ପଥର ବା କାଠର ପଟା ବା ଭଗ୍ନ ।
Slabber, *v.* ଲାଳ ବା ଫେଣ ବା ଥୁକ ପକା-ଇବାର ।
Slack, *a.* ହୁଗୁଳା, ଶିଥିଳ, ଢିଲା, ଅଲଗା ।
Slacken, *v.* ଅଲଗା-କ, ହୁଗୁଳା ବା ଢିଲା-କ
Slag, *s.* ଧାତୁ ବା ଲୌହାଦିର ମଇଳା ବା କଳଙ୍କ ।
Slake, *v.* ନିବୃତ୍ତ-କ, ଥଣ୍ଡା-କ, ନିର୍ବାଣ-କ ।
Slam, *v.* ବଳରେ ଦ୍ୱାର ବନ୍ଦ-କ ।
Slander, *s.* ନିନ୍ଦା, ଅପବାଦ, ଗ୍ଲାନି, କୁତ୍ସା ।
Slander, *v.* ଅପବାଦ- ନିନ୍ଦା ବା ଗ୍ଲାନି-କ ।
Slanderer, *s.* ଅପବାଦକ, ନିନ୍ଦକ, କୁତ୍ସା-କାରୀ ।
Slant, *a.* ଗଡାଣିଆ, ଢାଲୁ, ତେରଛା ।
Slap, *s.* ଚାପୁଡା, ଜାକୁଡା, କରତାଳି ।
Slash, *s.* ଘା, ଆଘାତ, କଟା, ଦୀର୍ଘକ୍ଷତ ।
Slate, *s.* ଲେଖିବାର ପଥରର ପଟ୍ଟା, ସ୍ଲେଟ୍ ।
Slattern, *s.* କୁତ୍ସିତା ବା କୁବେଶା ସ୍ତ୍ରୀ ।
Slaughter, *s.* ହତ୍ୟା, ବଧ, ହନନ, ସଂହାର
Slaughter, *v.* ହତ୍ୟା- ବଧ-କ । [ଗ୍ରାମ ।
Slave, *s.* ଦାସ, କଣାଦାସ, ପୋଇଲା, ଗୋ-
Slave, *v.* ଦାସତ୍ୱ- କ୍ଷୁଦ୍ରକର୍ମ- ପରିଶ୍ରମ-କ ।
Slavery, *s.* ଦାସର ଅବସ୍ଥା, ପୋଇଲାପଣ, ଗୋଲାମୀ । [ନୀଚ ।
Slavish, *a.* ଦାସବତ୍, ଦାସପରି; ଅଧମ,
Slay, *v.* ହତ୍ୟା- ବଧ- ପ୍ରାଣନାଶ-କ ।
Sledge, *s.* ଚକହୀନ ଗାଡିବିଶେଷ । [ମୁଦ୍ଗର ।
Sledge-hammer, *s.* ବଡ ମୁଗୁର ବା ହା-
Sleek, *a.* ଚିକ୍କଣ, ଚିକ୍କ, ଚିକଣିଆ । [ମୃଦୁ ।
Sleep, *s.* ନିଦ୍ରା, ସ୍ୱପ୍ନ, ଭୁଲ, ଶୟନ; death,
Sleeper, *s.* ନିଦ୍ରାଗତ, ନିଦ୍ରିତ ଲୋକ, ଶୟନ-କାରୀ ।
Sleepy, *a.* ନିଦ୍ରାଳୁ; inactive, ଅଳସୁଆ
Sleet, *s.* ହିମବୃଷ୍ଟି ।
Sleeve, *s.* ଭୁଜାଚ୍ଛାଦକ, ଅସ୍ତୀନ ।
Sleight, *s.* ଇନ୍ଦ୍ରଜାଲ, ଛଳ, ଭୋଜବିଦ୍ୟା ।
Slender, *a.* କ୍ଷୀଣ, ସରୁ, ସୂକ୍ଷ୍ମ; -waisted,
Slice, *s.* ସରୁଖଣ୍ଡ, ଟୁକୁଡା । [କୃଶୋଦରୀ ।
Slide, *v.* ଖିଚିଲିଯିବାର, ଗୋଡ ଖସିଯିବାର ।
Slight, *a.* ସାନ, କ୍ଷୁଦ୍ର, ହାଲୁକା, ସରୁ, ପତଳା ।
Slight, *v.* ତୁଚ୍ଛ ବା ହେଳା-କ, ଅନାଦର-କ, ଅବଜ୍ଞା-କ ।
Slightly, *ad.* ଲଘୁରୂପେ, ଅନାଦରପୂର୍ବକ ।
Slily, *ad.* ଧୂର୍ତ୍ତ ବା କପଟରୂପେ, ଗୁପ୍ତରୂପେ ।
Slim, *a.* ସୂକ୍ଷ୍ମ, ସରୁ, କୃଶାଙ୍ଗ, କ୍ଷୀଣ, ପାତଳ
Slime, *s.* କାଦୁଅ, ପଙ୍କ, ଚିକଟା, ଖସଡା ବା
Slimy, *a.* ଅଠାପରି, ଚଟଚଟିଆ । [ପଙ୍କ ।

Sling, v. ଫିଙ୍ଗା ବା ଛଟକଣି ଦ୍ୱାରା ଫୋପାଡିବାର; ଲଟକାଇବାର, ଟାଙ୍ଗିବାର ।
Sling, s. ଫିଙ୍ଗା; ଶିକା; ଝୁଲା ।
Slink, v. ଚୁପ୍‌ଚାପ୍‌ରେ ଉଠି ଯିବାର ।
Slip, s. ପଦସ୍ଖଳନ; ଭ୍ରମ, ଭୁଲ; ସରୁ ଲମ୍ବା ଖଣ୍ଡେ; ବୃକ୍ଷର କଲମ । [ଗଣ୍ଠି ।
Slipknot, s. ଅଲଗା କି ଫାସକା ବା ଫିଟୁଲା-
Slipper, s. କୋମଳ, ଜୋତାବିଶେଷ, ସ୍ଲିପଟ
Slippery, a. ଚିକ୍କଣ, ପିଚ୍ଛିଲ; ଅସ୍ଥିର, ଚଞ୍ଚଳ
Slit, s. ଦୀର୍ଘରେ ଛେଦ, ଲମ୍ବାଚିରା; -v. ଫାଡିବାର, ଚିରିବାର ।
Sloe, s. ବନଜାତ ଫଳବିଶେଷ ।
Sloop, s. ଏକ ମାସ୍ତୁଲ ଜାହାଜବିଶେଷ, ସ୍ଲୁପ
Slope, s. ଢାଲୁ ବା ଗଡନ୍ତ ସ୍ଥାନ; v. ଢାଲୁ ହବ-କ୍ର ।
Sloping, a. ଢଳ, ଢାଲୁ, ଗଡନ୍ତ, ତେଢା ।
Sloth, s. ଆଳସ୍ୟ, ଢିଲାମି, ଜଡତା ।
Slothful, a. ଅଳସ, ସୁସ୍ତି, ଢିଲା, କୁଢି ।
Sloutch, s. ଅଧୋଦୃଷ୍ଟି ।
Slough, s. ପଙ୍କମୟ ବା କାଦୁଅଭୂମି; -of a snake, ସାପଖୋଳ ।
Sloven, s. ଅପରିଷ୍କୃତବ୍ୟକ୍ତି, କୁତ୍ସିତ ଲୋକ ।
Slovenly, a. ଅପରିଷ୍କୃତ, କଦର୍ଯ୍ୟ । [ଅଳସ ।
Slow, a. ଅଶୀଘ୍ର, ମନ୍ଦଗାମୀ, ଧୀର, ଢିଲା,
Slowly, ad. ଧୀରେ୨, ମନ୍ଦେ୨ ଅସ୍ତେ୨, କ୍ରମେ୨ ।
Slug, s. ଶାମୁକାବିଶେଷ; ଗୁଳିବିଶେଷ ।
Sluggard, s. ଅଳସବ୍ୟକ୍ତି, ସୁସ୍ତି ବା ନିଷ୍କର୍ମା ଲୋକ ।
Sluggish, a. ଅଳସ, ଢିଲା, ଜଡ, ମନ୍ଦଗାମୀ
Sluice, s. ପାଣି ଯିବାର ବାଟ, ନଳା, ମନ୍ଦୁସା ।
Slumber, s. ଅଳ୍ପନିଦ୍ରା, ଜାଗ୍ରନିଦ୍ରା, ଘୁମ ।
Slur, s. ଅପମାନ, କଳଙ୍କ; -v. କଳଙ୍କ-କ୍ର ।
Slut, s. ମଇଳା ସ୍ତ୍ରୀ, କଟଖଟ ଟୋକୀ ।
Sly, a. ଧୂର୍ତ୍ତ, ଚତୁର, ଖଳ, ଶିଆଣା ।
Smack, s. ସ୍ୱାଦୁ, ରସ; ଚୁମ୍ବନ; ସାନ ଜାହାଜ; ଚାପଡ; ଚୁଣ୍ଡର ଶବ୍ଦ ।
Small, a. କ୍ଷୁଦ୍ର, ସାନ, ଛୋଟ, କ୍ଷୀଣ, ଦୁର୍ବଳ
Small-pox, s. ବସନ୍ତ ବା ଗୁଟିରୋଗ, ଠାକୁରାଣୀ । [ବେଶୀ ।
Smart, a. ତୀକ୍ଷ୍ଣ, ଉଗ୍ର, କଟୁ; ଚଞ୍ଚଳ; ସୁ-
Smart, v. ଜଳିବାର, କଳିବାର, ବ୍ୟଥା-କ୍ର ।
Smartly, ad. ତୀକ୍ଷ୍ଣ ବା ଉଗ୍ରରୂପେ, ଦ୍ରୁତରୂପେ । [ଚତୁରା ।
Smartness, s. ଚତୁରତା, ତେଜ, ଦକ୍ଷତା,
Smash, v. ଚୂର୍ଣ୍ଣ- ଖଣ୍ଡ୨-କ୍ର, ଭାଙ୍ଗିବାର ।
Smattering, s. ଅଳ୍ପଜ୍ଞାନ, ନାମମାତ୍ର ସଂସ୍କାର ।
Smear, v. ଲିପିବାର, ଲଗାଇବାର, ମର୍ଦ୍ଦନ-କ୍ର
Smell, v. ଶୁଙ୍ଘିବାର, ଗନ୍ଧ ବା ବାସ ପାଇବାର
Smell, s. ଘ୍ରାଣ, ଗନ୍ଧ, ବାସ; ଘ୍ରାଣେନ୍ଦ୍ରିୟ ।
Smelt, v. ଧାତୁ ତରଲାଇ ନିର୍ମଳ-କ୍ର ।
Smile, v. ମନ୍ଦହାସ୍ୟ ବା ଦରହାସ୍ୟ-କ୍ର, ପ୍ରସନ୍ନ-ହ ।
Smirk, v. କୋମଳରୂପେ ଦୃଷ୍ଟି-କ୍ର, ପ୍ରସନ୍ନ-ହ
Smite, v. ପ୍ରହାର କି ଆଘାତ-କ୍ର, ମାରିବାର, ବଧ-କ୍ର; -s. ଦରହାସ୍ୟ; କୃପାଦୃଷ୍ଟି ।
Smith, s. କମାର, କର୍ମକାର, ଲୋହାର ।
Smithy, s. କମାରଶାଳ, ଲୋହାର ଶାଳା ।
Smock, s. ସ୍ତ୍ରୀଲୋକର କାମିଜ, ଭିତରଜାମା ।
Smoke, v. ଧୂଁଆ ନିର୍ଗତ- ଧୂଁଆ-ହ; ତମାଖୁ ଖାଇବାର; s. ଧୂଁଆ, ଧୂମ ।
Smoker, s. ଧୂଁଆପକ ବା ତମାଖୁ ଖାଇବା ବ୍ୟକ୍ତି ।
Smoky, a. ଧୂଁଅଟିଆ, ଧୂମମୟ । [କୋମଳ ।
Smooth, a. ସମାନ, ଚୌରସ; ଚିକ୍କଣ; ମୃଦୁ,

Smooth, *v.* ସମାନ- ଶ୍ଳୈରସ- ସହଜ-କ ।
Smoothly, *ad.* ଅକ୍ଳେଶେ, ସହଜେ, ଧୀରେ, କୋମଳରୂପେ । [ଚପାଇ ନାଶ-କ ।
Smother, *v.* ଶ୍ୱାସବନ୍ଦ କର ପ୍ରାଣ ମାରିବାରୁ,
Smuggle, *v.* ଘାଟ ମାରିବାର, ମାସୁଲ ନ ଦେଇ ଜିନସ ଅଣିବାର । [ମାରଣିଯ଼ା ।
Smuggler, *s.* ଘାଟମାରିଯିବାରଲୋକ, ଘାଟ-
Smut, *s.* ଝୁଲ, ଘଲନ୍; of corn, ଅଗାଢ; ଦୂଷାଙ୍କ, କୁଭାଷା । [cene, ଶେଚଡା ।
Smutty, *a.* ଧୁଁଅପଡା, କାଳିଅଦାଗ; obs-
Snaffle, *s.* ନାକଦୌଡ, ମୁଣସ, କଡସ୍ପାଲୀ ।
Snail, *s.* ଶାମୁକ, ଶମ୍ବୁକ; ଗେଣ୍ଡା ।
Snake, *s.* ସାପ, ସର୍ପ, ନାଗ, ଭୁଜଙ୍ଗ ।
Snap, *v.* ମଟ୍‌କର ଭାଙ୍ଗିବାର; କାମୁଡବାର; -fingers, ଅଙ୍ଗୁଳିଧ୍ୱନି-କ । [ଚିଡଚିଡ୍ୟା ।
Snappish, *a.* କାମୁଡା, ଚିଆ, ଖିଟଖିଟ୍ୟା,
Snare, *s.* ଫାନ, ଜାଲ, ପାଶ ।
Snarl, *v.* କୁକୁରପର ଗର୍ଜିବାର, କଟୁକଥା-କହ
Snatch, *v.* ଛଡ଼ାଇ-ନ, କାଡି ନ । [-କ ।
Sneak, *v.* ଲୁଚିକର ଯାଆସ-କ; ଚରଣ ସେବା
Sneaker, *s.* ପାନପାତ୍ର, ବଡ ପେୟାଲା ।
Sneaking, *a.* ନୀଚ, ଚରଣସେବକ; କୃପଣ, ପାଜି । [ଲୋକି ।
Sneer, *s.* ଠାଥୁରା, ପରିହାସ, ଅଙ୍ଗ୍ଳା, ବ୍ୟ-
Sneeze, *v.* ଛିଙ୍କିବାର, ହାଁଚି-କ; *s.* ହାଁଚି, ଛିଙ୍କ ।
Sniff, *v.* ଶୁଙ୍ଘିବାର, କୁକୁରପର ଶୁଙ୍ଘିବାର ।
Snip, *v.* କଇଁଚିରେ କାଟିବାର, ଥରେ କାଟିବାର
Snipe, *s.* କାଦୁଅପକ୍ଷୀ, ସଲଇପକ୍ଷି, ଛ । [ବାର ।
Snivel, *v.* ଶିଙ୍ଘାଣୀ ପଡବାର, ପିଲାପର କାନ୍ଦ-
Snore, *v.* ନିଦ୍ରାରେ ନାକ ଡାକିବାର, ଘୁଙ୍ଗୁଡି-ହ । [ଘଡ ଡାକିବାର ।
Snort, *v.* ଘୋଡାପର ନାକ ଡାକିବାର, ଘଡ-

Snot, *s.* ନାକର କଲ ବା ପୋଟା, ଶିଙ୍ଘାଣୀ ।
Snout, *s.* ପଶୁାଦର ନାକ, ଶୁଣ୍ଡ, ଥୋମଣି ।
Snow, *s.* ବରଫ, ବଡହିମ, ତୁଷାର । [ଧଳା ।
Snowy, *a.* ବରଫପର, ତୁଷାରମୟ; ଶୁକ୍ଳ,
Snub, *v.* ଧମକାଇବାର, ଭର୍ତ୍ସନା-କ । [ନାସ ।
Snuff, *s.* ବତୀର ଶୀଷା ବା ଗୁଲ; powdered-
Snuff, *v.* ଶୁଙ୍ଘିବାର, ନାସ-ନ; ବତୀର ଗୁଲ-କାଟିବାର ।
Snuffbox, *s.* ନାସଦାନୀ, ନସ୍ୟାଧାର ।
Snuffers, *s.* ବତୀର କତୁରୀ, ଗୁଲକଟସବ ।
Snuffle, *v.* ନାକରେ କଥା କହିବାର, ଗୁଣ-ଗୁଣ-କ ।
Snug, *a.* ଗୁପ୍ତ, ଅବୃତ; ନିର୍ବିଘ୍ନ, କୁଶଳ ।
So, *ad.* ଏହିପ୍ରକାର, ଏହିମତ, ଏମନ୍ତ, ଏରୂପ ।
Soak, *v.* ଓଦା-କ, ଭିଜାଇବାର, ସିକ୍ତ-କ, ଚିନ୍ତାଇବାର । [ମାଟୀ; -nut, ରିଠା ।
Soap, *s.* ସାବନ; -earth, କ୍ଷାର, ସାଜି-
Soar, *v.* ଊର୍ଦ୍ଧ୍ୱରେ ଉଠିବାର ବା ଉଡବାର, ଉନ୍ନତ ଚେଷ୍ଟା-କ । [ନିଶ୍ୱାସ ଛାଡବାର ।
Sob, *v.* ହାଇ ମାରିବାର, ଖେଦରେ ଦୀର୍ଘ
Sob, *s.* ଦୀର୍ଘ ନିଶ୍ୱାସ, ହାଇ ।
Sober, *a.* ଅମତ୍ତ, ଧୀର, ସୁସ୍ଥିର, ସଚେତନ ।
Soberly, *ad.* ଧୀରେ, ସୁବିବେକେ, ପରି-ମିତାଚାରପୂର୍ବକ । [ସ୍ଥିର, ସ୍ଥୈର୍ଯ୍ୟ ।
Sobriety, *s.* ଅମତ୍ତତା, ଧୀରତା, ପରିମିତା-
Sociable, *a.* ଆଳାପୀ, ମିଳାପୀ, ଜନସଙ୍ଗମ-ପ୍ରିୟ । [ସଭ୍ୟ ।
Social, *a.* ସମ୍ପ୍ରଦାୟିକ, ସଙ୍ଗପ୍ରିୟ, ଆଳାପୀ,
Society, *s.* ସମାଜ, ସମ୍ପ୍ରଦାୟ, ସଭା, ଦଳ ।
Sock, *s.* ଜୋତା ଅବା ମୌଜାବିଶେଷ ।
Socket, *s.* ଚୁଙ୍ଗି, କଲିକା, ଘର, ଆଧାର ।
Sod, *s.* ଘାସର ଚେକା, ଘାସର ଭୂମି ।
Soda, *s.* କ୍ଷାର, ଶାର, କ୍ଷାରଦ୍ରବ୍ୟ ।

**Sodden**, *a.* ଗରମ ଜଳରେ ସିଦ୍ଧ ଅବା ସିଜା
**Sodomite**, *s.* ପୁଂମୈଥୁନକାରୀ ।
**Sofa**, *s.* ସୁଶୋଭିତ ଆସନ, କୌଚ ।
**Soft**, *a.* ଅସକ୍ତ, କୋମଳ, ନରମ, ନମ୍ର, ମୃଦୁ ।
**Soften**, *v.* କୋମଳ-କ, ନରମ-କ ।
**Softly**, *ad.* କୋମଳରୂପେ, ମୃଦୁରୂପେ, ଆସ୍ତେ, ସ୍ନେହପୂର୍ବକ ।
**Soho**,! *int.* ହୋ, ହେ, ଅହେ, ଅରେ ।
**Soil**, *s.* ଭୂମି, ମାଟୀ; ମଇଳା, ବିଷ୍ଠା ।
**Soil**, *v.* ସମଳ- ମଇଳା- କଳଙ୍କ-କ ।
**Sojourn**, *s.* କିଛୁକାଳ ନିମିତ୍ତ ଦେଶାନ୍ତରରେ ବାସ, ବସତି, ପ୍ରବାସ ।
**Sojourner**, *s.* ପ୍ରବାସୀ, ପରଦେଶ ନିବାସୀ ।
**Solace**, *v.* ସାନ୍ତ୍ୱନା- ପ୍ରବୋଧ-କ, ଆଶ୍ୱାସ-ଦ ।
**Solar**, *a.* ସୌର, ସୂର୍ଯ୍ୟସମ୍ବନ୍ଧୀୟ ।
**Solder**, *v.* ଧାତୁଆଦି ଦ୍ରାବ ଢାଳିବାର ।
**Soldier**, *s.* ସୈନ୍ୟ, ସେନା, ସିପାହୀ, ଯୋଦ୍ଧା
**Soldiery**, *s.* ସୈନ୍ୟସମୂହ, ସେନାଗଣ, ସିପାହୀଲୋକ ।
**Sole**, *s.* ତାଳୁଆ, ପାଦ ଅବା ଜୋତାର ତଳା ।
**Sole**, *a.* ଏକା, ଏକଲା, ଗୋଟିକିୟା, ଅଦ୍ୱିତୀୟ ।
**Solecism**, *s.* ଅବଚନୀୟତା, ବାକ୍ୟର ଅମିଳନ ବା ଅଯୁକ୍ତ ।
**Solely**, *ad.* ଏକାକରୂପେ, କେବଳ, ମାତ୍ର ।
**Solemn**, *a.* ଗମ୍ଭୀର, ଧୀର, ଗମ୍ଭୀ; awful, ଘୋର, ଭୟାନକ । [ଗାମ୍ଭୀର୍ଯ୍ୟ ।
**Solemnity**, *s.* ପର୍ବ, ଧର୍ମୋତ୍ସବ; ଧୀରତ୍ୱ,
**Solemnization**, *s.* ଧର୍ମସଂସ୍କାର ।
**Solemnize**, *v.* ଯଥାବିଧି-କ, ଉତ୍ସବ ଅବା ପର୍ବାଦି ପାଳିବାର । [ରୂପେ, ଧୀରେ ।
**Solemnly**, *ad.* ଶାସ୍ତ୍ରାନୁସାରେ; ଗାମ୍ଭୀର୍ଯ୍ୟ-
**Solicit**, *v.* ମାଗିବାର, ପ୍ରାର୍ଥନା- ନିବେଦନ କ
**Solicitation**, *s.* ବିନତି, ପ୍ରାର୍ଥନା, ଅଭ୍ୟର୍ଥନା ।
**Solicitor**, *s.* ଉକୀଲବିଶେଷ, ଯାଚକ, ପ୍ରାର୍ଥକ
**Solicitous**, *a.* ଉଦ୍ବିଗ୍ନ, ଉତ୍କଣ୍ଠିତ, ଚିନ୍ତାଯୁକ୍ତ, ଇଚ୍ଛୁକ । [ଚେଷ୍ଟା, ଇଚ୍ଛା ।
**Solicitude**, *s.* ଉଦ୍‌ବେଗ, ଭାବନା, ଚିନ୍ତା;
**Solid**, *a.* ଅଦ୍ରବ; ନିବିଡ, ଦୃଢ, ଶକ୍ତ, ଟାଣ; ଗୁରୁ; ଯଥାର୍ଥ । [ସ୍ଥିତି ।
**Solidity**, *s.* ଶକ୍ତତା, କଠିନତା, ଗୁରୁତ୍ୱ, ସ୍ଥି-
**Soliloquy**, *s.* ଆପଣାଆପଣାକୁ କଥାବାର୍ତ୍ତା ।
**Solitary**, *a.* ନିର୍ଜ୍ଜନ, ନିର୍ଜ୍ଜଳ, ଏକାକୀ, ନିଃସଙ୍ଗ । [ନିର୍ଜ୍ଜନସ୍ଥାନ ।
**Solitude**, *s.* desert, ଅରଣ୍ୟ, ନିଃସଙ୍ଗତା,
**Solo**, *s.* ଏକଜଣର ଗାନ, ଏକ ବାଦ୍ୟ ଯନ୍ତ୍ରର ସ୍ୱର । [ଅୟନ; winter- ଦକ୍ଷିଣାୟନ ।
**Solstice**, *s.* ସୂର୍ଯ୍ୟର ଅୟନ; summer- ଉତ୍ତ-
**Soluble**, *a.* ଦ୍ରବଣୀୟ, ଗଳନୀୟ, ଯେ ଦ୍ରବ୍ୟ ତରଳିଯାଏ ।
**Solubility**, *s.* ଦ୍ରବଣୀୟତ୍ୱ, ଗଳନୀୟଭାବ ।
**Solution**, *s.* ଦ୍ରବୀକରଣ, ଗଳନ, ତରଳାବସ୍ଥା; ଅର୍ଥ, ତାତ୍ପର୍ଯ୍ୟ । [ଭାଙ୍ଗିବାର ।
**Solve**, *v.* ଅର୍ଥ-କ, ବୁଝାଇବାର, ସନ୍ଦେହ
**Solvency**, *s.* ଋଣ ଶୋଧକରଣର କ୍ଷମତା ।
**Sombre**, *a.* ଘୋର, ଅନ୍ଧାରମୟ, ବିରସବଦନ, ଅପ୍ରସନ୍ନ ।
**Some**, *a.* କିଛି, କିଞ୍ଚିତ; କୌଣସି, କେହି ।
**Somebody**. *s.* କୌଣସିଜଣ, କେହି କୌଣସିଲୋକ । [ରୂପ ।
**Somehow**, *ad.* କୌଣସିପ୍ରକାରେ, କେଉଁ-
**Somerset**, *s.* ଲମ୍ଫଝମ୍ପ, ମୁଣ୍ଡତଳେ ଦେଇ ଉଲ୍ଟା ଉଡ଼ ।
**Something**, *s.* କିଛି, କୌଣସିବସ୍ତୁ ।
**Sometime**, *ad.* କୌଣସି କାଳେ ବା ସମୟେ, ପୂର୍ବକାଳେ ।
**Sometimes**, *ad.* କେବେକେବେ, କଦାଚିତ

**Somewhat**, *s.* କିଛି, କିଞ୍ଚିତ୍, କେତେକ ।
**Somewhere**, *ad.* କୌଣସି ସ୍ଥାନରେ, କାହିଁ-
ରେ, କେଉଁଠାରେ ।
**Somnambulist**, *s.* ସ୍ୱପ୍ନଚର, ନିଦ୍ରାଚର ।
**Somniferous**, *a.* ନିଦ୍ରାଜନକ, ସ୍ୱାପକ, ନି-
ଦ୍ରାକର୍ଷକ । [ନିଦ୍ରେଚ୍ଛା ।
**Somnolence**, *s.* ନିଦ୍ରାକର୍ଷଣ, ନିଦ୍ରାଳୁତା,
**Son**, *s.* ପୁତ୍ର, ପୁଅ, ସନ୍ତାନ, ତନୟ, ନନ୍ଦନ ।
**Son-in-law**, *s.* ଜ୍ୱାଇଁ, ଜାମାତା, ଦୁହିତା-
ପତି ।
**Song**, *s.* ଗୀତ, ଗାନ, ଗାୟନ, ସଙ୍କୀର୍ତ୍ତନ ।
**Songster**, *s.* ଗାୟକ, ଗାୟକ, ଗାଇବା-
ଲୋକ ।
**Sonnet**, *s.* ଚତୁର୍ଦ୍ଦଶପଦୀ ବା କ୍ଷୁଦ୍ର କବିତା ।
**Sonorus**, *a.* ଧ୍ୱନିକର, ଶବ୍ଦକାରୀ, କଣକଣିଆଁ ।
**Soon**, *ad.* ଅବିଲମ୍ବେ, ଶୀଘ୍ରେ, ବେଗେ ।
**Sooner**, *ad.* ଶୀଘ୍ରତର; ବରଂ, ବରଞ୍ଚ ।
**Soot**, *s.* ଧୁଁଆରକାଳୀ, ଅଳନ୍ତୁ ।
**Sooth**, *s.* ସତ୍ୟତା, ଯାଥାର୍ଥ୍ୟ । [ଷ-କ ।
**Soothe**, *v.* ପ୍ରବୋଧ-କ, ସାନ୍ତ୍ୱନା-କ, ସନ୍ତୋ-
**Soothsayer**, *s.* ଭବିଷ୍ୟଦ୍ବକ୍ତା, ଆଗତ କଥା
କହିବାଲୋକ । [ଶାବନ୍ଧ ।
**Sop**, *s.* ତନ୍ତୀଇଗ କୌଣସି ଭକ୍ଷ୍ୟଦ୍ରବ୍ୟ; ମୁ-
**Sophism**, *s.* ମିଥ୍ୟାଯୁକ୍ତି, ସିଦ୍ଧାନ୍ତ ନୋହିବା
କଥା ।
**Sophist**, *s.* ଅଯଥାର୍ଥ ଯୁକ୍ତିକର୍ତ୍ତା, ଯୁକ୍ତ୍ୟାଭ ।
**Sophistical**, *a.* ଅଯୁକ୍ତିସିଦ୍ଧ, ଅଯଥାର୍ଥ, କୁ-
ତର୍କୀ । [ଅଶୁଦ୍ଧ-କ ।
**Sophisticate**, *v.* ସତ୍ୟ ମିଥ୍ୟା ମିଶାଇବାର,
**Sophistry**, *s.* ବତଣ୍ଡା, ମିଥ୍ୟାଯୁକ୍ତି ବା ତର୍କର
**Soporific**, *a.* ନିଦ୍ରାଜନକ, ଘୁମକାରକ, ମା-
ଦକ ।
**Sorceror**, *s.* ଜାଦୁଗର, କୁହୁକୀ, ମୋହକ ।
**Sorcery**, *s.* କୁହୁକ, ମାୟା, ଜାଦୁ, ଭେଲ୍କୀ
**Sordid**, *a.* ନୀଚ, ଅଧମ, ପାଜି, ଅପକୃଷ୍ଟ ।
**Sore**, *s.* ଘା ବା ଘାଅ, କ୍ଷତ, ଫୋଟ ।
**Sore**, *a.* ବେଦନା ବା ଘାଅଯୁକ୍ତ, ପୀଡିତ,
ବ୍ୟଥିତ । [ରୂପେ ।
**Sorely**, *ad.* ଅତ୍ୟନ୍ତ, ଅତି ଦୁଃଖିତ ବା କଷ୍ଟ-
**Sorrily**, *ad.* ନୀଚରୂପେ, ଅଧମରୂପେ ।
**Sorrow**, *s.* ଖେଦ, ଦୁଃଖ, ଶୋକ, ଅନୁ-
ତାପ ।
**Sorrowful**, *a.* ଖେଦିତ, ଦୁଃଖିତ, ଉତ୍କଣ୍ଠିତ
**Sorry**, *a.* ଖେଦିତ, ଖିନ୍ନ, ନିକୃଷ୍ଟ ।
**Sort**, *v.* ଭିନ୍ନ ବା ପୃଥକ୍-କ, ବାଛିବାର; ସଜା-
ଡିବାର ।
**Sort**, *s.* ବର୍ଗ, ରକମ, ଜାତି, ପ୍ରକାର, ଶ୍ରେଣୀ ।
**Sot**, *s.* ମଦୁଆଲ, ନିଶାଖୋର; ମୂର୍ଖ ।
**Sottish**, *a.* ମଦ୍ୟପାନରେ ଆସକ୍ତ, ମଦୁଆଲ ।
**Soul**, *s.* ଆତ୍ମା, ପ୍ରାଣ, ଜୀବାତ୍ମା, ସାରାଂଶ ।
**Sound**, *a.* ନୀରୋଗୀ, ଅପୀଡିତ, ସୁସ୍ଥ, ଶକ୍ତ ।
**Sound**, *s.* ଧ୍ୱନି, ଶବ୍ଦ, ସ୍ୱର, ରବ; ଅଗଭୀର
ସମୁଦ୍ର । [ଜଳ ମାପିବାର ।
**Sound**, *v.* ଧ୍ୱନି-କ, ବଜାଇବାର, ପରୀକ୍ଷା-କ;
**Soundings**, *s.* ସମୁଦ୍ରାଦିର ପରିମିତସ୍ଥାନ ।
**Soundly**, *ad.* ଶକ୍ତରୂପେ, ଯଥାର୍ଥରୂପେ ।
**Soup**, *s.* ମାଂସର ଝୋଳ, ସୁରୁଆ, ଯୂଷ, ରସା
**Sour**, *a.* ଅମ୍ବିଳ, ଅମ୍ଳ, ଖଟା; କର୍କଶ, କଟୁ ।
**Source**, *s.* ଆଦିକାରଣ, ମୂଳ, ହେତୁ, ବୀଜ,
ଉତ୍ପତ୍ତିସ୍ଥାନ ।
**Souse**, *v.* ସିର୍କାଯୁକ୍ତ-କ, ଜଳରେ ବୁଡାଇବାର
**South**, *s.* ଦକ୍ଷିଣ, ଉଦିତ ସୂର୍ଯ୍ୟର ବାମ ଦିଗ ।
**South**, *s.* ଦକ୍ଷିଣ, ଦକ୍ଷିଣ ଦିଗ; Southern,
ଦକ୍ଷିଣଦିଗସ୍ଥ, ଦକ୍ଷିଣ ।
**Southing**, *s.* ଦକ୍ଷିଣାଭିମୁଖେ ଗମନ ।
**Southward**, *a.* ଦକ୍ଷିଣଦିଗ, ଦକ୍ଷିଣେ ।

**Sovereign**, *a.* ମୁଖ୍ୟ, ସର୍ବପ୍ରଧାନ, ସ୍ୱେଚ୍ଛାଧୀନ
**Sovereign**, *s.* ରାଜା, ସମ୍ରାଟ; ସ୍ୱର୍ଣ୍ଣମୁଦ୍ରା-ବିଶେଷ । [ମ୍ରାଜ୍ୟ ।
**Sovereignty**, *s.* ଆଧିପତ୍ୟ, ରାଜତ୍ୱ, ସା-
**Sow**, *v.* ବୀଜ ବୁଣିବାର, ବୀଜ ବପନ-କ ।
**Sower**, *s.* ବୀଜ ବପନକର୍ତ୍ତା, ବୁଣିବା ଲୋକ ।
**Space**, *s.* ସ୍ଥାନ, ଜାଗା; କାଳ, ସମୟ; ଅବକାଶ
**Spacious**, *a.* ପ୍ରଶସ୍ତ, ବଡ଼, ଚୌଡ଼ା, ପ୍ରସର ।
**Spade**, *s.* କୋଡ଼ବିଶେଷ, ଖୋଳିବା ଅସ୍ତ୍ର ବା କୋଦାଳ । [ବାର ।
**Span**, *s.* ବିଖଣ୍ଡ; -*v.* ବିଖଣ୍ଡ ଦେଇ ମାପି-
**Spangle**, *s.* ଚୁମ୍କି, ବାଜୁ ।
**Spaniel**, *s.* ଶିକାରୀ କୁକୁରବିଶେଷ; ଖୁଶାମଦିଆ ଲୋକ ।
**Spanking**, *a.* ବଳିଆର, ବଡ଼ ।
**Spanish**, *a.* ସ୍ପେନ୍‌ଦେଶୀୟ, ସ୍ପାନୀୟ ।
**Spar**, *s.* ଖଣିର ପଥରବିଶେଷ; କାଷ୍ଠଖଣ୍ଡ ।
**Spar**, *v.* ବିବାଦ ବା ଯୁଦ୍ଧ-କ, ମଲ୍ଲମଲି-କ ।
**Spare**, *v.* ପରିମିତବ୍ୟୟ-କ; କ୍ଷମା ବା ରକ୍ଷା-କ
**Spare**, *a.* ଅଳ୍ପ, କୃଶ, କ୍ଷୀଣ; ଉଚ୍ଛିଷ୍ଟ ।
**Sparing**, *a.* ଅଳ୍ପବ୍ୟୟୀ, କୃପଣ, ବ୍ୟୟକୁଣ୍ଠ
**Spark**, *s.* ଅଗ୍ନିକଣା; ଉପଗର୍ବିତବ୍ୟକ୍ତି ।
**Sparkle**, *v.* ଝକମକ-କ, ଅଗ୍ନିକଣା ବାହାର-ବାର । [ମକୟା ।
**Sparkling**, *a.* ଉଜ୍ଜ୍ୱଳ, ତେଜୋମୟ, ଝକ-
**Sparrow**, *s.* ଘରଚଟିଆ ପକ୍ଷୀ, ଚଟକପକ୍ଷୀ ।
**Spasm**, *s.* ଅଙ୍ଗଗ୍ରହ, ଖେଁଚଣୀରୋଗ ।
**Spasmodic**, *a.* ଅଙ୍ଗଗ୍ରହ ରୋଗବିଶିଷ୍ଟ ।
**Spatter**, *v.* କାଦୁଅଛିଟା ପକାଇବାର, ମଇଳା-ପାଣି ଫୋପାଡ଼ିବାର ।
**Spawn**, *s.* ମତ୍ସ୍ୟାଦିର ବହୁନ ଅବା ଡିମ୍ବ ।
**Speak**, *v.* କହିବାର, ବୋଲିବାର, ଉକ୍ତି-କ, କଥୋପକଥନ-କ ।

**Speaker**, *s.* ବକ୍ତା, କଥକ, ବାକ୍ୟବାଦୀ; -of an assembly, ସଭାପତି ।
**Spear**, *s.* ଶୂଳ, ବର୍ଚ୍ଛି, ବଲ୍ଲମ । [ଅଦ୍ଭୁତ ।
**Special**, *a.* ବିଶେଷ, ଅସାଧାରଣ, ଶ୍ରେଷ୍ଠ,
**Species**, *s.* ଜାତି, ବର୍ଗ, ପ୍ରକାର; ଗୁଣ; ଶ୍ରେଣୀ
**Specific**, *a.* ବିଶେଷ, ବିଶେଷ ଜାତୀୟ; ନିର୍ଦ୍ଦିଷ୍ଟ
**Specific**, *s.* ବିଶେଷ ଗୁଣକାରୀ ଔଷଧ, ମହୌଷଧ । [ବିଶେଷକରଣ ।
**Specification**, *s.* ବିବରଣ, ବୃତ୍ତାନ୍ତ, ବର୍ଣ୍ଣନା;
**Specify**, *v.* ବିଶେଷ-କହ, ବିଶେଷ ବିବରଣ-କ
**Specimen**, *s.* ଆଦର୍ଶ, ଦୃଷ୍ଟାନ୍ତ, ନମୁନା, ଉଦାହରଣ । [ଲରେ ମନ, କଥାମାତ୍ରସାର ।
**Specious**, *a.* ସୁଦୃଶ୍ୟ, ଦେଖିଲେ ଭଲ ଫ-
**Speck**, *s.* ଚିହ୍ନ, ଦାଗ, ଛିଟା, ବିନ୍ଦୁ, ଟୁଣ୍ଡ ।
**Speckled**, *a.* ଚିହ୍ନିତ, ଚିତ୍ରବିଚିତ୍ର, ଚିତା ।
**Spectacle**, *s.* ଦୃଶ୍ୟ, ଅଦ୍ଭୁତଦର୍ଶନ, ତାମସା, କୌତୁକ ।
**Spectacles**, *s.* ଚଶମା, ପ୍ରତିଚକ୍ଷୁ, ପରଚକ୍ଷୁ ।
**Spectator**, *s.* ଦୃଷ୍ଟିକାରକ, ଦର୍ଶକ ।
**Spectre**, *s.* ଛାୟା, ମାୟା, ଭୂତ, ପ୍ରେତ ।
**Speculate**, *v.* ଧ୍ୟାନ-କ, କଳ୍ପନା-କ; ଧନ ବ୍ୟାପାର-କ । [ରେ କ୍ରୟ ବିକ୍ରୟକରଣ ।
**Speculation**, *s.* କଳ୍ପନା, ଧ୍ୟାନ, ଲାଭାଶା-
**Speculative**, *a.* କାଳ୍ପନିକ, ଆନୁମାନିକ, ବିବେଚନୀୟ । [ପାୟୀ ।
**Speculator**, *s.* ଆଲୋଚନାକାରୀ; ଧନ ବ୍ୟା-
**Speculum**, *s.* ଦର୍ପଣ, ଆଦର୍ଶ, ଆଇନା, ପ୍ରତି-ରୂପ ।
**Speech**, *s.* ବାକ୍ୟୋଚ୍ଚାରଣ, ବଚନ, କଥା; language, ଭାଷା, ବାକ୍ୟ । [ନୀରବ ।
**Speechless**, *a.* ବାକ୍ୟରହିତ, ମୋଙ୍ଗା, ମୂକ,
**Speed**, *s.* ବେଗ, ତ୍ୱରା, ଶୀଘ୍ରତା, ଦ୍ରୁତଗମନ; success, କୃତାର୍ଥ ।

Speed, *v*. ତ୍ୱରା-କ, ଶୀଘ୍ର-କ, କୃତକାର୍ଯ୍ୟ-ହ ।
Speedy, *a*. ଦ୍ରୁତ, ଶୀଘ୍ର, ବହନ, ଜଲଦ ।
Spell, *s*. ମନ୍ତ୍ର, ଜାଦୁ, ଗୁଣ, ଭୁଠକା ।
Spell, *v*. ବନାନ୍-କ, ବର୍ଣ୍ଣଯୋଗ-କ, ଅକ୍ଷର ଯୋଡବାର । [କାଳଯାପନ-କ ।
Spend, *v*. ବ୍ୟୟ ବା ଖରଚ-କ, ଉଡାଇବାର;
Spendthrift, *s*. ଅତିବ୍ୟୟୀ, ଅପବ୍ୟୟୀ, ସାଖର୍ଚ୍ଚୀ । [ତେଲବିଶେଷ ।
Sperm, *s*. ଶୁକ୍ର, ରେତଃ, ବୀଜ; -oil, ମାଛ-
Spew, *v*. ବାନ୍ତି କ ବମି-କ, ଉଦ୍ଗାର-କ ।
Sphere, *s*. ଗୋଲ, ମଣ୍ଡଳ, ଗଢଚକ; ଅଧି-କାର । [ଗୋଲ ।
Spherical, *a*. ଗୋଲାକୃତ, ମଣ୍ଡଳାକାର,
Sphinx, *s*. ମିଶରଦେଶୀୟ କଳ୍ପିତ ଦାନବ ।
Spice, *s*. ଝାଲମଶଲା, ସୁଗନ୍ଧିଦ୍ରବ୍ୟ ।
Spicy, *a*. ଗରମ ମଶଲାଯୁକ୍ତ, ସୁସ୍ୱାଦୁ, ସୁଗନ୍ଧି
Spider, *s*. ବୁଢିଆଣୀ, ମାକଡସା; web of-ବୁଢିଆଣୀର ଜାଲ ।
Spigot, *s*. କାଠର ଠିପି ଅବା କଳା ।
Spike, *s*. ବଡକଣ୍ଟା, ମେଖ; ଶସ୍ୟରଶୀଷା ।
Spikenard, *s*. ଜଟାମାଂସୀ, ପେଶୀ ।
Spill, *v*. ଢାଳିବାର, ଝଡପଡବାର, ପାତ-କ ।
Spin, *v*. ସୂତାକାଟିବାର, କଟାଇ ଘର ଘୁରାଇ-ବାର; ବଳମ୍-କ ।
Spinage, *s*. ଶାକବିଶେଷ, ପୋଇଶାକ ।
Spinal, *a*. ପିଠିର ବା ପୃଷ୍ଠର ଅସ୍ଥି ବା ହାଡ-ସମ୍ବନ୍ଧୀୟ ।
Spindle, *s*. ଢାକୁଆ, ତର୍କୁଟୀ ।
Spine, *s*. ମେରୁଦଣ୍ଡ, ପିଠିଶିରା ।
Spinet, *s*. ବାଦ୍ୟ ଯନ୍ତ୍ରବିଶେଷ । [ମାକଡସା ।
Spinner, *s*. ସୂତା କାଟେ ଯେ, କାଟୁଣୀ;
Spinning-wheel, *s*. ଅରଟ, ଚରଖା, ସୂ-ତ୍ରଯନ୍ତ୍ର ।

Spinster, *s*. ଅବିବାହିତା, ଅଦତ୍ତା, ବାଡୋଇ
Spiral, *a*. ପେଁଚୁଲ, ଘୂରଣିଯୁକ୍ତା, କୁଣ୍ଡଳୀ ।
Spire, *s*. ବଂକ, ପେଁଚ; steeple, ଶୁଣ୍ଡା-କୃତ, ମନ୍ଦିରର ଚୂଡା ।
Spirit, *s*. ଆତ୍ମା, ପ୍ରାଣ, ଭୂତ, ପ୍ରେତ; ତେଜ; ବଳ, ସାରାଂଶ; ମଦ, ସରପ ।
Spirited, *a*. ସାହସିକ, ସତେଜ, ଚଞ୍ଚଳ, ଉଗ୍ର ।
Spiritless, *a*. ଉତ୍ସାହହୀନ, ନିର୍ଜୀବ, ନିସ୍ତେଜ
Spirits, *s*. ମଦସମୂହ; ସାହସ, ଉତ୍ସାହିତ-ଭାବ । [ମାର୍ଥିକ, ମାନସିକ ।
Spiritual, *a*. ଅମୂର୍ତ୍ତିକ, ନିରାକାର, ପାର-
Spirituality, *s*. ନିରାକାରତ୍ୱ, ଆତ୍ମତା; ପା-ରମାର୍ଥିକଭାବ । . [ବାର ।
Spirt, *v*. ଜଳ ପ୍ରକ୍ଷେପଣ-କ, ହଠାତ୍‌ପକାଇ-
Spit, *s*. ଲୌହଶୀକ; ଥୁଥୁ, ଲାଳ, ଛେପ ।
Spit, *v*. ଶୀକର ଉପରେ ମାଂସ ଗୁନ୍ଥିବାର; ଛେପପକାଇବାର ।
Spite, *s*. ଈର୍ଷ୍ୟା, ହିଂସା, ଅନିଷ୍ଟଚିନ୍ତା; in spite of, ତଥାପି, ତଥାଚ ।
Spiteful, *a*. ଦ୍ରୋହୀ, ଦ୍ୱେଷୀ, କ୍ରୋଧୀ ।
Spittle, *s*. ଛେପ, ଥୁଥୁ, ଲାଳ ।
Splash, *v*. ଜଳ ବା କାଦୁଅମୟ-କ, ଗୋ-ଳାପାଣିରେ ଲିପିବାର ।
Spleen, *s*. ପିଳ୍ହୁଇ; କ୍ରୋଧ, ବିଷାଦ, ଉଦାସ
Splendid, *a*. ଶ୍ରୀମାନ୍, ତେଜସ୍ୱୀ, ଶ୍ରୀଯୁକ୍ତ, ଐଶ୍ୱର୍ଯ୍ୟଯୁକ୍ତ । [ଶ୍ୱର୍ଯ୍ୟ ।
Splendour, *s*. ପ୍ରଭା, ଶୋଭା, ତେଜ, ଐ-
Splenetic, *a*. ରାଗୀ, ଆଶୁକ୍ରୋଧୀ, ଚିଡ-ଚିଡଆ । [ବାର ।
Splice, *v*. ଗଣ୍ଠି ନ ଦେଇ ଯୋଡବାର, ବୁଣି-
Splint, *s*. ଅସ୍ତ୍ର ବୈଦ୍ୟର ସୂକ୍ଷ୍ମକାଠର ପଟା ।
Splinter, *s*. ଖଣ୍ଡ, ଟୁକୁରା, ଛେଲି ।

Split, *v.* ଚିରିବାର, ଫାଡିବାର, ଦ୍ୱିଖଣ୍ଡ-କ ।
Spoil, *s.* ଯୁଦ୍ଧୋପାର୍ଜିତ ଦ୍ରବ୍ୟ, ଲୁଟ, ଲୁଟ-ଘାଟ ।
Spoil, *v.* ନଷ୍ଟ-କ, ଶସ୍ତ ବା ଅପହରଣ-କ ।
Spoiler, *s.* ଲୁଟିଅଷ୍ଟ, ଅପହାରକ, ଡକାଇତ ।
Spoke, *s.* ଚକର ଅଣ, ଚକର ଦଣ୍ଡ ।
Spokesman, *s.* ପ୍ରତିନିଧିବକ୍ତା, ଅନ୍ୟର ନିମିତ୍ତ କହେ ଯେ । [କରଣ ।
Spoliation, *s.* ଅପହରଣ, ନଷ୍ଟ ବା ଉଜାଡ-
Sponge, *s.* ଜଳଶୋଷକସାମୁଦ୍ରିକବସ୍ତୁ, ସ୍ପଞ୍ଜ ।
Sponge, *v.* ମାର୍ଜନା-କ; ପରଦାସ-ହ ।
Sponsor, *s.* ପ୍ରତିଭୂ, ଜାମୀନ, ଲଗା ।
Spontaneous, *a.* ସ୍ୱଚ୍ଛନ୍ଦ, ସ୍ୱେଚ୍ଛୋଜାତ, ଇଚ୍ଛୁକ
Spoon, *s.* ଚାମଚ, ଖୁମଣ୍ଟ; ହତା ।
Spoonful, *s.* ଏକ ଚାମଚପରିମାଣ, ଏକ ଖୁମଣ୍ଟେ ଯେତେ ଧରେ । [ଖିଳାର ।
Sport, *s.* କ୍ରୀଡା, ଖେଳ, କୌତୁକ, ଲୀଳା;
Sport, *v.* କ୍ରୀଡା-କ, ଖେଳିବାର, ଥଟ୍ଟା ବା ପରିହାସ-କ । [ଥଟ୍ଟାବାଜ ।
Sportive, *a.* କୌତୁକୀ, ଲୀଳାକାରୀ, ରସିକ,
Sportsman, *s.* ବ୍ୟାଧ, ଶିକାରୀ, ମୃଗୟାକର୍ତ୍ତା
Spot, *s.* କଳଙ୍କ, ଦାଗ, ଚିହ୍ନ, ଛିଟା; ବିଶେଷ
Spotless, *a.* ନିଷ୍କଳଙ୍କ, ନିର୍ମଳ, ଶୁଦ୍ଧ । [ସ୍ଥାନ
Spotted, *a.* ଚିତାପଡା, ଦାଗୀ, ଚିତ୍ରବିଚିତ୍ର ।
Spouse, *s.* ଭାର୍ଯ୍ୟା ବା ସ୍ୱାମୀ, ସ୍ତ୍ରୀ ବା ପତି ।
Spout, *s.* ମୁହଁ, ନଳ, ଜଳପଥ, ଚୁଙ୍ଗିନଳ ।
Spout, *v.* ଜଳ ଛାଡିବାର, ଉଦ୍‌ଗାମାଇବାର ।
Sprain, *v.* ଅଙ୍ଗ ମକଚି ଯିବାର, ଶିରାର ଗୁଣ୍ଠି [ଯିବାର ।
Sprat, *s.* କ୍ଷୁଦ୍ର ମତ୍ସ୍ୟବିଶେଷ ।
Sprawl, *v.* ଛଟପଟ-କ, ଗଡାଗଡି-ଦ ।
Spray, *s.* ସମୁଦ୍ରର ଫେଣ; ଡାଳର ଅଗ; କାକୁଡା ।
Spread, *v.* ବିସ୍ତାର-କ, ବିଛାଇବାର, ବ୍ୟାପ୍ତ-କ
Sprig, *s.* ପଲ୍ଲବ, କ୍ଷୁଦ୍ରଶାଖା ଅବା ଡାଳ, କଳମ
Sprightly, *ad.* ପ୍ରଫୁଲ୍ଲ, ସଚେତନ, ଦ୍ରୁତ, ଚଞ୍ଚଳ ।
Spring, *s.* ବସନ୍ତକାଳ; ନିର୍ଝର, ଉତ୍ସ; ଲୁଦା, ଡିଅଁ; ହେତୁ, କାରଣ; main- ଘଡିଅାଦିର ପ୍ରଧାନ କଳ ।
Spring, *v.* ଅଙ୍କୁରିତ ବା ଗଜା ହୋଇ ଉଠିବାର, ଡେଇଁ ପଡିବାର ।
Spring-tide, *s.* ନୂଆ ବା ପୂର୍ଣ୍ଣଚନ୍ଦ୍ର ସମୟର ଜୁଆର, ଜଳବୃଦ୍ଧି ।
Sprinkle, *v.* ଛିଟା ପକାଇବାର, ଜଳସିଞ୍ଚିବାର, ପ୍ରୋକ୍ଷଣ-କ ।
Sprite, *s.* ଭୂତ, ପ୍ରେତ, ଅପଦେବତା ।
Sprout, *s.* ଅଙ୍କୁର, ପଲ୍ଲବ, ଗଜା । [ପାଟୀ ।
Spruce, *a.* ସୁବେଶୀ, ସୁଶ୍ରୀ, ସୁନ୍ଦର, ପରି-
Spume, *s.* ଫେଣା, ଫେଣ, ଗାଁଜଲା ।
Spur, *s.* ଅଶ୍ୱାରୋହୀର ଜୋତାର ପଶ୍ଚାଭାଗସ୍ଥିତ କଣ୍ଟା । [ପ୍ରବର୍ତ୍ତାଇବାର ।
Spur, *v.* କଣ୍ଟାମାରି ଘୋଡା ଦୌଡାଇବାର;
Spurious, *a.* ଅପ୍ରକୃତ, ଅଯଥାର୍ଥ, କୃତ୍ରିମ, ମିଥ୍ୟା । [-କ ।
Spurn, *v.* ପାଦଘାତ-କ, ଅନାଦର ବା ତୁଚ୍ଛ
Sputter, *v.* ଅସ୍ପଷ୍ଟ ବା ଅପ୍ରକାଶ କହିବାର; ଥୁଥୁ ପକାଇବାର । [ପ୍ରକାଶ ।
Spy, *s.* ଚର, ଚର, ଗୋଏନ୍ଦା, ଗୁପ୍ତଚର,
Spy, *v.* ଦୂରଦୃଷ୍ଟି-କ, ଖୋଜିବାର ।
Spyglass, *s.* ଦୂରବୀଣ, ଦୂରବୀକ୍ଷଣ, ଦୃଷ୍ଟିଯନ୍ତ୍ର
Squabble, *s.* ଝଗଡା, କଳହ, କନ୍ଦଳ, କଳି ।
Squadron, *s.* ସୈନ୍ୟଦଳ; ଯୁଦ୍ଧ ଜାହାଜର ସମୂହ ।
Squalid, *a.* କୁତ୍ସିତ, ଦୁର୍ଗନ୍ଧ, ମଇଳା ।
Squall, *s.* ହଠାତ୍‌ଝଡ, ଦମକାବତାସ; ଭୟସୂଚକ ଧ୍ୱନି ।

Squall, *v.* ଚାଳ୍କାର- ଆର୍ତ୍ତନାଦ-କ ।
Squander, *v.* ଅପବ୍ୟୟ-କ, ଉଡାଇବାର; ଛଡାଇ-ଦ ।
Square, *s.* ଚତୁଷ୍କୋଣାକୃତ, ଚୌକଣା; ଚକ; -of a cube, ବର୍ଗଘନ; -root, ବର୍ଗମୂଳ । [ସମାନ ।
Square, *a.* ଚତୁଷ୍କୋଣ, ଚତୁରସ୍ର, ଠିକ,
Square, *v.* ଚତୁଷ୍କୋଣ-କ, ଠିକ ବା ଏକ ସମାନ-କ । [ନଉଯୁ।-କ ।
Squash, *v.* ମର୍ଦ୍ଦନ-କ, ଛେଚି କ ଦଳି ନଡ-
Squat, *v.* ଗୋଡମାର ବସିବାର, ଗୋଠହୋଇ ବସିବାର ।
Squeak, *v.* ଚିଁଚି ଶବ୍ଦ-କ, ଆର୍ତ୍ତନାଦ-କ ।
Squeal, *v.* ଆର୍ତ୍ତନାଦ-କ, ରେଁଇବାର, ଚା-ଳ୍କାର-କ । [ସହକେ ବରନ୍ତ ।
Squeamish, *a.* କମନେଛ୍ଛ, ଅରୁଚିଶୀଳ;
Squeeze, *v.* ଚିପିବାର, ଗୁଡିବାର; କ୍ଳେଶ-ଦ ।
Squib, *s.* ଫଟକା; lampoon, ଝାହୁଲ, ପରହାସୋକ୍ତି । [ବାର ।
Squint, *v.* ଅଭଦୃଷ୍ଟି-କ, ଚକ ବା ଆଡେ ଚାହ-
Squire, *s.* ଇଙ୍ଗ୍ଲାଣ୍ଡ ଦେଶରେ କୁଳୀନ ଲୋ-କର ଉପାଧି ।
Squirrel, *s.* ଗଣ୍ଡୁଚିମୂଷା, କାଠବଉଡ ।
Squirt, *s.* ପିଚକାରି, ଦମକଳ ।
Squirt, *v.* ପିଚକାରି ଦ୍ୱାରା ପାଣି ପକାଇବାର, ଫୋପାଡିବାର । [ଫୋଡା, ଘା ।
Stab, *v.* ବକିବାର, ଫୋଡିବାର; -*s.* ବକା,
Stability, *s.* ସ୍ଥାୟିତ୍ୱ, ସ୍ଥିରତା, ନିଶ୍ଚଳତା, ଦୃଢତା ।
Stable, *s.* ଘୋଡାଶାଳ, ଅସ୍ତବଲ ।
Stable, *a.* ସ୍ଥିର, ଅଟଳ, ଦୃଢ, ସ୍ଥାବର ।
Stack, *s.* ଗଞ୍ଜି, ଗଦା, ଢେର, ଟିପି ।
Staff, *s.* ଦଣ୍ଡ, ଲଠି, ବାଡ, ଠେଙ୍ଗା ।

Stag, *s.* ହରଣ, ମୃଗ, କୁରଙ୍ଗ । [କ୍ରମ ।
Stage, *s.* ମଞ୍ଚ, ନାଟଶାଳା; ଉତ୍ତରିବା ସ୍ଥାନ;
Stage-coach, *s.* ଭଡାଟିଆ ବା ଡାକର ଗାଡି
Stagger, *v.* ଟଳମଳ- ଦୋହୋଲ-କ; ସନ୍ଦିଗ୍ଧ-କ । [ନିଶ୍ଚଳ ।
Stagnant, *a.* ଗତି ରହିତ; ବନ୍ଧା, ସ୍ତବ୍ଧ,
Stagnate, *v.* ଅପ୍ରବାହ-ହ, ସ୍ରୋତ ବା ଗତି ବନ୍ଦ-ହ ।
Staid, *a.* ଅଚଞ୍ଚଳ, ଧୀର, ଶାନ୍ତ, ସ୍ଥିରମନାଃ ।
Stain, *s.* କଳଙ୍କ, ଦାଗ, ଚିହ୍ନ; ଦୋଷ, ଅଯଶ
Stain, *v.* ଦାଗୀ- କଳଙ୍କ-କ, ଦୋଷୀ-କ, ଅଖ୍ୟାତ-କ ।
Stair, *s.* ସିଡି, ସୋପାନ; -case, ପାହାଚ ।
Stake, *s.* ଦଣ୍ଡ, ଖୁଣ୍ଟି, ଶୂଳ, ଗୋଜ; wager, ପଣ, ବାଜି । [ବାର ।
Stake, *v.* ବାଜିଲଗିବାର, ପଣ-କ; ଠେକାଇ-
Stale, *a.* ପୁରୁଣା, ବାସି, ବହୁତ ଦିନର ।
Stalk, *s.* ପୁଷ୍ପ ଦଣ୍ଡ ବା ଡେମ୍ଫ, ବୃନ୍ତ । [ବାର
Stalk, *v.* ଗୋଡ ଟେକିଇ ବା ଲମ୍ବାଇ ଚାଲି-
Stalking-horse, *s.* ବ୍ୟାଧର ଅଡାଳ ବିଶେଷ । [ସାମଗ୍ରୀ ରଖିବାର ମେଜ ।
Stall, *s.* ଘୋଡା ଶାଳର ଏକସ୍ଥାନ; ବଜାରା
Stallion, *s.* ଅଚ୍ଛିନ୍ନମୁଷ୍କ ବା ଖାସି ନୋହିବାର
Stalwart, *a.* ବଳବାନ୍, ମଜବୁତ । [ଘୋଡା
Stamen, *s.* ପୁଷ୍ପରକେଶର; ମୂଳ ।
Stamina, *s.* କେଶର, ସାର, ମୂଳସ୍ତମ୍ଭ; ଶାରୀରିକ ବଳ । [ବାର ।
Stammer, *v.* ଗନ୍ଦା ବା ତୋତଲା କରି କହି-
Stamp, *s.* ଛାପ, ମୁଦ୍ରା, ମୋହର, ଦାଗ, ଚିହ୍ନ, ଠପ, ଡୌଲ ।
Stamp, *v.* ପାଦାଘାତ-କ; ମୋହର ବା ଚିହ୍ନ-କ, ଛାପିବାର । [କୁଟ ।
Stanch, *a.* ଦୃଢ, ଶକ୍ତ, ସ୍ଥିର, ଅଟଳ, ମଜ-

Stanch, *v.* ରକ୍ତବନ୍ଦ-କ, ଥମାଇବାର, ପ୍ରବାହ ରୋଧ-କ ।
Stanchion, *s.* ଅବଲମ୍ବ, ଠେସ, ଖୁଣ୍ଟ ।
Stand, *s.* ସ୍ଥିତ, ଅବସ୍ଥିତ, ଠିଆ, ଛିଡା ; ମଞ୍ଚ ; ବାଧା ; ଦାସ୍ ।
Stand, *v.* ଠିଆ ବା ଛିଡା ବା ଉଭା-ହ, ସ୍ଥିର-ହ ; endure, ସହିବାର ; -up, ଉଠି ଠିଆ-ହ ; -off, ଦୂରେ ଛିଡା ହ, -still, ସ୍ଥଗିତ-ହ ।
Standard, *s.* ଧ୍ୱଜା, ପତାକା, ନିଶାଣ ; ମାରଗ, ସ୍ୱାଦ୍ ; ଆଦର୍ଶ, ନମୁନା ।
Standing, *s.* ସ୍ଥାୟିତ୍ୱ, ସ୍ଥିତିର ସ୍ଥାନ ; rank, ପଦ, ଅବସ୍ଥା । [ଦାନ ।
Standish, *s.* କାଳୀକଲମର ଆଧାର, କଲମ
Stanza, *s.* ଶ୍ଳୋକ, କବିତା, ପଦ୍ୟ, ଦୋହା ।
Staple, *s.* ଦେଶୋତ୍ପନ୍ନ ପ୍ରଧାନ ଦ୍ରବ୍ୟ ; ଶିଲପସା
Staple, *a.* ସ୍ଥାପିତ ; ଚଳିତ ; ପ୍ରଧାନ, ମୁଖ୍ୟ ।
Star, *s.* ତାରା, ନକ୍ଷତ୍ର, ତାରକା ।
Starboard, *s.* ଜାହାଜର ଦକ୍ଷିଣ ପାର୍ଶ୍ୱ ।
Starch, *s.* ମଣ୍ଡ, ଲେଇ, କଲପ । [ଦୃଷ୍ଟି-କ ।
Stare, *v.* ଏକଦୃଷ୍ଟିରେ ଚାହିଁବାର, ସ୍ଥିର-
Stark, *ad.* ସମ୍ପୂର୍ଣ୍ଣରୂପେ, ଅତ୍ୟନ୍ତ ବା ନିତାନ୍ତ
Starling, *s.* ପକ୍ଷୀବିଶେଷ । [ଭୂଷିତ ।
Starry, *a.* ତାରାମୟ, ତାରାବିଶିଷ୍ଟ, ନକ୍ଷତ୍ର-
Start, *s.* ପ୍ରସ୍ଥାନ, ଆରମ୍ଭ ; ଚମକ ।
Start, *v.* ଚମକି କି ଡେଇଁ ଉଠିବାର ; ପ୍ରସ୍ଥାନ-କ
Startle, *v.* ଚମକି ପଡିବାର, ହଠାତ୍ ଭୟ-କ, ଚମକିବାର । [ଶୀତରେ ମରିବାର ।
Starve, *v.* ଅନାହାରେ ବା କନାଭୋଜନେ ବା
Starveling, *s.* ଅନାହାରେ କ୍ଷୀଣ ବା ଶୁଷ୍କ ବ୍ୟକ୍ତି । [ଦେଶ ।
State, *s.* ଦଶା, ଅବସ୍ଥା, ଗତି, ଐଶ୍ୱର୍ଯ୍ୟ ; ରାଜ୍ୟ,
State, *v.* ବର୍ଣ୍ଣନା ବା ନିବେଦନ-କ, ବୃତ୍ତାନ୍ତ କହିବାର ।
Statedly, *ad.* ଯଥାବିଧି, ସମସ୍ତ ବା ନିୟମକ୍ରମେ ।
Stately, *a.* ମହିମାଯୁକ୍ତ, ଐଶ୍ୱର୍ଯ୍ୟବନ୍ତ, ମହତ୍ ।
Statement, *s.* ବିବରଣ, ଦେଓସ, ବ୍ୟାଖ୍ୟା, ବୃତ୍ତାନ୍ତ । [ସର୍ବସ୍ଥଲୋକ ।
Statesman, *s.* ରାଜନୀତିଜ୍ଞ, ରାଜମନ୍ତ୍ରୀ, ରାଜ-
Station, *s.* ନିଯୁକ୍ତସ୍ଥାନ, ଥାନା ; employment, କର୍ମ, ପଦ ; rank, ମର୍ଯ୍ୟାଦା ।
Station, *v.* ନିଯୁକ୍ତ-କ, ସ୍ଥାପିତ ବା ମୁକରର-କ ।
Stationary, *a.* ସ୍ଥିରୀଭୂତ, ସ୍ଥାବର, ସ୍ଥିର, ଅଚଳ । [ବିକ୍ରେତା ।
Stationer, *s.* କାଗଜାଦିର ବ୍ୟବସାୟୀ ବା
Stationery, *s.* କାଗଜକଲମ ବସ୍ତା ଇତ୍ୟାଦିଦ୍ରବ୍ୟ । [ରଣ ।
Statistics, *s.* ରାଜ୍ୟ ବା ଦେଶାବସ୍ଥାର ବିବ-
Statuary, *s.* ପଥରର ମୂର୍ତ୍ତିର ନିର୍ମାଣକାରୀ ।
Statue, *s.* ମୂର୍ତ୍ତି, ପ୍ରତିମା, ପିତୁଳା, ବିଗ୍ରହ ।
Stature, *s.* ଶରୀର ଉଚ୍ଚତା ବା ଦୀର୍ଘତା, ଲମ୍ବା
Statute, *s.* ବିଧି, ବ୍ୟବସ୍ଥା, ବିଧାନ, ଆଇନ, ଆଜ୍ଞା ।
Stave, *v.* ଭାଙ୍ଗିପକାଇବାର, ଖଣ୍ଡ ଖଣ୍ଡ-କ ।
Stay, *s.* ସ୍ଥିତ, ଅବସ୍ଥିତ ; prop, ଠେସ, ଖୁଣ୍ଟି । [ର-କ ; ଠେସ-ଦ ।
Stay, *v.* ରହିବାର, ଥିବାର, ବାସ-କ, ନିର୍ଭ-
Stays, *s.* କାଞ୍ଚୁଲି, ଅଙ୍ଗିଆ ; ଠେସାଦି ।
Stead, *s.* ସ୍ଥାନ ; ପରିବର୍ତ୍ତନ, ବଦଳ ; ଉପକାର
Steady, *a.* ସ୍ଥିର, ଧୀର, ଅଟଳ, ଅଚଞ୍ଚଳ, ନିର୍ଭୟ । [ଅଚଳମନ ।
Steadfast, *a.* ଦୃଢସ୍ଥାୟୀ, ଅଟଳ, ସ୍ଥିର,
Steak, *s.* ଭାଜଲାର ମାଂସଖଣ୍ଡ ।
Steal, *v.* ଚୋରି- ଅପହରଣ-କ ; move slily, ଲୁଚିଲୁଚିପେ ଚାଲିବାର ।

Stealth, *s.* ଗୋପନଚରଣ; by- ଗୁପ୍ତେ, ଲୁଚି-
ବାରେ ।
Steam, *s.* ବାଷ୍ପ, ଭାପ, ଘର୍ମ, ଧୂମ; -boat,
ବାଷ୍ପୀୟ ଜାହାଜ; -engine, ବାଷ୍ପୀୟ କଲ
Steed, *s.* ଘୋଡା, ଅଶ୍ୱ, ଘୋଟକ ।
Steel, *s.* ଇସ୍ପାତ, କାନ୍ତଲୌହ; ଚକ୍‌ମକ ।
Steel, *v.* ଇସ୍ପାତ ଲଗାଇବାର; କଠିନ ବା
ଶକ୍ତ-କ ।
Steelyard, *s.* ତୁଲାଦଣ୍ଡ ବା ତରାଜୁବିଶେଷ ।
Steep, *v.* ଜଳରେ ମଗ୍ନ-କ, ଭିଜାଇବାର,
ଓଦାଇବାର ।
Steep, *a.* ଗଡ଼ାଣି, ଢାଲୁଆ; ଉଚ୍ଚ ।
Steeple, *s.* ମନ୍ଦିରର ଚୂଡା ବା ଊର୍ଦ୍ଧ୍ୱଦେଶ ।
Steer, *s.* ଯୁବାବଳଦ, ଦାମୁଡ଼ ।
Steer, *v.* ମଙ୍ଗଧରି ଦ୍ୱାରା ନୌକା ବା ଜାହାଜ
ଚଳାଇବାର ।
Steerage, *s.* ଜାହାଜର ପଶ୍ଚାଭାଗ ବା ପିଛା
Steersman, *s.* କର୍ଣ୍ଣଧାର, ମାଝି, କାଣ୍ଡାରୀ ।
Stellar, *a.* ତାରାସମ୍ବନ୍ଧୀୟ, ନାକ୍ଷତ୍ରିକ ।
Stem, *s.* ବୃନ୍ତଦଣ୍ଡ; family, ବଂଶ, ଗୋତ୍ର;
ଅଗ୍ରଭାଗ । [ଅଟକାଇବାର ।
Stem, *v.* ସ୍ରୋତ ନିବାରଣ-କ, ଅମାଇବାର,
Stench, *s.* ଦୁର୍ଗନ୍ଧ, କୁବାସ, ପୂତିଗନ୍ଧ, ବଦ୍-
ବୋ । [ବଦ୍‌ବୁ ।
Stenography, *s.* ସଂକ୍ଷେପରୂପେ ଲେଖିବାର
Stentorian, *a.* ବଡ ଶବ୍ଦକାରୀ, ବଡପାଟିଆ ।
Step, *s.* ପାଦବିକ୍ଷେପ; କ୍ରମ, କ୍ରମଶଃ; କ୍ରିୟା,
ଗମନ; -by step, ପଦେ୨ । [ବାର ।
Step, *v.* ପାଦ ବିକ୍ଷେପ-କ, ଗୋଡପକାଇ-
Stepfather, *s.* ଉପପିତା; -mother,
ବିମାତା ବା ଉପମାତା ।
Stereotype, *s.* ସୁଦୃଢ଼ ସ୍ଥିର ଛାପାର ଅକ୍ଷର ।
Sterile, *a.* ବନ୍ଧ୍ୟା, ବାଞ୍ଝ; ଅନୁର୍ବର, ଅଫଳା
Sterility, *s.* ବନ୍ଧ୍ୟାତ୍ୱ, ଅଫଳାତ୍ୱ ବା ମରୁତ୍ୱ
Sterling, *s.* ଇଙ୍ଗ୍ଲଣ୍ଡୀୟ ପ୍ରକୃତ ମୁଦ୍ରା; -*a.*
ପ୍ରକୃତ, ଅକୃତ୍ରିମ ।
Stern, *s.* ଜାହାଜାଦିର ପଶ୍ଚାଦ୍ଭାଗ ବା ପିଷ୍ଟଭ ।
Stern, *a.* କଟ୍ଟୁ, କଠିନ, ନିଷ୍ଠୁର ।
Stew, *s.* ବେଶ୍ୟାଳୟ; ସିଦ୍ଧ ବ୍ୟଞ୍ଜନ ।
Stew, *v.* ଅଳ୍ପ ଜଳରେ ସିଝାଇବାର ।
Steward, *s.* ଭଣ୍ଡାରଘରିଆ, ଗୃହାଧ୍ୟକ୍ଷ;
ଖାନସମା । [ଖାନସମାଗିରି ।
Stewardship, *s.* ଗୃହାଧ୍ୟକ୍ଷର ପଦ ବା କର୍ମ,
Stibium, *s.* ରସାଞ୍ଜନ, ଅଞ୍ଜନ, କଜ୍ଜ୍ୱଲ ।
Stick, *s.* ବାଡି, ଦଣ୍ଡ, ଯଷ୍ଟି, ଲାଠି, ଛଡ ।
Stick, *v.* ଲଗାଇବାର, ଫୋଡି ମାରିବାର;
ଅଟକ-ହ; ସନ୍ଦେହ-କ । [ହ ।
Stickle, *v.* ବାଗ୍‌ଯୁଦ୍ଧ ବା ବିବାଦ-କ, ଏକପକ୍ଷ-
Stickler, *s.* ସ୍ୱପକ୍ଷରେ ଯତ୍ନବାନ ବ୍ୟକ୍ତି, କୌ-
ଣସି କଥାରେ ବିବାଦୀ ।
Sticky, *a.* ଅଠାପରି, ଅଠାବନ୍ତ, ଚଟଚଟିଆ ।
Stiff, *a.* ଅନମ୍ୟ, କଠୋର, ଶକ୍ତ, ଅବାଧ୍ୟ ।
Stiffen, *v.* ଅନମ୍ୟ-କ, ଦୃଢ଼ ବା କଠିନ-କ,
ଶକ୍ତ-ହ । [ଏଣ୍ଡୁଆ, ମଗର ।
Stiffnecked, *a.* ଅବାଧ୍ୟ, ଅନମ୍ୟ, ଶକ୍ତ,
Stifle, *v.* ନିଶ୍ୱାସ ବନ୍ଦ କ ରୋଧ-କ; ନିବାଇ-
ବାର । [ଅଶ୍ୟାଡ ।
Stigma, *s.* କଳଙ୍କ, ଚିହ୍ନ, ଦୋଷ, ଦାଗ,
Stigmatize, *v.* କଳଙ୍କ- କୁନାମ-ଦ, ଅପ-
Stile, *s.* ପାହାଚବିଶେଷ । [ବାଦ-ଦ ।
Stiletto, *s.* କ୍ଷୁଦ୍ରଖଡ୍ଗ, ଯମଧାର, କଟାର,
Still, *s.* ଚୂଆନିରପାତ୍ର, ମଦ୍ୟଭାଟୀ । [ଅସି ।
Still, *a.* ସ୍ଥିର, ଶାନ୍ତ, ନୀରବ, ଚୁପ୍ । [-କ ।
Still, *v.* ଶାନ୍ତ- ସୁସ୍ଥିର-କ, ଅମାଇବାର, ଚୁପ
Still, *ad.* ଅଦ୍ୟାବଧି, ଆଜଯାଏ; ତଥାଚ,
ତଥାପି ।

**Stillborn**, *a.* ମୃତଜାତ, ମଲଜନ୍ମ ।
**Stilts**, *s.* ରଣପା, ବାଳକମାନଙ୍କର ଚଢ଼ିବାର କାଷ୍ଠବିଶେଷ ।
**Stimulant**, *s.* କ୍ଷୁଧା ବା ରୁଚି ବା ଚେତନା-ଜନକ ଔଷଧ । [ବାର, ଚେତାଇବାର ।
**Stimulate**, *v.* ଉତ୍ସାହ ବା ପ୍ରବୃତ୍ତି ଜନ୍ମାଇ-
**Stimulus**, *s.* ପ୍ରବୃତ୍ତି, ଚେତାନ, ଉତ୍ତେଜନା,
**Sting**, *s.* ନାହୁଡ, ହୁଲ, ଦଂଶ । [ପ୍ରବର୍ତ୍ତନା ।
**Sting**, *v.* ନାହୁଡ ଫୁଟାଇବାର, କାମୁଡ଼ିବାର, ଦଂଶନ-କ; ବେଦନା-ଦ । [କାମ୍ପି ।
**Stingy**, *a.* କୃପଣ, ଅଦାତା, ବ୍ୟୟକୁଣ୍ଠ,
**Stink**, *s.* ଦୁର୍ଗନ୍ଧ, କୁବାସ, ସଡାଗନ୍ଧ, ବଦ୍‌ବୋ
**Stint**, *v.* ସୀମା- ବନ୍ଧ-କ; ଅଳ୍ପବ୍ୟୟ-କ ।
**Stipend**, *s.* ବେତନ, ମହିନା, ଦରମା, ତଲବ
**Stipendiary**, *s.* ବେତନଗ୍ରାହୀ, ବେତନଜୀବୀ, ବୃତ୍ତିଭୋଗୀ । [ବସର-କ ।
**Stipulate**, *v.* ନିୟମ-କ, ବନ୍ଦୋବସ୍ତ-କ ବା
**Stipulation**, *s.* ନିୟମ, ପଣ, ନିର୍ଦ୍ଧାରଣ, ବନ୍ଦୋବସ୍ତ ।
**Stir**, *s.* ଗୋଳ, କୋଳାହଳ, ହୁଡାହୁଡ଼ି ।
**Stir**, *v.* ସ୍ଥାନାନ୍ତର କ ଚେତନା-ଦ, ପ୍ରବୃତ୍ତି-ଜନ୍ମାଇବାର ।
**Stirrup**, *s.* ଘୋଡାର ଜିନର ରେକାବ ।
**Stitch**, *s.* ସିଲାଇ, ଟାଙ୍କ; sharp pain, ହଠାତ୍ ବେଦନା ।
**Stitch**, *v.* ଟାଙ୍କିବାର, ସିଁଇବାର, ସିଲାଇ-କ ।
**Stock**, *s.* ମୂଳଧନ, ପୁଞ୍ଜି; race, ବଂଶ, ଗୋତ୍ର; -of a tree, ଗଛର ଗଣ୍ଡି ବା ଗଡ; store, ଦ୍ରବ୍ୟସମୂହ ।
**Stock**, *v.* ପୁଞ୍ଜି- ସଞ୍ଚୟ- ବା ଜମା- ପୂର୍ଣ୍ଣ-କ ।
**Stockade**, *s.* କାଷ୍ଠନିର୍ମିତବେଢ଼ା ବା ଗଡ ।
**Stocking**, *s.* ଗୋଡର ମୋଜା, ପାଦାଭରଣ
**Stocks**, *s.* ହରକାଠ, ନିଗଡ, ପାଦବନ୍ଧନୀ ।

**Stoic**, *s.* କାମ କ୍ରୋଧାଦି ରହିତବ୍ୟକ୍ତି ।
**Stoicism**, *s.* ଶମ, ବୈରାଗ୍ୟ, ଅନଭିଳାଷ, ଅନନୁରାଗ ।
**Stoker**, *s.* ଅଗ୍ନିର ତତ୍ତ୍ୱାବଧାରକ ।
**Stole**, *s.* ଓଢ଼ଣିବସ୍ତ୍ର, ଲମ୍ବା ଜାମା ବା ରାଜବସ୍ତ୍ର
**Stolen**, *a.* ଚୋରିତ, ଅପହୃତ ।
**Stomach**, *s.* ଉଦର, ପେଟ; ରୁଚି, ଇଚ୍ଛା; ଅହଙ୍କାର । [ବାର ।
**Stomach**, *v.* କ୍ରୋଧାନ୍ୱିତ-ହ; to- ସହିପାରି-
**Stomacher**, *s.* ସ୍ତ୍ରୀର ବକ୍ଷସ୍ଥଳର ଆଭରଣ ।
**Stone**, *s.* ପଥର, ପ୍ରସ୍ତର, ଶିଳା, ପାଷାଣ; a gem, ରତ୍ନ; a disease, ଅଶ୍ମରୀ; kernel, ବୀଜ, ଟାକୁଆ । [ବାର ।
**Stone**, *v.* ପ୍ରସ୍ତରାଘାତ-କ, ପଥର ଫୋପାଡ଼ି-
**Stony**, *a.* ପ୍ରସ୍ତରମୟ, ପଥରପରି, କଠିନ ।
**Stool**, *s.* କାଷ୍ଠାସନ, ପିଢ଼ା; foot- ପାଦପୀଠ; evacuation, ଝାଡା ।
**Stoop**, *v.* ମୁଣ୍ଡ ନୁଆଁଇବାର, ନତ ବା ନମ୍ର-ହ, ବଶ-ହ ।
**Stop**, *s.* ପଦଚ୍ଛେଦ ଚିହ୍ନ; ବାଧା; ସ୍ଥିତି ।
**Stop**, *v.* ସ୍ଥଗିତ-କ, ଥିବାର, ଅଟକ- ବନ୍ଦ-କ ।
**Stoppage**, *s.* ବାଧା, ଅଟକ, ବ୍ୟାଘାତ, ନିବାରଣ, ନିଷେଧ ।
**Store**, *s.* ପୁଞ୍ଜି, ସଞ୍ଚିତଦ୍ରବ୍ୟ; ବାହୁଲ୍ୟ, ଭଣ୍ଡାର
**Store**, *v.* ସଞ୍ଚୟ-କ, ସଂସ୍ଥାନ-କ, ଏକତ୍ର-କ ।
**Storehouse**, *s.* ଭଣ୍ଡାର, ଅମାର, ଗୋଲା, ଗୁଦାମ, ଗଞ୍ଜ ।
**Stork**, *s.* ବକ ଜାତୀୟ ପକ୍ଷିବିଶେଷ ।
**Storm**, *s.* ପ୍ରଚଣ୍ଡବାୟୁ, ଝଡ; ତୋଫାନ, ଆକ୍ରମଣ, ଚଢ଼ାଉ ।
**Storm**, *v.* ଚଢ଼ାଉ- ଆକ୍ରମଣ- ତର୍ଜନଗର୍ଜ୍ଜନ-କ ।
**Stormy**, *a.* ତୋଫାନ, ଝଡମୟ; passionate, କୁପିତ, ପ୍ରଚଣ୍ଡ ।

Story, *s.* ଉପକଥା, କାହାଣୀ, ଇତିହାସ, ବୃତ୍ତାନ୍ତ; -of house, ଘରର ତାଲା ।
Stout, *a.* ବଳବାନ୍, ବିକ୍ରମୀ; ମାଂସଳ, ମୋଟା, ସ୍ଥୂଳକାୟ ।
Stoutly, *ad.* ଶକ୍ତିରୂପେ, ସାହସପୂର୍ବକ ।
Stove, *s.* ଅଗ୍ନିକୁଣ୍ଡ, ଲୁହାନିର୍ମିତ ଚୁଲ୍ଲୀ ।
Stow, *v.* ସଞ୍ଚୟ-କ, ସଜାଇ ରଖିବାର, ଥୋଇ-ଦ । [ସ୍ଥାନ ବା ମୂଲ୍ୟ ।
Stowage, *s.* ସଜାଇ ରଖିବାର କର୍ମ ବା
Straddle, *v.* ଗୋଡ ମେଲାଇ ବା ଫର୍କଟା-କରି ଚାଲିବାର ।
Straggle, *v.* ଏଣେତେଣେ ବୁଲିବାର, ପଥ ଛାଡ ଭ୍ରମଣ-କ ।
Straggler, *s.* ଏଣେତେଣେ ଭ୍ରମଣକାରୀ ।
Straight, *a.* ସରଳ, ସଳଖ, ସିଧା, ଠିକ ।
Straighten, *v.* ସରଳ ବା ସଳଖ-କ, ବାଙ୍କ ସିଙ୍ଗିବାର । [ଅବଲମ୍ବ ।
Straightway, *ad.* ତତ୍କ୍ଷଣାତ୍, ଏହିକ୍ଷଣେ,
Strain, *s.* ଟାଣ; କହିବାର ଧାସ ବା ରୀତି; ସ୍ୱର; ଗାନ ।
Strain, *v.* ଛାଣିବାର; ଟାଣିବାର, ଝାଙ୍କିବାର ।
Strainer, *s.* ଚାଲୁଣୀ, ଛାଙ୍କୁଣୀ । [କ୍ଲେଶ ।
Strait, *s.* ମୋହାନା; ଡମରୁମଧ୍ୟ; କଷ୍ଟ,
Strait, *a.* ସଙ୍କୀର୍ଣ୍ଣ, ଅପ୍ରଶସ୍ତ, ସାନ; କଠିନ ।
Strait, *v.* ସଙ୍କୀର୍ଣ୍ଣ-କ, ସରୁ-କ; ପୀଡା ବା କ୍ଲେଶ-ଦ ।
Straitly, *ad.* ଦୃଢରୂପେ, କଠିଣରୂପେ ।
Strand, *s.* ତଟ, ଧାର, ନଦୀତୀରସ୍ଥ ଭୂମି, ସମୁଦ୍ର ପଠାର । [ଲାଗିବାର ।
Strand, *v.* କନାରକୁ ଠାକିବାର, ଚଡାରେ
Strange, *a.* ଅସଙ୍ଗତ, ଅଦ୍ଭୁତ, ଆଶ୍ଚର୍ଯ୍ୟ, ଅପରିଚିତ ।
Strangely, *ad.* ଆଶ୍ଚର୍ଯ୍ୟରୂପେ, ଅଦ୍ଭୁତରୂପେ

Stranger, *s.* ବିଦେଶୀ, ଅପରିଚିତବ୍ୟକ୍ତି, ଅତିଥି । [ଫାସି-ଦ ।
Strangle, *v.* ନିଶ୍ୱାସ ବନ୍ଦକରି ମାରିବାର,
Strangury, *s.* ମୂତ୍ରକୃଚ୍ଛ୍ର, କଷ୍ଟରେ ମୂତ୍ରପାତ
Strap, *s.* ପଟୀ, ଚର୍ମପଟୀ, ଚର୍ମବନ୍ଧନୀ ।
Stratagem, *s.* ଛଳ, କୌଶଳ, ଉପାୟ, ଫାନ୍ଦ ।
Stratify, *v.* ଥାକରେ ବା ପ୍ରସ୍ତରେ ସଜାଇବାର ।
Stratum, *s.* ଥାକ, ପ୍ରସ୍ତ, ରଦା । [ଗୁଲି ।
Straw, *s.* ନଡା; ପାଲ, କୁଟା, କଚଡା, ବି-
Strawberry, *s.* ଫଳବିଶେଷ । [ଭ୍ରମିବାର ।
Stray, *v.* ଅବାଟେ ଯିବାର, ପଥ ଭୁଲିବାର,
Streak, *s.* ରେଖା, ଗାର; ଚିହ୍ନ; କିରଣ ।
Stream, *s.* ସ୍ରୋତ, ପ୍ରବାହ; -*v.* ସ୍ରୋତ-ବହିବାର, ପ୍ରବାହିତ-ହ ।
Streamer, *s.* ପତାକା, ବାନା, ଧ୍ୱଜା, ନିଶାଣ
Streamlet, *s.* କ୍ଷୁଦ୍ର ବା ସାନ ନଦୀର ସ୍ରୋତ ।
Street, *s.* ନଗରର ପଥ, ସଡକ, ବାଟ, ଦାଣ୍ଡ, ମାର୍ଗ, ରସ୍ତା । [ସାମର୍ଥ୍ୟ, ତେଜଃ ।
Strength, *s.* ଶକ୍ତି, ଶରୀରର ବଳ, ଜୋର,
Strengthen, *v.* ସବଳ-କ, ଶକ୍ତିମାନ୍-କ; ଆଶ୍ୱାସ କ ଉପକାର-ଦ । [ବଳିଆର ।
Strenuous, *a.* ବ୍ୟଗ୍ର, ଉଦ୍ଯୋଗୀ; strong,
Stress, *s.* ଗୁରୁତ୍ୱ, ଜୋର, ଟାଣ; ଭର ।
Stretch, *s.* ବିସ୍ତାର, ଲମ୍ବା, ପ୍ରସାର; effort, ଯତ୍ନ, ଉଦ୍ୟମ । [ବଢାଇବାର ।
Stretch, *v.* ପ୍ରସାରିବାର, ଓଟାରି ଲମ୍ବା-କ,
Strew, *v.* ବୁଣିବାର, ଛଡାଇବାର, ଛିଟାଇବାର । [ବୟଃପ୍ରାପ୍ତ ।
Stricken, *a.* ପ୍ରହାରିତ, ଆହତ; in years,
Strict, *a.* କଠିନ, ଦୃଢ; ଠିକ, ଯଥାର୍ଥ ।
Stricture, *s.* ଅଙ୍ଗଗ୍ରହ; criticism, ଗ୍ରନ୍ଥର ଦୋଷାଦୋଷ କଥନ ।

Stride, *s.* ଦୀର୍ଘପାଦ ନିକ୍ଷେପ ।
ପକାଇବାର ।
Stride, *v.* ଗୋଡ ଲମ୍ବାଇ ବା ବଢାଇ
Strife, *s.* ବିବାଦ, ବିରୋଧ, କଜିଆ, ଝଗଡା ।
Strike, *v.* ଅଘାତ- ପ୍ରହାର-କ, ମାରିବାର, ବାଜିବାର, ପିଟିବାର ।
Striking, *a.* ଚମତ୍କାର, ଆଶ୍ଚର୍ଯ୍ୟ ।
String, *s.* ରଜ୍ଜୁ, ଦୌଡି, ସୂତଲି; -of an instrument, ବାଦ୍ୟଯନ୍ତ୍ରର ତାର ।
String, *v.* ମାଳା ଗୁନ୍ଥିବାର, ଗ୍ରନ୍ଥନ-କ ।
Stringed, *a.* ସୂତାର, ତନ୍ତ୍ରଯୁକ୍ତ, ସସୂତ୍ର ।
Stringent, *a.* ବନ୍ଧନକାରୀ, ବନ୍ଧକ, ସଙ୍କୋଚକ ।
Stringy, *a.* ସୂତ୍ରମୟ, ଅଁଶୁଆ, ଚେରୁଆ ।
Strip, *s.* ପଟେ, ଖଣ୍ଡେ, ଟୁକୁରା ।
Strip, *v.* ନଙ୍ଗଳା କି ବିବସ୍ତ୍ର-କ, ଛାଲ ତୋଳିବାର; ଲୁଟି-କ । [ଅଘାତ ବା ଦାଗ ।
Stripe, *s.* ରେଖା, ଚିହ୍ନ; ମାଡ, ଚାବୁକର
Striped, *a.* ଚିହ୍ନବଚିହ୍ନ, ରେଖାଯୁକ୍ତ ।
Stripling, *s.* ଯୁବା ପୁରୁଷ, ଡେଙ୍ଗାଟୋକା ।
Strive, *v.* ଉଦ୍ୟମ ବା ଯତ୍ନ-କ; ବିବାଦ-କ ।
Stroke, *s.* ଅଘାତ, ଘା; ମାଡ, ରେଖା ।
Stroke, *v.* ସ୍ନେହପୂର୍ବକ ହାତ ବୁଲାଇବାର ।
Stroll, *v.* ଭ୍ରମଣ-କ, ଏଣେତେଣେ ବୁଲିବାର
Strong, *a.* ବଳବାନ୍, ବଳିଷ୍ଠ, ଟାଣ, ଶକ୍ତ ।
Stronghold, *s.* ଦୁର୍ଗ, ଦୃଢଦୁର୍ଗ, ଗଡ, ଆଶ୍ରୟସ୍ଥାନ । [ଚମଡା ।
Strop, *s.* କ୍ଷୁରଧାର ଧାର ବା ତେଜ କରିବାର
Structure, *s.* ଗୁନ୍ଥନ, ଗାନ୍ଥନୀ; form, ଆକୃତ, ଗଠଣ; ଅଟ୍ଟାଳିକା ।
Struggle, *v.* ଯତ୍ନ ବା ଉଦ୍ଯୋଗ-କ; ବାହୁଯୁଦ୍ଧ-କ ।
Strumpet, *s.* ବେଶ୍ୟା, କସବା, କୁଳଟା ।
Strut, *v.* ଗର୍ବ କି ଦେହ ଫୁଲାଇ ଚାଲିବାର ।
Stubble, *s.* ନଡା, ଛଣ, କଚଡା । [ମଗସ୍ତ ।
Stubborn, *a.* ଅବଶ, ଅବାଧ୍ୟ, ଥେଣ୍ଟା,
Stucco, *s* ଚୂନବିଶେଷ; ଚୂନକାମ ।
Stud, *s.* ପଲ ବଢିବାର ଘୋଡା ଘୋଡାର- ସମୂହ; ମେଖ, କଳା । [ବାର ।
Stud, *v.* ବାରମ୍ବାର ପ୍ରେକ ବା ମେଖମାରି-
Student, *s.* ବିଦ୍ୟାର୍ଥୀ, ପଢୁଆ, ଶିଷ୍ୟ, ଛାତ୍ର ।
Studied, *a.* ଅଭ୍ୟସ୍ତ, ଶିକ୍ଷିତ, ବିବେଚିତ, ପୂର୍ବେ କଳ୍ପିତ ।
Studious, *a.* ଅଭ୍ୟାସୀ, ମନୋଯୋଗୀ, ପାଠେଚ୍ଛୁକ ।
Studiously, *ad.* ମନୋଯୋଗ ବା ଯତ୍ନପୂର୍ବକ
Study, *s.* ଅଧ୍ୟୟନ, ପଠନ; ଧ୍ୟାନ, ଚିନ୍ତା; ପାଠଗୃହ । [-କ ।
Study, *v.* ବିଦ୍ୟାଭ୍ୟାସ-କ, ଶିଖିବାର, ଧ୍ୟାନ
Stuff, *s.* ଦ୍ରବ୍ୟ, ପଦାର୍ଥ, ସାମଗ୍ରୀ; ବସ୍ତ୍ରବିଶେଷ
Stuff, *v.* ଠେସି ପୁରାଇବାର ବା ଭରିବାର; ଅତି ଭୋଜନ-କ ।
Stuffing, *s.* ମାଂସର ସୁସ୍ୱାଦୁକର ମଶଲାଦ୍ରବ୍ୟ
Stultify, *v.* ଅଜ୍ଞାନତା ପ୍ରକାଶ-କ ।
Stumble, *v.* ଝୁଣ୍ଟି ପଡିବାର, ଠୋକର ଖାଇବାର; ଭୁଲ ବା ଭ୍ରମ-କ ।
Stumbling-block, *s.* ବାଧା, ବ୍ୟାଘାତ, ଝୁଣ୍ଟିବାର କାରଣ ।
Stump, *s.* ଗଛର ଗଣ୍ଡି ବା ଗଡ ବା ମୁଣ୍ଡା ।
Stun, *v.* ଅଘାତଦ୍ୱାରା ମୂର୍ଚ୍ଛିତ ବା ଅଚେତନ-କ; ବଧିର-କ ।
Stunt, *v.* ବୃଦ୍ଧିର ବାଧା-କ; ଛୋଟ-କ ।
Stupefaction, *s.* ଅଚୈତନ୍ୟ, ଭ୍ରମି, ମୂର୍ଚ୍ଛାବସ୍ଥା । [ଅଦ୍ଭୁତ ।
Stupendous, *a.* ବୃହତ୍, ବଡ, ଅତିଶୟ,
Stupid, *a.* ଜଡ, ଅବୋଧ, ମୂର୍ଖ, ଅଜ୍ଞାନ ।

**Stupidity,** *s.* ଜଡତା, ମୂର୍ଖତା, ଅଜ୍ଞାନତା ।
**Stupify,** *v.* ଅଚେତନ-କ, ଜଡ ବା ମୂର୍ଚ୍ଛାପନ୍ନ-କ ।
**Stupor,** *s.* ଅଚୈତନ୍ୟ, ମୂର୍ଚ୍ଛାପନ୍ନ, ଘୋରସ୍ୱପ୍ନ ।
**Sturdy,** *a.* ଶକ୍ତ, ବଳବାନ୍, ସବଳ, ମୋଟା; ଏକଗୁଁଆ ।
**Stutter,** *v.* ତୋତଲ ବା ଅସ୍ପଷ୍ଟ ଶବ୍ଦ-କହ ।
**Sty,** *s.* ଘୁଷୁରିର ଖୁଆଡ ବା ଘର; in eyelid, ଅକ୍ଷିର ବ୍ରଣ ।
**Stygian,** *a.* ନାରକୀୟ, ବୈତରଣୀ ସମ୍ବନ୍ଧୀୟ
**Style,** *s.* ଲେଖା ବା କଥାର ଧାରା; title, ପଦବୀ, ଉପାଧି, ସଂଜ୍ଞା ।
**Style,** *v.* ସଂଜ୍ଞା-ଦ, ନାମ ରଖିବାର, ଉପାଧି-ଦ
**Suasion,** *s.* ପ୍ରବୃତ୍ତି, ବୁଝବୋଧ ।
**Suavity,** *s.* ମିଷ୍ଟତା, ମୃଦୁତା, ନମ୍ରତା ।
**Subaltern,** *s.* ଅପ୍ରଧାନ ସେନାପତି; କନିଷ୍ଠପଦସ୍ଥବ୍ୟକ୍ତି ।
**Subdivide,** *v.* ପୁନର୍ବିଭାଗ ବା ଅଂଶ-କ ।
**Subdue,** *v.* ବଶୀଭୂତ- ଅଧୀନ ବା ପରାସ୍ତ-କ ।
**Subdued,** *a.* ବଶୀଭୂତ, ଜିତ, ଆୟତ୍ତ ।
**Subject,** *s.* ପ୍ରଜା, ରଇତ; ବିଷୟ, ପ୍ରସଙ୍ଗ, ବୃତ୍ତାନ୍ତ । [ଦାୟୀ ।
**Subject,** *a.* ଅଧୀନ, ବଶୀଭୂତ, ଦାୟଗ୍ରସ୍ତ,
**Subject,** *v.* ଅଧୀନ ବା ପରାସ୍ତ-କ; to expose, ଦାୟରେ ପକାଇବାର ।
**Subjection,** *s.* ଅଧୀନତା, ବଶତା, ଆୟତ୍ତତା
**Subjoin,** *v.* ଅନ୍ତେଯୋଗ-କ, ସଂଯୋଗ-କ ।
**Subjugate,** *v.* ବଶ ବା ଦମନ- ପରାଜୟ-କ
**Subjunction,** *s.* ଅନ୍ତେ ବା ପଶ୍ଚାତ ଯୋଗକରଣ ।
**Sublimate,** *v.* ପାରଦ ଭସ୍ମ- ବାଷ୍ପସାତ୍-କ ।
**Sublime,** *a.* ପରମ, ମହତ, ଶ୍ରେଷ୍ଠ, ସର୍ବୋତ୍ତମ

**Sublimity,** *s.* ମହତ୍ଭାବ, ଉତ୍ତମତା, ଉଚ୍ଚତା, ଶ୍ରେଷ୍ଠତା । [ପାର୍ଥିବ ।
**Sublunary,** *a.* ଚନ୍ଦ୍ରାଧଃସ୍ଥିତ, ପୃଥିବୀସ୍ଥ,
**Submerge,** *v.* ବୁଡାଇବାର, ଜଳରେ ମଗ୍ନ-କ । [ମା, ଶାନ୍ତ ।
**Submission,** *s.* ଅଙ୍ଗୀକାରତା, ସହିଷ୍ଣୁତା, କ୍ଷ-
**Submissive,** *a.* ଆଜ୍ଞାବହ, ସହିଷ୍ଣୁ, ନମ୍ର, ବିନୟୀ । [ନତା ସ୍ୱୀକାର୍-କ ।
**Submit,** *v.* ବଶୀଭୂତ-ହ, ସମର୍ପଣ-କ, ଅଧୀ-
**Subordinate,** *a.* ଅପ୍ରଧାନ, ଅଧୀନ, ସାନ ।
**Subordination,** *s.* ବଶତା, ଅଧୀନତା, ଭାବେ । [ପ୍ରବୃତ୍ତ-କ ।
**Suborn,** *v.* ଲୋଭ ଦେଖାଇ କୁକର୍ମରେ
**Subpœna,** *s.* ଆଜ୍ଞାପତ୍ର, ତଲବଚିଠି, ସପିନା । [କାର୍-କ ।
**Subscribe,** *v.* ସ୍ୱାକ୍ଷର ବା ଦସ୍ତଖତ-କ, ସ୍ୱୀ-
**Subscriber,** *s.* ଚାନ୍ଦାରେ ଆପଣାର ନାମ ଯେ ସହି କରଇ ।
**Subscription,** *s.* ସ୍ୱାକ୍ଷର, ସହି, ଚାନ୍ଦା; -book, ଚାନ୍ଦାବହି । [ଶ୍ଚାତ୍ ।
**Subsequent,** *a.* ଉତ୍ତର, ପଛର, ବାଦ, ପ-
**Subsequently,** *ad.* ଉପରେ, ପଛେ, ଅନନ୍ତରେ । [ର୍ତ୍ତୀ-ହ, ଉପକାର-କ ।
**Subserve,** *v.* ସେବା-କ, ଆଜ୍ଞାର ଅନୁବ-
**Subservient,** *a.* ଉପଯୋଗୀ, ପରାଧୀନ, ସେବାକାରୀ । [ନିବୃତ୍ତ ବା ସ୍ଥିର-ହ ।
**Subside,** *v.* ସମତାପାଇବାର, ଥାମିବାର,
**Subsidence,** *s.* ଅଧଃପତନଶୀଳତା ।
**Subsidiary,** *a.* ସାହାଯ୍ୟକାରୀ, ସହକାରୀ, ଉପକାରୀ । [ସହାୟତା ।
**Subsidy,** *s.* ଅର୍ଥ ବା ଧନଦ୍ୱାରା ଉପକାର,
**Subsist,** *v.* ବଞ୍ଚିବାର, ବର୍ତ୍ତମାନଥିବାର, ନିର୍ବାହ-ହ ।

Subsistence, *s.* ଉପଜୀବିକା, ଜନପାତ, ଜୀ-ବନୋପାୟ । [ତି; ସ୍ଥିତି ।
Substance, *s.* ସାରଭାଗ; ବସ୍ତୁ, ଧନ; ଦେ-
Substantial, *a.* ଯଥାର୍ଥ, ପ୍ରକୃତ, ସତ୍ୟ; ଦେହୀ, ବଳି । [ଯଥାର୍ଥରୂପେ ।
Substantially, *ad.* ନିତାନ୍ତ ବା ଶକ୍ତ ବା
Substantiate, *v.* ସାବ୍ୟସ୍ତ-କ, ସାବ୍ୟସ୍ତ-କ, ପ୍ରମାଣ ବା ନିଷ୍ପନ୍ନ-କ । [ବାଚକ ସଂଜ୍ଞା ।
Substantive, *s.* ବିଶେଷ୍ୟପଦ ବା ଦ୍ରବ୍ୟ-
Substitute, *s.* ପ୍ରତିନିଧି, ବଦଳୀ, ଜାମୀନ ।
Substitute, *v.* ପ୍ରତିନିଧି-ଦ, ବଦଳୀ-ଦ, ଏ-କର ସ୍ଥାନରେ ଅନ୍ୟକୁ ରଖିବାର ।
Substitution, *s.* ପରିବର୍ତ୍ତ, ବଦଳ, ପାଲଟ ।
Subterfuge, *s.* ଛଳ, ପ୍ରବଂଚନା, ବାହାନା ।
Substratum, *s.* ତଳର ରଦା ବା ଥାକ ।
Subterranean, *a.* ଭୂମିର ତଳସ୍ଥ ବା ଅନ୍ତ-ରସ୍ଥ । [ଚତୁର ।
Subtile, *a.* ସୂକ୍ଷ୍ମ, କ୍ଷୀଣ, ସରୁ, ଲଘୁ; ଧୂର୍ତ୍ତ,
Subtilty, *s.* ସୂକ୍ଷ୍ମତା, ସରୁଭାବ, ଛଳତା, ଧୂର୍ତ୍ତତା ।
Subtilize, *v.* ଅତିସୂକ୍ଷ୍ମ- ପାତଳ ବା ସରୁ-କ ।
Subtle, *a.* ଧୂର୍ତ୍ତ, ଚତୁର, ଖଳ, ଶଠ, ଶିଆଣା
Subtract, *v.* ବାଦ-ଦ, କମ କ ଊଣା-କ, ଅପହରଣ-କ । [ନ୍ୟୂନ ବା ଅଳ୍ପକରଣ ।
Subtraction, *s.* ବ୍ୟବକଳନ, ଜମାଖରଚ,
Suburbs, *s.* ନଗରର ପ୍ରାନ୍ତଭାଗ, ସହରର ଘରଆଡେ । [ଧ୍ୱଂସ ।
Subversion, *s.* ସମୂଳୋତ୍ପାଟନ, ବିନାଶ,
Subversive, *a.* ଉତ୍ପାଟକ, ନାଶକ, ଧ୍ୱଂସକ ।
Subvert, *v.* ଉତ୍ପାଟନ- ବିନାଶ- ଧ୍ୱଂସ-କ ।
Succeed, *v.* କ୍ରମାନୁସାରେ ଚାଲିବାର, ବଦ-ଳୀ-ହ; ସଫଳ ବା କୃତାର୍ଥ-ହ । [ପ୍ରାପ୍ତି ।
Success, *s.* କୃତକାର୍ଯ୍ୟ ବା ଇଷ୍ଟସିଦ୍ଧି, ଫଳ-
Successful, *a.* କୃତାର୍ଥ, ସଫଳ, ଭାଗ୍ୟବନ୍ତ ।
Succession, *s.* ଅନୁକ୍ରମ, ପାରମ୍ପର୍ଯ୍ୟ; lineage, ବଂଶ, କୁଳ । [ମ୍ପରିକ ।
Successive, *a.* ଆନୁକ୍ରମିକ, କ୍ରମାଗତ, ପାର-
Successor, *s.* ଉତ୍ତରାଧିକାରୀ, କ୍ରମବର୍ତ୍ତୀ, ବଦଳୀ
Succinct, *a.* ସଂକ୍ଷିପ୍ତ, ଲଘୁ, ସାନ, ଅଳ୍ପ ।
Succour, *s.* ସହାୟତା, ଉପକାର, ରକ୍ଷା, ଆଶ୍ରୟ ।
Succulent, *a.* ସରସ, ରସାଳ, ରସଯୁକ୍ତ ।
Succumb, *v.* ନଇଁପଡିବାର, ବଶୀଭୂତ-ହ, ପରାସ୍ତ-ହ । [ଏତାଦୃଶ ।
Such, *pr.* ଏମନ୍ତ, ଏମତ, ଏରୂପ, ଏପ୍ରକାର,
Suck, *v.* ଶୋଷିବାର, ସ୍ତନପାନ-କ, ଦୁଗ୍ଧ-ଖାଇବାର ।
Sucker, *s.* ଅଙ୍କୁର, ପଲ୍ଲବ; ଶୋଷକ ।
Suckle, *v.* ସ୍ତନପାନ-କ, ଦୁଗ୍ଧ-ଦ । [ବାଳକ ।
Suckling, *s.* ଦୁଗ୍ଧପୋଷ୍ୟଶିଶୁ, ଦୁଧଖିଆ
Suction, *s.* ଶୋଷଣ, ଶୋଷିବାର କର୍ମ, ରସାକର୍ଷଣ ।
Sudden, *a.* ହଠାତ୍, ଅକସ୍ମାତ୍, ଅଚମ୍ବିତ ।
Sudorific, *a.* ସ୍ୱେଦ ବା ଝାଳଜନକ; *s.* ସ୍ୱେଦକା-
Suds, *s.* ସାବୁନ ଜଳର ଫେଣ । [ରୀଔଷଧ ।
Sue, *v.* ପ୍ରାର୍ଥନା-କ, ଗୁହାରି ବା ନାଲିଶ-କ ।
Suet, *s.* ଚରବି, ବସା, ଚର୍ବି ।
Suffer, *v.* ଭୋଗ-କ, ସହିବାର; ଅନୁମତି-ଦ ।
Sufferance, *s.* ଅନୁମତି; ସହିଷ୍ଣୁତା; ଦୁଃଖ-ଭୋଗ । [କ୍ଲେଶ ।
Sufferer, *s.* ଦୁଃଖଭୋଗୀ, ପୀଡିତ, ସହିବା
Suffering, *s.* ଦୁଃଖଭୋଗ, ବେଦନା, ଯନ୍ତ୍ରଣା
Suffice, *v.* ପ୍ରଚୁର- ବହୁତ- ଯଥେଷ୍ଟ-ହ, ଅଣ୍ଟିବାର ।
Sufficiency, *s.* ବାହୁଲ୍ୟ, ବିସ୍ତାର, ପ୍ରଚୁରତା ।
Sufficient, *a.* ପ୍ରଚୁର, ଯଥେଷ୍ଟ, ବହୁତ ।

Suffocate, *v.* ଶ୍ୱାସବନ୍ଦ-କ, ଗଳାଚିପି ମାରି-
ବାର ।
Suffrage, *s.* ସମ୍ମତି, ସ୍ୱୀକାର, ଅଙ୍ଗୀକାର ।
Suffuse, *v.* ବ୍ୟାପିବାର, ବିସ୍ତାରିତ-ହ ।
Sugar, *s.* ଚିନି, ନବାତ, ଶର୍କରା, କନ୍ଦ;
-candy, ମିଶିରି ।
Sugar-cane, *s.* ଆଖୁ, ଇକ୍ଷୁ ।
Suggest, *v.* ସଙ୍କେତରେ କହିବାର; ପରା-
ମର୍ଶ-ଦ, ଜ୍ଞାତ-କ । [ପରାମର୍ଶ, ଶିକ୍ଷାକଥା ।
Suggestion, *s.* ସଙ୍କେତବାକ୍ୟ, ଠାର; ପ-
Suicide, *s.* ଆତ୍ମହତ୍ୟା, ଆତ୍ମଘାତକ ବା ଘାତୀ
Suit, *s.* a set, ପ୍ରସ୍ଥ, ଯୋଡା; ଅନୁଚରସ-
ମୂହ; petition, ପ୍ରାର୍ଥନା; lawsuit, ମକ-
ଦମା ।
Suit, *v.* ଉପଯୁକ୍ତ-ହ, ଯୋଗ୍ୟ-ହ, ମିଳିବାର ।
Suitable, *a.* ଉପଯୁକ୍ତ, ଯୋଗ୍ୟ, ଉଚିତ,
ତୁଲ୍ୟ । [ସକ; ବିବାହାର୍ଥୀ ।
Suitor, *s.* ନିବେଦନକାରୀ, ପ୍ରାର୍ଥକ, ଉପା-
Sulky, *a.* ବିରକ୍ତମୁଖ, ମଉସ ।
Sullen, *a.* ଅଭିମାନୀ, ଅପ୍ରସନ୍ନ ବା ବିଷଣ୍ଣ ମୁଖ
Sully, *v.* ମଳିନ-କ, ଦାଗ କ କଳଙ୍କ-ଦ ।
Sulphur, *s.* ଗନ୍ଧକ, ଗନ୍ଧପାଷାଣ ବା ପଥର
Sulphuric-acid, *s.* diluted, ଦ୍ରାବକ ।
Sultan, *s.* ତୁରୁଷ୍କ ଦେଶୀୟ ରାଜା, ସୁଲ-
ତାନ, ବାଦଶାହ ।
Sultana, *s.* ତୁରୁଷ୍କଦେଶୀୟ ରାଣୀ ।
Sultry, *a.* ଗ୍ରୀଷ୍ମ, ବର୍ଷାକାଳର ଗରମ ଦିନ ।
Sum, *s.* ମୋଟ, ଗାଏ, ସମୁଦାୟ, ଏକୁନ୍, ସାର
Sum, *v.* ସଂଖ୍ୟା- ମୋଟ-କ, ଠିକ-ଦ, ଗଣ-
ନା-କ । [କଥାର; ଶୀଘ୍ର, ଝଟତି ।
Summarily, *ad.* ସଂକ୍ଷେପ, ମୋଟେ, ଅଳ୍ପ
Summary, *s.* ସଂକ୍ଷିପ୍ତ, ଚୁମ୍ବକ, ଅଳ୍ପ; -*s.*
ସାରସଂଗ୍ରହ, ସଂକ୍ଷେପ ।

Summer, *s.* ଗ୍ରୀଷ୍ମ ବା ଖରାକାଳ; -house,
ବଗିଚାର ବୈଠକ ଘର । [ଭୋଗ ।
Summit, *s.* ଚୂଡା, ଅଗ୍ର, ମୁଣ୍ଡ, ଶିଖା, ଉପର
Summon, *v.* ଡାକିବାର, ତଲବ- ଆହ୍ୱାନ-କ
Summons, *s.* ଡାକବାଚିଟି, ତଲବପତ୍ର, ସମନ
Sumptuous, *a.* ବହୁମୂଲ୍ୟ; ସବ୍ୟୟୀ, ଅବ୍ୟ-
ୟଶୀଳ । [of- ଖରା ।
Sun, *a.* ସୂର୍ଯ୍ୟ, ଦିବାକର, ରବି, ପ୍ରଭାକର; hot
Sunbeam, *s.* ସୂର୍ଯ୍ୟକିରଣ ବା ରଶ୍ମି ।
Sunburnt, *a.* ଖରା କାଟିଲା, ଖରାରେ ପୋଡା
ବା ଉତ୍ତପ୍ତ । [ପ୍ରଥମ ଦିବସ ।
Sunday, *s.* ରବିବାର, ବିଶ୍ରାମବାର, ସପ୍ତାହର
Sunder, *v.* ଭିନ୍ନ- ପୃଥକ୍- ବିଭାଗ-କ ।
Sun-dial, *s.* ସୂର୍ଯ୍ୟ ବା ଛାୟାଘଡି, ସୌରଘଟିକା
Sundry, *a.* ନାନା, କେତେ, ବିବିଧ, ଭିନ୍ନ ।
Sunflower, *s.* ସୂର୍ଯ୍ୟମୁଖୀ ଫୁଲ ।
Sunrise, *s.* ଅରୁଣୋଦୟ, ସୂର୍ଯ୍ୟୋଦୟ ବା
ପ୍ରାତଃକାଳ ।
Sunset, *s.* ଅସ୍ତକାଳ, ସୂର୍ଯ୍ୟାସ୍ତ, ବେଳବୁଡ ।
Sunshine, *s.* ସୂର୍ଯ୍ୟର ତେଜ, ଖରା, ଧୂପ ।
Sup, *v.* ରାତ୍ରରେ ଭୋଜନ-କ, ଅଳ୍ପପାନ-କ ।
Super, ଅଧିକ, ବହୁତ; ଉପରସ୍ଥ ।
Superable, *a.* ସାଧ୍ୟ, ନିବାର୍ଯ୍ୟ ।
Superabundance, *s.* ଅତି ବାହୁଲ୍ୟ, ଅତି-
ପ୍ରାଚୁର୍ଯ୍ୟ, ଆଧିକ୍ୟ । [ଥିରଥୁରିଆ ।
Superannuated, *a.* ବୁଢା, ଅତିବୃଦ୍ଧ, ଜୀର୍ଣ୍ଣ,
Superb, *a.* ଅପୂର୍ବ, ଅତିସୁନ୍ଦର, ଶୋଭାନ୍ୱିତ ।
Supercargo, *s.* ନୌକା ବା ଜାହାଜସ୍ଥ ବାଣି-
ଜ୍ୟର ତତ୍ତ୍ୱାବଧାରକ । [ମାନୀ, ଦାମ୍ଭିକ ।
Supercilious, *a.* ଗର୍ବୀ, ଅହଙ୍କାରୀ, ଅଭି-
Supererogation, *s.* ନିୟମ ବା କର୍ତ୍ତବ୍ୟର
ଆଧିକ୍ୟ । [କର୍ମ ।
Superficial, *a.* ଅଗଭୀର, ଉପରସ୍ଥ, ବାହ୍ୟ;

Superficies, *s.* ଉପରଭାଗ, ବାହାରଅଙ୍ଗ ।
Superfine, *a.* ଅତିସୂକ୍ଷ୍ମ ବା ସରୁ; ଅତିଉତ୍ତମ, ଶ୍ରେଷ୍ଠ ।
Superfluity, *a.* ଆଧିକ୍ୟ, ବାହୁଲ୍ୟ, ଅତିରିକ୍ତ୍ୟ, ପ୍ରାଚୁର୍ଯ୍ୟ । [ଅନାବଶ୍ୟକ ।
Superfluous, *a.* ଅତିରିକ୍ତ, ଅଧିକ, ବହୁତ;
Superintend, *v.* କର୍ମ ଚଳାଇବାର, ତତ୍ତ୍ୱାବଧାରଣ-କ । [କର୍ତ୍ତା, ତତ୍ତ୍ୱାବଧାରକ ।
Superintendent, *s.* ଅଧ୍ୟକ୍ଷ, ବେବର୍ତ୍ତ, କର୍ମ-
Superior, *a.* ଶ୍ରେଷ୍ଠ, ପ୍ରଧାନ, ମହତ୍, ଅତ୍ୟୁତ୍ତମ
Superiority, *s.* ଶ୍ରେଷ୍ଠତା, ପ୍ରାଧାନ୍ୟ, ଉତ୍ତମତା । [ସର୍ବୋତ୍ତମ ।
Superlative, *a.* ଶ୍ରେଷ୍ଠତମ, ସର୍ବଶ୍ରେଷ୍ଠ,
Supernal, *a.* ଆକାଶୀୟ, ଉଚ୍ଚସ୍ଥ, ଗଗଣସ୍ଥ ।
Supernatural, *a.* ଅଲୌକିକ, ଅଦ୍ଭୁତ, ଅସମ୍ଭବ, ଅଶ୍ଚର୍ଯ୍ୟ । [ବେଶୀ, ଅଧିକ ।
Supernumerary, *a.* ଅତିରିକ୍ତ, ବଡତି,
Superscribe, *v.* ଶିରୋନାମା ଲେଖିବାର ।
Superscription, *s.* ଶିରୋନାମା ଉପରେ ଲେଖା । [କ ।
Supersede, *v.* ଲୋପ-କ, ଅନ୍ୟଥା ବା ରଦ-
Superstition, *s.* ଅମୂଳକଧର୍ମ, କଳ୍ପିତମତ
Superstructure, *s.* ମୂଳଦୁଆ ବା ଭୂନସ୍ୟାଦର ଉପରସ୍ଥ ଗୃନ୍ଥନୀ ।
Supervene, *v.* ଅକସ୍ମାତ୍ ଘଟିବାର କ ଉପସ୍ଥିତ-ହ । [ତତ୍ତ୍ୱାବଧାରଣ-କ ।
Supervise, *v.* କର୍ମ ବୁଝିବାରବା ତଦାରକ-କ,
Supine, *a.* ଅଳସ, ଅମନୋଯୋଗୀ, ଲୁଡିଆ
Supper, *s.* ସନ୍ଧ୍ୟରଭୋଜନ ବା ଖାନା । [ସ୍ଥ-କ
Supplant, *v.* ଛଳରେ ପଦଚ୍ୟୁତ ବା ଅପଦ-
Supple, *a.* ନମନଶୀଳ, ନରମ, କୋମଳ ।
Supplement, *s.* ଯୋଡପତ୍ର, ଅତିରିକ୍ତ, ଅନୁରଲେଖା ।
Suppliant, *s.* ମାଗିବାଲୋକ, ବିନତିକାରକ, ପ୍ରାର୍ଥକ ।
Supplication, *s.* ପ୍ରାର୍ଥନା, ବିନତି, ବିନୟ ।
Supply, *s.* ଉପକାର, ନିର୍ବାହ, ଅପ୍ରାପ୍ତବସ୍ତୁପ୍ରାପ୍ତ, ଉସବ ।
Supply, *v.* ଯୋଗାଇବାର, ଗଞ୍ଜାଇବାର; ଦାନ-କ; ପରର ବଦଲେ କାର୍ଯ୍ୟ-କ ।
Support, *s.* ଅନ୍ନବସ୍ତ୍ର, ଭରଣପୋଷଣ; ଠେସ, ଆଶ୍ରୟ । [କାର ।
Support, *v.* ପ୍ରତିପାଳନ-କ; ଆଶ୍ରୟ-ଦ, ସହ-
Suppose, *v.* ଅନୁଭବ- ଅନୁମାନ- ମନେ-କ ।
Supposition, *s.* ଅନୁମାନ, ଅନୁଭବ, ଅନାଜ, ବୋଧ ।
Suppress, *v.* ଦମନ କ ନିବାରଣ- ମନା-କ, ଛପାଇ କ ଘୋଡାଇ ରଖିବାର । [ଦ-ହ ।
Suppuration, *s.* ପାଚିବାର, ପୂଜ ବା ବେ-
Supremacy, *s.* ଆଧିପତ୍ୟ, ପ୍ରାଧାନ୍ୟ, ସର୍ବଶ୍ରେଷ୍ଠତା, ସରଦାରୀ । [ହାମୂଲ୍ୟ, ପରମ ।
Supreme, *a.* ସର୍ବଶ୍ରେଷ୍ଠ, ପ୍ରଧାନ, ବଡ, ମ-
Surcharge, *v.* ଅଧିକ ଭାର କ ବୋଝାଇ-ଦ
Sure, *a.* ନିଶ୍ଚିତ, ସ୍ଥିର, ଦୃଢ, ଅଟଳ ।
Surety, *s.* ପ୍ରତିଭୂ, ଜାମୀନ, ଲଗା; ନିଶ୍ଚୟତା, ନିଃସନ୍ଦେହ । [ଲହରୀ ।
Surf, *s.* ସମୁଦ୍ରର ତୀରେ ଯେ ଢେଉ ଉଠଇ,
Surface, *s.* ଉପର, ଉପରଭାଗ, ବାହାର ।
Surfeit, *s.* ବହୁତ ବା କଣ୍ଠସରକ ଖାଇବା ଦ୍ୱାରା ପୀଡା, ଅରୁଚି ।
Surge, *s.* ତରଙ୍ଗ, ଢେଉ, ଲହରୀ, ବୀଚି ।
Surgeon, *s*, ଅସ୍ତ୍ରବୈଦ୍ୟ, ଅସ୍ତ୍ରଚିକିତ୍ସକ ।
Surgery, *s.* ଅସ୍ତ୍ରଚିକିତ୍ସା ।
Surgical, *a.* ଅସ୍ତ୍ରଚିକିତ୍ସାସମ୍ବନ୍ଧୀୟ ।
Surliness, *s.* ସ୍ୱଭିହ୍ନ, କ୍ରୋଧ, କର୍କଶତା, ଉଗ୍ରଶୀଳତା ।

**Surly**, *a.* ରାଗୀ, କ୍ରୋଧୀ, କଠୋର, ଚିଡଚିଡା
**Surmise**, *s.* ଅନୁମାନ, ବୋଧ; ସନ୍ଦେହ ।
**Surmount**, *v.* ପାର-ହ; ଊର୍ଦ୍ଧ୍ୱରେ ଉଠି-
ବାର; ଜୟ-କ । [ଡାକିବା ନାମ ।
**Surname**, *s.* ପଦବୀ, କୁଳର ସଂଜ୍ଞା, ବଂଶର
**Surpass**, *v.* ଅନ୍ୟଠାରୁ ଅଧିକ-ହ, ଶ୍ରେଷ୍ଠ-ହ;
ଅତିକ୍ରମ-କ । [ଅତିକ୍ରାମକ ।
**Surpassing**, *a.* ଅପୂର୍ବ, ଅନ୍ୟଠାରୁ ଶ୍ରେଷ୍ଠ,
**Surplice**, *s.* ଧର୍ମୋପଦେଶକର ଶୁକ୍ଳ ଲୁଗା-
ବିଶେଷ । [ଯେ, ଉଆଦା ।
**Surplus**, *s.* ଅଧିକଭାଗ, ଅତିରେକ, ବଳିଗଲା
**Surprise**, *s.* ବିସ୍ମୟ, ଚମତ୍କାର, ଆଶ୍ଚର୍ଯ୍ୟଜ୍ଞାନ;
ଅକସ୍ମାତ ଆକ୍ରମଣ ।
**Surprise**, *v.* ବିସ୍ମୟାପନ୍ନ-କ, ଚମତ୍କୃତ-କ,
ହଠାତ ଧରିବାର ।
**Surprising**, *a.* ଚମତ୍କାର, ଆଶ୍ଚର୍ଯ୍ୟ, ଅଦ୍ଭୁତ ।
**Surrender**, *v.* ସମର୍ପଣ-କ, ଶତ୍ରୁର ହସ୍ତେ
ଅର୍ପଣ-କ । [ପ୍ରାପ୍ତ ।
**Surreptitious**, *a.* ପ୍ରବଞ୍ଚନାକୃତ, ଛଳରେ
**Surrogate**, *s.* ଧର୍ମାଧ୍ୟକ୍ଷର ପ୍ରତିନିଧି, ପରି-
ବର୍ତ୍ତୀ । [ଆଡେ ବେଢିବାର ।
**Surround**, *v.* ବେଷ୍ଟନ-କ, ଘେରିବାର, ଚାରି-
**Surrounding**, *a.* ଚତୁର୍ଦ୍ଦିଗସ୍ଥ, ଚାରିଦିଗର;
ନିକଟ । [ବାର ।
**Survey**, *s.* ଦର୍ଶନ, ଦୃଷ୍ଟି; ଜରିପକରଣ, ମାପି-
**Survey**, *v.* ଦର୍ଶନ-କ, ଦେଖିବାର, ଦୃଷ୍ଟି-କ;
ଭୂମ୍ୟାଦି ମାପିବାର । [କାର୍ଯ୍ୟକାରକ ।
**Surveyor**, *s.* ନିରୀକ୍ଷକ; କର୍ମଚାରୀ, ଅମୀନ,
**Survive**, *v.* ଉତ୍ତରଜୀବୀ-ହ, ଅନ୍ୟଠାରୁ ଅ-
ଧିକ ସମୟ ବଞ୍ଚିବାର । [ଶକ୍ତି ।
**Susceptibility**, *s.* ବେଦନାନୁଭବ; ଗ୍ରହଣୀ-
**Susceptible**, *a.* ଗ୍ରହଣଶୀଳହେବା କି ପଡି-
ବାରଯୋଗ୍ୟ ।

**Suspect**, *v.* ସଂଶୟ-କ, ସନ୍ଦେହ-କ; -of
guilt, ପରକୁ ଦୋଷୀ ମଣିବାର ।
**Suspend**, *v.* ଟଙ୍ଗାଇବାର, ଝୁଲାଇବାର,
ଲଟକାଇବାର; କିଛିକାଳ ବନ୍ଦ-କ, ବିଲମ୍ବ-କ ।
**Suspension**, *s.* ଟଙ୍ଗା, ଲଟକା, ଝୁଲା; କିଛି
କାଳ ପର୍ଯ୍ୟନ୍ତ ନିବୃତ୍ତି ବା ବିଳମ୍ବ । [ଶୁବେ ।
**Suspicion**, *s.* ସନ୍ଦେହ, ସଂଶୟ, ଧୋକା,
**Suspicious**, *a.* ସନ୍ଦେହୀ, ସନ୍ଦିଗ୍ଧମନାଃ, ଶଙ୍କା-
ଜନକ । [ପାଳଣ-କ ।
**Sustain**, *v.* ଧାରଣ-କ, ସହିବାର, ରକ୍ଷା ବା
**Sustenance**, *s.* ଭରଣପୋଷଣ, ଅନ୍ନଜଳ;
ଜୀବନୋପାୟ, ବୃତ୍ତିଦାନ ।
**Sutler**, *s.* ଭକ୍ଷ୍ୟଦ୍ରବ୍ୟ ବ୍ୟବସାୟୀ, ଯେଉଁ-
ମନୁଷୀ ପଲ୍ଟନ ସଙ୍ଗେ ବେପାର କରେ ।
**Suture**, *s.* କ୍ଷତର ଟଙ୍କା, ଯୋଡା, ସୂଚିକର୍ମ-
ରେ ଯୋଡା ।
**Swab**, *s.* ଜାହାଜର ମାର୍ଜନୀ ବା ଝାଡୁବିଶେଷ ।
**Swaddle**, *v.* ବସ୍ତ୍ର ବା ଲୁଗାରେ ଗୁଡାଇବାର,
ପଟି ବାନ୍ଧିବାର ।
**Swagger**, *v.* ଗର୍ବ କି ବଡାଇ-କ, ଦେହ-
ଫୁଲାଇ ଚାଲିବାର ।
**Swain**, *s.* ଗ୍ରାମ୍ୟ ଯୁବା ପୁରୁଷ, ଗ୍ରାମ୍ୟଦାସ;
ମେଷପାଳକ ।
**Swallow**, *s.* ଢାଳଚଞ୍ଚୁପକ୍ଷୀ, ଚାତକ; ଗ୍ରାସ ।
**Swallow**, *v.* ଗିଳିବାର, ଢୋକିବାର, ଗ୍ରାସ-
କ; ବିବେଚନା ନ କରି ପ୍ରତ୍ୟୟ-କ ।
**Swamp**, *s.* ଝିଲ, ଦଲଦଲିଆ ଭୂମି; *v.* ପଙ୍କ
ବା ଜଳରେ ମଗ୍ନ-ହ । [ସିଁଝା ।
**Swampy**, *a.* ଜଳୁଆ, ଦଲଦଲିଆ, ସିଁଝା-
**Swan**, *s.* ଅତିବଡ ହଂସବିଶେଷ ।
**Sward**, *s.* ତୃଣଯୁକ୍ତ ଭୂମି; ଶୁଷ୍କ ଶୂକର ମାଂ-
ସର ଚମଡା । [ପଲ।
**Swarm**, *s.* ଝାଙ୍କ, ଦଳ, ସମୂହ; ମହୁମାଛିର

**Swarm**, *v.* ଘଲଘଲ ହୋଇ ଉଡବାର; ଉଡ଼-
**Swarthy**, *a.* ଶ୍ୟାମବର୍ଣ୍ଣ, କାଳିଆ । [କ ।
**Swathe**, *v.* ଜଡାଇବାର, ଲମ୍ବାଇବାର, ପଟି-
ଦାନ୍ଧିବାର ।
**Sway**, *s.* କର୍ତ୍ତୃତ୍ୱ, ପ୍ରଭୁତ୍ୱ, ଶାସନ, ସ୍ୱଜତ୍ୱ ।
**Sway**, *v.* ସ୍ୱଜତ୍ୱ-କ; କୌଣସି ପକ୍ଷରେ ପ୍ରବ-
ର୍ତ୍ତଇବାର ।
**Swear**, *v.* ଶପଥ ବା ନିୟମ-କ, ସ୍ୱଣ-କ ।
**Sweat**, *s.* ଝାଳ, ଘର୍ମ, ସ୍ୱେଦ, ପସୀନା; *v.*
ଝାଳ ବହିବାର । [ଗ୍ଳାନିବାର ।
**Sweep**, *v.* ଝାଡୁ ଦେଇଁ ସଫା-କ; ବେଗରେ
**Sweeper**, *s.* ଝାଡୁକରେ ଯେ, ମେହେତର ।
**Sweepings**, *s.* ଅଳିଆ, ଝାଡୁଆ ।
**Sweet**, *a.* ମିଷ୍ଟ, ମଧୁର, ମିଠା, ସୁସ୍ୱାଦ ।
**Sweets, Sweetmeat**, *s.* ମିଠାଦ୍ରବ୍ୟ, ।
**Sweeten**, *v.* ମିଷ୍ଟ-କ, ସୁସ୍ୱାଦ-କ, ମଧୁର-କ ।
**Sweetheart**, *s.* ପ୍ରିୟ କ ପ୍ରେୟସୀ, ନାୟକ-
ନାୟିକା । [ବିଶେଷ ।
**Sweepstake**, *s.* ଘୋଡା ଦୌଡରେ ବାଜ-
**Swell**, *v.* ଫୁଲାଇବାର, ଫାମିବାର, ବଢିବାର ।
**Swelling**, *s.* ଶୋଥ, ଫୁଲା, ମାଂସବୃଦ୍ଧି,
ଫାମ୍ପ, ବଢ଼ତି ।
**Swerve**, *v.* ପଥଭ୍ରମଣ-କ, ଅବାଟେ ଯିବାର,
ଉଚିତ କର୍ମ ତ୍ୟାଗ-କ ।
**Swift**, *a.* ଦ୍ରୁତଗାମୀ, ବେଗବାନ୍, ଶୀଘ୍ରଗାମୀ
**Swiftly**, *ad.* ବେଗରେ, ବହନେ, ତ୍ୱରା,
ଜଲଦି । [ମଦୁଆଳା-ହ ।
**Swill**, *v.* ଅତିରିକ୍ତ ପାନ- ଜଳରେ ଓଦା-କ;
**Swim**, *v.* ପହଁରିବାର; to float, ଜଳରେ
ଭାସିବାର; to be dizzy, ମୁଣ୍ଡ ବୁଲାଇ-
**Swimmer**, *s.* ପହଁରିବା ଲୋକ । [ବାର ।
**Swindle**, *v.* ପ୍ରବଞ୍ଚନା-କ, ଛଳରେ ପ୍ରେୟସ-
ଇବାର, ଠକିବାର ।

**Swindler**, *s.* କୁଆଚେର, ପ୍ରବଞ୍ଚକ, ଠକ,
ଛଳୀ ।
**Swine**, *s.* ଶୂକର, ଘୁଷୁଡ, ବରାହ; -herd,
ଶୂକର ରକ୍ଷକ, ଘୁଷୁରିଆ । [ଳନ ।
**Swing**, *s.* ଦୋଳା, ଦୋଳ, ଝୁଲଣ, ଆନ୍ଦୋ-
**Swing**, *v.* ଝୁଲିବାର, ଦୋଳାୟମାନ-ହ,
ଆନ୍ଦୋଳିତ-ହ ।
**Swinish**, *a.* ଶୂକରର ସଦୃଶ, ଘୁଷୁରିପର ।
**Switch**, *s.* ଛଡି, ଯଷ୍ଟି, ବେତ ।
**Swivel**, *s.* ଯନ୍ତ୍ରବାସ୍ତ୍ର ବା ବନ୍ଧୁକବିଶେଷ ।
**Swoon**, *s.* ମୂର୍ଚ୍ଛା, ମୂର୍ଚ୍ଛାବସ୍ଥା, ଅଚୈତନ୍ୟ ।
**Swoop**, *v.* ଝାମ୍ପମାରିବାର, ଝାମ୍ପମାରି ଧରିବାର
**Swop**, *v.* ବଦଳ କ ପାଲଟ- ବିନିମୟ-କ ।
**Sword**, *s.* ଖଡ୍ଗ, ଖଣ୍ଡା, ଅସି, ତରବାର ।
**Swordsman**, *s.* ଖଡ୍ଗଧାରୀ, ଯୋଦ୍ଧା, ସେନା
**Sycamore**, *s.* ଗଛବିଶେଷ । [ପତି ।
**Sycophant**, *s.* ଚାଟୁବାଦୀ, ତୋଷାମୋଦୀ,
**Syllable**, *s.* ସ୍ୱରଯୁକ୍ତବର୍ଣ୍ଣ, ଏକ ଅକ୍ଷର, ଫଳା,
ବନାନ୍ ।
**Syllabus**, *s.* ଅନୁକ୍ରମଣିକା, ନିର୍ଘଣ୍ଟ । [ବାକ୍ୟ
**Syllogism**, *s.* ପ୍ରୌଢିବାଦ, ଅବୟବଘଟିତ
**Sylph**, *s.* ଖେଚରବିଶେଷ, କଳ୍ପିତ ଦେବତା ।
**Sylvan**, *a.* ବନ୍ୟ, ଆରଣ୍ୟକ, ବନମୟ ।
**Symbol**, *s.* ନିଦର୍ଶନ, ଦୃଷ୍ଟାନ୍ତ, ଚିହ୍ନ, ପ୍ରତିରୂପ
**Symbolical**, *a.* ଚିହ୍ନରୂପକ, ନିଦର୍ଶନଯୁକ୍ତ,
ପ୍ରତିରୂପକ । [ର୍ଶନ ବା ଉପମା-କ ।
**Symbolize**, *v.* ଦୃଷ୍ଟାନ୍ତଦ୍ୱାରା ଜ୍ଞାତ-କ, ନିଦ-
**Symmetrical**, *s.* ରୂପବାନ୍, ସର୍ବାଙ୍ଗେ ସୁମି-
ଳନ, ସୁଡୌଲ । [ଳନ, ଐକ୍ୟ ।
**Symmetry**, *s.* ସର୍ବାଙ୍ଗେ ସୁନ୍ଦର ବା ସୁମି-
**Sympathetic**, *a.* ପରର ଦୁଃଖେ ବା ସୁଖେ
ଦୁଃଖୀ ବା ସୁଖୀ । [ଦୁଃଖେ ଦୁଃଖୀ-ହ ।
**Sympathize**, *v.* ପରର ସୁଖେ ସୁଖୀ ବା

Sympathy, *s.* ସମଭାବ, ଦୟା, ପର ଦୁଃଖେ ଦୁଃଖୀ ।
Symphony, *s.* ସ୍ୱରୈକ୍ୟ, ସ୍ୱରମେଳ ।
Symptom, *s.* ଲକ୍ଷଣ, ଚିହ୍ନ, ଉପସର୍ଗ ।
Synagogue, *s.* ୟିହୁଦୀୟମାନଙ୍କର ଭଜନାଳୟ । [କାଳେ ଘଟନ ।
Synchronism, *s.* କାଳର ମେଳ, ସମ-
Syncope, *s.* ମୂର୍ଚ୍ଛା, ପ୍ରଳୟ, ଅଚେତନା; ମଧ୍ୟାକ୍ଷର ଲୋପ ।
Synod, *s.* ଧର୍ମବିଷୟକ ସଭା, ଧର୍ମସମାଜ ।
Synonyme, *s.* ତୁଲ୍ୟାର୍ଥ ବା ଏକାର୍ଥ ଶବ୍ଦ ।
Synonymous, *a.* ତୁଲ୍ୟାର୍ଥକ, ଏକାର୍ଥକ ।
Synopsis, *s.* ସଂକ୍ଷେପ, ଚୁମ୍ବକ, ଗ୍ରନ୍ଥ ରସାରସଂଗ୍ରହ ।
Syntax, *s.* ବାକ୍ୟବିନ୍ୟାସ ବିଦ୍ୟା ।
Synthesis, *s.* ସଂଯୋଗ, ଯୋଗକରଣ ।
Syphon, *s.* ନଳୀ, ଚୁଙ୍ଗୀ ।
Syringe, ପିଚକାରୀ, ଦମକଳ ।
System, *s.* ରୀତି, ଧାରା, ବ୍ୟବସ୍ଥା, ମତ, ମର୍ମ
Systematic, *a.* ବ୍ୟବସ୍ଥାନୁସାରୀ, କ୍ରମାଗତ, ରୀତ୍ୟାନୁସାରୀ ।

## T.

Tabby, *a.* ଚିତ୍ରିତ, ଚିତ୍ରବିଚିତ୍ର, ବହୁରଙ୍ଗ ।
Tabernacle, *s.* ତାମ୍ବୁ, ବସ୍ତ୍ରଗୃହ; ଭଜନାଳୟ, ମନ୍ଦିର; ଦେହ ।
Table, *s.* ମେଜ; ଭୋଜନ; list, ଫର୍ଦ୍ଦ; ତାଲିକା; index, ଅନୁକ୍ରମଣିକା, ନିର୍ଘଣ୍ଟ ।
Table-cloth, *s.* ମେଜ ଚଦର; -shade, ମେଜର ମୃଦଙ୍ଗୀଆ ଫାନସ; -talk, ଭୋଜନ କାଳର କଥାବାର୍ତ୍ତା । [ଚିପାଇ ।
Tablet, *s.* ପଥରଫଳକ ବା ପଟା; ଛୋଟମେଜ,
Tabour, *s.* ମୃଦଙ୍ଗବିଶେଷ ।
Tabular, *s.* ନିର୍ଘଣ୍ଟପର ଶ୍ରେଣୀବଦ୍ଧ, ଫର୍ଦ୍ଦପରି
Tacit, *a.* ତୁନି, ଅବ୍ୟକ୍ତ, ଯେ ସ୍ପଷ୍ଟ ନ କହିଲେ ବୋଧ ହୁଏଇ ।
Taciturn, *a.* ମୌନୀ, ନୀରବ, ନିଃଶବ୍ଦ, ଅକାଳାପଶୀଳ । [ଜିନିଷ ।
Tack, *s.* କ୍ଷୁଦ୍ର ପ୍ରେକ ବା ବଇଞ୍ଚିକଣ୍ଟା; ଜାହାଜ
Tack, *v.* ଟାଙ୍କିବାର, ସିଁଅଇବାର, ଜାହାଜ ଫେରାଇବାର ।
Tackle, *s.* ଜାହାଜର ଦୌଡଅଦି; ଅସ୍ତ୍ରଶସ୍ତ୍ର ।
Tactics, *s.* ସୈନ୍ୟବ୍ୟୂହ ରଚନବିଦ୍ୟା; ଯୁଦ୍ଧଶାସ୍ତ୍ର ।
Tadpole, *s.* ବେଙ୍ଗଛୁଆ, ମଣ୍ଡୂକଶାବକ ।
Tag, *s.* ଫିତାରେ ଲୋହନିର୍ମିତ ପ୍ରେକ ବା ଅଗ; -rag, ନୀଚଲୋକ ।
Tail, *s.* ଲାଙ୍ଗୁଳ, ଲାଞ୍ଜ, ପୁଚ୍ଛ, ଦୁମ, ପଶ୍ଚାଦ୍ଭାଗ
Tailor, *s.* ଦର୍ଜି, ସୂଚିକର୍ମକାରୀ, ସୂଚିଜୀବୀ ।
Taint, *s.* କଳଙ୍କ, ଦୋଷ, ଦାଗ, ଦୁର୍ଗନ୍ଧ, ପଚାଗନ୍ଧ ।
Take, *v.* ଗ୍ରହଣ-କ, ନେବାର, ସେନବାର, ଧରିବାର, ବନ୍ଦ-କ, ଏହି କ୍ରିୟାପଦ ଅନ୍ୟ ଶବ୍ଦପୂର୍ବେ ଦେଲେ ନାନାର୍ଥ ହୋଏ, ଯଥା take care, ସାବଧାନ-ହ; take up, ଉଠାଇ-କ । [ଉଦ୍ବେଗ ।
Taking, *s.* ଗ୍ରହଣ, ଧରଣ, ଆକ୍ରମଣ; ହରଣ,
Talc, *s.* ଅଭ୍ର, ଅବରକ, ମେଘକାଳ ।
Tale, *s.* ଇତିହାସ, କଥା, କାହାଣୀ, ଗଳ୍ପ; ସମାପ୍ତି; ଗଣନା, ବୃତ୍ତାନ୍ତ ।
Talebearer, *s.* କର୍ଣ୍ଣେଜପ, ଚୁଗୁଲିଆ, ଠକ, ଭେଦକ । [ଟଙ୍କାର ତୋଡା ।
Talent, *s.* ସ୍ୱାଭାବିକବୁଦ୍ଧି, କ୍ଷମତା, ଶକ୍ତି,
Talented, *a.* ଗୁଣବାନ୍, ନିପୁଣ, ଦକ୍ଷ, ପ୍ରବୀଣ, ପଟୁ ।
Talisman, *s.* କବଚବିଶେଷ, ମାୟାକୀ ଅକ୍ଷର

**Talk**, *s.* କଥାବାର୍ତ୍ତା, କଥନ, ଆଳାପ; rumour, ଜନରବ ।
**Talkative**, *a.* ବହୁବକ୍ତା, ବଜବଜିଆ, ବକୁଆ
**Tall**, *a.* ଡେଙ୍ଗା, ଅଭ୍ରଉଚ୍ଚ, ସାର୍ଘକାୟ, ଲମ୍ବା, ବଡ ।
**Tallow**, *s.* ବସା, ମାଂସତେଲ; ବତୀରଚରବ
**Tallow-chandler**, *s.* ଚରବରବତୀ ବ୍ୟବ-
**Tally**, *s.* ସବକଟା କାଠ; ଐକ୍ୟ । [ସାୟୀ ।
**Tally**, *v.* ଠିକ ଲଗାଇବାର ବା-କ, ମିଳିବାର, ଉପଯୁକ୍ତ-ହ ।
**Talon**, *s.* ପକ୍ଷ୍ୟାଦର ନଖ ।
**Tamarind**, *s.* ତେନ୍ତୁଳୀ, ଅମ୍ଳରସ; -fish, ଇଲସା, ଇଲ୍ସି ।
**Tamarix**, *s.* ଝାଉଁଗଛ । [ଡବଲ ।
**Tambourine**, *s.* ଖଞ୍ଜଣୀ, ଖଞ୍ଜରୀ, ମାଦଳ,
**Tame**, *s.* ହାତପୋଷା, ପୋଷା, ପଳା; ନମ୍ରେଜ ।
**Tame**, *v.* ପୋଷିବାର; ବଶ-କ, ଅୟୃତ୍ତ-କ ।
**Tamper**, *v.* ଗୁପ୍ତଉପେ ବ୍ୟବହାର-କ; ମିଥ୍ୟାହାଭ-ଦ ।
**Tan**, *v.* ଚର୍ମ ପ୍ରସ୍ତୁତ-କ, କଷାଇବାର, ତାମ୍ରବର୍ଣ୍ଣ-କ; ଖରାରେ ସିଝିବାର । [ଯୋଗ୍ୟ ।
**Tangible**, *a.* ସ୍ପୃଶ୍ୟ, ସ୍ପର୍ଶନୀୟ, ଛୁଁଇବାର
**Tangle**, *v.* ପେଁଚ ଲଗାଇବାର, ଫାନ୍ଦେ ପକାଇବାର, ନଷ୍ଟଶଷ୍ଟ-କ । [ସରୋବର ।
**Tank**, *s.* ପୁଷ୍କରଣୀ, ପୋଖରୀ, ତଲାଉ,
**Tankard**, *s.* ବଡ ପାନପାତ୍ର ବା ପିଆଲାବଶେଷ
**Tanner**, *s.* ଚର୍ମକାର, ଚର୍ମପ୍ରସ୍ତୁତକାରକ ।
**Tannery**, *s.* ଚର୍ମ ପ୍ରସ୍ତୁତ କରିବାର ସ୍ଥାନ ।
**Tantalize**, *v.* ମିଥ୍ୟାଆଶା ବା ଭରସା-ଦ ।
**Tantamount**, *a.* ତୁଲ୍ୟ, ସମତୁଲ୍ୟ, ଏକଇ, ତୁଲ୍ୟମୂଲ୍ୟ । [ପିପାର ତୁଣ୍ଡି ବା ନଳ ।
**Tap**, *s.* ଅଳ୍ପଘାତ, ଠୋକର, ଗୁପୋଡ;
**Tap**, *v.* ଠୋକର ବା ଗୁପୋଡ ମାରିବାର; ପିପାରେ ରନ୍ଧ୍ର-କ ।
**Tape**, *s.* ସୂତାର ପଟି, ଫିତା, ବନ୍ଧନୀ ।
**Taper**, *s.* ସାନବତୀ, ଶଳିତା, ବଳିତା ।
**Taper**, *v.* ଅଗ ସରୁ-କ, ଶୁଣ୍ଡାକୃତ-ହ ।
**Tapestry**, *s.* ଚିତ୍ରିତ ଲୁଗାବିଶେଷ, ବୁଟାଦାର ବସ୍ତ୍ର ।
**Tapis**, *s.* ମେଜର ଚିତ୍ରବିଚିତ୍ର ଚଦର; ଉପସ୍ଥିତ ବିଷୟ ।
**Tapster**, *s.* ପିପାର ମଦ୍ୟ ବୋତଲରେ ପୂରଣେ ଯେ, ମଦ୍ୟ ଚୁଆଇବା ଲୋକ ।
**Tar**, *s.* ତାର; sailor, ଜାହାଜ ଲୋକ ।
**Tardy**, *a.* ବିଳମ୍ବ, ଅଶୀଘ୍ର, ଧୀର, ଅଳସୁଆ, ସୁସ୍ତି । [ଧଡା ବା ଧସ୍ତଟ ।
**Tare**, *s.* ବାଲୁଙ୍ଗା; ବ୍ରୀହିବିଶେଷ, ଓଜନର
**Target**, *s.* ଲକ୍ଷ୍ୟ, ନିଶାଣ; ଢାଲ, ଫଲକ ।
**Tariff**, *s.* କରଗ, ବାଣିଜ୍ୟ ଦ୍ରବ୍ୟର ସୂଚି ।
**Tarnish**, *v.* ସକଳଙ୍କ- ମଳିନ-କ ।
**Tarpauling**, *s.* ମହମକାମା, ଝୁଣାଲିପ୍ତବସ୍ତ୍ର ।
**Tarry**, *v.* ଥିବାର, ରହିବାର, ବିଳମ୍ବ-କ ।
**Tart**, *s.* ଫଳର ମିଠାଇ, ମିଷ୍ଟାନ୍ନବିଶେଷ ।
**Tart**, *a.* ଅମ୍ଳ, ଅମ୍ଳିଳ, ଖଟା; କଟୁ, କର୍କଶ ।
**Tartar**, *s.* ତାତାର ଦେଶୀୟଲୋକ ।
**Task**, *s.* ନିରୂପିତକର୍ମ; hard- ଦୁଃସାଧ୍ୟକର୍ମ; employment, କାର୍ଯ୍ୟ; a lesson, ପାଠ; -master, କାର୍ଯ୍ୟଶାସକ ।
**Tassel**, *s.* ଥୋପ, ଝାମ୍ପ ।
**Taste**, *s.* ସ୍ୱାଦ, ଆସ୍ୱାଦ, ରୁଚି; ରସନେନ୍ଦ୍ରିୟ ।
**Taste**, *v.* ଆସ୍ୱାଦନ-କ, ଚାଖିବାର, ପରୀକ୍ଷା-କ ।
**Tasteless**, *a.* ବିସ୍ୱାଦ, ନୀରସ, ପାଣିଆ ।
**Tatter**, *s.* ଚିରାକନା ବା ଛିଣ୍ଡାଲୁଗା, ନେକଡା
**Tattle**, *v.* ଗପମାରିବାର, ଗଳ୍ପ-କ, ବକ୍ବକ୍-ହ
**Tattler**, *s.* ବକୁଆ, ଗପୁଆ, ବଜବଜିଆ ।

Tattoo, s. ସୈନ୍ୟମାନଙ୍କୁ ଡାକିବାର ବାଜା-ବିଶେଷ; ଚିତା ।

Taunt, v. ନିନ୍ଦା-କ, ଥଟ୍ଟା ବା ପରିହାସ-କ ।

Taurus, s. ବୃଷ, ଦ୍ୱିତୀୟ ରାଶି ।

Tautology, s. ବୃଥା ପୁନରୁକ୍ତି, ଦ୍ୱିରୁକ୍ତି ।

Tavern, s. ଭାଟିଆରଖାନା, ମଦ୍ୟଶାଳି, ସ-ରାଇ ।

Taw, s. ବର୍ତ୍ତୁଳ, ବାଣ୍ଟୁଲି, କ୍ଷୁଦ୍ର ଏଣ୍ଡୁଲ ।

Tawdry, a. ଭଡଙ୍ଗିଆ, ଚିତ୍ରବିଚିତ୍ର, ରଙ୍ଗିଲା, ଚକଚକ୍ୟ ।

Tawny, a. ତାମ୍ର ବା ପିଙ୍ଗଳ ବା ପାଣ୍ଡୁବର୍ଣ୍ଣ ।

Tax, s. କର, ରାଜସ୍ୱ, ମାସୁଲ, ଖଜଣା; ଭାର, ଝୁଙ୍କି ।

Tax, v. ଭାର-ଦ, କର ବା ମାସୁଲ ନିରୂପଣ-କ; ଅପବାଦ ବା ଦୋଷୀ-କ ।

Taxation, s. କର ନିରୂପଣ, ରାଜସ୍ୱ ସ୍ଥାପନ ।

Tea, s. ଚା, ଚୀନ ଇତ୍ୟାଦି ଦେଶୀୟ ବୃକ୍ଷର ପତ୍ର ବା ତଦ୍ରସ; -things, ପିଆଲା ପିରିଚ ।

Teach, v. ଶିକ୍ଷା-ଦ, ଶିଖାଇବାର, ପଢାଇବାର, ଉପଦେଶ-କ ।

Teacher, s. ଶିକ୍ଷକ, ଉପଦେଶକ, ଅଧ୍ୟାପକ,

Teal, s. ବାଲିହଂସ । [ଗୁରୁ ।

Team, s. ଯୋଡାଏ ବଳଦ ଅବା ଘୋଡା ।

Tear, s. ଅଶ୍ରୁ, ନେତ୍ରଜଳ, ଲୋତକ, ଲୁହ ।

Tear, v. ବିଦାରିବାର, ଚିରିବାର, ଫାଡିବାର, ଛିଣ୍ଡାଇବାର । [ଇବାର ।

Tease, v. ବ୍ୟସ୍ତ-କ, ବିରକ୍ତ ବା ଦିକ୍-କ, ଚିଡା-

Teat, s. ପଶ୍ୱାଦିର ସ୍ତନ, ଚିଚ ।

Technical, a. ପାରିଭାଷିକ, ବିଶେଷ ବିଦ୍ୟା-ସମ୍ବନ୍ଧୀୟ ।

Technics, s. ସାଧାରଣ ଶିଳ୍ପକର୍ମର ଶାସ୍ତ୍ର ।

Te deum, s. ଧର୍ମର ଅତ୍ୟୁତ୍ସବ ଭଜନ ଗାନ, ସ୍ତବ ଗୀତ ।

Tedious, a. ବିରକ୍ତ ବା କ୍ଲେଶଜନକ; ଅତିଧୀର

Teem, v. ପ୍ରସବ-କ, ଉତ୍ପାଦନ-କ; ଗର୍ଭିଣୀ-ହ, ପୂର୍ଣ୍ଣ-ହ । [ଯାଏ ଯେ କୌଣସି ବୟସ ।

Teens, s. ବାର ବରଷଠାରୁ କୋଡିଏ ବର୍ଷ-

Teeth, s. ଦନ୍ତସମୂହ ବା ଗୁଡାକ । [ରଣ ।

Tegument, s. ତ୍ୱକ୍, ଛାଲ, ଖୋସା, ଆବ-

Telegraph, s. ତାରରେ ସମ୍ବାଦ ଶୀଘ୍ର ଜଣାଇବା ଯନ୍ତ୍ର; -office, ଉପରୋକ୍ତ ଯନ୍ତ୍ରର ଗୃହ । [ବୀକ୍ଷଣ ।

Telescope, s. ଦୂରଦର୍ଶକ ଯନ୍ତ୍ର, ଦୂରବୀନ୍, ଦୂର-

Tell, v. କହିବାର, ବୋଲିବାର, ଜଣାଇବାର; ସଂଖ୍ୟା-କ । [ଖୋର ।

Telltale, s. ଖଟୁଆ, କର୍ଣ୍ଣେଜପ, ଚୁଗୁଲି-

Temerity, s. ଦୁଃସାହସ, ନିର୍ଭୟତା, ଅ-ସାବଧାନତା । [ଶୀଳ; bad- ରାଗୀ ।

Temper, s. ପ୍ରକୃତି, ସ୍ୱଭାବ; good- ସୁ-

Temper, v. ମତାନ୍ତର-କ, ମିଶାଇ ନରମ-କ; -metals, ସୁଶକ୍ତ-କ । [ସାମ୍ୟାସାମ୍ୟ ଗୁଣ ।

Temperament, s. ସ୍ୱଭାବ, ପ୍ରକୃତି; ଧାତୁର

Temperance, s. ପରିମିତ ଆଚାର, ପରିମି-ତାହାରବ; ଧୈର୍ଯ୍ୟ । [ଧୀବାନ୍, ସୁସ୍ଥିର ।

Temperate, a. ପରିମିତାଚାରୀ, ମଧ୍ୟମ, ଧୈ-

Temperative, s. ଉଷ୍ଣାନୁଷ୍ଣତା, ଗ୍ରୀଷ୍ମାଗ୍ରୀଷ୍ମ-ଭାବ; ସ୍ୱଭାବ, ପ୍ରକୃତି ।

Tempest, s. ଝଡ, ବେଗବାୟୁ, ବତାସ; ତୋଫାନ; କଳହ, ଗଣ୍ଡଗୋଳ ।

Tempestuous, a. ତୋଫାନମୟ, ଝଡମୟ, ବତାସୀ; କଳହକାରୀ ।

Temple, s. ମନ୍ଦିର, ଦେବାଳୟ, ଦେଉଳ, ଭଜନାଳୟ; କପାଳର ଦୁଇ ପାର୍ଶ୍ୱ ।

Temporal, a. ସାଂସାରିକ, ଐହିକ, ଲୌ-କିକ, ଅନିତ୍ୟ । [ଳର ।

Temporary, a. କ୍ଷଣିକ, ଅନିତ୍ୟ, ଅଳ୍ପକା-

Temporize, *v.* ଟାଳମଟାଳ-କ, ସମୟ ବୁଝି କର୍ମ-କ, ବଳମ୍ବ-କ । [ସଗାନୁଭ-କ ।

Tempt, *v.* ପରୀକ୍ଷା-କ, ଲୋଭ ଦର୍ଶାଇବାର;

Temptation, *s.* ପରୀକ୍ଷା, ପରିଣ, କର୍ମରେ ପ୍ରବର୍ତ୍ତନା । [ଶୟତାନ ।

Tempter, *s.* ପରୀକ୍ଷକ, ଲୋଭ ଦେଖାଏ ଯେ,

Ten, *s.* ଦଶ, ଦଶସଂଖ୍ୟକ; -fold, ଦଶଗୁଣ, tenth, ଦଶମ । [ର୍ତ୍ତିବ୍ୟ, ଧାର୍ଯ୍ୟ ।

Tenable, *a.* ଧରିବା କ ରଖିବାଯୋଗ୍ୟ, ଧ-

Tenacious, *a.* ଦୃଢଧାରକ, ଧରଣକ୍ଷମ, ଦୃଢାବଲମ୍ବୀ, ଟାଣ । [ରଣ ।

Tenacity, *s.* ଲାଗିବାର ଗୁଣ, ଦୃଢତା, ଧ-

Tenancy, *s.* ପ୍ରଜାଧିକାର, ରଇତି ।

Tenant, *s.* ପ୍ରଜା, ରଇତ, ଭଡାଟିଆ, ଠେକାଦାର ।

Tenantry, *s.* ପ୍ରଜାସମୂହ, ପ୍ରଜାଗଣ ।

Tend, *v.* ରକ୍ଷା-କ, ସମ୍ଭାଳିବାର, କୌଣସି ଆଡେ ଯିବାର, ସାହାଯ୍ୟ-କ ।

Tendency, *s.* କୌଣସି ଆଡେ ଲାଗିବାର ଭାବ, ଅଭିପ୍ରାୟ; natural- ସ୍ୱଭାବ ।

Tender, *a.* କୋମଳ, ନରମ, କଅଁଳ; ଦୟାଳୁ; young, ଯୁବା ।

Tender, *v.* ଯାଚିବାର; ଦେବାକୁ କହିବାର, ନିବେଦନ-କ ।

Tender, *s.* ଦାନାର୍ଥେ ନିବେଦନ, ପ୍ରସଙ୍ଗ ।

Tenderness, *s.* କରୁଣା, ଦୟା, ନମ୍ରତା, ସ୍ନେହ, ପ୍ରେମ ।

Tendon, *s.* ଶିର, ରଗ, ଶିରା, ନାଡୀ ।

Tendril, *s.* ଲତାର ପଲ୍ଲବ ବା ଡଙ୍କ ।

Tenement, *s.* ଘର, ଗୃହ, ବସା, ନିବାସ ।

Tenet, *s.* ମୂଳକଥା, ମତ, ଧାରା, ସିଦ୍ଧ ।

Tennis, *s.* ଏଣ୍ଡୁଲ ଖେଳାବିଶେଷ ।

Tenor, *s.* ଅନୁସାରତ୍ୱ; ଭାବାର୍ଥ, ଅଭିପ୍ରାୟ ।

Tense, *s.* କାଳସୂଚକ କ୍ରିୟାପଦ ।

Tension, *s.* କଷି ଟାଣିବାର, ଓଟେରଓଟର ।

Tent, *s.* ତମ୍ବୁ, ବସ୍ତ୍ରଗୃହ, ଡେରା; small, ରାଉଟୀ ।

Tent-curtain, *s.* କନାତ, ତମ୍ବୁର ଆବରଣ ।

Tenter, *s.* କୌଣସି ଦ୍ରବ୍ୟ ବସ୍ତ୍ରାଦ୍ୟର୍ଥେ ଲୌହର ଅଙ୍କୁଡ । [ପରିଷ୍କାର ।

Tenuity, *s.* ସୂକ୍ଷ୍ମତା, କ୍ଷୀଣତା, କୃଶତା,

Tenure, *s.* ପଟ୍ଟା ଦେବାର ନିୟମ, ସ୍ୱତ୍ୱଭୋଗ ।

Tepid, *a.* ଅଳ୍ପଗରମ, ଈଷଦୁଷ୍ଣ, କବୋଷ୍ଣ ।

Tergiversation, *s.* ଟାଳମଟାଳ, ଛଳ, ଭୁଲାଇ ବା ଫେରାଇ-କହି । [କିଉପିତଭାଳ ।

Term, *s.* ସୀମା; ସଂଜ୍ଞା; ନିୟମ; କଥା;

Term, *v.* ନାମ-କ, ସଂଜ୍ଞା ଅବା ଆଖ୍ୟା-ଦ ।

Termagant, *s.* କଳହିସ୍ତ୍ରୀ, ଦୁର୍ମୁଖୀସ୍ତ୍ରୀ ।

Terminate, *v.* ସମାପ୍ତ ବା ଶେଷ-କ, ସରିବାର । [ଅନ୍ତ; in grammar, ବିଭକ୍ତି ।

Termination, *s.* ସୀମା, ସମାପ୍ତି, ଶେଷ,

Terrace, *s.* ଉଚ୍ଚଭୂତସ୍ଥାନ, ମଞ୍ଚାବିଶେଷ; flat-roof, ଛାତ । [ସମୁଦ୍ରଯୁକ୍ତ ।

Terraqueous, *a.* ଜଳସ୍ଥଳମୟ, ଭୂମି ଓ

Terrestrial, *a.* ପୃଥିବୀସ୍ଥ, ପାର୍ଥିବ, ଲୌକିକ ।

Terrible, Terrific, *a.* ଭୟାନକ, ଦାରୁଣ, ଭୟଙ୍କର, ବିଷମ ।

Terrier, *s.* କୁକ୍କୁରବିଶେଷ । [ଜଗଇବାର ।

Terrify, *v.* ଭୀତ-କ, ଭୟ ଦେଖାଇବାର

Territorial, *a.* ରାଜ୍ୟସମ୍ବନ୍ଧୀୟ, ଦେଶୀୟ ।

Territory, *s.* ରାଜ୍ୟ, ଦେଶ, ଭୂମି, ଅଧିକାର, ମୁଲକ ।

Terror, *s.* ଶଙ୍କା, ଭୟ, ଡର, ତ୍ରାସ ।

Terse, *a.* ଚିକ୍କଣ; ସୁରଚିତ, ସୁନ୍ଦର, ଉତ୍ତମ

Tertian, *a.* ତ୍ୟାହିକ, ତିନି ଦିନ ଛଡା ଜ୍ୱର ।

**Tesselated**, *a.* ନାନା ରଙ୍ଗୀ ଚତୁଷ୍କୋଣ ପଥରରେ ନିର୍ମିତ । [ପଥର ।
**Test**, ପରୀକ୍ଷା, ପରଖ, କଷ୍ଟି, ଧାତୁକଷଣର
**Testaceous**, *a.* ଶଙ୍ଖବିଶିଷ୍ଟ, ଶଙ୍ଖାବରେଣଯୁକ୍ତ
**Testament**, *s.* ମରିବା କାଳର ଦାନପତ୍ର, ନିୟମ; old- ଧର୍ମପୁସ୍ତକର ଆଦଭାଗ ; new- ଧର୍ମପୁସ୍ତକର ଅନ୍ତଭାଗ । [ପତ୍ର ଦ୍ୱାରା ଦତ୍ତ ।
**Testamentary**, *a.* ମରଣକାଳରେ ଦାନ-
**Testator**, *s.* ମରଣକାଳରେ ଦାନପତ୍ରକର୍ତ୍ତା ।
**Tester**, *s.* ଖଟରଛପର ଅବା ଛଚି ।
**Testicle**, *s.* ମୁଷ୍କ, ଅଣ୍ଡକୋଷ, ପେଲ ।
**Testify**, *v.* ସାକ୍ଷ୍ୟ- ପ୍ରମାଣ-ଦ, ସାବ୍ୟସ୍ତ-କ ।
**Testimonial**, *s.* ପ୍ରମାଣପତ୍ର, ସାକ୍ଷ୍ୟଲିପି, ଦସ୍ତାବଜ । [ନିଦର୍ଶନ ।
**Testimony**, *s.* ସାକ୍ଷ୍ୟ, ପ୍ରମାଣ, ସାବୁତ୍;
**Testy**, *a.* କ୍ରୋଧୀ, ରାଗୀ, ଚିଡଚିଡଆ ।
**Tete-a-tete**, *s.* ଦୁଇ ଜଣର ଗୁପ୍ତ କଥାବାର୍ତ୍ତା, ସମ୍ମୁଖାସମ୍ମୁଖି ।
**Tether**, *s.* ପଶୁ ବାନ୍ଧିବାର ଦୌଡ ।
**Tetrarch**, *s.* ଚତୁର୍ଥାଂଶ ପ୍ରଦେଶର ଅଧ୍ୟକ୍ଷ ।
**Text**, *s.* ମୂଳବଚନ, ଯେ ପଦ ଧରି ବ୍ୟାଖ୍ୟା ହୋଇଥାଏ ।
**Texture**, *s.* ବୁଣାଟ; ବୁଣିବାର ଧାରା ।
**Than**, *ad.* ଠାରୁ, ରୁ, ଅପେକ୍ଷା ।
**Thank**, *v.* ଉପକାର ବା କୃତଜ୍ଞତା ସ୍ୱୀକାର-କ, ଧନ୍ୟବାଦ-କ । [କାରମାନୀ ।
**Thankful**, *a.* କୃତଜ୍ଞ, ଧନ୍ୟବାଦୀ, ଉପ-
**Thankless**, *a.* କୃତଘ୍ନ, ଅକୃତଜ୍ଞ, ଉପକାର-ଅମାନକ ।
**Thanks**, *s.* କୃତଜ୍ଞତା ସ୍ୱୀକାର, ସମ୍ମାନ, ନମସ୍କାର । [ଶ-ସା ।
**Thanksgiving**, *s.* ଧନ୍ୟବାଦ, ସ୍ତବ, ପ୍ର-
**That**, *p.* ସେ, ସେଇ, ସେହି, ତାହା, ତହ ।

**That**, *con.* ଏଣୁ, ଏଥି, ଏନିମନ୍ତେ, ଅତଏବ ।
**That is to say**, ଅର୍ଥାତ୍, ଯଥା ।
**Thatch**, *s.* ଛଣର ଛାଉଣୀ, ବେଣା ବା ନଡା; -roof, ଛପର; -*v.* ଛାଉଣି-କ, ଛାଇବାର ।
**Thaw**, *v.* ଜମାଟବସ୍ତୁ ଗଳିବାର, ନରମ-ହ, ତରଳିବାର ।
**The**, *art.* ସେ, ଯେ, ବିଶେଷବସ୍ତୁ ବା ବ୍ୟକ୍ତି-ସୂଚକଶବ୍ଦ; ଯଥା, this is the man, ଏହି [ସେ] ବ୍ୟକ୍ତି । [ଭୂମି ।
**Theatre**, *s.* କେଳିଗୃହ, ନାଟ୍ୟଶାଳା, ରଙ୍ଗ-
**Thee**, *pron.* ତୁମ୍ଭଙ୍କୁ, ତୋତେ ।
**Theft**, *s.* ଚୋରି, ଚୌର୍ଯ୍ୟକ୍ରିୟା, ପରଦ୍ରବ୍ୟ-ହରଣ । [ବାକ୍ୟ ।
**Theme**, *s.* ବିଷୟ, ପ୍ରସ୍ତାବ, ପ୍ରସଙ୍ଗ, ମୂଳ-
**Themselves**, *p.* ସେମାନେ ମଧ୍ୟ, ଆପଣ-ମାନେ ।
**Then**, *ad.* ସେ ସମୟରେ, ସେହି କାଳେ ।
**Thence**, *ad.* ସେ ସମୟରୁ, ତହିଁଉତ୍ତାରୁ, ତଦବଧି ।
**Thenceforth**, **Thenceforward**, *ad.* ତତ୍କାଳାବଧି, ସେଇଅବଧି, ତାହାପର ।
**Theocracy**, *s.* ଈଶ୍ୱରଙ୍କର ଶାସିତରାଜ୍ୟ ବା ଅ-ଧିକାର ଦେଶ । [ବୃତ୍ତାନ୍ତ ।
**Theogony**, *s.* ଦେବାଦେବୀର ବଂଶାବଳିର
**Theodolite**, *s.* ଭୂମିପରିମାପକ ଯନ୍ତ୍ରବିଶେଷ ।
**Theologian**, *s.* ଧର୍ମଶାସ୍ତ୍ରଜ୍ଞ, ପରମାର୍ଥ ବା ଐଶ୍ୱରିକ ବିଦ୍ୟାବେତ୍ତା ।
**Theological**, *a.* ଧର୍ମାର୍ଥ ବିଦ୍ୟାସମ୍ବନ୍ଧୀୟ, ଭକ୍ତିବିଷୟକ ।
**Theology**, *s.* ଈଶ୍ୱରବିଷୟକବିଦ୍ୟା, ଧର୍ମଜ୍ଞାନ
**Theorem**, *s.* ସୂତ୍ର, ପ୍ରସଙ୍ଗ, ପୂର୍ବପକ୍ଷ ।
**Theoretic**, *a.* ଆନୁମାନିକ, କାଳ୍ପନିକ, ତର୍କ-ଶାସ୍ତ୍ରୀୟ ।

Theory, *s.* ଅନୁମାନକ ବିଷୟ, ତର୍କ, କଳ୍ପନା, ଅଟକଳ । [ହିଁରେ, ତହ ।
There, *ad.* ସେଠାରେ, ସେହିସ୍ଥାନରେ, ତ-
Thereabout, *ad.* ତାହା ନିକଟରେ ବା ପାଖରେ କି କଟରେ; ଊଣାଧିକ ।
Thereafter, *ad.* ତଦନନ୍ତର, ତହିଁଉତ୍ତର, ତଦନୁସାରେ । [ସେକାରଣ ।
Thereat, *ad.* ତହିଁରେ, ସେଠାରେ, ତହିଁ,
Thereby, *ad.* ତଦ୍ଵାରା, ସେଇହେତୁ, ତହିଁରେ, ତାହାଦେଇ ବା ନିମନ୍ତେ ।
Therefore, *ad.* ତନ୍ନିମିତ୍ତ, ଏହିକାରଣେ ବା ହେତୁ, ଅତଏବ । [ତସ୍ମାତ୍ ।
Therefrom, *ad.* ତାହାଠାରୁ, ଏହାଠାରୁ,
Therein, *ad.* ତହିଁରେ, ତନ୍ମଧ୍ୟେ, ଏଥିରେ
Thereof, *ad.* ତାହାର, ତଦ୍ବିଷୟରେ, ତାହାଠାରୁ, ତଦ୍ବିଷୟକ ।
Thereon, *ad.* ତହିଁରେ, ତାହାଉପରେ, ତତ୍କ୍ଷଣାତ୍, ତାହାଶୁଣି ।
Thereto, *ad.* ତହିଁରେ, ସେଥିରେ ।
Therewith, *ad.* ତାହାର ସହିତ, ତତ୍ସହ ।
Thermometer, *s.* ତାପ ମାପିବାର ଯନ୍ତ୍ର, ଗ୍ରୀଷ୍ମାଗ୍ରୀଷ୍ମ ମାପିବା ଯନ୍ତ୍ର ।
These, *p.* ଏହିସମସ୍ତ, ଏଗୁଡାକ, ଏମାନେ ।
Thesis, *s.* ପୂର୍ବପକ୍ଷ, ପ୍ରସଙ୍ଗ, କୋଟି, ସୂତ୍ର ।
They, *p.* ସେମାନେ, ଏମାନେ, ଏହିସମସ୍ତ ।
Thick, *a.* ସ୍ଥୂଳ, ମୋଟା; ଗୋଳା, ଗୋଳିଆ, ନିବିଡ । [ଜମିବାର ।
Thicken, *v.* ଗାଢ-କ, ସ୍ଥୂଳ-ହ; ଘାଣ୍ଟିବାର;
Thicket, *s.* ବୁଦା; ବଣ, ଜଙ୍ଗଲ, ନିବିଡବନ
Thickhead, ଜଡଭରତ, ଗଜମୂର୍ଖ ।
Thickset, *a.* ଘନକ୍ଷେପିତ, ନିବିଡ ।
Thickness, *s.* ସ୍ଥୂଳତା, ମୋଟାପଣ, ଗାଢତ୍ୱ ।

Thief, *s.* ଚୋର, ଅପହାରକ, ତସ୍କର ।
Thievish, *a.* ଚୋରପରି, ଚୋର ସ୍ୱଭାବକ ।
Thigh, *s.* ଜଙ୍ଘ, ଊରୁ, ଊରୁଦେଶ ।
Thimble, *s.* ଅଙ୍ଗୁଷ୍ଠାନା, ଅଙ୍ଗୁଳିତ୍ର ।
Thin, *a,* ପାତଳ, ସରୁ, କୃଶ; ସୂକ୍ଷ୍ମ, କ୍ଷୀଣ ।
Thing, *s.* ବିଷୟ; ବସ୍ତୁ, ଦ୍ରବ୍ୟ, ପଦାର୍ଥ ।
Think, *v.* ମନେ-କ, ଭାଳିବାର, ବିଚାର-କ, ଚିନ୍ତା-କ, ଧ୍ୟାନ-କ ।
Thinking, *s.* ଅନୁମାନ, ଚିନ୍ତା, ବୋଧ, ବିବେଚନା, ମନେକରଣ ।
Third, *a.* ତୃତୀୟ; *s.* ତୃତୀୟାଂଶ ।
Thirdly, *ad.* ତୃତୀୟତଃ, ତିନିବାର ବା ଥର ବା ଦଫା ।
Thirst, *s.* ଶୋଷ, ତୃଷା, ପାନେଚ୍ଛା, ପିପାସା; -*v.* ତୃଷା ବା ଶୋଷ-କ; ଅଭିଳାଷ-ହ ।
Thirsty, *a.* ତୃଷିତ, ତୃଷାର୍ତ୍ତ, ଶୋଷୀ ।
Thirteen, *a.* ତେର, ତ୍ରୟୋଦଶ ।
Thirty, *a.* ତିରିଶ, ତ୍ରିଂଶତ୍ ।
This, *p.* ଏ, ଏହି; ଇହା, ଏହା ।
Thistle, *s.* ଅଗସ୍ତିଗଛ, କଣ୍ଟା । [ଅଡେ ।
Thither, *a.* ସେଠାରେ, ସେ ସ୍ଥାନରେ, ସେ-
Thitherward, *ad.* ସେଦିଗରେ, ସେପାଖେ, ସେଆଡେ ।
Thong, *s.* ଚମରପଟୀ, ଚର୍ମବିକାଶୀ ।
Thorax, *s.* ବକ୍ଷସ୍ଥଳ, ବକ୍ଷ, ଛାତି, ଗଳଦେଶର ତଳସ୍ଥ ।
Thorn, *s.* କଣ୍ଟା, କଣ୍ଟକ, କ୍ଳେଶଦାୟକ ଯେ; -apple, ଦୁଦୁରା, ଧାତୁରା, ଧୁସ୍ତୁର ।
Thorny, *a.* କଣ୍ଟାମୟ, ସକଣ୍ଟକ; କଠିଣ,କଷ୍ଟ
Thorough, *a.* ସମ୍ପୂର୍ଣ୍ଣ, ସମୁଦାୟ, ପୂରା, ସବୁଯାକ ।
Thoroughfare, *s.* ସବୁଲୋକର ବାଟ, ସର୍ବସାଧାରଣ ପଥ ।

**Thoroughly**, *ad.* ସମ୍ପୂର୍ଣ୍ଣରୂପେ, ସର୍ବତୋ-
ଭାବେ ।
**Those**, *p.* ସେମାନେ, ସେସମସ୍ତେ ।
**Thou**, *p.* ତୁମ୍ଭେ, ଆପଣ, ତୁ, ତୁଇ ।
**Though**, *c.* ଯଦି, ଯେବେ, ଯଦ୍ୟପି, ଯଦସ୍ୟାତ୍
**Thought**, *s.* ଚିନ୍ତା ବା ମନୋକରଣ, ବୋଧ,
ଧ୍ୟାନ, ଭାବନା ।
**Thoughtful**, *a.* ଚିନ୍ତିତ, ଭାବିତ, ଉତ୍କଣ୍ଠିତ,
ଧ୍ୟାନୀ, ମନୋଯୋଗୀ । [ଅବିବେଚକ ।
**Thoughtless**, *a.* ନିଶ୍ଚିନ୍ତ, ଅମନୋଯୋଗୀ,
**Thousand**, *a.* ହଜାର, ସହସ୍ର, ଦଶଶତ ।
**Thraldom**, *s.* ଦାସତ୍ୱ, ଅଧୀନତା, ବଶତା ।
**Thrash**, *v.* ଶସ୍ୟ ମାଡ ବା ଦଳିବାର; to
beat corn, କଡଡା ବାଡାଇବାର; ପ୍ର-
ହାର-କ । [ବାର ସ୍ଥାନ ।
**Thrashingfloor**, *s.* ଖଳା, ଧାନାଦି ମଳି-
**Thread**, *s.* ସୂତା, ସୂତ୍ର, ତନ୍ତୁ, ଶିଧ । [ତନ
**Threadbare**, *a.* ଅଂଶୁରହିତ, ଜୀର୍ଣ୍ଣ, ସ୍ପଷ୍ଟ-
**Threat**, *s.* ଧମକ, ତର୍ଜ୍ଜନଗର୍ଜ୍ଜନ, ତାଡଣା ।
**Threaten**, *v.* ତର୍ଜ୍ଜନ-କ, ଧମକାଇବାର,
ଭୟ ଦେଖାଇବାର ।
**Three**, *s.* ତିନ, ତ୍ରି; third, ତୃତୀୟ; -cor-
nered, ତିନକୋଣା ।
**Threefold**, *a.* ତିନଗୁଣ, ତ୍ରିଗୁଣ, ତେହରା ।
**Threescore**, *s.* ଷାଠିଏ, ଷଷ୍ଟି, ତିନକୋଡ଼ି
**Thresh**, vide thrash.
**Threshold**, *s.* ଦ୍ୱାରର ଶିଳା, ପ୍ରବେଶ ପଥ ।
**Thrice**, *ad.* ତିନଥର, ତୃତୀୟବାର ।
**Thrift**, *s.* ପ୍ରାପ୍ତି, ଲାଭ, ଲଫା; ଅଳ୍ପ ବା ପରି-
ମିତବ୍ୟୟ ।
**Thriftily**, *ad.* ପରିମିତ ବ୍ୟୟକ୍ରମେ, କୃପଣ-
ଭାବରେ ।
**Thriftless**, *a.* ଅପରିମିତବ୍ୟୟୀ, ଉଡାଣିଆ ।



**Thrifty**, *a.* ଅଳ୍ପ ବା ପରିମିତବ୍ୟୟୀ, କ୍ୟସ୍ତ-
କୁଣ୍ଠ; ବର୍ଦ୍ଧିଷ୍ଣୁ ।
**Thrill**, *v.* ଫୁଟାଇବାର, ବିନ୍ଧିବାର; ତୁଷ୍ଟ-ହ ।
**Thrive**, *v.* ବଢିବାର, ବର୍ଦ୍ଧିଷ୍ଣୁ- ଉନ୍ନତ-ହ ।
**Thriving**, *a.* ବର୍ଦ୍ଧନଶୀଳ, ବର୍ଦ୍ଧିଷ୍ଣୁ ।
**Throat**, *s.* କଣ୍ଠ, ଗଳା, ଗଳଦେଶ ।
**Throb**, *v.* ଧକ୍ ୨-କ ବା -ହ ।
**Throe**, *s.* ପ୍ରସବବେଦନା; ପୀଡା, ଯନ୍ତ୍ରଣା ।
**Throne**, *s.* ସିଂହାସନ, ରାଜାସନ, ଭଦ୍ରାସନ,
ଗାଦି । [ଠେଲାଠେଲି ।
**Throng**, *s.* ଜନତା, ଭିଡ଼, ଲୋକଗହଳ,
**Throttle**, *v.* ଗଳା ଚିପି ଧରିବାର, ବେକ
ଚିପିବାର, ନିଶ୍ୱାସ ବନ୍ଦ-କ ।
**Through**, *pr.* ମଧ୍ୟଦେଇ, ଆଦ୍ୟପ୍ରାନ୍ତ;
by, ଦେଇ, ରେ, ଦ୍ୱାରା । [ଖୋଲଥଣାରେ ।
**Throughout**, *ad.* ସର୍ବତ୍ର, ସବୁଆଡେ,
**Throw**, *v.* ପକାଇ-ଦ, ନିକ୍ଷେପ-କ, ଫୋପା-
ଡିବାର ।
**Thrum**, *s.* ତନ୍ତର ସୂତାରଦଶା, ଦଶୀ ।
**Thrush**, *s.* ପକ୍ଷିବିଶେଷ; ରୋଗବିଶେଷ ।
**Thrust**, *s.* ଧକ୍କା, ଠେଲା, ଗୋଁଜ; -*v.* ଘୁସା-
ପେଲି-ଦ, ଧକ୍କା ମାରିବାର । [ଠି ।
**Thumb**, *s.* ଅଙ୍ଗୁଷ୍ଠ, ବୃଦ୍ଧାଙ୍ଗୁଳୀ, ବୁଢାଅଙ୍ଗୁ-
**Thump**, *s.* ମୁଷ୍ଟ୍ୟାଘାତ, ବିଧା; -*v.* ବିଧା
ବା ଧୁମସା ମାରିବାର ।
**Thumping**, *a.* ବୃହତ୍, ପ୍ରକାଣ୍ଡ ।
**Thunder**, *s.* ମେଘ ଗର୍ଜ୍ଜନ ବା ନାଦ ବା ଡାକ;
-*v.* ମେଘଗର୍ଜ୍ଜନ-କ ବା ଡାକିବାର; ତର୍ଜ୍ଜନ-କ ।
**Thunderbolt**, *s.* ବଜ୍ର, ବଜ୍ରାଘାତ ।
**Thundering**, *a.* ବଜ୍ରଶବ୍ଦପର; ଭୟାନକ,
ପ୍ରକାଣ୍ଡ ।
**Thunderstruck**, *a.* ବଜ୍ରାହତ, ବଜ୍ରାଘାତ;
ବିସ୍ମୟାପନ୍ନ ।

Thursday, *s.* ଗୁରୁବାର, ବୃହସ୍ପତିବାର ।
Thus, *ad.* ଏମନ୍ତ, ଏଇରୂପ, ଏପ୍ରକାର; -much, ଏତେ; -far, ଏପର୍ଯ୍ୟନ୍ତ, ଏସରିକ ।
Thwack, *s.* ଆଘାତ, ଚାପଡା; *v.* ମାରିବାର
Thwart, *v.* ବାରଣ-କ; ପ୍ରତିକୂଳାଚରଣ-କ ।
Thyself, *p.* ତୁମ୍ଭେ, ଆପଣ ।
Thy, *p.* ତୁମ୍ଭର, ତୋର, ତବ ।
Tiara, *s.* କିରୀଟ, ମୁକୁଟ, ମସ୍ତକାଭରଣ ।
Tick, *s.* ଘଡିରଶବ୍ଦ; ଛୋଟପୋକ, ଟିକ୍; trust, ଉଧାର, କର୍ଜ ।
Ticket, *s.* ଚିଠି, ପତ୍ର, ଲେଖା, ଅନୁମତିପତ୍ର ।
Ticking, *s.* ବିଛଣାର ଖୋଳ, ବାଲିଶର ଲୁଗା ।
Tickle, *v.* କୁତୁକୁତୁ-କ; ହରଷଜନ୍ମାଇବାର
Ticklish, *a.* କୁତୁକୁତୁଆ; uncertain, ଚଞ୍ଚଳ, ଅସ୍ଥିର ।
Tide, *s.* flood- ଜୁଆର; ebb ଭଟା; ସମୟ; -waiter, ଘାଟିଆବିଶେଷ ।
Tidily, *a.* ପରିଷ୍କାରରୂପେ, ଭଲମତେ ।
Tidings, *s.* ବାର୍ତ୍ତା, ସମ୍ବାଦ, ସମାଚାର, ଖବର
Tidy, *a.* ପରିଷ୍କାର, ପରିପାଟୀ, ଭଲ, ଦୋରସ୍ତ ।
Tie, *s.* ବନ୍ଧନୀ, ଗଣ୍ଠୀ; ବାଧ୍ୟତା; ସମ୍ବନ୍ଧ ।
Tie, *v.* ବନ୍ଧନ-କ, ବାନ୍ଧିବାର; ଅଟକାଇବାର
Tier, *s.* ପଂକ୍ତି, ଶ୍ରେଣୀ, ଧାଡି ।
Tierce, *s.* ପ୍ରାୟ ୧୪୬ ସେର ପରିମାଣର ପିପା
Tiff, *s.* ହଠାତ୍‌ରାଗ, ଝଗଡା, କଳହ ।
Tiffin, *s.* ଜଳପାନ, ଅଳ୍ପଭୋଜନ ।
Tiger, *s.* ବାଘ, ଶାର୍ଦ୍ଦୂଳ, ବ୍ୟାଘ୍ର ।
Tight, *a.* ଟାଣ, କଷା, ଶକ୍ତ ।
Tighten *v.* କଷିଟାଣିବାର, ଶକ୍ତବାନ୍ଧିବାର
Tightness, *s.* କଷାଭାବ, ଶକ୍ତତା, ଦୃଢତା ।
Tigress, *s.* ବାଘୁଣୀ, ବ୍ୟାଘ୍ରୀ ।
Tile, *s.* ଖପର, ଟାଇଲ୍, ଚେପ୍ଟାଇଟା ।
Tiling, *s.* ଖପରଲ ଘର ବା ଛପର ।
Till, *s.* ଦୋକାନର ଟଙ୍କା ପଇସାଦିର ସିନ୍ଦୁକ
Till, *pr.* ପର୍ଯ୍ୟନ୍ତ, ଅବଧି, ଯାଏଁ, ଯେପର୍ଯ୍ୟନ୍ତ ।
Till, *v.* ଚାଷ-କ, କୃଷି-କ, ଲଙ୍ଗଳ-ଦ ।
Tillage, *s.* ଚାଷ, କୃଷିକର୍ମ, ଚାଷବାସ ।
Tiller, *s.* ଚଷା, କୃଷକ, କୃଷାଣ; -of vessel, ନୌକାର ମଙ୍ଗ ।
Tilt, *s.* ଗାଡିର ଟପ, ନୌକାର ଛାଉଣୀ, ଅଶ୍ୱାରୂଢ ସୈନ୍ୟର ଅସ୍ତ୍ରଖେଳ ।
Tilt, *v.* ଝୁଙ୍କି ବା ଉଲଟାଇ ପଡିବାର; ଅସ୍ତ୍ରଖେଳା-କ । [କାଠଗୋଳ ।
Timber, *s.* କାଷ୍ଠର ସାଧାରଣ ନାମ; -yard,
Timbrel, *s.* ମୃଦଙ୍ଗ, ତବଲ, ମାଦଳ ।
Time, *s.* କାଳ, ସମୟ, ବେଳ; *v.* ଉଚିତ ସମୟରେ କର୍ମ-କ । [ଥାକାଳେ ।
Timely, *ad.* ସାମୟିକ, ସମୟୋପଯୁକ୍ତ, ଯ-
Timepiece, *s.* ଘଡି, ଘଣ୍ଟା ।
Time-serving, *v.* ସ୍ୱାର୍ଥୀ, ଅଧମ, ପାଷଣ୍ଡ ।
Timid, *a.* ଭୀତ, ଅସାହସିକ, ଭୟାର୍ତ୍ତ ।
Timidity, *s.* ତ୍ରାସ, ଅସାହସ, ଭୟ, ଡର ।
Timorous, *a.* ଭୟାର୍ତ୍ତ, ତ୍ରାସଯୁକ୍ତ; bashful, ଲଜ୍ଜାଶୀଳ ।
Tin, *s.* ରଙ୍ଗା, ଟିନ, ଧାତୁବିଶେଷ ।
Tincture, *s.* ବର୍ଣ୍ଣ, ରଙ୍ଗ; ରସ, ସାର, ସାରାଂଶ, କ୍ୱାଥ । [ମନଲିପ୍ତ-କ ।
Tincture, *v.* ରଙ୍ଗ ବା ରସଦେଇ ସିକ୍ତ-କ;
Tinder, *s.* ଶୀଘ୍ରଦାହ୍ୟବସ୍ତୁ, ପୋଡା ଖୋଲି ବା କନା । [ଲିପ୍ତ-କ ।
Tinge, *v.* ରଙ୍ଗ ବା ବର୍ଣ୍ଣ-ଦ, ରଙ୍ଗରେ
Tingle, *v.* ଝୁଣ୍ଝୁ-କ, ଟୁଣ୍ଟୁ-କ, କାନରେ ଶବ୍ଦ-କ ।

Tinker, *s.* କଂସାର, କାଂସ୍ୟକାର, ଥଟାର ।
Tinkle, *v.* ଝିନ୍‌୨ ଶବ୍ଦ-କ, ଝଣ୍‌୨ ଶବ୍ଦ-ହ ।
Tinman, *s.* କଂସାର, କଲାଯ଼ିକର ।
Tinsel, *s.* ମିଥ୍ୟା ଶୋଭାଯୁକ୍ତ ଦ୍ରବ୍ୟ, ଚକଚକଆ ।
Tint, *s.* ବର୍ଣ୍ଣ, ରଙ୍ଗ, ଦାଗ ।
Tiny, *a.* ଅତିସାନ, ଛୋଟ, କ୍ଷୁଦ୍ର, ସାନୁଟି ।
Tip, *s.* ଅଗ୍ରଭାଗ, ଅଗ, ଚୂଡା ; ପନ ।
Tip, *v.* ଚୂଡା- ଅଗ-କ, ସହଜେ ଆଘାତ-କ ।
Tippet, *s.* ସ୍ତ୍ରୀମାନଙ୍କର କଣ୍ଠର ବସ୍ତ୍ରବିଶେଷ ।
Tipple, *v.* ଅତିଶଯ଼ ମଦ୍ୟପାନ-କ, ମଦ୍ୟାସକ୍ତ-ହ ।
Tippler, *s.* ମଗୁଆଲ, ମଦ୍ୟପାଯ଼ୀ । [ନାଜ ।
Tipstaff, *s.* ଦଣ୍ଡନାଯ଼କ ; ଅଦାଲତର ବର୍କ-
Tipsy, *a.* ମତ୍ତ, ମଦ୍ୟାସକ୍ତ, ମଦରେ ବିହ୍ୱଳ ।
Tiptoe, *s.* ପାଦାଙ୍ଗୁଳୀର ଅଗ୍ରଭାଗ ; -of expectation, ଚାହିଁ୨ ଠିଆ-ହ ।
Tiptop, *s.* ଚଡାର ଅଗ୍ରଭାଗ ବା ଅଗ, ଶ୍ରେଷ୍ଠ
Tire, *s.* ହାମ, ଚକର ଲୌହବନ୍ଧ ।
Tire, *v.* କ୍ଳାନ୍ତ-ହ, ଶ୍ରମ-ପ, ଥକିଯିବାର ।
Tiresome, *a.* କ୍ଳାନ୍ତିକର, ପୀଡାଜନକ, କ୍ଲେଶଦ । [falsehood, ମିଥ୍ୟାଗୁଡାକ ।
Tissue, *s.* ଭସର ବା ଜରିଲୁଗା ; -of
Titan, *s.* ଦୈତ୍ୟ, ଦାନବ, ଅସୁର, ରାକ୍ଷସ ।
Tithe, *s.* ଦଶମାଂଶ କର, ଦଶମାଂଶ ।
Titbit, *s.* ଭକ୍ଷ୍ୟ ଦ୍ରବ୍ୟର ଉତ୍ତମାଂଶ, ଉତ୍ତମ
Titillation, *s.* କୁତୁକୁତୁକରଣ । [ଖଣ୍ଡ ।
Title, *s.* ପଦବୀ, ନାମ, ଅଧିକାର, ଉପାଧି ।
Titlepage, *s.* ଗ୍ରନ୍ଥର ଅଦପତ୍ର ବା ନାମାଙ୍କିତ ପତ୍ର ।
Titter, *v.* ମୁଖ ଚାପି ବା ହିଁ ହିଁ କରି ହସିବାର
Tittle, *s.* ଟିକିଏ, ଖଣ୍ଡେ ; ବିନ୍ଦୁ ।
Tittletattle, *s.* ଗପସପ, ଅନର୍ଥକ କଥାବାର୍ତ୍ତା

Titular, *a.* କେବଳ ନାମରେ, ନାମମାତ୍ରଧାରୀ । [-and fro, ଏଣେତେଣେ ।
To, *pr.* ପ୍ରତି, କୁ, ନିକଟ, ପର୍ଯ୍ୟନ୍ତ, ଠାରେ;
Toad, *s.* କଟକଟିଆବେଙ୍ଗ, ମଣ୍ଡୂକବିଶେଷ ।
Toadeater, *s.* ଚାଟୁବାଦୀ, ଖୁସାମ୍‌ଦୀଯ଼ା ।
Toast, *s.* ସେକାରୁଟୀ; health- ମଙ୍ଗଳ ପ୍ରାର୍ଥନା, କଲ୍ୟାଣଉକ୍ତି ।
Toast, *v.* ରୋଟୀ ନିଆଁରେ ସେକିବାର; କଲ୍ୟାଣ କରି ଡାକିବାର ।
Tobacco, *s.* ଧୂଁଆପତ୍ର, ତମାଖୁ; with molasses, ଗୁଡାଖୁ ।
Tobacconist, *s.* ତମାଖୁ ବ୍ୟବସାଯ଼ୀ, ତକିବେଚା । [ହାର ଧ୍ୱନି ।
Tocsin, *s.* ଶଙ୍କାଜନକ ବୃହତ୍‌ଘଣ୍ଟା ବା ଢା-
To-day, *ad.* ଆଜ, ଅଦ୍ୟ, ଆଜଦିନ; -night, ଆଜରାତି ।
Toddle, *v.* ଟଳମଟଳ କରି ଚାଲିବାର ।
Toddy, *s.* ତାଡି, ତାଳ ବା ଖଜୁରିର ରସ ।
Toe, *s.* ପାଦର ଅଙ୍ଗୁଳି; great- ପାଦର ବୁଢା ଅଙ୍ଗୁଳି । [ସହିତ ।
Together, *ad.* ଏକତ୍ର, ଏକଠା, ଏକସଙ୍ଗେ,
Toil, *s.* ପରିଶ୍ରମ, ଦୁଃଖ, ଯତ୍ନ, ମେହନତ; snare, ଫାନ୍ଦ, ଜାଲ ।
Toilet, *s.* ପରିଚ୍ଛଦ ବା ସଜ୍ଜାକରଣାର୍ଥ ମେଜ ।
Toilsome, *a.* ପରିଶ୍ରମୀ, କ୍ଲେଶଯୁକ୍ତ, ମେହନତୀ । [ବସ୍ତୁ ।
Token, *s.* ଚିହ୍ନ, ଲକ୍ଷଣ, ଠାର, ସ୍ମରଣଜନକ
Tolerable, *a.* ସହ୍ୟ, ସହିବାର ଯୋଗ୍ୟ; ମଧ୍ୟମପ୍ରକାର । [ମତି ।
Tolerance, *s.* ସହ୍ୟତା, ସହିଷ୍ଣୁତା, ଅନୁ-
Tolerate, *v.* ସହ୍ୟ-କ, ସହିବାର, ଅନୁମତି-ଦ । [ସମ୍ମତି, ଅନିଷେଧ ।
Toleration, *s.* ସହ୍ୟକରଣ, ପର ଧର୍ମରେ

**Toll**, *s.* କର, ଶୁଳ୍କ, ମାସୁଲ; ଘଣ୍ଟାର ଶବ୍ଦ; *v.* ଘଣ୍ଟା ବଜାଇବାର ।

**Toll-booth**, *s.* ହାଟ, ବଜାର; କାରାଗାର ।

**Tomahawk**, *s.* ଟାଙ୍ଗି, ପରଶୁ, ଯୁଦ୍ଧକୁଠାର

**Tomb**, *s.* କବର, ସମାଧି, ଗୋର ।

**Tomboy**, *s.* ଚଞ୍ଚଳା କି ବାଳକ ପରି ବାଳିକା

**Tombstone**, *s.* କବରର ନାମାଦି ଅଙ୍କିତ [ପଥର ।

**Tome**, *s.* ପୁସ୍ତକ, ଗ୍ରନ୍ଥର ଏକଖଣ୍ଡ ।

**To-morrow**, *s.* କାଲି, ଆସନ୍ତାଦିନ, କଲ୍ୟ ।

**Ton**, *s.* ପ୍ରାୟ ୩୦ ମହଣ ଓଜନ ।

**Tone**, *s.* ସ୍ୱର, ଶବ୍ଦ, ଧ୍ୱନି, accent, ଉଚ୍ଚାରଣ; [ବଳ ।

**Tongs**, *s.* ସଣ୍ଡାସି, ଚିମୁଟା ।

**Tongue**, *s.* ଜିହ୍ୱା, ଜିଭ, ରସନା; language, ଭାଷା, ବାକ୍ୟ; -scraper, ଜିଭଛେଲଣୀ ।

**Tonic**, *a.* ପୌଷ୍ଟିକ, ବଳବର୍ଦ୍ଧକ ଔଷଧ ।

**To-night**, *s.* ଆଜରାତି, ଅଦ୍ୟରାତ୍ର ।

**Tonnage**, *s.* ଜାହାଜର ପରିମାଣ ବା ଭଡା ।

**Tonsure**, *s.* କ୍ଷୌର, ମୁଣ୍ଡନ ।

**Too**, *ad.* ଅତି, ଅଧିକ, ଅତ୍ୟନ୍ତ, ଆଉ, ଓ ।

**Took**, **Take**, କ୍ରିୟାର ଭୂତକାଳ, ନେଇଥିଲି ।

**Tool**, *s.* ହତିଆର, ଅସ୍ତ୍ର; ପରର ଆଜ୍ଞାକାରୀବ୍ୟକ୍ତି

**Tooth**, *s.* ଦାନ୍ତ, ଦନ୍ତ, ରଦନ । [ବେଦନା ।

**Toothache**, *s.* ଦନ୍ତଶୂଳ, ଦାନ୍ତଟଣା, ଦନ୍ତ-

**Toothbrush**, *s.* ଦନ୍ତମାର୍ଜନୀ, ଦାନ୍ତକାଠି ।

**Toothpick**, *s.* ଖରିକା, ଦାନ୍ତଖୁଞ୍ଚା; -powder, ଦାନ୍ତଘଷା ମିଶି । [ଠାରୁ ଉଚ୍ଚସ୍ଥାନ ।

**Top**, *s.* ଉପରିଭାଗ, ମୁଣ୍ଡ, ଶିଖା, ଚୂଡା; ସବୁ-

**Topaz**, *s.* ଗୋମେଦମଣି, ପଦ୍ମରାଗମଣି ।

**Toper**, *s.* ପାନାସକ୍ତଲୋକ, ମଦୁଆଲୋକ, ସୁରାପ ।

**Top-heavy**, *a.* ମୁଣ୍ଡଭାର, ମତ୍ତ ।

**Topic**, *s.* ପ୍ରସଙ୍ଗ, ପ୍ରସ୍ତାବ, କଥା, ବିଷୟ ।

**Topknot**, *s.* ଚୂଡା, ଶିଖା, ଖୋପା ।

**Topmost**, *a.* ସର୍ବୋପରିସ୍ଥ, ସବୁଠାରୁ ଉଚ୍ଚ ।

**Topography**, *s.* ବିଶେଷ ସ୍ଥାନର ବିବରଣ, ଦେଶପ୍ରଦେଶର ବର୍ଣ୍ଣନା ।

**Topple**, *v.* ମାଟିରେ ବା ତଳେ ପଡିବାର, ଝୁଣ୍ଟି-ପଡିବାର ।

**Topsy-turvy**, *ad.* ଓଲଟପାଲଟ, ତଳଉପର

**Torch**, *s.* ମଶାଲ, ଦିଉଟି; ଉଲ୍କା ।

**Torment**, *s.* ଅତିଯନ୍ତ୍ରଣା, ମହାଦୁଃଖ, ଯାତନା, ବେଦନା । [କଷ୍ଟ-ଦ ।

**Torment**, *v.* ଅତିଯନ୍ତ୍ରଣା-ଦ, ପୀଡା ବା

**Tornado**, *s.* ପ୍ରଚଣ୍ଡଝଡ, ତୋଫାନ, ଅତିଶୀଘ୍ର ଘୂର୍ଣ୍ଣିବତାସ । [ରହିତ ।

**Torpid**, *a.* କୁଣ୍ଠିଆ, ଗତିଶକ୍ତିହୀନ, ସ୍ପନ୍ଦନ-

**Torpor**, *s.* କୁଣ୍ଠିପଣ, ଜଡତା, ଅଚେତନା ।

**Torrent**, *s.* ତୋଡ, ସୁଅ, ବେଗସ୍ରୋତ, ବଳିଆର ପ୍ରବାହ । [କଟିବନ୍ଧ ।

**Torrid**, *a.* ଅତ୍ୟୁଷ୍ଣ, ତାପଗ୍ରସ୍ତ; -zone, ଉଷ୍ଣ-

**Tortoise**, *s.* କଚ୍ଛପ, କଇଁଛ, କୂର୍ମ, କମଠ ।

**Tortuous**, *a.* ବଙ୍କା, ବଙ୍କ; ପେଞ୍ଚାଳ; ଦୁଷ୍ଟ ।

**Torture**, *s.* ଅତିଯନ୍ତ୍ରଣା, ମହାବେଦନା, ପୀଡା

**Toss**, *v.* ନିକ୍ଷେପ-କ, ଫୋପାଡିବାର, ପକାଇବାର; -to and fro, ଛଟପଟ-ହ ।

**Total**, *a.* ସମ୍ପୂର୍ଣ୍ଣ, ସବୁ, ସମୁଦାୟ, ତାବତ; ମୋଟ; *s.* ଜମା, ଏକୁନ ।

**Totally**, *ad.* ସର୍ବତୋଭାବେ, ସମ୍ପୂର୍ଣ୍ଣରୂପେ ।

**Totter**, *v.* ଟଳିବାର, ଝୁଲିବାର, ଟଳମଳ-ହ ।

**Touch**, *s.* ଛୁଆଁ, ସ୍ପର୍ଶ; sense of feeling, ସ୍ପର୍ଶବୋଧ । [ସଂଲଗ୍ନ-ହ, ସ୍ପର୍ଶ-କ ।

**Touch**, *v.* ଛୁଇଁବାର, ହାତ-ଦ, ଲାଗିବାର,

**Touch-hole**, *s.* ରଞ୍ଜକଦାସ, ରଞ୍ଜକରନ୍ଧ୍ର ।

**Touching**, *a.* ଭାବୋଦୟକର; -*pr*, ବିଷୟକ, ସମ୍ବନ୍ଧୀୟ । [ପ୍ରସ୍ତର ।

**Touchstone**, *s.* କଷ୍ଟିପଥର, ସ୍ୱର୍ଣ୍ଣ ପରୀକ୍ଷକ

**Touchwood**, *s.* ନିଆଁ ବେଗେ ଧରଇ ଯେ
କାଠ । [ପାରେ ଯେ ।
**Touchy**, *a.* ରାଗୀ, ଚିଡଚିଡା, କିଛି ସହି ନ
**Tough**, *a.* ଜିମଡା, ଶକ୍ତ, କଠିନ, ଟାଣ ।
**Tour**, *s.* ଯାତ୍ରା, ପର୍ଯ୍ୟଟନ, ଦେଶଭ୍ରମଣ ।
**Tourist**, *s.* ଯାତ୍ରିକ, ଦେଶଭ୍ରମଣକର୍ତ୍ତା ।
**Tournament**, *s.* ଯୁଦ୍ଧକୌତୁକ, ମଲ୍ଲଯୁଦ୍ଧ ।
**Tow**, *s.* ଛଣପଟ, ଷଣ । [କାଦ ଟାଣିବାର ।
**Tow**, *v.* ଟୁଣଟାଣିବାର, ଦଉଡ ଦେଇ ନୌ-
**Toward**, *a.* ଆଜ୍ଞାବହ, ଉଦ୍ୟୋଗୀ, ଶିକ୍ଷା-
ଗ୍ରହଣଶୀଲ । [ପାଶରେ, ନିକଟରେ ।
**Towards**, *pr.* ଅଭିମୁଖେ, ଆଡେ, ଦିଗେ,
**Towel**, *s.* ଗାମୁଛା, ଗାତ୍ରମାର୍ଜନୀ, ତାଉଲ;
duster, ଝାଡନ ।
**Tower**, *s.* ଗଡ, କିଲ୍ଲା, ଉଚ୍ଚଦୁର୍ଗ; ବୁରୁଜ ।
**Tower**, *v.* ଊର୍ଦ୍ଧ୍ୱ ବା ଆକାଶରେ ଉଠିବାର,
ଉନ୍ନତ-ହ ।
**Town**, *s.* ନଗର, ନଗରୀ, ପୁର, ଶହର ।
**Town-hall**, *s.* ନଗରର ସାଧାରଣ ସଭାଗୃହ ।
**Townsman**, *s.* ନଗରସ୍ଥ ଲୋକ, ନଗରବାସୀ
**Toy**, *s.* ଖେଲନା, ପିଲ୍ଗୁଲୀ; ତୁଚ୍ଛଦ୍ରବ୍ୟ;
-shop, ଖେଲନା ଦୋକାନ । [ଭଙ୍ଗ-କ ।
**Toy**, *v.* ଖେଲା ବା କ୍ରୀଡା-କ, ଥଟ୍ଟା ବା ରଙ୍ଗ-
**Trace**, *s.* ପଦଚିହ୍ନ ବା ଅଙ୍କ, ଖୋଜ ବା ଖୁରା-
ଦାଗ । [ଶା ଟାଣିବାର ।
**Trace**, *v.* ଚିହ୍ନଦ୍ୱାରା ତତ୍ତ୍ୱ-କ; ଚିହ୍ନ ବା ରେ-
**Traces**, *s.* ଜୋତ, ଗାଡି ଟଣାଚର୍ମ ।
**Track**, *s.* ଚିହ୍ନ, ଦାଗ, ଅଙ୍କ; ପଥ, ବାଟ,
ସଡ଼ । [ଅବାଟ ।
**Trackless**, *a.* ଚିହ୍ନକି ଦାଗରହିତ, ପଥଶୂନ୍ୟ,
**Tract**, *s.* ଦେଶ, ପ୍ରଦେଶ, ଅଞ୍ଚଳ; small
book, ସାନ ପୁସ୍ତକ ।
**Tractable**, *a.* ଆଜ୍ଞାବଶ, ନମ୍ର, ଦମ୍ୟ, ମଣା ।

**Trade**, *s.* ବାଣିଜ୍ୟ, ମହାଜନୀ, ବେପାର,
ବ୍ୟବସାୟ । [କ୍ରୟବିକ୍ରୟ-କ ।
**Trade**, *v.* ବାଣିଜ୍ୟ ବା ବ୍ୟାପାର-କ, କ୍ରୟ-
**Trader**, *s.* ବ୍ୟାପାରୀ, ବ୍ୟବସାୟୀ, ବେପାରୀ,
ମାହାଜନ । [କାମୀ, ବଣିଆଁ ।
**Tradesman**, *s.* ବ୍ୟବସାୟୀ, ପସାରୀ, ଦୋ-
**Tradewind**, *s.* ଅୟନ ବାୟୁ । [କାନ୍ୟ ।
**Tradition**, *s.* ପରମ୍ପରା ଶ୍ରୁତକଥା, ପୁରାତନ-
**Traditional**, *a.* ପାରମ୍ପରିକ, ପୁରାଣୋକ୍ତ,
ପରମ୍ପରାଗତ ।
**Traduce**, *v.* ଗ୍ଲାନି- ନିନ୍ଦା-କ, ଅପବାଦ-ଦ ।
**Traffic**, *s.* ବାଣିଜ୍ୟ, ବ୍ୟବସାୟ, କ୍ରୟବିକ୍ରୟ ।
**Tragedian**, *s.* କରୁଣଜନକ ସଂକର୍ତ୍ତା ।
**Tragedy**, *s.* ଦୁର୍ଦ୍ଦଶାସୂଚକ ନାଟକ; ଦୁର୍ଘ-
ଟନା ।
**Tragical**, *a.* ଶୋକ ବା ଶଙ୍କାଜନକ, ଦାରୁଣ
**Trail**, *v.* ଘୋଷାଡବାର, ଓଟାରିବାର, ଭୂମି-
ରେ ଟାଣିବାର । [ସହଚରଗଣ ।
**Train**, *s.* ଲମ୍ବିଲ୍‌ବାର ପଛଭାଗ; ଶ୍ରେଣୀ, ଧାଡ;
**Train**, *v.* ଶିକ୍ଷା-ଦ, ମଣାଇବାର, ପ୍ରସ୍ତୁତ-କ ।
**Train-oil**, *s.* ତିମିମତ୍ସ୍ୟର ତେଲ ଅବା ବସା ।
**Trait**, *s.* ସ୍ୱଭାବର ଚିହ୍ନ, ଗୁଣ ।
**Traitor**, *s.* ରାଜଦ୍ରୋହକ, ବିଶ୍ୱାସଘାତକ ।
**Traitorous**, *a.* ରାଜଦ୍ରୋହୀ, କୃତଘ୍ନ ।
**Trammel**, *s.* ଜାଲ, ବନ୍ଧନ, ଫାନ୍ଦ; -*v*
ବାଧା-ଦ, ଅଟକ-କ । [ମାଡବାର ।
**Tramp**, *v.* ପାଦ ଘଷରେ ଯାତ୍ରା-କ, ପାଦ
**Trample**, *v.* ପାଦ ତଳେ ମର୍ଦ୍ଦନ-କ, ମାଡ-
ବାର ।
**Trance**, *s.* ମୂର୍ଚ୍ଛା, ମୋହ, ଅଚେତନ ।
**Tranquil**, *a.* ଶାନ୍ତ, ସୁସ୍ଥିର, ଧୀର, ଥଣ୍ଡା ।
**Tranquility**, *s.* ଶାନ୍ତି, ସୁସ୍ଥିରତା, ଅନୁ-
ଦ୍ବେଗ, ନିର୍ବିଘ୍ନତା ।

**Tranquillize**, *v.* ସୁସ୍ଥିର- ଶାନ୍ତ- ଉପଶମ-କ

**Transact**, *v.* କର୍ମ ଚଳାଇବାର, କର୍ଯ୍ୟାହ-କ ।

**Transaction**, *s.* କାର୍ଯ୍ୟ, କର୍ମ, ବ୍ୟାପାର ।

**Transcend**, *v.* ଶ୍ରେଷ୍ଠ-ହ, ଅନ୍ୟଠାରୁ ଭଲ ବା ବଡ-ହ ।

**Transcendent**, *a.* ଅତ୍ୟୁତ୍ତମ, ସର୍ବୋତ୍କୃଷ୍ଟ ।

**Transcribe**, *v.* ନକଲ-କ, ଉତାରିବାର, ପ୍ରତିଲିପି-କ ।

**Transcript**, *s.* ପ୍ରତିଲିପି, ନକଲ, ଆଦର୍ଶ ।

**Transfer**, *v.* ପରହସ୍ତେ-ଦ, ଅନ୍ୟକୁ-ଦ, ହସ୍ତାନ୍ତର-କ । [ନ୍ତରଧାରଣ ।

**Transfiguration**, *s.* ଅନ୍ୟ ମୂର୍ତ୍ତି ବା ରୂପା-

**Transfigure**, *v.* ରୂପାନ୍ତର-ହ, ଅନ୍ୟମୂର୍ତ୍ତି ଧରିବାର । [ବାର ।

**Transfix**, *v.* ଏପାଖ ସେପାଖ ଫୁଟିବାର, ବିନ୍ଧି-

**Transform**, *v.* ରୂପାନ୍ତର-ହ, ଅନ୍ୟମୂର୍ତ୍ତି-କ ।

**Transfuse**, *v.* ଏକଠାରୁ ଅନ୍ୟଠାରେ ଢାଳି-ବାର । [ଅତିକ୍ରମ-କ ।

**Transgress**, *v.* ଆଜ୍ଞା ଲଙ୍ଘିବାର, ମେଣ୍ଟିବାର,

**Transgression**, *s.* ପାପ, ଦୋଷ, ଅତିକ୍ରମ, ଲଙ୍ଘନ । [ଅସ୍ଥିର ।

**Transient**, *a.* ଅଚିରସ୍ଥାୟୀ, କ୍ଷଣିକ, ଅନିତ୍ୟ,

**Transit**, *s.* ଏକଗ୍ରହ ଅନ୍ୟଗ୍ରହପାଖେ ଯିବା; ବାଣିଜ୍ୟ ଦ୍ରବ୍ୟର ଦେଶାନ୍ତର ଚଳାନ; -duty, ସହାଦାର ମାଶୁଲ । [ପରିବର୍ତ୍ତନ ।

**Transition**, *s.* ସ୍ଥାନାନ୍ତର ବା ଅବସ୍ଥାନ୍ତର,

**Transitive**, *a.* ଗତିକରଣ କ୍ଷମ; -verb, ଭାବାନ୍ତରକାରକାର୍ଯ୍ୟପଦ ।

**Transitory**, *a.* କ୍ଷଣଧ୍ୱଂସୀ, ଅନିତ୍ୟ, ଅଳ୍ପ-କାଳସ୍ଥାୟୀ ।

**Translate**, *v.* ରୂପାନ୍ତର ବା ତର୍ଜମା-କ; to change, ବଦଳ-କ । [ନ୍ତର-ହ ।

**Translation**, *s.* ଅନୁବାଦ, ତର୍ଜମା; ସ୍ଥାନା-

**Translucent**, *a.* କାଚପରନିର୍ମଳ, ଉଜ୍ଜ୍ୱଳ ।

**Transmigration**, *s.* ସ୍ଥାନାନ୍ତରଗମନ, ପୁନରପି ଜନ୍ମ, ଅନ୍ୟାନ୍ୟ ଯୋନି ଭ୍ରମଣ ।

**Transmission**, *s.* ପ୍ରେରଣ, ଚଳନ, ହସ୍ତାନ୍ତର କରଣ । [ଚଳାଇବାର ।

**Transmit**, *v.* ପ୍ରେରଣ-କ, ପଠାଇବାର,

**Transmutation**, *s.* ଗୁଣ ପରିବର୍ତ୍ତନ ବା ଗୁଣାନ୍ତର । [ଗୁଣ ବଦଳାଇବାର ।

**Transmute**, *v.* ସ୍ୱଭାବାନ୍ତର-କ, କବାର-କ,

**Transparency**, *s.* ସ୍ୱଚ୍ଛତା, ନିର୍ମଳତା, ଉଜ୍ଜ୍ୱଳତା ।

**Transparent**, *a.* ସ୍ୱଚ୍ଛ, ନିର୍ମଳ, ସ୍ପଷ୍ଟ, ଉଜ୍ଜ୍ୱଳ ।

**Transpire**, *v.* ବାଷ୍ପ ପରି ଉଡିବାର, ପ୍ରକାଶ-ପା, ବ୍ୟକ୍ତ-ହ । [ବା ସ୍ଥାପନ-କ ।

**Transplant**, *v.* ଅନ୍ୟ ସ୍ଥାନରେ ସେଇବାର

**Transport**, *v.* ସ୍ଥାନାନ୍ତର-କ, ଦୋଷ ଲାଗି ଦେଶାନ୍ତରେ-କ ।

**Transport**, *s.* ମୋହ, ମହାନନ୍ଦ, ଅତି ହ-ରସ; a ship, ଜାହାଜବିଶେଷ । [ଚାଲାଣ ।

**Transportation**, *s.* ଦେଶାନ୍ତର ପ୍ରେରଣ,

**Transpose**, *v.* ସ୍ଥାନ ପରିବର୍ତ୍ତନ-କ, ଫେର-ଫାର ବା ଉଲଟା-କ ।

**Transposition**, *s.* ସ୍ଥାନାନ୍ତରକରଣ, ଫେର-ଫାର, ବଦଳକରଣ ।

**Transubstantiate**, *v.* ସ୍ୱଭାବାନ୍ତର-କ, ବ-ସ୍ତୁର ସ୍ୱଭାବ ବଦଳାଇବାର ।

**Transverse**, *a.* ଆଡ, ତେର୍ଚ୍ଛା, ତେଡା ।

**Transversely**, *ad.* କୋଣାକୋଣି, ଆଡେ ଆଡେ ।

**Trap**, *s.* ଫାନ୍ଦ, ଜାଲ, ପଶୁ ଧରିବାର କଳ ।

**Trap-door**, *s.* ଗୁପ୍ତଦ୍ୱାର କି ଦ୍ୱାର ।

**Trappings**, *s.* ଭୂଷଣ, ଆଭରଣ, ସାଜ ।

**Trash**, *s.* ତୁଚ୍ଛଦ୍ରବ୍ୟ, ଅସାର, ନିଷ୍କର୍ମ ବସ୍ତୁ ।
**Travail**, *s.* କ୍ଳେଶ, ଯତ୍ନ, ପରିଶ୍ରମ; ପ୍ରସବ ବେଦନା ।
**Travail**, *v.* ପରିଶ୍ରମ-କ, ଯତ୍ନ-କ ।
**Travel**, *v.* ଦେଶବିଦେଶ ଭ୍ରମଣ- ଯାତ୍ରା-କ ।
**Traveller**, *s.* ପଥିକ, ଯାତ୍ରୀ, ପର୍ଯ୍ୟଟକ, ପ୍ରବାସିର ।
**Traverse**, *ad.* ଆଡ଼େ, କୋଣାକୋଣି ।
**Traverse**, *v.* ଆଡ଼େଇ ରଖିବାର, ଭ୍ରମଣ-କ, ବୁଲିବାର ।
**Travesty**, *a.* ଉପହାସଜନକ ବେଶଧାରୀ ।
**Tray**, *s.* ଥାଳି, ଡାଲା; ବାରକୋଷ ।
**Treacherous**, *a.* ବିଶ୍ୱାସଘାତକ, ଅବିଶ୍ୱସ୍ତ, କୁଟିଳ । [ଅବିଶ୍ୱସ୍ତତା ।
**Treachery**, *s.* ବିଶ୍ୱାସଘାତକତା, ପ୍ରତାରଣା,
**Treacle**, *s.* ଗୁଡ଼ ରସ ବା ସିରା ।
**Tread**, *v.* ପଦାର୍ପଣ-କ, ମାଡ଼ିବାର, ଦଳିବାର
**Treadle**, *s.* କଳଖୁଣ୍ଟୀ, ଢେଙ୍କିଖୁଣ୍ଟୀ ।
**Treason**, *s.* ରାଜଦ୍ରୋହ, ରାଜାରପ୍ରତିକୂଳାଚରଣ । [ବିଷୟକ ।
**Treasonable**, *a.* ରାଜଦ୍ରୋହସମ୍ବନ୍ଧୀୟ, ତ-
**Treasure**, *s.* ସଞ୍ଚିତଧନ, ନିଧି, ସମ୍ପତ୍ତି, ଦୌଲତ । [ମୂଲ୍ୟମଣି ରଖିବାର ।
**Treasure**, *v.* ସଞ୍ଚୟ- ଟଙ୍କାଜମା-କ, ବହୁ-
**Treasurer**, *s.* ଖାଜାଞ୍ଚୀ, ତହବିଲଦାର, ଭଣ୍ଡାରଘରିଆ । [ଗାର ।
**Treasury**, *s.* ଖଜଣାଘର, ରାଜକୋଷ, ଧନା-
**Treat**, *s.* ଭୋଜ, ସୁଖଭୋଗ, ସୁଭୋଗ୍ୟଦ୍ରବ୍ୟ
**Treat**, *v.* ବ୍ୟବହାର- ପ୍ରସ୍ତାବ-କ, ସନ୍ଧି ବିଷୟରେ କଥାବାର୍ତ୍ତା-କ; ଭୋଜନାଦି-ଦ ।
**Treatise**, *s.* ପ୍ରବନ୍ଧ, ପ୍ରସଙ୍ଗ; ପୁସ୍ତକ ।
**Treatment**, *s.* ବ୍ୟବହାର, ସଦସଦାଚାର ।
**Treaty**, *s.* ନିୟମ, ସନ୍ଧିପତ୍ର, ନିର୍ଦ୍ଧାରଣ, ସନ୍ଧି ।
**Treble**, *a.* ତ୍ରିଗୁଣ, ତିନିଗୁଣ, ତେହରା; -*s.* ତୀକ୍ଷ୍ଣସ୍ୱର ।
**Tree**, *s.* ବୃକ୍ଷ, ଗଛ, ତରୁ, ଦ୍ରୁମ, ପାଦପ ।
**Trefoil**, *s.* ତ୍ରିପତ୍ରଯୁକ୍ତ ତୃଣ । [କାଷ୍ଠ ।
**Trellis**, *s.* ଲୌହ ବା କାଷ୍ଠନିର୍ମିତ ଝାଞ୍ଜରି ବା
**Tremble**, *v.* କମ୍ପିବାର, ଥରଥର-ହ, ଭୟ-ପ
**Tremendous**, *a.* ଭୟଙ୍କର, ଘୋରତର, ଦାରୁଣ ।
**Tremour**, *s.* ଥରଥର, ଭୟତ୍ରସ୍ତ ।
**Tremulous**, *a.* କମ୍ପମାନ, ଅସ୍ଥିର, ଚଞ୍ଚଳ ।
**Trench**, *s.* ଖାତ, ଖନକ, ଗଡ଼ଖାଇ, ପରିଖା
**Trencher**, *s.* କାଠର ଥାଳି ।
**Trepan**, *s.* ଫାନ୍ଦ; ଅସ୍ତ୍ରବୈଦ୍ୟର ବ୍ୟବହାର୍ଯ୍ୟ ଗୋଲ କରତ ।
**Trepan**, *v.* ଉପରୋକ୍ତ ଅସ୍ତ୍ର ଦ୍ୱାରା ମୁଣ୍ଡର ଖୁଲିକାଟିବାର; ଫାନ୍ଦରେ ପକାଇବାର ।
**Trepidation**, *s.* କମ୍ପ, ଡର, ଭୟ, ଛଇ ।
**Trespass**, *s.* ଅପରାଧ, ଦୋଷ, ଆଜ୍ଞାଲଙ୍ଘନ ।
**Tresses**, *s.* ମୁଣ୍ଡର କେଶ, ଝୁଲପି, କେଶଗୁଚ୍ଛ
**Trestle**, *s.* ତ୍ରିପଦୀ, ମେଜର ଠାଣ୍ଠା ।
**Trevet**, *s.* ତ୍ରିପାଦବିଶେଷ, ତେପାୟା ।
**Triad**, *s.* ତ୍ରିଯୁକ୍ତବସ୍ତୁ; ତ୍ରୟାତ୍ମକଧର୍ମ ।
**Trial**, *s.* ପରୀକ୍ଷା, ପରଖ, ଗୁଣାଗୁଣବିବେଚନା, ଇମତିହାନ ।
**Triangle**, *s.* ତ୍ରିକୋଣ, ତ୍ରିଭୁଜ, ତ୍ରିକୋଣବସ୍ତୁ
**Triangular**, *a.* ତ୍ରିକୋଣବିଶିଷ୍ଟ, ତ୍ରିକୋଣା ।
**Tribe**, *s.* ଗୋଷ୍ଠୀ, ଗୋତ୍ର, ଜାତି, କୁଳ, ବଂଶ
**Tribulation**, *s.* କ୍ଳେଶ, ଦୁଃଖ, ବିପତ୍ତି, ସନ୍ତାପ ।
**Tribunal**, *s.* ବିଚାରକର୍ତ୍ତା ବା ସ୍ଥାନ, ଅଦାଲତ
**Tribune**, *s.* ରୋମୀୟ ଅଧ୍ୟକ୍ଷବିଶେଷ ବା ବିଚାରକର୍ତ୍ତା । [ଆସ୍ଥାନ ।
**Tributary**, *a.* କରଦାୟୀ, ବଶାଧୀନ, ବଶ,

**Tribute**, *s.* ରାଜସ୍ୱ, କର, ଖାଜଣା ।
**Trice**, *s.* କ୍ଷଣମାତ୍ରକାଳ, ନିମିଷ ।
**Trick, Trickery**, *s.* ଠକୁଆମି, ଫାଙ୍କି, ପ୍ରବଞ୍ଚନା, ଛଳ । [କ୍ଷଇବାର ।
**Trickle**, *v.* ଟୋପା୨ ଝରିବାର, ଚୂଆଇବାର,
**Trident**, *s.* ତ୍ରିଶୂଳ, ତ୍ରିଫଳାସ୍ତ୍ରବିଶେଷ ।
**Triennial**, *a.* ତ୍ରୈବାର୍ଷିକ, ତିନି୨ ବର୍ଷର ।
**Trifle**, *s.* କ୍ଷୁଦ୍ରବିଷୟ, ଅଳ୍ପମୂଲ୍ୟବସ୍ତୁ ।
**Trifle**, *v.* ଅବଜ୍ଞା- ଅନାଦର-କ; ମିଥ୍ୟାରେ କାଳକାଟିବାର ।
**Trifler**, *s.* ଅନର୍ଥକକର୍ମକର୍ତ୍ତା, ତୁଚ୍ଛକାରୀ ।
**Trifling**, *a.* ତୁଚ୍ଛ, କ୍ଷୁଦ୍ର, ସାନ, ଲଘୁ, ଅଳ୍ପ ।
**Trigger**, *s.* ବନ୍ଧୁକର ଟିପକଳ ।
**Trigonometry**, *s.* ତ୍ରିକୋଣବସ୍ତୁ ମାପିବାର ବିଦ୍ୟା ।
**Trilateral**, *a.* ତ୍ରିଭୁଜବିଶିଷ୍ଟ, ତ୍ରିକୋଣବସ୍ତୁ ।
**Trill**, *s.* ସ୍ୱର ଅବା ବାଦ୍ୟର କମ୍ପ, ଥରଥର ।
**Trillion**, *s.* ଦଶପରାର୍ଦ୍ଧ ସଂଖ୍ୟା ।
**Trim**, *s.* ଅଲଙ୍କାର, ବେଶଭୂଷା; ଦଶା; -*a.* ସୁନ୍ଦର, ଦୋରସ୍ତ ।
**Trim**, *v.* ସୁସଜ୍ଜିତ-କ, ସଜାଡିବାର, ପିନ୍ଧିବାର; କାଟିବାର । [କ୍ଷଣେକ ସେପକ୍ଷ ଲୋକ ।
**Trimmer**, *s.* ଦୁଇଦଳିଆ, କ୍ଷଣେକ ଏପକ୍ଷ
**Trimming**, *s.* ଦଶୀ, ଝାଲର, ଜରି ।
**Trinity**, *s.* ତ୍ରୈକତ୍ୱ, ଅଭେଦବିଭେଦସ୍ୱରୂପ, ପିତା ପୁତ୍ର ଧର୍ମାତ୍ମା, ଏହି ତିନି ଏକ ଈଶ୍ୱର ।
**Trinket**, *s.* ଅଲଙ୍କାର, ଗହଣା, ଭୂଷଣ; ଅଳ୍ପ ମୂଲ୍ୟଦ୍ରବ୍ୟ ।
**Trip**, *s.* ଝୁଣ୍ଟିବାର, ଭ୍ରମ; ଏକକ୍ଷେପ, ଅଳ୍ପ- ଦୂର ବା ସମୟର ଯାତ୍ରା ।
**Trip**, *v.* ଝୁଣ୍ଟିପଡିବାର, ହର୍ଷହୋଇ ଚାଲିବାର, ଭ୍ରମ-କ । [କୂଦ ।
**Tripartite**, *a.* ତିନିଭାଗରେ ବିଭକ୍ତ, ତ୍ର୍ୟଂଶୀ-

**Tripe**, *s.* ପଶୁରକାଣ୍ଡି, ଅନ୍ତ୍ର ।
**Tripthong**, *s.* ଏକତ୍ର ତିନି ସ୍ୱର, ତ୍ରିସ୍ୱର ।
**Triple, Triplicate**, *a.* ତିନିଗୁଣ, ତ୍ରିଗୁଣ, ତେହରା ।
**Triplet**, *s.* ତ୍ରୀପଦୀ ଶ୍ଳୋକ ବା କବିତା ।
**Tripod, Teapoy**, *s.* ତ୍ରୀପଦୀ, ତେପାୟୀ ।
**Tripping**, *a.* ଦ୍ରୁତ, ଶୀଘ୍ରଗାମୀ, ଚଞ୍ଚଳ ।
**Trisyllable**, *s.* ତ୍ରୀସ୍ୱର, ତ୍ର୍ୟକ୍ଷରଯୁକ୍ତ ବାକ୍ୟ ।
**Trite**, *a.* ସାମାନ୍ୟ, ସାଧାରଣ, ପୁରୁଣା, ଜୀର୍ଣ୍ଣ ।
**Trituration**, *s.* ଚୂର୍ଣ୍ଣୀକରଣ, ପେଷଣ ।
**Triumph**, *s.* ଜୟ, ବିଜୟ, ଜୟଗାନ, ଧ୍ୱନି, ଜୟୋତ୍ସବ । [କାର-କ ।
**Triumph**, *v.* ଜୟ-କ, ଜିଣିବାର, ଜୟ-
**Triumphal**, *a.* ଜୟୋତ୍ସବୀୟ, ଜୟଧ୍ୱନି ସମ୍ବନ୍ଧୀୟ ।
**Triumphant**, *a.* ଜୟୀ, ବିଜୟୀ, ଜୟବାନ୍ ।
**Triumvirate**, *s.* ତ୍ରୟାଧିପତ୍ୟ, ତିନି ବ୍ୟକ୍ତିକର୍ତ୍ତୃକ ରାଜ୍ୟ ।
**Triune**, *a.* ତ୍ରୈକ୍ୟ, ତିନିଏକ ଓ ଏକେତିନି ।
**Trivial**, *a.* ଲଘୁ, କ୍ଷୁଦ୍ର, ଅଗଣ୍ୟ, ଅଗୁରୁ ।
**Troll**, *v.* ଘୁରାଇବାର, ବୁଲିବାର । [ମୁଷ୍ଟି ।
**Trollop**, *s.* କୁବେଶାସ୍ତ୍ରୀ, କଦର୍ଯ୍ୟା, ମଇଳିଆ ।
**Troop**, *s.* ଦଳ, ସୈନ୍ୟସମୂହ, ଗୋଠ, ପଞ୍ଝା ।
**Trooper**, *s.* ଅଶ୍ୱାରୂଢ ସୈନ୍ୟ, ଘୋଡସଓ୍ୱାର । [ମୂଳାର୍ଥ ପରିବର୍ତ୍ତନ ।
**Trope**, *s.* ଅଲଙ୍କାରଉପବାକ୍ୟାର୍ଥେ ବାକ୍ୟର
**Trophy**, *s.* ଜୟରେ ପ୍ରାପ୍ତବସ୍ତୁ, ଜୟସୂଚକ ଚିହ୍ନ ।
**Tropic**, *s.* ଉତ୍ତରଦକ୍ଷିଣାୟନର ସୀମା ।
**Tropical**, *a.* ଅୟନସମୀପ ବର୍ତ୍ତୀ, ଅୟନସୀମାସ୍ଥ । [ଚାଲିବାର ।
**Trot**, *v.* ଦୁଲ୍‌କିଯିବାର, ଥରଥର ହୋଇ

Troth, *s.* ସତ୍ୟତା, ବିଶ୍ୱାସ, ପ୍ରତିଜ୍ଞା, ନିୟମ ।
Troubadour, *s.* ପ୍ରାଚୀନ ବା ପୂର୍ବତନ କବି-
ବିଶେଷ ।
Trouble, *s.* କ୍ଲେଶ, ଦୁଃଖ, କଷ୍ଟ, ବିପତ୍ତି ।
Trouble, *v.* କ୍ଲେଶ ବା ଦୁଃଖ-ଦ, ବିରକ୍ତ ବା
ଦହ-କ । [ଦାୟକ, କଣ୍ଟକ ।
Troublesome, *a.* କ୍ଲେଶଦାୟକ, ପୀଡା-
Trough, *s.* ଡଙ୍ଗା, କାଠୁଆ, ଡୋଙ୍ଗା ।
Trout, *s.* ନଦୀ ମତ୍ସ୍ୟବିଶେଷ । [ଅନୁମାନ-କ ।
Trow, *v.* ମନେ-କ, ବୁଝିବାର, ଜାଣିବାର;
Trowel, *s.* କରଣୀ, କର୍ଣ୍ଣିକ ।
Trowsers, *s.* ପାଜାମା, ଜଙ୍ଘିଆ ।
Troyweight, *s.* ସୁବର୍ଣ୍ଣରୌପ୍ୟାଦି ତୌ-
ଲବ୍ୟପରିମାଣ । [ସ୍ୱାଇ ଖେଳି ବୁଲିବା ପିଲା ।
Truant, *s.* କର୍ମରେ ବିମୁଖ, ପାଠଶାଳାକୁ ନ
Truce, *s.* ନିବୃତ୍ତି, ଯୁଦ୍ଧବିଶ୍ରାମ, ବିରତି ।
Truck, *s.* କ୍ଷୁଦ୍ରଚକ୍ରର ଗାଡ଼ି, ହାତରେ ଟାଣି-
ବାଗାଡ଼ି ।
Truckle, *v.* ବଶ-ହ, ଅପ୍ରିୟ ମାନିବାର ।
Truculent, *a.* ଅସଭ୍ୟ, ନିର୍ଦ୍ଦୟ, ଭୟଙ୍କର ।
Trudge, *v.* କଷ୍ଟ ବା କ୍ଲେଶରେ ଗମନ-କ,
·ଯତ୍ନ·କ ।
True, *a.* ସତ୍ୟ, ଯଥାର୍ଥ, ପ୍ରକୃତ, ବିଶ୍ୱସ୍ତ ।
Truism, *s.* ସର୍ବସମ୍ମତବାକ୍ୟ, ସୂତ୍ର, ସର୍ବ-
ସିଦ୍ଧାନ୍ତ ।
Truly, *ad.* ସତ୍ୟ, ଯଥାର୍ଥ, ନିତାନ୍ତ, ଅବଶ୍ୟ
Trump, *s.* ତୁରୀ, ରଣଶିଙ୍ଗା; ତାସ ଖେଳା-
ରେ ତୁରୁପ । [ବା ମିଥ୍ୟାକରି କହିବାର ।
Trump-up, *v.* ଘୋଷଣା ବା ସ୍ତବ-କ; କଳ୍ପନା
Trumpery, *s.* ମିଥ୍ୟାଶୋଭନବସ୍ତୁ, ତୁଚ୍ଛ-
ଦ୍ରବ୍ୟ । [ଶିଙ୍ଗା ।
Trumpet, *s.* ତୁରୀ, ଭେରୀ, ତୂରଙ୍ଗ, ରଣ-
Trumpeter, *s.* ତୁରୀବାଦକ, ଭୋଜଙ୍ଗିୟା ।

Truncheon, *s.* ଅସା, କୌଣସିପଦର ଦଣ୍ଡ;
ମୁଦ୍ଗର ।
Trundle, *v.* ଗଡ଼ାଇବାର, ଘୁରାଇବାର ।
Trunk, *s.* କୌଣସି ଅଙ୍ଗହୀନଦେହ; tree-
ଗଛର ମୁଣ୍ଡି; box, ସିନ୍ଦୁକବିଶେଷ; ele-
phant- ହାତୀରଶୁଣ୍ଡ, ଥୋଡ଼ଯାହାର ।
Trunnions, *s.* କମାଣର ବାହୁ ଅବା ହାତଲ ।
Truss, *s.* ଅନ୍ତରବୃଦ୍ଧି ପାଇଁ ବନ୍ଧନୀ ବା ପଟୀ;
a bundle, ବିଡ଼ା, ଗଣ୍ଠିଲ । [ଅପେକ୍ଷା ।
Trust, *s.* ପ୍ରତ୍ୟୟ, ବିଶ୍ୱାସ; ଭାର, ଜିମ୍ମା;
Trust, *v.* ପ୍ରତ୍ୟୟ ବା ବିଶ୍ୱାସ-କ; ନିର୍ଭର-କ,
ଜିମ୍ମା-ର; କାଲି ବା କାଟିଆ-ଦ ।
Trustee, *s.* ପରଧନ ରକ୍ଷାର୍ଥ ନିଯୁକ୍ତବ୍ୟକ୍ତି,
ଜିମ୍ମାଦାର ।
Trusty, *a.* ବିଶ୍ୱସ୍ତ, ବିଶ୍ୱାସୀ, ପତିଆସ, ସତ୍ୟ ।
Truth, *s.* ସତ୍ୟତା, ପ୍ରକୃତତା, ଯାଥାର୍ଥ୍ୟ ।
Try, *v.* ଚେଷ୍ଟା-କ, ଉଦ୍ୟମ-କ; ପରୀକ୍ଷା-କ,
ବିଚାର-କ ।
Tub, *s.* କାଠର କୁଣ୍ଡ ବା ପାତ୍ର, ପିପା ।
Tube, *s.* ନଳୀ, ଚୁଙ୍ଗୀ, ନଳ, ପ୍ରଣାଳୀ ।
Tubercle, *s.* କ୍ଷୁଦ୍ରବ୍ରଣ, ଅବୁ, ଫୁରକୁଣି ।
Tuck, *v.* ଗୁଞ୍ଜି ବା ଖୋସି-ଦ, ସଙ୍କୋଚ; କୁଞ୍ଚ
Tuesday, *s.* ମଙ୍ଗଳବାର, ସପ୍ତାହର ତୃତୀୟ-
ଦିନ ।
Tuft, *s.* -of grass, ଗୁଦା; -of hair,
କେଶଗୁଚ୍ଛ; -of feathers, ଚୂଡ଼ା ।
Tug, *v.* ଆକର୍ଷଣ-କ, ଟାଣିବାର, ଓଟାରିବାର ।
Tuition, *s.* ବିଦ୍ୟାଶିକ୍ଷା, ଉପଦେଶ ବା ଜ୍ଞାନ ।
Tulip, *s.* ଅତି ସୁନ୍ଦର ପୁଷ୍ପବିଶେଷ । [ବାର ।
Tumble, *v.* ପଡ଼ିବାର, ତଳେ ପଡ଼ିବାର, ଝୁଣ୍ଟି-
Tumbler, *s.* ବାଜିଗର, କେଳା; glass-
ପାନପାତ୍ର, ଗ୍ଲାସ ।
Tumid, *a.* ଫମ୍ପା, ଫୁଲା, ସ୍ଫୀତ ।

**Tumour**, *s.* ଝୁରଫୁଲ, ଫୋଡା, ବ୍ରଣ ।
**Tumult**, *s.* ଗଣ୍ଡଗୋଳ, କଳହ, ଦଙ୍ଗା, ହଙ୍ଗାମ । [ଳିଆ, ହଙ୍ଗାମୀ ।
**Tumultuous**, *a.* କଳହକାରୀ, ଗଣ୍ଡଗୋ-
**Tun**, *s.* ଓଜନରେ ପ୍ରାୟ ୨୭ ମହଣଧର-ବାର ପିପା ।
**Tune**, *s.* ସ୍ୱର, ଗାନ, ସଙ୍ଗ; in- ସ୍ୱରମିଳନ ।
**Tune**, *v.* ସ୍ୱରମିଳନ କ! ସଜାଇବାର, ବା-ଦ୍ୟଯନ୍ତ୍ର ସଜାଇବାର । [ଗାନ ।
**Tuneful**, *a.* ସୁସ୍ୱର, ସୁଶ୍ରାବ୍ୟ, ମଧୁର, ମିଷ୍ଟ-
**Tunic**, *s.* କୁର୍ତ୍ତା, ଅଙ୍ଗରଖା, ଓଢଣୀ ।
**Tunnel**, *s.* ଧୂଁଆ ବାହାରିବାର ବାଟ; tube, ନଳୀ; covered passage, ସୁଡଙ୍ଗର ଛିଲ୍ଲନ ପଥ ।
**Turban**, *s.* ପାଗ, ପଗଡ, ଶିରୋବନ୍ଧନୀ ।
**Turbid**, *a.* ଘୋଳିଆ, କାଦୁଅ, ଗୋଳା, ମଳିନ । [ହଙ୍ଗାମ ।
**Turbulence**, *s.* ଗୋଳ, କଳହ, ଧୂମଧାମ,
**Turbulent**, *a.* କଳହକାରୀ, କହୁଆ, କନ-
**Tureen**, *s.* ସୁପ ବା ଝୋଳପାତ୍ର । [ଳିଆ ।
**Turf**, *s.* ଘାସର ଚେକା; ଘାସପଡିଆ ।
**Turgid**, *a.* ଫମ୍ପା, ଫୁଲା, ସ୍ଫୀତ ।
**Turk**, *s.* ତୁରୁକଦେଶୀୟ ଲୋକ, ତୁରୁକ ।
**Turkey**, *s.* ତୁରୁଷ୍କଦେଶ; ପେରୁପକ୍ଷୀ ।
**Turmeric**, *s.* ହଳଦୀ, ହରିଦ୍ରା, ପୀତରସ ।
**Turmoil**, *s.* ଉଦ୍‌ବେଗ, ଅବ୍ୟବସ୍ଥା, ଉତ୍ପାତ, କ୍ଲେଶ ।
**Turn**, *s.* ପାଳି; ପାଲଟ; କୁଞ୍ଚବାଟ; ବୁଲି ଫେରଣ; by- ବଦଳାବଦଳି,
**Turn**, *v.* ବୁଲିବାର, ଫେରିବାର, ଘୁରିବାର ।
**Turncoat**, *s.* ସ୍ୱମତ ବା ସ୍ୱଧର୍ମତ୍ୟାଗୀ, ଦ୍ୱି-ଦଳିଆ । [ଯେ ।
**Turner**, *s.* କୁନ୍ଦକାର, କୁନ୍ଦାର, କୁନ୍ଦ କରେ
**Turning**, *s.* ବାଙ୍କ, ଫେର, ମୋଡ ।
**Turnip**, *s.* ଶାଲଗମ, ଖାଦ୍ୟ ମୂଳବିଶେଷ ।
**Turnpike-road**, *s.* ସଡକଦାଣ୍ଡ, ଯେ ବାଟେ କରଦେବାକୁ ହୁଏଇ ।
**Turnscrew**, *s.* ପାକସଣ୍ଡୁଆଶୀ, ପେଚକସ ।
**Turnstile**, *s.* ବାଟ ଉଗାଳିବାରଚକ୍ରକଳ ।
**Turpentine**, *s.* ସର୍ଜ୍ଜରସ, ଟାର୍ପିନ୍ ତେଲ ।
**Turpitude**, *s.* ଅଧମତା, ଦୁଷ୍ଟତା, ବଦ-
**Turret**, *s.* ଚୂଡା, ଗୁମ୍ବଜ । [ଫିତା ।
**Turtle**, *s.* କଚ୍ଛପ, କଇଁଛ, କୂର୍ମ ।
**Turtle-dove**, *s.* ଘୁଘୁପକ୍ଷୀ, କାପ୍ତା ।
**Tush, Tut**, *int.* ଫିସ୍, ଫୁସ୍, ଛି, ଧୁତ୍ ।
**Tusk**, *s.* ପଶୁର ବଡଦାନ୍ତ, କପାଣ, ଦଂଷ୍ଟ୍ରା ।
**Tutelage**, *s.* ପ୍ରତିପାଳନ, ଶାସନ, ରକ୍ଷା ।
**Tutelary**, *a.* ରକ୍ଷକ, ପ୍ରତିପାଳକ, ପୋଷକ ।
**Tutor**, *s.* ଗୁରୁ, ଶିକ୍ଷକ, ଉପଦେଶକ, ଅଧ୍ୟା-ପକ ।
**Tutorage**, *s.* ଶିକ୍ଷକତ୍ୱ, ଉପଦେଶ, ଶିକ୍ଷା ।
**Twain**, *a.* ଦୁଇ, ଦ୍ୱୟ, ଯୋଡା, ଯୁଗ୍ମ, ଯୁଗଳ ।
**Twang**, *s.* ଝଙ୍କାରଶବ୍ଦ, କଦୁଚ୍ଚାରଣ ।
**Tweak**, *v.* ଚିମୁଟିବାର, ଖାମୁଚିବାର ।
**Tweezers**, *s.* ଚିମୁଟା; ନାକୁଅଡି ।
**Twelfth**, *a.* ଦ୍ୱାଦଶଃ ।
**Twelve**, *a.* ଦ୍ୱାଦଶ, ବାର; -months, ବାର ମାସ, ବରଷ ।
**Twentieth**, *a.* ବିଂଶ, ବିଂଶତିତମ ।
**Twenty**, *a.* ବିଂଶତି, ବିଂଶ, କୋଡିଏ ।
**Twice**, *ad.* ଦୁଇବାର ବା ଥର, ଦୁଇଗୁଣ ।
**Twig**, *s.* ପଲ୍ଲବ, ସାନଡାଳ, ପତ୍ର ।
**Twilight**, *s.* morning, ଅରୁଣୋଦୟ; evening, ଗୋଧୂଳି, ସନ୍ଧ୍ୟାକାଳ ।
**Twin**, *s.* ଯାଉଳା, ଯମଳ, ମିଥୁନ ।

**Twinborn,** *a.* ଯାଁଉଳାଜାତ, ଯମଜ ।
**Twine,** *s.* ସାନ ଦୋରି, ସୂତଳି, ଶଣସୂତ ।
**Twine,** *v.* ଗୁଡାଇବାର, ଜଡଡ-ହ, ଜଡା-
ଇବାର । [ଥା-ଦ ।
**Twinge,** *v.* ଚିମୁଟିବାର, ଶାମୁଚିବାର, କ୍ୟ-
**Twinkle,** *v.* ପଲକ ପଡବାର, ଚକ୍ଷୁର ନ-
ମେଷ-ହ ।
**Twinkling,** *s.* ଚକ୍ଷୁର ନମେଷ, ମିଞ୍ଜିମିଞ୍ଜି ।
**Twirl,** *v.* ଚକ୍ରପରିଭଣ, ଘୂରଣ, ଫିରଣ ।
**Twist,** *s.* ପେଚ, ଘୂରପାକ, ସୁତାବଶେଷ;
ମୋଡ, ବାଙ୍କ ।
**Twist,** *v.* ମୋଡ-ଦ, ପେଁଚ-ଦ, ବଳିବାର ।
**Twit,** *v.* ବ୍ୟଙ୍ଗ ବା ଅଷ୍ଟା-କ, ତିରସ୍କାର ବା
ନନା-କ । [ବାର ।
**Twitch,** *v.* ବେଦନା-ଦ; ଓଁଠାର କାଢି-
**Twitter,** *v.* ଚଟକପର ରବ-ଦ, ଉଚ୍ଛୁଙ୍କରେ
ଥର୍‌-ହ ।
**Two,** *a.* ଦୁଇ, ଦ୍ୱି, ଦ୍ୱୟ, ଦୁଇଟା ।
**Twofold,** *a.* ଦ୍ୱିଗୁଣ, ଦୁଇଗୁଣ, ଦୋହରା ।
**Tympanum,** *s.* କାନକୁହରର ବକଲ ବା
ତ୍ୱକ୍ ।
**Type,** *s.* ଛପାର ଅକ୍ଷର; emblem, ଉ-
ପମା, ଦୃଷ୍ଟାନ୍ତ, ଚିହ୍ନ । [ଉପମାବଶିଷ୍ଟ ।
**Typical,** *a.* ନଦର୍ଶନରୂପକ, ଦୃଷ୍ଟାନ୍ତସ୍ୱରୂପ,
**Typify,** *v.* ପ୍ରତିମୂର୍ତ୍ତି-କ, ପ୍ରତିବମ୍ବ-କ । [ଯେ ।
**Typographer,** *s.* ଛପାକର, ଛପାକରେ
**Typographical,** *a.* ଛପାସମ୍ବନ୍ଧୀୟ, ଛପା-
କର୍ମର । [ବଦ୍ୟା, ଛପାକର୍ମ ।
**Typography,** *s.* ଛପା କ ମୁଦ୍ରା କରିବା-
**Tyrannical,** *a.* ପ୍ରଜାପୀଡକ, ଉପଦ୍ରବକାରୀ,
ନିଷ୍ଠୁର ।
**Tyranny,** *s.* ନିଷ୍ଠୁରତା, ଉପଦ୍ରବ, ଦୌ-
ରାତ୍ମ୍ୟ, ଅତ୍ୟାଚାର ।
**Tyrant,** *s.* ଦୁଃଶାସକ, ଉପଦ୍ରବୀ, ନର୍ଦ୍ଦୟ-
**Tyro,** *s.* ନବଶିକ୍ଷକ, ନୂତନପଢୁଆ । [ଲୋକ ।

## U.

**Ubiquity,** *s.* ସର୍ବବ୍ୟାପିତ୍ୱ, ସର୍ବସ୍ଥାନରେସ୍ଥିତ ।
**Udder,** *s.* ପଶ୍ୱାଦର ଦୁଗ୍ଧ ବା ସ୍ତନ । [କାର ।
**Ugliness,** *s.* କୁରୂପତା, ଅସୁନ୍ଦରଭାବ, କଦା-
**Ugly,** *a.* ଅପରୂପ, କୁତ୍ସିତ, କୁରୂପ, ଅସୁନ୍ଦର,
**Ulcer,** *s.* ନାଲିଘା, ପୂଜପୂରଘା । [କଦର୍ଯ୍ୟ ।
**Ulcerous,** *a.* କ୍ଷତମୟ, ନାଲିଘାଯୁକ୍ତ, କ୍ଷତ-
ରୋଗଗ୍ରସ୍ତ । [ଅଧିକରେ ।
**Ulterior,** *a.* ଦୂରସ୍ଥ, ଅନ୍ତରସ୍ଥ, ଅନ୍ୟବଗସ୍ଥ,
**Ultimate,** *a.* ଅନ୍ତ୍ୟ, ଅନ୍ତିମ, ସର୍ବଶେଷ ।
**Ultimately,** *ad.* ସର୍ବଶେଷେ, ଅନ୍ତେ, ଶେଷ-
କାଳେ । [ଡାନ୍ତ ବବେଚନା ।
**Ultimatum,** *s.* ଶେଷବକ୍ତୃତ, ଶେଷ ବା ଚୂ-
**Ultra,** *ad.* ପାରସ୍ଥ, ଅତୀତ, ଅଧିକ । [ଶୀୟ ।
**Ultramarine,** *a.* ସମୁଦ୍ର ସେପାରସ୍ଥ, ବଦେ-
**Ultramontane,** *a.* ପର୍ବତପାରସ୍ଥ; -*s.*
ବଦେଶୀଲୋକ । [କାର ।
**Umbrage,** *s.* ଛାୟା, ଉହାଡ; ବରକ୍ତି, ଦେ-
**Umbrella,** *s.* ଛତା, ଛତ୍ର, ଆତପତ୍ର, ଛତ୍ରୀ ।
**Umpire,** *s.* ମଧ୍ୟସ୍ଥ, ବବାଦ ନଷ୍ପାଦକ, ସାକ୍ଷୀ,
ମୀମାଂସକ ।
**Un,** ଅଭାବ ବା ବପରୀତ ଅର୍ଥସୂଚକ ଶବ୍ଦ ।
**Unabashed,** *a.* ଅଲଜ୍ଜୁକ, ନର୍ଲଜ୍ଜ, ଲଜ୍ଜା-
ରହିତ । [ସ୍ଥିତ ।
**Unabated,** *a.* ଅସଂକ୍ଷିପ୍ତ, ଅନ୍ୟୂନୀକୃତ, ଅହ୍ରା-
**Unable,** *a.* ଅସମର୍ଥ, ଅକ୍ଷମ, ଅପାରଗ, ଅ-
ଯୋଗ୍ୟ । [ଅନାଦେୟ ।
**Unacceptable,** *a.* ଅଗ୍ରାହ୍ୟ, ଅସ୍ୱୀକାର୍ଯ୍ୟ,
**Unaccompanied,** *a.* ଅସହିତ, ସଙ୍ଗରହିତ,
ଏକାକୀ ।

**Unaccountable**, *a.* ଅଗଣ୍ୟ, ବୋଧାଗମ୍ୟ,
ସ୍ୱାଧୀନ । [ଅନସ୍ପୂଣ ।
**Unaccomplished**, *a.* ଅସମାପ୍ତ, ଅନିଷ୍ପନ୍ନ;
**Unaccustomed**, *a.* ନୂତନ, ଅପ୍ରଚଳିତ,
ଅଶିକ୍ଷିତ । [ଅଚିହ୍ନା ।
**Unacquainted**, *a.* ଅଜ୍ଞାତ, ଅପରିଚିତ,
**Unadorned**, *a.* ଅଭୂଷିତ, ସାଦା, ଅସଜ୍ଜିତ,
ଅନଲଙ୍କୃତ ।
**Unadvisable**, *a.* ଅପରାମୃଶ୍ୟ, ଅବିବେଚ୍ୟ
**Unadvised**, *a.* ଅବିବେଚିତ ,ଅନୁଚିତ, ଅ-
ଯୁକ୍ତିସିଦ୍ଧ । [ଖାଁଟି ।
**Unadulterated**, *a.* ଅମିଶ୍ରିତ, ଶୁଦ୍ଧ, ନି-
**Unaffected**, *a.* ଅକପଟ, ସରଳ, ଚେତନା
ବା ସ୍ନେହରହିତ ।
**Unaided**, *a.* ନିଃସହାୟ, ଅନୁପକୃତ, ଏକାକୀ
**Unalienable**, *a.* ଅନ୍ୟକୁ ଅଦେୟ, ସ୍ଥାବର,
ଅନଂଶ୍ୟ ।
**Unalloyed**, *a.* ଅମିଶା, ନିର୍ଖାଁଜ, ଅମିଶ୍ରିତ ।
**Unalterable**, *a.* ଅଟଳ, ଯାହାର ଅନ୍ୟଥା
କୁହଇ, ସ୍ଥିର । [ନୋହର ।
**Unamiable**, *a.* ଅପ୍ରିୟ, ଅପ୍ରୀତିକର, ଅମ-
**Unanimity**, *s.* ମନର ଐକ୍ୟ, ଏକଚିତ୍ତତା ।
**Unanimous**, *a.* ଏକମନାଃ, ଏକଚିତ୍ତ, ଏକ-
ପରାମର୍ଶୀ ।
**Unanswerable**, *a.* ଅପ୍ରତିବାଦନୀୟ, ଅଖ-
ଣ୍ଡନୀୟ, ଯୁକ୍ତିସିଦ୍ଧ । [ରହିତ ।
**Unappalled**, *a.* ଅଶଙ୍କିତ, ଅଭୀତ, ଭୟ-
**Unappeasable**, *a.* ଅଶାମ୍ୟ, ଉଗ୍ର, ପ୍ରବୋଧ
ନ ମାନିବାର । [ଅଲାପାଦ ଦୁସ୍ତର ।
**Unapproachable**, *a.* ଅଗମ୍ୟ, ଯାର ସଙ୍ଗେ
**Unapproved**, *a.* ଅନନୁମତ, ଅଗ୍ରାହ୍ୟ,
ଅସମ୍ମତ ।
**Unapt**, *a.* ଅପଟୁ, ଅନୁପଯୁକ୍ତ, ଅଯୋଗ୍ୟ ।

**Unarmed**, *a.* ଅସ୍ତ୍ରରହିତ, ନିରସ୍ତ୍ର, ଅସଜ୍ଜିତ ।
**Unasked**, *a.* ଅଯାଚିତ, ନ ମାଗିଲା, ଅନିମନ୍ତ୍ରିତ
ନ-ହ । [ଉଚ୍ଚାରଣ ବର୍ଜିତ ।
**Unaspirated**, *a.* ଅଳ୍ପପ୍ରାଣୋଚ୍ଚାରିତ, ଘାର୍ସ
**Unaspiring**, *a.* ଅନୁଚ୍ଚାଭିଳାଷୀ, ଅପଦା-
କାଂକ୍ଷୀ । [ଯୋଗ୍ୟ ।
**Unassailable**, *a.* ଅନାକ୍ରମଣୀୟ, ଅନଭି-
**Unassisted**, *a.* ଅନୁପକୃତ, ନିଃସହାୟ,
ଏକାକୀ । [ଦାମ୍ଭିକ ।
**Unassuming**, *a.* ନିରହଙ୍କାରୀ, ଅଗର୍ବୀ, ଅ-
**Unattainable**, *a.* ଅପ୍ରାପ୍ୟ, ଅଲଭ୍ୟ, ଅ-
ଗମ୍ୟ । [ଅପରୀକ୍ଷିତ ।
**Unattempted**, *a.* ଅନୁପକ୍ରାନ୍ତ, ଅଚେଷ୍ଟିତ,
**Unattended**, *a.* ସଙ୍ଗହୀନ, ନିଃସଙ୍ଗୀ, ଏକାକୀ
**Unauthorised**, *a.* ବିନାଆଜ୍ଞା, ଅନାଦିଷ୍ଟ,
କର୍ତ୍ତୃହୀନ । [ଅକର୍ମିର୍ଦ୍ଧ ।
**Unavailing**, *s.* ବୃଥା, ଅନ୍ୟଥା, ନିଷ୍ଫଳ,
**Unavoidable**, *a.* ଅନିବାର୍ଯ୍ୟ, ଅବଶ୍ୟଭାବୀ,
କର୍ତ୍ତବ୍ୟ । [ବାରେ, ହଠାତ୍ ।
**Unawares**, *ad.* ଅଜ୍ଞାତସାରେ, ନ ଜାଣି-
**Unawed**, *a.* ଭୟରହିତ, ଅତ୍ରସ୍ତ, ନିଡର ।
**Unbar**, *v.* ଅନର୍ଗଳ-କ, ଝୁଲୁକା ଶୁଙ୍କାରୁ
ମୁକ୍ତ-କ ।
**Unbearable**, *a.* ଅସହ୍ୟ, ଅସହନୀୟ ।
**Unbeaten**, *a.* ଅପ୍ରହାରିତ; ଅଦଳା, ଅମ-
ର୍ଦ୍ଦିତ । [ପ୍ରଯୁକ୍ତ ।
**Unbecoming**, *a.* ଅବିହିତ, ଅନୁଚିତ, ଅନ-
**Unbelief**, *s.* ଅପ୍ରତ୍ୟୟ, ଅବିଶ୍ୱାସ, ଅପତି-
ଆର । [ତ୍ୟୟୀ ।
**Unbeliever**, *s.* ଅବିଶ୍ୱାସୀ, ନାସ୍ତିକ, ଅପ୍ର-
**Unbending**, *a.* ଅନମ୍ୟ, ଅଦମ୍ୟ, ଶକ୍ତ,
ଦୃଢ ।
**Unbiassed**, *a.* ଅପକ୍ଷପାତ, ଅନତ, ଯଥାର୍ଥୀ

**Unbidden**, *a.* ଅନାମନ୍ତ୍ରିତ, ଅନାହୂତ, ଅନା-
ଦିଷ୍ଟ । [ଫିଟାଇବାର ।
**Unbind**, *v.* ବନ୍ଧନ ମୁକ୍ତ-କ, ଖୋଲିବାର,
**Unblamable**, *a.* ନିର୍ଦ୍ଦୋଷୀ, ଅଦୂଷ୍ୟ, ଅନିନ୍ଦ୍ୟ
**Unblemished**, *a.* ନିଷ୍କଳଙ୍କ, ନିର୍ଦ୍ଦୋଷ,
ଶୁଦ୍ଧ, ଅଦାଗୀ ।
**Unblown**, *a.* ଅପ୍ରଫୁଲ୍ଲ, ଅବିକସିତ, ମୁଦ୍ରିତ ।
**Unblushing**, *a.* ନିର୍ଲଜ୍ଜ, ଲଜ୍ଜାରହିତ ।
**Unbolt**, *v.* ହୁଡ଼ୁକା ଖୋଲିବାର, ଅନର୍ଗଳ ବା
ମୁକୁଳା-କ ।
**Unborn**, *a.* ଅଜାତ, ଅନୁତ୍ପନ୍ନ, ଅବର୍ତ୍ତମାନ ।
**Unbosom**, *v.* ମନ ଖୋଲି ବୋଲିବାର, ମା-
ନସ ପ୍ରକାଶ-କ । [ଅକିଣା ।
**Unbought**, *a.* ବିନା ମୂଲ୍ୟରେ ପ୍ରାପ୍ତ, ଅକ୍ରୀତ,
**Unbounded**, *a.* ଅସୀମ, ଅପରିମିତ, ଅ-
ଶେଷ, ଅପାର ।
**Unbridled**, *a.* ଅବାଧ୍ୟ, ଅଦମ୍ୟ, ଅନାୟତ୍ତ ।
**Unbroken**, *a.* ଅଭଗ୍ନ, ଅଖଣ୍ଡିତ, ଅଟୁଟ,
ସମସ୍ତ । [କାଢ଼ିବାର ।
**Unburden**, *v.* ଭାର ଉଠାଇବାର, ବୋଝ-
**Unburnt**, *a.* ଅପୋଡ଼ା, ଅଦଗ୍ଧ, ଅଜ୍ୱଳିତ,
କଞ୍ଚା ।
**Unceasing**, *a.* ଅନବରତ, ନିରନ୍ତର, ସର୍ବଦା
**Uncertain**, *a.* ଅନିଶ୍ଚିତ, ଅସ୍ଥିର, ଯାହାର
ଠିକଣା ନାହିଁ । [ନ୍ଦେହ, ସଂଶୟ ।
**Uncertainty**, *s.* ଅସ୍ଥିରତା, ଅନିଶ୍ଚୟ, ସ-
**Unchangeable**, *a.* ଅପରିବର୍ତ୍ତନୀୟ, ଅଟଳ ।
**Uncharitable**, *a.* ଅଦାତା, ନିର୍ଦ୍ଦୟ, କଠିନ
ବିବେଚକ ।
**Unchaste**, *a.* ଅଶୁଚି, ଅପବିତ୍ର, ଲମ୍ପଟ ।
**Unchecked**, *a.* ଅନିବାରିତ, ଅବାଧିତ ।
**Unchristian**, *a.* ଖ୍ରୀଷ୍ଟର ଧର୍ମ ବିରୁଦ୍ଧ ।
**Uncircumcised**, *a.* ଅସୁନ୍ନତ, ଅକୃତଚ୍ଛେଦ
**Uncivil**, *a.* ଅଶିଷ୍ଟ, ଅନାଦରକାରୀ ।
**Uncivilized**, *a.* ଅସଭ୍ୟ, ଅଶିକ୍ଷିତବନ୍ତ ।
**Uncle**, *s.* maternal- ମାମୁଁ, ମୌଳା;
paternal- ଖୁଡ଼ୁତା, ଦାଦା ।
**Unclean**, *a.* ଅଶୁଚି, ଅପବିତ୍ର, ମଳିନ, ଲମ୍ପଟ
**Unclothe**, *v.* ବିବସ୍ତ୍ର-କ, ଲୁଗା କାଢ଼ିବାର,
ଲଙ୍ଗଳା-କ । [ଫର୍ଚ୍ଚା ।
**Unclouded**, *a.* ମେଘରହିତ, ଅମେଘାଚ୍ଛନ୍ନ,
**Uncomely**, *ad.* କୁରୂପ, ଅସୁନ୍ଦର, କଦା-
କାର, କୁତ୍ସିତ । [ଅସୁସ୍ଥ, ନିସ୍ତନନ ।
**Uncomfortable**, *a.* ଅସୁଖୀ, ଅସୁଖଦାୟକ,
**Uncommon**, *a.* ଅପୂର୍ବ, ଅସାଧାରଣ, ଦୁ-
ଷ୍ପ୍ରାପ୍ୟ । [ହେଲା ।
**Unconcern**, *s.* ଅମନୋଯୋଗ, ନିଶ୍ଚିନ୍ତ,
**Unconditional**, *a.* ପଣ ବା ନିୟମାତିରିକ୍ତ ।
**Unconnected**, *a.* ଅଲଗା, ଅସମ୍ପର୍କୀୟ,
ଅସମ୍ବନ୍ଧ, ଅସଂଲଗ୍ନ ।
**Unconquerable**, *a.* ଅଜେୟ, ଅଜେତବ୍ୟ
**Unconscionable**, *a.* ଅସଙ୍ଗତ, ଅସମ୍ଭବ,
ଅନୁଚିତ, ଅଯଥାର୍ଥ । [ତନ ।
**Unconscious**, *a.* ଅଜ୍ଞାନ, ଅଜଣା, ଅଚେ-
**Unconstrained**, *a.* ଅନବରୋଧିତ, ଅବା-
ଧିତ । [ଅଶାସ୍ୟ ।
**Uncontrollable**, *a.* ଅବାଧ୍ୟ, ଅଦମ୍ୟ,
**Uncourteous**, *a.* ଅଶିଷ୍ଟ, ଅସଭ୍ୟ, ଗୁଁଆର,
କୁଯାସ । [ବିଶ୍ରୀ ।
**Uncouth**, *a.* ଅପରୂପ, ଅସୁନ୍ଦର, ଅନାଡ଼ି,
**Uncover**, *v.* ଖୋଲିବାର, ଅନାବୃତ-କ,
ଅଢ଼ଙ୍କା-କ । [ଅନର୍ପିତ ।
**Uncreated**, *a.* ଅସୃଷ୍ଟ, ଅନୁତ୍ପନ୍ନ, ଅଜାତ,
**Unction**, *s.* ତେଲ ମଖାଇବାର, ଅଭିଷେକ;
ସାର, ରସ ।
**Unctuous**, *a.* ତୈଳାକ୍ତ, ଚିକ୍କଣ, ସ୍ନିଗ୍ଧ ।

Uncultivated, *a.* ଅକୃଷ୍ଟ, ପଡିଆ; ଅଶିକ୍ଷିତ,
Uncut, *a.* ଅଚ୍ଛିନ୍ନ, ଅକଟା । [ମୂର୍ଖ ।
Undaunted, *a.* ନିର୍ଭୟ, ନିଃଶଙ୍କ, ଅଭୀତ,
ସାହସୀ । [କ୍ଷୟ, ଅଜୀର୍ଣ୍ଣ ।
Undecayed, *a.* କ୍ଷୟ ବା ହ୍ରାସ ଅପ୍ରାପ୍ତ, ଅ-
Undeceive, *v.* ଭ୍ରମ ଭାଙ୍ଗିବାର, ସତ୍ୟ ଜାଣି-
ବାର । [ସ୍ଥିତ ।
Undecided, *a.* ସଂଶୟଯୁକ୍ତ, ଅସ୍ଥିର, ଅନି-
Undefiled, *a.* ନିର୍ମଳ, ଅଭ୍ରଷ୍ଟ, ଅଦାଗୀ ।
Undefinable, *a.* ଅନିରୂପ୍ୟ, ଅନିରୂପଣୀୟ,
ଅନବଗମୀୟ ।
Undeniable, *a.* ଅଖଣ୍ଡନୀୟ, ଅକାଟ୍ୟ, ନିର୍ଣ୍ଣି
Under, *pr.* ନୀଚେ, ତଳେ, ଅଧଃ, ଅଧୀନେ ।
Underbid, *v.* ଉପଯୁକ୍ତ ମୂଲ୍ୟର ଅଳ୍ପମୂଲ୍ୟ
ଯାଚିବାର । [କର୍ମ-କ ।
Underdo, *v.* ଆବଶ୍ୟକ ବା କର୍ତ୍ତବ୍ୟରୁ ଊଣା-
Undergo, *v.* ଭୋଗ ବା ସହ୍ୟ-କ, ସହିବାର,
ବର୍ଦ୍ଦାସ୍ତ-କ ।
Underhand, *a.* ଗୁପ୍ତ, ଅପ୍ରକାଶ, ଛଳପର ।
Underline, *v.* ନୀଚେରେଖା-ଦ ବା ଟାଣି-
ବାର । [କର୍ତ୍ତ ।
Underling, *s.* ଅପ୍ରଧାନ ବା ଅଶ୍ରେଷ୍ଠ କର୍ମ-
Undermine, *v.* ନୀଚେ ସୁଡଙ୍ଗପଥ-କ;
ଗୁପ୍ତରେ ପରର ଅନିଷ୍ଟ-କ । [ସର୍ବନୀଚେ ।
Undermost, *a.* ସକଳର ତଳେ, ସର୍ବାଧଃ,
Underneath, *ad.* ନୀଚେ, ତଳେ, ଅଧୋ-
ଦେଶେ ।
Underrate, *v.* ଅଳ୍ପମୂଲ୍ୟଜ୍ଞାନ- ନ୍ୟୂନଜ୍ଞାନ-କ ।
Undersell, *v.* ପରଠାରୁ ଅଳ୍ପମୂଲ୍ୟରେ ବିକ-
ବାର । [ଣିବାର, ବିବେଚନା-କ ।
Understand, *v.* ବୁଝିବାର, ବୋଧ-କ, ଜା-
Understanding, *s.* ବୁଦ୍ଧି, ଜ୍ଞାନ, ମନ, ଅର୍ଥ-
ବୋଧ; ନିୟମ, ବନ୍ଦୋବସ୍ତ ।

Understrapper, *s.* କ୍ଷୁଦ୍ରଭୃତ୍ୟ, ଛୋଟଚାକର
Undertake, *v.* ପ୍ରବୃତ୍ତ ହ, ସ୍ୱୀକାର-କ, ଭା-
ରଘେନିବାର । [କର୍ମ କରନ୍ତା ।
Undertake, *s.* ଯେ ମୃତଲୋକର କବର
Undertaking, *s.* କାର୍ଯ୍ୟ, କର୍ମ, ବ୍ୟାପାର,
ବିଷୟ । [ନ୍ୟ ଜ୍ଞାନ-କ ।
Undervalue, *v.* ଅଳ୍ପ ମୂଲ୍ୟ ଜ୍ଞାନ-କ, ସାମା-
Underwood, *s.* ବଣ, ବନ, ଜଙ୍ଗଲ ।
Underwriter, *s.* ସ୍ୱାକ୍ଷରକର୍ତ୍ତା, ବିମାକର୍ତ୍ତା ।
Undeserving, *a.* ଅଯୋଗ୍ୟ, ଅସ୍ୱର୍ଜନ,
ଅପାତ୍ର ।
Undesigned, *a.* ଅନଭିପ୍ରେତ, ଅମନସ୍କୃତ
Undetermined, *a.* ଅନିର୍ଣ୍ଣୀତ, ଅନିଶ୍ଚିତ,
ଅନିର୍ଦ୍ଧାରିତ । [ଗାମୀ ।
Undeviating, *a.* ଅନନ୍ୟଥାକାଙ୍କ୍ଷ, ଅବିପଥ-
Undigested, *a.* ଅଜୀର୍ଣ୍ଣ, ଅପାକ; ଅବ୍ୟବ-
ସ୍ଥିତ । [ସମସ୍ତ ।
Undiminished, *a.* ଅନ୍ୟୂନୀକୃତ, ଅଖଣ୍ଡ,
Undisciplined, *a.* ଅଶିକ୍ଷିତ, ଅଶାସିତ,
ଅମଣା । [ଅଜଣା ।
Undiscovered, *a.* ଅପ୍ରକାଶିତ, ଅଦୃଷ୍ଟ,
Undisguised, *a.* ଅକପଟ, ସରଳ, ସୁବ୍ୟକ୍ତ
Undismayed, *a.* ନିର୍ଭୟ, ସାହସୀ, ଅଭୀତ ।
Undisputed, *a.* ଅବିରୋଧ, ନିଃସନ୍ଦେହ ।
Undisturbed, *a.* ନିଶ୍ଚିନ୍ତ, ସୁସ୍ଥିର, ଅଚିନ୍ତିତ,
ଅବ୍ୟାକୁଳ । [ଅବ୍ୟଣ୍ଡ ।
Undivided, *a.* ଅବିଭକ୍ତ, ଅଭଗ୍ନ, ଅଖଣ୍ଡିତ,
Undo, *v.* ନାଶ-କ, ଉଚ୍ଛିନ୍ନ-କ, ଭାଙ୍ଗିବାର,
ଖୋଲିବାର ।
Undone, *a.* ଅକୃତ, ଅସମାପ୍ତ, ବିନଷ୍ଟ, ଉଚ୍ଛନ୍ନ
Undoubtely, *ad.* ନିଃସନ୍ଦେହରୂପେ, ଅବା-
ଧେ, ଅବଶ୍ୟ । [ବିବସ୍ତ୍ର-କ ।
Undress, *v.* ଲୁଗାକାଢିବାରୁ ବସ୍ତ୍ରତ୍ୟାଗ-କ,

Undress, *s.* ଅଲଙ୍କାରଚ୍ଛଦ ବା ଓଡ଼ଣୀବସ୍ତ୍ର ।
Undue, *a.* ଅନ୍ୟାଯ୍ୟ, ଅନୁଚିତ; ଅପର-ଶୋଧ୍ୟ । [ନୀଚ-ହ ।
Undulate, *v.* ଢେଉପରି ଉଠିବାର, ଉଛ-
Undulation, *s.* ଢେଉପରିଗତି, ଆନ୍ଦୋଳନ
Unduly, *ad.* ଅନୁପଯୁକ୍ତରୂପେ, ଅନୁଚିତ-ମତେ ।
Undutiful, *a.* ଅନାଜ୍ଞାବହ, ଅଭକ୍ତ, ଅବାଧ୍ୟ
Uneasiness, *s.* ଉଦ୍‌ବେଗ, ଭାବନା, ବ୍ୟାକୁଳତା, ଅସୁଖ । [ପୀଡ଼ିତ ।
Uneasy, *a.* ବ୍ୟାକୁଳ, ବ୍ୟସ୍ତ, ଦୁଃଖିତ,
Unemployed, *a.* ନିଷ୍କର୍ମା, ଅପଦସ୍ଥ, ବେକାର
Unequal, *a.* ଅସମାନ, ଅତୁଲ୍ୟ, ଉଚ୍ଚନୀଚ, ଅଯୋଗ୍ୟ ।
Unequivocal, *a.* ଅସନ୍ଦିଗ୍ଧ, ସୁସ୍ପଷ୍ଟ, ନିଶ୍ଚିତ ।
Unerring, *a.* ଅଭ୍ରାନ୍ତ, ଭ୍ରମରହିତ, ନିର୍ଭୁଲ, ସ୍ଥିର । [ଅଗୌରସ ।
Uneven, *a.* ଅସମାନ, ଉଚ୍ଚନୀଚ, ସ୍ଥାନବତ,
Unexampled, *a.* ଅପୂର୍ବ, ଅତୁଲ୍ୟ, ଅନୁପମ
Unexceptionable, *a.* ସର୍ବଗ୍ରାହ୍ୟ, ନିର୍ଦୋଷ, ଓଜରବର୍ଜିତ । [ହଠାତ୍ ଉପସ୍ଥିତ ।
Unexpected, *a.* ଅନପେକ୍ଷିତ, ଅଚିନ୍ତିତ,
Unfading, *a.* ଅମ୍ଳାନ, ଅକ୍ଷୟ, ସର୍ବଦା ସରସ, ଅଶୁଷ୍କ । [ଅପ୍ରକୃତ ।
Unfair, *a.* ଅଯଥାର୍ଥ, ଅନ୍ୟାଯ୍ୟ, ଅନୁଚିତ,
Unfaithful, *a.* ଅବଶ୍ୱସ୍ତ, ବିଶ୍ୱାସଘାତକ, ଅସତ୍, କୃତଘ୍ନ । [ଅବ୍ୟବହାରିତ ।
Unfashionable, *a.* ଅଚଳିତ, ଅପ୍ରଚଳିତ,
Unfathomable, *a.* ଅତଳସ୍ପର୍ଶ, ଅଗାଧ, ଅତି ଗଭୀର । [ଭଦ୍ର, ଅପ୍ରସନ୍ନ ।
Unfavourable, *a.* ଅଶୁଭ, ଅମଙ୍ଗଳ, ଅ-
Unfeeling, *a.* ନିର୍ଦୟ, ଅପ୍ରେମୀ, ନିଷ୍ଠୁର; ଅଚେତନ ।
Unfeigned, *a.* ଅକୃତ୍ରିମ, ପ୍ରକୃତ, ସତ୍ୟ, ଅକଳ୍ପିତ ।
Unfettered, *a.* ଅବନ୍ଧ, ମୁକ୍ତ, ସ୍ୱାଧୀନ, ମୁକ୍ତଳା । [ସାଙ୍ଗ ।
Unfinished, *a.* ଅସମାପ୍ତ, ଅସମ୍ପୂର୍ଣ୍ଣ, ଅ-
Unfit, *a.* ଅନୁପଯୁକ୍ତ, ଅଯୋଗ୍ୟ, ଅସମର୍ଥ; -to drink, ଅପେୟ; -to use, ଅକାର୍ଯ୍ୟ ।
Unfledged, *a.* ପକ୍ଷହୀନ, ଲଙ୍ଗଳା, ଅନାବୃତ
Unfold, *v.* ଜଣାଇବାର, ପ୍ରସାରିବାର, ଖୋଲିବାର, ମେଲିବାର । [ଅନପେକ୍ଷିତ ।
Unforeseen, *a.* ପୂର୍ବେଅଦୃଷ୍ଟ ବା ଅଦେଖା,
Unforgiving, *a.* ଅକ୍ଷମାବାନ୍, ନିର୍ଦୟ ।
Unformed, *a.* ଅନିର୍ମିତ, ଅଗଠିତ ।
Unfortunate, *a.* ଅଭାଗା, ଦୁର୍ଭାଗ୍ୟ, ଲକ୍ଷ୍ମୀଛଡ଼ା ।
Unfounded, *a.* ଅମୂଳକ, ମିଥ୍ୟା, ଅଯଥାର୍ଥ ।
Unfrequented, *a.* ନିର୍ଜନ, ଗତାୟାତରହିତ, ଶୂନ୍ୟ ।
Unfriendly, *a.* ବିପକ୍ଷ, ବିଦ୍ୱେଷୀ, ଅପ୍ରେମୀ ।
Unfruitful, *a.* ନିଷ୍ଫଳ, ଅଫଳନ୍ତ, ବନ୍ଧ୍ୟା, ଅନୁର୍ବର । [ଇବାର ।
Unfurl, *v.* ଖୋଲିବାର, ପ୍ରସାରିତ-କ, ଫିଟା-
Ungainly, *a.* କଦର୍ଯ୍ୟ, ଅନାଡ଼ି, କୁତ୍ସିତ, କଦାକାର ।
Ungenerous, *a.* ଅଦାତା, କୃପଣ, କାର୍ପଣ୍ୟ ।
Ungenial, *a.* ଅସ୍ୱାଭାବିକ, ଅପ୍ରାକୃତ, ଅନନୁକୂଳ ।
Ungenteel, *a.* ଅଶିଷ୍ଟ, ଅସଭ୍ୟ, ଅନୁପଯୁକ୍ତ ।
Ungentle, *a.* ଅମୃଦୁ, ଅକୋମଳ, କର୍କଶ, କଠିନ । [ନୀଚ, ଅଧମ ।
Ungentlemanly, *a.* ଅଶିକ୍ଷାପ୍ରାପ୍ତ, ଅଭଦ୍ର,
Ungird, *v.* କଟିବନ୍ଧନୀ ବା କମର ଖୋଲିବାର; ମୁକ୍ତ-କ ।

Ungodly, *a.* ଅଧାର୍ମିକ, ପାପିଷ୍ଠ, ଦୁଷ୍ଟ ।
Ungovernable, *a.* ଅଦମ୍ୟ, ଅବାଧ୍ୟ, ଅ-
ଶାସ୍ୟ, ଅବଶ । [କଦାକାର, କୁଶ୍ରୀ ।
Ungraceful, *a.* ଅମନୋହର, ଅସୁନ୍ଦର,
Ungracious, *a.* କଦର୍ଯ୍ୟ, ଘୃଣାର୍ହ, ଅସୁଖଦ,
ଅପ୍ରିୟ । [ଅମାନକ ।
Ungrateful, *a.* କୃତଘ୍ନ, ଅଗ୍ରାହ୍ୟ, ଉପକାର
Ungrounded, *a.* ଅମୂଳକ, ପ୍ରମାଣରହିତ,
ମିଥ୍ୟା । [ଜାଗ୍ରତ; ଅବବେଚିତ ।
Unguarded, *a.* ଅରକ୍ଷିତ, ଅସାବଧାନ, ଅ-
Unguent, *s.* ଲେପ, ପ୍ରଲେପ, ମଲମ ।
Unhandsome, *a.* ଅସୁନ୍ଦର, ଅନୁତ୍କୃଷ୍ଟ, ଅ-
କର୍ତ୍ତବ୍ୟ ।
Unhandy, *a.* ଅକର୍ମଠ, ଅପଟୁ, ଅନିପୁଣ,
ବେଆଡା । [-situated, ଦୁର୍ଦ୍ଦଶାଗ୍ରସ୍ତ ।
Unhappily, *ad.* ନିରାନନ୍ଦ ବା ଅଭାଗ୍ୟରୂପେ;
Unhappy, *a.* ଅସୁଖୀ, ନିରାନନ୍ଦ, ଦୁଃଖୀ,
ଖେଦାନ୍ୱିତ । [ଗୀ, ବେଆରାମୀ ।
Unhealthy, *a.* ଅସୁସ୍ଥ, ଅସ୍ୱାସ୍ଥ୍ୟଜନକ, ରୋ-
Unheard, *a.* ଅଶ୍ରୁତ, ଅଶୁଣା, ଅଜଣା, ଅ-
ପୂର୍ବ । [ଉପେକ୍ଷିତ ।
Unheeded, *a.* ଅମାନିତ, ଅବହେଳାକୃତ,
Unhinge, *v.* କବ୍ଜା ଖୋଲିବାର; ବ୍ୟସ୍ତ ବା
ଅସ୍ଥିର-କ ।
Unholy, *a.* ଅପବିତ୍ର, ଅଧାର୍ମିକ, ଅଶୁଚି ।
Unhorse, *v.* ଘୋଡାରୁ ପକାଇବାର, ଓହ୍ଲା-
ଇବାର ।
Unhurt, *a.* ଅକ୍ଷତ, ଅପୀଡିତ, ଅବ୍ୟଥିତ ।
Unhusk, *v.* ଛାଲ ବା ଖୋଳପା ବା ଛୋଡ଼ା
କାଢିବାର । [ଖଡ୍ଗୀ ।
Unicorn, *s.* ଏକ ଶିଙ୍ଗଯୁକ୍ତପଶୁ, ଗଣ୍ଡାର,
Uniform, *s.* ସୈନ୍ୟର ବେଶଭୂଷା, ସେନାରଂ
ସାଜ ।

Uniform, *a.* ଏକରୂପ, ଏକସମାନ, ସମତୁଲ୍ୟ,
ଏକପ୍ରକାର ।
Uniformity, *s.* ଏକାକାରତ୍ୱ, ଏକରୂପତା,
ଐକ୍ୟ, ସମାନତା ।
Unimpaired, *a.* ଅକ୍ଷୟିତ, ଭଲ, ଅବଗତ ।
Unimportant, *a.* ଅଗୁରୁତର, ଲଘୁ, ସା-
ମାନ୍ୟ, ଅନାବଶ୍ୟକ । [ଅଶୁଦ୍ଧକୃତ ।
Unimproved, *a.* ଅଶିକ୍ଷିତ, ଅଶୋଧିତ,
Uninformed, *a.* ଅଶିକ୍ଷିତ, ଅଜ୍ଞାନ, ମୂର୍ଖ, ଅ-
ପଣ୍ଡିତ ।
Uninhabitable, *a.* ବସତିର ଅଯୋଗ୍ୟ,
ଅବାସେଯ୍ୟ, ନିବସ୍ଥାନ ।
Uninhabited, *a.* ନରଶୂନ୍ୟ, ନିର୍ଜନ, ବସତି-
ହୀନ, ଉଜାଡ । [ଭତ, ସୁସ୍ଥ ।
Uninjured, *a.* କ୍ଷତହୀନ, ଅକ୍ଷତ, ଅପୀ-
Uninspired, *a.* ଦୈବଜ୍ଞାନାପ୍ରାପ୍ତ, ଈଶ୍ୱର-
ଶିକ୍ଷିତ । [ଦିଷ୍ଟ, ଅଜ୍ଞାନ ।
Uninstructed, *a.* ଅଶିକ୍ଷିତ, ମୂର୍ଖ, ଅନୁପ-
Unintelligible, *a.* ବୁଦ୍ଧିର ଅଗମ୍ୟ, ଅ-
ସ୍ପଷ୍ଟ, କଠିନ । [ବା ଅଜ୍ଞାତସ୍ୱରୂପ ।
Unintentional, *a.* ଅବଧିର ବା ଅକଳ୍ପିତ
Uninterested, *a.* ଅମନୋଯୋଗୀ, ଅ-
ସମ୍ବନ୍ଧୀୟ, ଅସ୍ୱାର୍ଥୀ, ଅଣାଧିକାରୀ ।
Uninteresting, *a.* ଅମନୋରଞ୍ଜକ, ଅ-
ତୁଷ୍ଟିକର, ନିଃସ୍ୱାର୍ଥ । [କ୍ରମିକ, ନିରନ୍ତର ।
Uninterrupted, *a.* ଅବିଶ୍ରାମ, ଅବାଧିତ,
Uninvited, *a.* ଅନିମନ୍ତ୍ରିତ, ଅଯାଚିତ, ଅନା-
ହୂତ । [ହର ।
Uninviting, *a.* ଅରମ୍ୟ, ଅସୁନ୍ଦର, ଅମନୋ-
Union, *s.* ଐକ୍ୟ, ସଂଯୋଗ, ମିଳଣ, ସମ୍ବନ୍ଧ ।
Unique, *a.* ଅଦ୍ୱିତୀୟ, ଅଦ୍ୱୈତ, ଅତୁଲ୍ୟ ।
Unison, *s.* ସମାନସ୍ୱର, ଏକଧ୍ୱନି, ଏକସ୍ୱର ।
Unit, *s.* ଏକ, ଏକମାତ୍ର, ଏକାକୀ, ଏକକ ।

Unite, *v.* ଐକ୍ୟ-ଯୋଗ-ସଂଯୁକ୍ତ-କ, ଯୋଡ-ଦ, ଏକ-ହ ।

Unitedly, *ad.* ଏକଯୋଗେ, ମିଳନରେ ।

Unity, *s.* ଏକତା, ଐକ୍ୟ, ଅଦ୍ୱୈତ, ଏକଚିତ୍ତତା, ମେଳ । [ତର, ସାଧାରଣ, ସକଳ ।

Universal, *a.* ସର୍ବମୟ, ସାର୍ବତ୍ରିକ, ସର୍ବଗ-

Universality, *s.* ସର୍ବସାଧାରଣତ୍ୱ, ସର୍ବବ୍ୟାପିତ୍ୱ, ସର୍ବମୟତା, ବଣତ୍ୱବ । [ତ୍ରିଭୁବନ ।

Universe, *s.* ବିଶ୍ୱ, ଜଗତ୍, ସଂସାର, ବ୍ରହ୍ମାଣ୍ଡ,

University, *s.* ମହାବିଦ୍ୟାଳୟ, ସର୍ବବିଦ୍ୟା ଶିକ୍ଷିବାରଚୌପାଢ଼ି ।

Unjust, *a.* ଅନ୍ୟାୟୀ, ଅଯଥାର୍ଥ, ଅଧାର୍ମିକ, ଅବସ୍ତୁରକ ।

Unjustifiable, *a.* ଦୂଷ୍ୟ, ଅସଙ୍ଗତ, ଅକାରଣୀୟ, ଶାସ୍ତ୍ରବିରୁଦ୍ଧ । [ଅସ୍ନେହ ।

Unkind, *a.* ନିର୍ଦୟ, ଅନୁପକାରୀ, ଅପ୍ରେମୀ,

Unkindness, *s.* ଅନୁପକାର, ଅକୃପା, ନିର୍ଦୟ ।

Unknowingly, *ad.* ଅଜ୍ଞାତସାରେ, ଅକାରଣରେ । [ଅଚିହ୍ନା ।

Unknown, *a.* ଅପରିଚିତ, ଅଜଣା, ଅଜ୍ଞାତ,

Unlade, *v.* ବୋଝ ଉଠାଇବାର, ଭାର କାଢ଼ିବାର । [ଅଧନ୍ଦତ, ଅଖେଦିତ ।

Unlamented, *a.* ଅବିଳାପିତ, ଅସ୍ୱେଦିତ,

Unlatch, *v.* ଖିଲ ଖୋଲିବାର, କୁଡ଼ୁକା ଫିଟାଇବାର ।

Unlawful, *a.* ଆଜ୍ଞା ବା ବିଧିବିରୁଦ୍ଧ, ଅଶାସ୍ତ୍ର ।

Unlearned, *a.* ଅବିଦ୍ୱାନ, ମୂର୍ଖ, ଅପଣ୍ଡିତ, ଅପାଠୁଆ ।

Unleavened, *a.* ତାଡ଼ିଶୂନ୍ୟ, ବେଖମିର ।

Unless, *c.* ବିନା, ବିନୁ, ଛଡ଼ା, ନୋହିଲେ ।

Unlettered, *a.* ଅଶିକ୍ଷିତ, ମୂର୍ଖ, ନିରକ୍ଷର, ଅପାଠୁଆ । [ଭିନ୍ନ ।

Unlike, *a.* ଅସଦୃଶ, ଅସମାନ, ଅତୁଲ୍ୟ,

Unlikelihood, *s.* ଅସମ୍ଭାବନା, ଅପ୍ରାମାଣ୍ୟ, ଅସଙ୍ଗତି । [ଣିକ ।

Unlikely, *a.* ଅସମ୍ଭବ, ଅସଙ୍ଗତ, ଅପ୍ରାମା-

Unlimited, *a.* ଅସୀମ, ଅଶେଷ, ଅପାର, ନିରବଧି । [ବାର ।

Unload, *v.* ଭାର ଉଠାଇବାର, ବୋଝ କାଢ଼ି-

Unlock, *v.* କୁଲୁପ ବା ତାଲା ଖୋଲିବାର, ବନ୍ଧନ ଫିଟାଇବାର; ଅର୍ଥ-କ ।

Unlooked-for, *a.* ଅନପେକ୍ଷିତ, ଅଗୋଚର, ହଠାତ୍ ପ୍ରାପ୍ତ । [ଫିଟାଇବାର ।

Unloose, *v.* ଛାଡ଼ିବାର, ଖୋଲିବାର, ମୁକ୍ତ-କ,

Unlovely, *a.* ଅମନୋହର, ଅସୁନ୍ଦର, ଅପ୍ରିୟ, କୁତ୍ସିତ ।

Unlucky, *a.* ଦୁର୍ଭାଗ୍ୟ, ଅଶୁଭ, ଅମଙ୍ଗଳ ।

Unman, *v.* ସାହାସ ଭାଙ୍ଗିବାର, ମନୁଷ୍ୟ ଗୁଣ ଶୂନ୍ୟ-କ; ପୁରୁଷତ୍ୱହୀନ-କ ।

Unmanageable, *a.* ଅଶାସନୀୟ, ଅଦମ୍ୟ, ଅବଶ, ଥେଣ୍ଟା । [ଅସାହସିକ ।

Unmanly, *a.* ପୁରୁଷର ଅଯୋଗ୍ୟ, ଅପୁରୁଷ,

Unmannerly, *a.* କୁବ୍ୟବହାରୀ, ଅସଭ୍ୟ, ଅଶିଷ୍ଟ । [ରହିତ ।

Unmarked, *a.* ଅଚିହ୍ନିତ, ଅଙ୍କ ବା ଲକ୍ଷ-

Unmarried, *a.* ଅବିବାହିତ, କାଢ଼ୁଆ, ଅନୂଢ଼

Unmask, *v.* ମୁଖ ଖୋଲିବାର, ଗୁପ୍ତ କପଟ ବ୍ୟାଖ୍ୟା-କ ।

Unmastered, *a.* ଅଜିତ, ଅବଶୀଭୂତ ।

Unmatched, *a.* ଅନୁପମ, ଅତୁଲ, ଅସଦୃଶ

Unmeaning, *a.* ଅର୍ଥହୀନ, ଅସଙ୍ଗତ, ବ୍ୟର୍ଥ ।

Unmeasured, *a.* ଅପରିମିତ, ଅତ୍ୟନ୍ତ, ବହୁତ, ଅମାପିତ ।

Unmeet, *a.* ଅନୁପଯୁକ୍ତ, ଅଯୋଗ୍ୟ, ଅନୁଚିତ

Unmerciful, *a.* ନିର୍ଦୟ, ନିଷ୍ଠୁର, ଅକୃପ, ଅପ୍ରେମୀ ।

**Unmerited**, *a.* ଅଯୋଗ୍ୟ, ଅସ୍ୱାର୍ଜିତ, ଅନୁଚିତ
**Unmindful**, *a.* ଅମନୋଯୋଗୀ, ଚିନ୍ତାହୀନ, ଅ-
ସାବଧାନ । [ନିର୍ଭୀକ ।
**Unmingled**, *a.* ଅମିଶ୍ରିତ, ଅମିଶା, ନିର୍ମଳ,
**Unmoor**, *v.* ନଙ୍ଗର ଟେକିବାର, ଜାହାଜ
ଫିଟାଇବାର । [ଦ୍ୱେଷେ ।
**Unmortgaged**, *a.* ନିର୍ବନ୍ଧକ, ବନ୍ଧକ ନୋ-
**Unmoved**, *a.* ଅଚଳିତ, ସ୍ଥିର; ଅମୋହିତ ।
**Unnamed**, *a.* ଅନାମ, ଅନୁକ୍ତ, ଅକଥିତ,
ଅନାଖ୍ୟାତ । [ଅପ୍ରକୃତସିଦ୍ଧ ।
**Unnatural**, *a.* ସ୍ୱଭାବବିରୁଦ୍ଧ, ଅସ୍ୱାଭାବିକ,
**Unnecessary**, *a.* ଅନାବଶ୍ୟକ, ଅପ୍ରୟୋ-
ଜନୀୟ, ନିରର୍ଥକ । [ଭାଗ୍ୟ ।
**Unneighborly**, *ad.* ଅପ୍ରୀତିରୂପ, ଅନୁପ-
**Unnerve**, *v.* ଉଦ୍ୟୋଗ-ହୀନ-କ, ଦୁର୍ବଳ ଅବା
ହତାଶ-କ । [ଅସ୍ମାର, ଅଗଣ୍ୟ ।
**Unnumbered**, *a.* ଅଗଣିତ, ଅସଂଖ୍ୟ,
**Unobjectionable**, *a.* ନିରାପତ୍ତିଜନକ, ଓଜ-
ର ରହିତ, ନିର୍ଦ୍ଦୋଷ ।[ବେତକ, ଅନବଧାନୀ ।
**Unobservant**, *a.* ଅମନୋଯୋଗୀ, ଅବ-
**Unobtrusive**, *a.* ଅପରଚର୍ଚ୍ଚୀ, ସ୍ୱାଧିକାର-
ବର୍ଜ୍ଜିତ, ନମ୍ର । [ଭୁକ୍ତ ।
**Unoccupied**, *a.* ଶୂନ୍ୟ, ଅନଧିକୃତ, ଅନୁପ-
**Unoffending**, *a.* ଅନପକାରୀ, ଅହିଂସ୍ରକ,
ନିର୍ଦ୍ଦୋଷୀ । [ଖୋଲା ।
**Unopened**, *a.* ଅଫିଟା, ମୁଦିତ, ବନ୍ଦ, ଅ-
**Unostentatious**, *a.* ଅଗର୍ବୀ, ନିରହଙ୍କାରୀ,
ନମ୍ର । [ଫିଟାଇବାର ।
**Unpack**, *v.* ମୋଟ ଖୋଲିବାର, ଗଣ୍ଠିସ୍ତି-
**Unpaid**, *a.* ଅଶୋଧିତ, ଋଣଥିବାର, ଅଦତ୍ତ
**Unpalatable**, *a.* ଅରୁଚ୍ୟ, ବିସ୍ୱାଦୁ, ଅତୁଷ୍ଟି-
କର । [ପମ ।
**Unparalleled**, *a.* ଅତୁଲ୍ୟ, ଅପୂର୍ବ, ଅନୁ-

**Unpardonable**, *a.* ଅକ୍ଷମାଯୋଗ୍ୟ, କ୍ଷମା-
ଦ୍ୱାରା ମୋଚନ ନାହିଁ । [ଦୃଷ୍ଟ, ଅବ୍ୟକ୍ତ ।
**Unperceived**, *a.* ଅଗୋଚର, ଅଜଣା, ଅ-
**Unphilosophical**, *a.* ଅଶାସ୍ତ୍ରୀୟ, ଅଯୁକ୍ତି-
ସିଦ୍ଧ, ବଦ୍ୟାବିରୁଦ୍ଧ । [କର ।
**Unpleasant**, *a.* ଅପ୍ରିୟ, ଅତୁଷ୍ଟିକର, ଦୃଣା-
**Unpleasing**, *a.* ଅସନ୍ତୋଷଜନକ, ଅନା-
ମୋଦୀ, ଲୁପ୍ତିତ । [ଅସଭ୍ୟ ।
**Unpolished**, *a.* ଅମାର୍ଜିତ, ଅଚିକ୍କଣ; ଅଶିଷ୍ଟ,
**Unpolite**, *a.* ଅସଭ୍ୟ, ଅଶିଷ୍ଟ, ଗଁୱାର, ଅ-
ଶିଷ୍ଟାଚାରୀ । [ଭ୍ରଷ୍ଟ ।
**Unpolluted**, *a.* ପବିତ୍ର, ଶୁଚି, ନିର୍ମଳ, ଅ-
**Unpopular**, *a.* ଅଚଳିତ, ସାଧାରଣ ଲୋ-
କର ଅସମ୍ମତ, ଅଲୌକିକ । [ପଟୁ ।
**Unpractised**, *a.* ଅନଭ୍ୟସ୍ତ, ଅଶିକ୍ଷିତ, ଅ-
**Unprecedented**, *a.* ଅପୂର୍ବ, ଅଦୃଷ୍ଟ, ନୂଆ ।
**Unprejudiced**, *a.* ଅପକ୍ଷପାତୀ, ସରଳ,
**Unpremeditated**, *a.* ପୂର୍ବେ ଅଚିନ୍ତିତ
ବା ଅବବେଚିତ ।
**Unprepared**, *a.* ଅପ୍ରସ୍ତୁତ, ଅନୁପସ୍ଥିତ,
ଅନୁପଯୁକ୍ତ । [ଚୌରବାହିନୀ ।
**Unpretending**, *a.* ଅଗର୍ବୀ, ନମ୍ରଶୀଳ, ଅ-
**Unprincipled**, *a.* ସଦସଦ୍ବିବେଚନାହୀନ, ଅଧା-
ର୍ମିକ, ଦୁଶ୍ଚରିତ୍ର । [ଅଲାଭଜନକ ।
**Unprofitable**, *a.* ଅନର୍ଥକ, ନିଷ୍ଫଳ, ବ୍ୟର୍ଥ,
**Unpropitious**, *a.* ଅଶୁଭ, ଅମଙ୍ଗଳ, ଅପ୍ର-
ସନ୍ନ, ଅନନୁକୂଳ ।
**Unprotected**, *a.* ଅନାଶ୍ରିତ, ଅରକ୍ଷିତ, ଅନାଥ
**Unprovoked**, *a.* ବିନା କ୍ରୋଧର କାରଣ,
ଅକୁପିତ, ଅବିରକ୍ତ । [ଅପ୍ରସ୍ତୁତ ।
**Unpublished**, *a.* ଅପ୍ରକାଶିତ, ଅବ୍ୟକ୍ତ,
**Unpunished**, *a.* ଅଦଣ୍ଡିତ, ଅଶାସିତ, ବେ-
ସଜା ।

**Unqualified**, *a.* ଅକ୍ଷମ, ଅଯୋଗ୍ୟ, ଅଗ୍ର-ର୍ଜିତ, ଅପଟୁ ।

**Unquenchable**, *a.* ଅନିର୍ବାଣୀୟ, ଅଶାମ୍ୟ

**Unquestionable**, *a.* ନିଃସନ୍ଦେହ, ପ୍ରାମାଣିକ, ନିଶ୍ଚୟ ।

**Unquiet**, *a.* ଅସ୍ଥିର, ଅତୃପ୍ତ, ଚଞ୍ଚଳ, ବ୍ୟସ୍ତ ।

**Unravel**, *v.* ଖୋଲିବାର, ଫେଡ଼ିବାର, ଫିଟାଇବାର ।

**Unread**, *a.* ଅପଠିତ, ଅଶିକ୍ଷିତ, ଅପଢ଼ା ।

**Unready**, *a.* ଅପ୍ରସ୍ତୁତ, ଅପଟୁ, ଅନାଜ୍ଞ ।

**Unreal**, *a.* ଅଯଥାର୍ଥ, ଅପ୍ରକୃତ, କୃତ୍ରିମ, କଳ୍ପିତ ।

**Unreasonable**, *a.* ଅସଙ୍ଗତ, ଅଯୁକ୍ତିସିଦ୍ଧ, ଅନୁଚିତ, ଅସମ୍ଭବ ।

**Unreclaimed**, *a.* ଅଦମିତ, ଅଶିଷ୍ଟ, ଦୁଷ୍ଟ, ଅପୋଷା । [ମେଣ୍ଢଣ ରହିତ ।

**Unreconciled**, *a.* ମିଳଣରହିତ, ବଦ୍ୱେଷ

**Unredeemed**, *a.* ଅମୁକ୍ତ, ଅଦାତ, ନିସ୍ତାର ରହିତ । [ପ୍ୟାୟିତ ।

**Unrefreshed**, *a.* ଅତୁଷ୍ଟ, ଅତୃପ୍ତ, ଅନା-

**Unregarded**, *a.* ଅନାଦୃତ, ଅମାନିତ, ପରି-ହୃତ । [ଦୁଃସ୍ୱଭାବ ।

**Unregenerate**, *a.* ଅପୁନର୍ଜାତ; ଦୁଷ୍ଟସ୍ୱ.

**Unrelenting**, *a.* କ୍ଷମାହୀନ, ନିର୍ଦ୍ଦୟ, ନିଷ୍ଠୁର, କଠିଣାନ୍ତଃକରଣ । [ବରତ ।

**Unremitting**, *a.* ନିତ୍ୟ, ଅବିଶ୍ରାନ୍ତ, ଅନ-

**Unrequested**, *a.* ଅଯାଚିତ, ଅବାଞ୍ଛିତ, ଅପୃଷ୍ଟ ।

**Unrequited**, *a.* ପ୍ରତିଫଳାପ୍ରାପ୍ତ, ଅପ୍ରତିଦତ୍ତ

**Unresented**, *a.* ଅପ୍ରତିହିଂସିତ, କ୍ଷମାକୃତ ।

**Unreserved**, *a.* ଅକପଟ, ସରଳ, ଖୋ-ଲସା, ଅକୁଟିଳ । [ଦିଏ ।

**Unresisting**, *a.* ଅନିବାରକ, ଯେ ବାଧା ନ

**Unresolved**, *a.* ଅନିଶ୍ଚିତ, ସନ୍ଦିଗ୍ଧ, ଅବିବେ-ଚିତ ।

**Unrestrained**, *a.* ଅବାଧିତ, ସ୍ୱଚ୍ଛନ୍ଦ, ଖୋଲା

**Unrevealed**, *a.* ଅପ୍ରକାଶିତ, ଅବ୍ୟକ୍ତ, ଅ-କଥିତ, ଗୁପ୍ତ । [କାରିତ, କ୍ଷମାକୃତ ।

**Unrevenged**, *a.* ଅପ୍ରତିହିଂସିତ, ଅପ୍ରତି-

**Unrewarded**, *a.* ଅପୁରସ୍କାର ବା ଫଳା-ପ୍ରାପ୍ତ ।

**Unriddle**, *v.* ପ୍ରହେଳିକା ବା ଗୂଢ଼ ଅର୍ଥ-କ ।

**Unrighteous**, *a.* ଅଯାଥାର୍ଥିକ, ଅଧାର୍ମିକ,

**Unrip**, *v.* ବିଦୀର୍ଣ୍ଣ-କ, ଦଦାଇବାର । [ଅନ୍ୟାୟୀ

**Unripe**, *a.* ଅପକ୍ୱ, କଞ୍ଚା, ଅପୋକ୍ତ ।

**Unrivalled**, *a.* ଅନୁପମ, ଅତୁଲ୍ୟ, ଅଦ୍ୱିତୀୟ ।

**Unrol**, *v.* ଗୁଡ଼ାଇବା ବା ଛଡ଼ାଇବା ବସ୍ତୁ-ଫିଟାଇବାର । [ଇବାର ।

**Unroof**, *v.* ଘରର ଛାତ ବା ଚାଳ ଭାଙ୍ଗି ପକା-

**Unruffled**, *a.* ଅଚଞ୍ଚଳ, ସୁସ୍ଥିର । [ଗସ୍ୱ ।

**Unruly**, *a.* ଅବାଧ୍ୟ, ଅଶାସ୍ୟ, ଅବଶ, ମ-

**Unsafe**, *a.* ଆପଦଯୁକ୍ତ, ସଙ୍କଟ ବା ବିପଦ୍‌ବିଶିଷ୍ଟ ।

**Unsaid**, *a.* ଅନୁକ୍ତ, ଅକଥିତ, ଅବ୍ୟକ୍ତ, ଅନୁ-ଚ୍ଚାରିତ ।

**Unsanctified**, *a.* ଅପବିତ୍ରୀକୃତ, ଅଶୁଚିକୃତ

**Unsatiable**, *a.* ଅତିଲୋଭୀ, ଅତୃପ୍ତିଯୋଗ୍ୟ, ଅଶାମ୍ୟ । [ଜନକ ।

**Unsatisfactory**, *a.* ଅତୁଷ୍ଟିକର, ଅସନ୍ତୋଷ-

**Unsatisfied**, *a.* ଅତୃପ୍ତ, ଅତୁଷ୍ଟ, ଅତୁଷ୍ଟି ।

**Unsavoury**, *a.* ବିସ୍ୱାଦୁ, ବିରସ, ଅରୁଚି ।

**Unsay**, *v.* କଥା ଓଲଟାଇବାର, ଓଲଟା-କରି କହିବାର । [ବାର ।

**Unscrew**, *v.* ପେଚ ଖୋଲିବାର ବା ଖସାଇ-

**Unseal**, *v.* ମୋହର ବା ମୁଦ୍ରା ଭାଙ୍ଗିବାର ।

**Unsearchable**, *a.* ବୋଧାଗମ୍ୟ, ଅନନ୍ୱେ-ଷଣୀୟ, ଅଲକ୍ଷ୍ୟ ।

Unseasonable, *a.* ଅସମୟର, ଅକାଳିକ, ଅସଙ୍ଗତ ।
Unseemly, *a.* ଅନୁଚିତ, ଅସୁନ୍ଦର, କୁଦୃଶ୍ୟ ।
Unseen, *a.* ଅଦେଖା, ଅଦୃଶ୍ୟ, ଅପ୍ରକାଶିତ ।
Unserviceable, *a.* ଅକର୍ମଣ୍ୟ, ଅନର୍ଥକ, କାବାସ୍ତ । [ସ୍ନେହ କମ୍ବାଇବାର ।
Unsettle, *v.* ଅସ୍ଥିର-କ, ନିର୍ଣ୍ଣୟଭଙ୍ଗ-କ,
Unshaken, *a.* ଅଚଳିତ, ସ୍ଥିର, ଅଟଳ, ଅ-ଲଡ଼ତ । [ଡୌଲ ।
Unshapen, *a.* କଦାକାର, କୁତ୍ସିତ, ବେ-
Unsheath, *v.* ଖାପରୁ ବାହାର-କ, ଖାପ ଫିଟାଇବାର । [ଛିତ ।
Unsheltered, *a.* ଅନାଶ୍ରିତ, ନିରାଶ୍ରୟ, ଅର-
Unship, *v.* ଜାହାଜରୁ କାଢ଼ିବାର ଅବା ବା-ହାର-କ । [କ୍ଷିତ ।
Unshod, *a.* ପାଦୁକା ରହିତ, ଯୋତା ବା
Unsightly, *a.* କୁରୂପ, ଅସୁନ୍ଦର, କଦାକାର
Unskilful, *a.* ଅପଟୁ, ଅନଭିଜ୍ଞ, ଅନାଡ଼ୀ ।
Unskilled, *a.* ଅଶିକ୍ଷିତ, ଅପଟୁ, ଯାର ବ୍ୟବ-ହାର ନାହିଁ । [ଳ୍ପଭାଷୀ ।
Unsociable, *a.* ଅପ୍ରଣୟୀ, ଅନାଳାପୀ, ଅ-
Unsoiled, *a.* ନିର୍ମଳ, ନିଷ୍କଳଙ୍କ, ଶୁଦ୍ଧ, ଦାଗ-
Unsold, *a.* ଅବିକ୍ରୀତ, ଅବିକା । [ରହିତ ।
Unsolicited, *a.* ଅଯାଚିତ, ଅପ୍ରାର୍ଥିତ, ନ ମାଗିଲାର । [ରଳ ।
Unsophisticated, *a.* ଅକୃତ୍ରିମ, ଶୁଦ୍ଧ, ସ-
Unsought, *a.* ଅଚେଷ୍ଟିତ, ଅନ୍ୱେଷିତ ।
Unsound, *a.* ଭଙ୍ଗା, ଦୋଷଯୁକ୍ତ; ଅସୁସ୍ଥ, ପଚା, ସଡ଼ା, ଅଶକ୍ତ । [ବକ୍ତବ୍ୟ ।
Unspeakable, *a.* ଅକଥନୀୟ, ଅବାଚ୍ୟ, ଅ-
Unspotted, *a.* ନିଷ୍କଳଙ୍କ, ନିର୍ମଳ, ଶୁଦ୍ଧ; ଅଚିହ୍ନିତ ।
Unstable, *a.* ଅସ୍ଥିର, ଚଞ୍ଚଳ, ଲଡ଼ବଡ଼ୀୟା ।

Unstaid, *a.* ଅସ୍ଥିରମନାଃ, ଚଞ୍ଚଳ, ଚପଳ ।
Unstained, *a.* ନିଷ୍କଳଙ୍କ, ଅଚିହ୍ନିତ, ଅର-ଞ୍ଜିତ । [ଶକ୍ତ ।
Unsteady, *a.* ଅସ୍ଥିର, ଅଧୀର, ଚଞ୍ଚଳ, ଅ-
Unstinted, *a.* ଅପରିମିତ, ଅସୀମକ, ଅଶେଷ
Unstring, *v.* ତାର ଖୋଲ-କ, ଦୋଥ ଫିଟାଇବାର । [ଭୂତ ।
Unsubdued, *a.* ଅନାୟତ୍ତ, ଅଜିତ, ଅବଶୀ-
Unsubstantial, *a.* ଅସାର, ଅବସ୍ତୁ, ଅବା-ସ୍ତବ; ଅଶକ୍ତ । [ପ୍ରାପ୍ତ, ଅଯୋଗ୍ୟ ।
Unsuccessful, *a.* ଅକୃତାର୍ଥ, ନିଷ୍ଫଳ, ଅ-
Unsuitable, *a.* ଅନୁପଯୁକ୍ତ, ଅଯୋଗ୍ୟ, ଅନୁ-ଚିତ, ଅଯୁକ୍ତ ।
Unsullied, *a.* ନିଷ୍କଳଙ୍କ, ନିର୍ମଳ, ଅମଳିନ ।
Unsuspected, *a.* ଅସନ୍ଦିଗ୍ଧ, ଅଶଙ୍କିତ; ନିର୍ଭୟ ।
Unsuspecting, *a.* ନିଃସନ୍ଦେହଚିତ୍ତ, ନିର୍ଭୟ
Untainted, *a.* ପରିଷ୍କାର, ନିଷ୍କଳଙ୍କ; ଅଭ୍ରଷ୍ଟ । [ସ୍ୱତ ।
Untamed, *a.* ଅପୋଷା, ଅଶାସିତ, ଅନା-
Untaught, *a.* ଅଶିକ୍ଷିତ, ମୂର୍ଖ । [ର୍ଜବ୍ୟ ।
Untenable, *a.* ଅସ୍ଥାପନୀୟ, ଅରକ୍ଷ, ଅଧ-
Untenanted, *a.* ପ୍ରଜା ବା ରଇତହୀନ, ଅର-ଡାଟିଆ, ଖାଲି । [ଜାଗ୍ରମାନଙ୍କ ।
Unthankful, *a.* ଅକୃତଜ୍ଞ, କୃତଘ୍ନ, ଉପ-
Unthinking, *a.* ନିଶ୍ଚିନ୍ତ, ଅବିବେକୀ, ନିର୍ବୋଧ
Unthrifty, *a.* ଅପବ୍ୟୟୀ, ଅସଞ୍ଚୟୀ, ଅସହ-ଶରଣ । [ବାର ।
Untie, *v.* ଗଣ୍ଠି ଫିଟାଇବାର, ବନ୍ଧନ ଖୋଲ-
Until, *ad.* ଯେପର୍ଯ୍ୟନ୍ତ, ଯେସରକ, ଯାବତ, ଯଦବଧି । [-death, ଅପମୃତ୍ୟୁ ।
Untimely, *a.* ଅକାଳୀନ, ଅସମୟର;
Unto, *pr.* ପର୍ଯ୍ୟନ୍ତ, ନିକଟ, ପ୍ରତି, ସହିତ, କୁ ।

Untold, *a.* ଅକଥିତ, ଅନୁକ୍ତ, ଅବର୍ଣ୍ଣିତ ।
Untouched, *a.* ଅସ୍ପୃଷ୍ଟ, ନ ଛୁଁଇବାର; ଅ-
ମୋହିତ । [ଙ୍ଗଳସୂଚକ ।
Untoward, *a.* ଅବାଧ୍ୟ, ଅନାସ୍ଥିତ; ଅମ-
Untractable, *a.* ଅଦମ୍ୟ, ଅଶାସ୍ୟ ।
Untrained, *a.* ଅଶିକ୍ଷିତ, ଅନୁପଦିଷ୍ଟ ।
Untried, *a.* ଅପରୀକ୍ଷିତ, ଅମଣା, ନୂଆ, ଅ-
ବଣ୍ଟିତ । [ହିତ ।
Untrodden, *a.* ଅମଡା, ଅମର୍ଦ୍ଦିତ, ଅପାଦା-
Untrue, *a.* ଅସତ୍ୟ, ମିଥ୍ୟା, ଅଯଥାର୍ଥ ।
Untruth, *s.* ମିଥ୍ୟାକଥା, ଅସତ୍ୟତା ।
Untutored, *a.* ଅଶିକ୍ଷିତ, ଅବ୍ୟୁତ୍ପନ୍ନ ।
Untwist, Untwine, *v.* ପାକ ଖୋଲି-
ବାର, ଜଡାଉ ବସ୍ତୁକୁ ପୃଥକ୍-କ ।
Unused, *a.* ଅନଭ୍ୟସ୍ତ, ଅବ୍ୟବହୃତ, ଅଚଳିତ
Unusual, *a.* ଅସାଧାରଣ, ଅବ୍ୟବହାର,
ଯାହା କେବେ ନାହିଁ । [ବଚନୀୟ ।
Unutterable, *a.* ଅକଥ୍ୟ, ଅବାକ୍ୟ, ଅନି-
Unvaried, *a.* ଅପରିବର୍ତ୍ତିତ, ସମଭାବଯୁକ୍ତ ।
Unvarnished, *a.* ରଙ୍ଗ ବା ପ୍ରେଷଣରହିତ,
ଅଶୋଭିତ । [ଭାବେ ।
Unwarily, *ad.* ଅସାବଧାନପୂର୍ବକ, ଅସତର୍କ-
Unwarrantable, *a.* ଅନୁଚିତ, ଅକର୍ତ୍ତବ୍ୟ,
ନିଷିଦ୍ଧ । [ବ୍ୟବସ୍ଥିତ ।
Unwarranted, *a.* ନିରାଶଙ୍କା, ଅଶାସ୍ତ୍ର, ଅ-
Unwary, *a.* ଅସତର୍କ, ଅସାବଧାନ, ଅବିବେ-
ଚକ । [ଉଦ୍ଯୋଗୀ ।
Unwearied, *a.* ଅକ୍ଲାନ୍ତ, ଅତନ୍ଦ୍ରମୀ, ସଦା-
Unwelcome, *a.* କର୍କଶ, ଅତୁଷ୍ଟିକର, ଅପ୍ରିୟ ।
Unwell, *a.* ଅସୁସ୍ଥ, ପୀଡିତ, ରୋଗୀ, ଭଲ-
ନୋହେ । [ଅଗୁଣକାରୀ ।
Unwholesome, *a.* ପୀଡାଜନକ, ଅପଥ୍ୟ,
Unwieldy, *a.* ବଡ, ପ୍ରକାଣ୍ଡ, ଭାରି, ମୋଟ ।

Unwilling, *a.* ଅନିଚ୍ଛୁକ, ଅତୁଷ୍ଟ, ଅସମ୍ମତ ।
Unwise, *a.* ଅଜ୍ଞାନ, ଅପଣ୍ଡିତ, ଅବୋଧ, ମୂର୍ଖ
Unwittingly, *ad.* ଅଜ୍ଞାତସାରେ, ନବୋଧ-
ଭାବେ । [ଅଯୌକ୍ତିକ ।
Unwonted, *a.* ଅପ୍ରଚଳିତ, ଅସାଧାରଣ,
Unworthily, *a.* ଅଯୋଗ୍ୟ ବା ଅନୁପଯୁକ୍ତ-
ଭାବେ । [ଯ୍ଯୋଗ୍ୟ ।
Unworthy, *a.* ଅଭାଜନ, ଅଯୋଗ୍ୟ, ନା-
Unwritten, *a.* ଅଲିଖିତ, ଅଲେଖା, ସାଦା
Unwrought, *a.* ଅଗଠିତ, ଅନିର୍ମିତ, ଅଗଢା
Unyielding, *a.* ଅସମ୍ମତ; ଅନମ୍ୟ, ଅନମ-
ନୀୟ । [ବାର ।
Unyoke, *v.* ଯୁଆଳିମୁକ୍ତ-କ, ଯୁଆଳି ଫିଟାଇ-
Up, *ad.* ଉପରେ, ଊର୍ଦ୍ଧ୍ୱେ, ଉଚ୍ଚରେ; up
and down, ଉଚ୍ଚନୀଚ; ଏଣେତେଣେ ।
Upbraid, *v.* ଭର୍ତ୍ସନା- ତିରସ୍କାର- ନିନ୍ଦା-କ ।
Uphill, *a.* ଦୁଷ୍କର, କଠିନ, କଷ୍ଟସାଧ୍ୟ ।
Uphold, *v.* ଆଶ୍ରୟ ଦ, ରକ୍ଷା-କ, ଟେକି ଧରି-
ବାର । [ନିର୍ମାତା ।
Upholsterer, *s.* ଗୃହସଜ୍ଜା ବ୍ୟବସାୟୀ ବା
Upland, *s.* ଉଚ୍ଚଭୂମି, ଡିହ, ଉଚ୍ଚଦେଶ ।
Uplift, *v.* ଟେକିବାର, ଉଠାଇ ରଖିବାର ।
Upon, *pr.* ଉପର, ଉପରେ, ପରେ, ଠାରେ
Upper, *a.* ଉପରସ୍ଥ, ଉପରର, ଊର୍ଦ୍ଧ୍ୱସ୍ଥିତ ।
Uppermost, *a.* ସର୍ବୋପରିସ୍ଥ, ସର୍ବପ୍ରଧାନ,
ସର୍ବଉପରର ।
Upper-province, *s.* ପଶ୍ଚିମଦେଶ ।
Upraise, *v.* ଊର୍ଦ୍ଧ୍ୱେ ବା ଉପରେ ଉଠାଇ-
ବାର, ଉନ୍ନତ-କ ।
Upright, *a.* ଠିଆ, ଉଭା, ସିଧା, ସରଳ ।
Uproar, *s.* କଳହ, ବୋବାଳିବୋବାଳି, ଗଣ୍ଡ-
ଗୋଳ । [ଇବାର ।
Uproot, *v.* ଉପାଡିବାର, ମୂଳରୁ କାଢି ପକା-

**Upshot**, *s*. ଫଳ, ଶେଷ, ଅନ୍ତ, ସମାପ୍ତି, ଶେଷ-
ଘଟନା । [ତଳଉପରେ, ଓଲଟା ।
**Upside**, *a*. ଉପରିଭାଗ ବା ଦେଶ; -down,
**Upstart**, *s*. ନୂଆଧନଗର୍ବୀ, ଆଧୁନିକଲୋକ ।
**Upward**, *ad*. ଉପରେ, ଊର୍ଦ୍ଧ୍ୱେ; ଅଧିକ, ବଡ଼ା,
ବେଶୀ ।
**Urbanity**, *s*. ସୌଜନ୍ୟ, ଶିଷ୍ଟାଚାର, ସଭ୍ୟତା
**Urchin**, *s*. ବାଳକ, ପିଲା, ଟୋକା ।
**Urge**, *v*. ବେଗେ ଚଳାଇବାର, ହଙ୍କାଇବାର;
ଘୃଣି ମାଗିବାର । [ଜନ, ଦରକାର ।
**Urgency**, *s*. ଅତ୍ୟାବଶ୍ୟକତା, ଅତିପ୍ରୟୋ-
**Urgent**, *a*. ଅତ୍ୟାବଶ୍ୟକ, ବ୍ୟଗ୍ର, ନୋହିଲେ
ନୁହଇ, ଦରକାରୀ ।
**Urine**, *s*. ପ୍ରସ୍ରାବ, ମୂତ୍ର, ମୂତ ।
**Urn**, *s*. ପାତ୍ରବିଶେଷ, ମୃତଜନର ଭସ୍ମାଧାର ।
**Ursa-major**, *s*. ସପ୍ତର୍ଷି, ନକ୍ଷତ୍ରବିଶେଷ ।
**Us**, *p*. ଆମ୍ଭମାନଙ୍କୁ, ଆମ୍ଭସମସ୍ତଙ୍କୁ ।
**Usage**, *s*. ଆଚାର, ବ୍ୟବହାର, ରୀତି, ଧାରା ।
**Use**, *s*. ବ୍ୟବହାର, କାର୍ଯ୍ୟ, ଫଳ, ପ୍ରୟୋଜନ ।
**Use**, *v*. ବ୍ୟବହାର ବା ଆଚାର-କ, ଅଭ୍ୟାସ-କ
**Useful**, *a*. କର୍ମଯୋଗ୍ୟ, ଉପକାରୀ ।
**Useless**, *a*. ନିଷ୍ଫଳ, ବ୍ୟର୍ଥ, ଅନର୍ଥକ ।
**Usher**, *s*. ପ୍ରବେଶକ, ଉପଶିକ୍ଷକ ବା ଗୁରୁ ।
**Usher**, *v*. ପ୍ରବେଶ ବା ସାକ୍ଷାତ ବା ଭେଟ
କରାଇବାର ।
**Usual**, *a*. ରୀତିମତ, ପ୍ରଚଳିତ, ଦସ୍ତୁରମତ ।
**Usually**, *ad*. ଧାରାମତ, ଯଥାରୀତି, ପ୍ରାୟ
ସର୍ବଦା । [ଭୋଗଦଖଲ ।
**Usufruct**, *s*. ଉପସ୍ୱତ୍ୱ, କିଛି କାଳ ନିମିତ୍ତ
**Usurer**, *s*. ସୁଧଖୋର, ଅତ୍ୟନ୍ତ ସୁଧଗ୍ରା-
ହକ, ଦେଢ଼ିଦାର । [ପଠାଣୀ ।
**Usurious**, *a*. ଅତ୍ୟନ୍ତ ସୁଧଲୋଭୀ, ବୃଦ୍ଧ୍ୟ-
**Usurp**, *v*. ଅନଧିକାର ଆକ୍ରମଣ-କ ।

**Usurpation**, *s*. ବଳରେ ଆକ୍ରମଣ, ରାଜ୍ୟା-
ପହରଣ । [ଜୀବୀ ।
**Usurper**, *s*. ରାଜ୍ୟାପହାରକ, ପରସ୍ୱାଧିକାରୀ-
**Usury**, *s*. ଅତ୍ୟନ୍ତ ସୁଧ, ବ୍ୟାଜ, ଲାଭ,
କୁସୀଦ । [ଅପ୍ରଶସ୍ତ ।
**Utensil**, *s*. ପାତ୍ର, ଆଧାର, ବାସନକୁସନ;
**Uterine**, *a*. ଏକଗର୍ଭର, ସହୋଦର ।
**Uterus**, *s*. ଗର୍ଭ, ପେଟ, ଉଦର, ଜଠର,
ଜରାୟୁ ।
**Utility**, *s*. କାର୍ଯ୍ୟ, ଫଳ, ଲାଭ, ପ୍ରୟୋଜନ ।
**Utmost**, *a*. ଅତିବଡ଼, ଅତିଶୟ, ଯଥାସାଧ୍ୟ ।
**Utopian**, *a*. ଅନୁମାନିକ, ମାନସିକ, କଳ୍ପିତ ।
**Utter**, *a*. ଅତି, ନିତାନ୍ତ, ଅତ୍ୟନ୍ତ, ଏକାନ୍ତ,
ପୂର୍ଣ୍ଣ । [ବା ପ୍ରକାଶ-କ ।
**Utter**, *v*. ଉଚ୍ଚାରଣ-କ, କହିବାର, ଉଲ୍ଲେଖ
**Utterance**, *s*. ଉଚ୍ଚାରଣ, ଉଲ୍ଲେଖ, ଉକ୍ତି,
ବଚନ । [ସର୍ବତୋଭାବେ ।
**Utterly**, *ad*. ସମୁଦାୟ ବା ସମ୍ପୂର୍ଣ୍ଣରୂପେ,
**Uttermost**, *a*. ଶେଷପର୍ଯ୍ୟନ୍ତ, ସର୍ବଶେଷ,
ଷୋଳଅଣା ।
**Uvula**, *s*. ଉପଜିହ୍ୱା, ଉପଦ୍ରାକ୍ଷା । [ଆସକ୍ତ ।
**Uxorious**, *a*. ସ୍ତ୍ରୀବାଧ୍ୟ, ସ୍ତ୍ରୀବଶ, ସ୍ତ୍ରୀଠାରେ

## V.

**Vacancy**, *s*. ଶୂନ୍ୟତା, ଶୂନ୍ୟସ୍ଥାନ ବା ପଦ
ବା କର୍ମ; ଅବକାଶ । [ରହିତ ।
**Vacant**, *a*. ଶୂନ୍ୟ, ଖାଲି, ଅସ୍ୱାମିକ, କର୍ମ-
**Vacate**, *v*. ତ୍ୟାଗ-କ, ଶୂନ୍ୟ-କ, ଉଠି ଯିବାର
**Vacation**, *s*. ବିଶ୍ରାମ, ଅବକାଶ, ଛୁଟୀ, ବି-
ଶ୍ରାମ ।
**Vaccinate**, *v*. ଗୋବସନ୍ତ ବୀଜରେ ଟୀକା-ଦ
**Vacillate**, *v*. ଅସ୍ଥିର- ଅନିଶ୍ଚୟ- ଟଳମଳ-ହ ।
**Vacuity**, *s*. ଶୂନ୍ୟତା, ଫାଙ୍କ, ଅନ୍ତରାଳ ।

**Vacuum**, *s.* ଶୂନ୍ୟସ୍ଥାନ, ଶୂନ୍ୟ, ଫାଙ୍କ, ଅନ୍ତସ୍ଥଳ

**Vade-mecum**, *s.* ନିତ୍ୟ ବ୍ୟବହାର୍ଯ୍ୟ କ୍ଷୁଦ୍ର ପୁସ୍ତକ ।

**Vagabond**, *s.* ମିଥ୍ୟା ଭ୍ରମଣକାରୀ, ବାରବୁଲା

**Vagary**, *s.* ଚିତ୍ତର ଭ୍ରମ, ଅନର୍ଥକଳ୍ପ, କୌତୁକ ।

**Vagrant**, *s.* ଭ୍ରମଣକାରୀ, ଭିକ୍ଷାକାରୀ, ବୁଲା ।

**Vague**, *a.* ଅସ୍ଥିର, ଅନିଶ୍ଚିତ, ଅସ୍ପଷ୍ଟ ।

**Vail**, *s.* ଘୁମଟା, ଘୋଡଣୀ, ପର୍ଦ୍ଦା, ଆଚ୍ଛାଦନୀ

**Vain**, *a.* ବୃଥା, ନିଷ୍ଫଳ; ଦାମ୍ଭିକ, ଗର୍ବୀ ।

**Vainglorious**, *a.* ମିଥ୍ୟାଭିମାନୀ, ଆତ୍ମଶ୍ଳାଘୀ, ଗର୍ବିତ । [ଶ୍ଳାଘା, ଉଡଙ୍ଗ ।

**Vainglory**, *s.* ମିଥ୍ୟାଭିମାନ ବା ଦର୍ପ, ଆତ୍ମ-

**Vainly**, *ad.* ନିରର୍ଥକ, ବୃଥା; ଗର୍ବପୂର୍ବକ, ସାହଙ୍କାରେ ।

**Valance**, *s.* ପଲଙ୍କ ବା ଖଟର ଛବିର ଝାଲର ।

**Vale**, *s.* ପାହାଡତଳୀ, ଦୁଇ ପର୍ବତର ମଧ୍ୟସ୍ଥଳ । [କଲ୍ୟାଣ ।

**Valediction**, *s.* ପ୍ରସ୍ଥାନ ସମୟର ବନ୍ଦନା ବା

**Valedictory**, *a.* ପ୍ରସ୍ଥାନ କାଳର ବନ୍ଦନାସମ୍ବନ୍ଧୀୟ ।

**Valentine**, *s.* ନାୟକନାୟିକାର ପରସ୍ପର ପ୍ରେରିତ ପ୍ରୀତିପତ୍ର ।

**Valet**, *s.* ଭୃତ୍ୟ, ଚାକର, ସେବକ ।

**Valetudinarian**, *s.* ସଦାରୋଗୀ, ଚିରପୀଡିତ ବ୍ୟକ୍ତି । [କ୍ରାନ୍ତ ।

**Valiant**, *a.* ସାହସୀ, ବିକ୍ରମୀ, ବିକ୍ରାନ୍ତ, ପରା-

**Valid**, *a.* ଦୃଢ, ପ୍ରମାଣସିଦ୍ଧ, ସ୍ଥିର, ପ୍ରବଳ ।

**Validity**, *s.* ଦୃଢତା, ସ୍ଥିରତା, ନିଶ୍ଚୟ, ପ୍ରାମାଣ୍ୟ ।

**Valley**, *s.* ଦୁଇ ପର୍ବତର ମଧ୍ୟଭୂମି, ପଦା ।

**Valorous**, *a.* ସାହସୀ, ବିକ୍ରାନ୍ତ, ବୀର୍ଯ୍ୟବାନ୍,

**Valour**, *s.* ବିକ୍ରମ, ପରାକ୍ରମ, ସାହସ, ବୀରପଣ

**Valuable**, *a.* ବହୁମୂଲ୍ୟକ, ଅତ୍ୟୁତ୍ତମ; ଉତ୍କୃଷ୍ଟ । [ଦରନିଶ୍ଚୟ ।

**Valuation**, *s.* ନିରୂପିତମୂଲ୍ୟ, ମୂଲ୍ୟନିରୂପଣ,

**Value**, *s.* ମୂଲ୍ୟ, ଦାମ, ଦର, ଭାଉ; ଗୁଣ ।

**Value**, *v.* ମୂଲ୍ୟନିରୂପଣ-କ, ଦର ବା ଦାମ ନିରୂପଣ-କ; ପ୍ରିୟଜ୍ଞାନ-କ ।

**Valve**, *s.* ପଟେ କବାଟ, କଳକବାଟୀ ।

**Vamp**, *v.* ତାଳି-ଦ, ଜୁତା ସଜାଡବାର, ମରାମତ-କ ।

**Vampire**, *s.* କବିକଳ୍ପିତ ରାକ୍ଷସ । [ବା ପକ୍ଷୀ ।

**Van, Vanguard**, *s.* ସୈନ୍ୟର ଅଗ୍ର ଦଳ

**Vane**, *s.* ବାୟୁରେ ବୁଲିବାର ପତାକା, ଧ୍ୱଜା ।

**Vanish**, *v.* ଅନ୍ତର୍ଦ୍ଧାନ ବା ଅନ୍ତର-ହ, ଲୁପ୍ତ ହୋଇ ଯିବାର । [ଦର୍ପ ।

**Vanity**, *s.* ଅସାରତ୍ୱ, ମିଥ୍ୟା, ଅହଙ୍କାର,

**Vanquish**, *v.* ପରାସ୍ତ- ଜୟ-କ, ଜିତିବାର ।

**Vantage**, *s.* ଲଭ୍ୟ, ଲାଭ, ପ୍ରାପ୍ତି, ଶ୍ରେଷ୍ଠତା ।

**Vapid**, *a.* ନିରସ, ବିସ୍ୱାଦୁ, ପାଣିଚୁ, ନିସ୍ତେଜ ।

**Vaporish**, *a.* ବାଷ୍ପମୟ, ଧୂମମୟ ।

**Vapour**, *s.* ବାଷ୍ପ, ଭାପ, ଧୂମ ।

**Vapour**, *v.* ବାଷ୍ପ ନିର୍ଗତ-ହ, ବାମ୍ଫ ହୋଇ ଉଡି ଯିବାର । [ଦୌର୍ବଲ୍ୟ ।

**Vapours**, *s.* ବାୟୁରୋଗ, ବିମର୍ଷତା, ମନର

**Variable**, *a.* ଚଞ୍ଚଳ, ଅସ୍ଥିର, ଅନିତ୍ୟ ।

**Variance**, *s.* ଅନୈକ୍ୟ, ଅମେଲ, ସୁହୃଦ୍ଭେଦ, ବିବାଦ । [ନ୍ତର ।

**Variation**, *s.* ବୈଲକ୍ଷଣ୍ୟ, ଭେଦ, ପ୍ରକାରା-

**Variegated**, *a.* ଚିତ୍ରବିଚିତ୍ର, ବହୁରଙ୍ଗ ।

**Variegation**, *s.* ଚିତ୍ରବିଚିତ୍ରତା ।

**Variety**, *s.* ବଦଳାବଦଳି; ବିଶେଷ, ଭେଦ; ନାନା ଜାତୀୟ ।

**Various**, *a.* ନାନା ପ୍ରକାର, ବିବିଧ, ଅନ୍ୟାନ୍ୟ ।

**Varlet**, *s.* ଭୃତ୍ୟ, ଦାସ; ଦୁରାତ୍ମା, ଦୁଷ୍ଟଲୋକ

**Varnish**, *s.* ଚିକ୍କଣତୈଲ ବା ଲେପ, ବାର୍ଣ୍ଣିଷ
**Varnish**, *v.* ରୋଗଣ-କ, ଚିକ୍କଣ-କ, ତଥା ଦେଇ ସଜାଡ଼ିବାର ।
**Vary**, *v.* ବଦଳ-କ, ଭିନ୍ନ-କ; ବିକୃତ-କ ।
**Vase**, *s.* ସୁନ୍ଦର ପାତ୍ରବିଶେଷ ।
**Vassal**, *s.* ପ୍ରଜା, ଦାସ, ଅଧୀନବ୍ୟକ୍ତି ।
**Vassalage**, *s.* ଅଧୀନତା, ଦାସତ୍ୱ, କିଙ୍କରତା
**Vast**, *a.* ବଡ଼, ବୃହତ, ମହତ, ପ୍ରକାଣ୍ଡ ।
**Vat**, *s.* ଚୌବାଚ୍ଚା, କୁଣ୍ଡ । [ଗୁହା, ଗୁମ୍ଫା ।
**Vault**, *s.* ଖିଲାନଘର ବା ଗୁଦାମ; କବରସ୍ଥାନ;
**Vault**, *v.* କୁଦା ବା ଡିଆଁମାରିବାର; ଖିଲାନ-କ
**Vaunt**, *v.* ଅହଙ୍କାର- ଦର୍ପ- କ ବଡ଼ାଇ-କ ।
**Veal**, *s.* ବାଛୁରର ବା ଗୋବତ୍ସର ମାଂସ ।
**Veer**, *v.* ବୁଲିବାର, ଫେରିବାର, ଅସ୍ଥିର-ହ ।
**Vegetable**, *s.* ଶାକ, ତୃଣପତ୍ର, ଶାଗାଦି-ତରକାରୀ ।
**Vegetable**, *a.* ଉଦ୍ଭିଦ, ବୃକ୍ଷଧର୍ମକ । [ବାର ।
**Vegetate**, *v.* ଗଛପରି ବଢ଼ିବାର ବା ଉଠି-
**Vegetation**, *s.* ବୃକ୍ଷବର୍ଦ୍ଧନ ବା ଉଦ୍ଭବ; ଗଛ-ତୃଣାଦି ସମୂହ ।
**Vehemence**, *s.* ବ୍ୟଗ୍ରତା, ଉତ୍ତାପ, ତେଜ, ବଳ, ବେଗ ।
**Vehement**, *a.* ପ୍ରବଳ, ଉଗ୍ର, ବ୍ୟଗ୍ର, ପ୍ରଚଣ୍ଡ ।
**Vehicle**, *s.* ଯାନ, ବାହନ, ଗାଡ଼ି, ପାଲିଙ୍କି ।
**Veil**, *s.* ମୁଖାଚ୍ଛାଦନୀ, ଘୋଡ଼ଣୀ, ଆବରଣ ।
**Veil**, *v.* ଆଚ୍ଛାଦିତ-କ, ଘୋଡ଼ାଇବାର, ଗୁପ୍ତ-କ
**Vein**, *s.* ରକ୍ତପ୍ରବାହକ ନାଡ଼ି, ଶିରା, ରଗ; ଶରୀର ବା ପଥରର ଧାଡ଼ି; ମନର ଗତି, ଖୋଳ ।
**Vellum**, *s.* ଲେଖନାର୍ଥ ପ୍ରସ୍ତୁତ ପଶୁଚର୍ମ ।
**Velocity**, *s.* ବେଗ, ଦ୍ରୁତଗତି, ଶୀଘ୍ରଭାବ ।
**Velvet**, *s.* ମଖମଲନ୍ୟାୟ ରେଶମୀ ଲୁଗା-ବିଶେଷ ।

**Venal**, *a.* ଅର୍ଥଗ୍ରାହୀ, ଅର୍ଥପ୍ରିୟ, ଲାଞ୍ଚଗ୍ରାହୀ ।
**Venality**, *s.* ଲାଞ୍ଚ ଅବା ଘୁଷ ଖାଇବା ପଣ, ଅର୍ଥପ୍ରୀତି । [ରଖିବାର ।
**Vend**, *v.* ବିକ୍ରୟ-କ, ବିକିବାର, ବିକ୍ରୟାର୍ଥେ
**Vendee**, *s.* କ୍ରେତା, କ୍ରୟକର୍ତ୍ତା, ଗ୍ରାହକ, କିଣି-ବା ଲୋକ ।
**Vender**, *s.* ବିକ୍ରେତା, ବିକ୍ରୟକର୍ତ୍ତା, ବିକିବାଲୋକ
**Veneer**, *v.* କାଷ୍ଠର ସୂକ୍ଷ୍ମପଟୀ ବା ପଲସ୍ତା ଲଗାଇବାର । [ଆଦରଣୀୟ ।
**Venerable**, *a.* ବନ୍ଦନୀୟ, ମାନ୍ୟ, ପୂଜ୍ୟ,
**Venerate**, *v.* ପୂଜା- ଶ୍ରଦ୍ଧା-କ, ସମ୍ମାନ ଅବା ଆଦର-କ । [ସମ୍ମାନ ।
**Veneration**, *s.* ସମାଦର, ପୂଜା, ଶ୍ରଦ୍ଧା,
**Venereal**, *a.* ଶୃଙ୍ଗାରରସ ସମ୍ବନ୍ଧୀୟ; -*s.* -disease, ଉପଦଂଶ ରୋଗ, ଅନ୍ତ୍ରପେଳ, ଗର୍ମୀ
**Venery**, *s.* ମୃଗୟା, ଶିକାର; ରତିକ୍ରିୟା, ସ୍ତ୍ରୀସଂସର୍ଗ । [ପଡ଼ନ୍ତା
**Venesection**, *s.* ରକ୍ତମୋକ୍ଷଣ ବା ରକ୍ତ
**Venetian**, *s.* ଖିଡ଼କିର ଝିଲମିଲ ।
**Vengeance**, *s.* ସମୁଚିତଦଣ୍ଡ, ପ୍ରତିଫଳ, ଶାସ୍ତି, ସଜା । [ଦ୍ୱେଷୀ ।
**Vengeful**, *a.* ପ୍ରତିହିଂସକ, ପ୍ରତ୍ୟପକାରୀ,
**Venial**, *a.* କ୍ଷମାଯୋଗ୍ୟ, କ୍ଷମଣୀୟ, ସହଜ-ଦୋଷ, ଅଳ୍ପ । [ସ୍ୱାରସଗୁ ।
**Venison**, *s.* ମୃଗମାଂସ, ହରିଣମାଂସ, ମୃଗ-
**Venom**, *s.* ଗରଳ, ବିଷ, ଜହର, କାଳ-କୂଟ । [ଗରଳୀ ।
**Venomous**, *a.* ବିଷଧର, ହିଂସ୍ରକ, ବିଷଯୁକ୍ତ,
**Vent**, *s.* କ୍ଷୁଦ୍ର ଛିଦ୍ର ବା ରନ୍ଧ୍ର; ଧାନବାଟ; ଉକ୍ତି; ବିକ୍ରୟ । [ଢାଳିବାର ।
**Vent**, *v.* ବାହାର-କ, ପ୍ରକାଶ ବା ପ୍ରସ୍ଥାନ-କ;
**Ventilate**, *v.* ବହିବାର; ବାୟୁରେ ପରି-ଷ୍କାର-କ; ବିତର୍କ-କ ।

Ventilation, *s.* ବାୟୁ ବଞ୍ଚଣା, ପବନର ଯା-
ଅସ; ଆଲୋଚନା ।
Ventilator, *s.* ଗୃହରେ ପବନର ଯାଅସ କଳ
Ventricle, *s.* କୋଷ୍ଠ, ପିଣ୍ଡରକୋଷ; ହୃଦ-
ୟର କଳ । [କଥା କହିବା ଲୋକ ।
Ventriloquist, *s.* ଉଦରବାଗୀ, ପେଟରେ
Venture, *s.* ଦ୍ୱୈଧକର୍ମ, ସାହସ, ଝୁଙ୍କି ବା
କପାଳଠୋକାକର୍ମ ।
Venture, *v.* ସାହସ-କ, ଦୁଃସାଧ୍ୟ କର୍ମେ
ଉଦ୍ଯୋଗ-କ, ପ୍ରାଣପଣ-କ । [ପାଲଠୋକା ।
Venturesome, *a.* ସାହସିକ, ନିର୍ଭୟ, କ-
Venus, *s.* ଶୁକ୍ରଗ୍ରହ, ରତିଦେବୀ, ପ୍ରଣ୍ଡିତାସ୍ତ୍ରୀ ।
Veracity, *s.* ସତ୍ୟତା, ଯାଥାର୍ଥ୍ୟ, ତତ୍ତ୍ୱ, ନିଷ୍ଠା
Verandah, *s.* ବାରଣ୍ଡା, ଉପଗୃହ, ବାହାର
ଦାଣ୍ଡ ।
Verb, *s.* ବ୍ୟାକରଣରେ କ୍ରିୟାବାଚକ ପଦ ।
Verbal, *a.* ମୌଖିକ, ବାଚିକ, ଉକ୍ତ, କଥିତ;
କ୍ରିୟାପଦ ବା ବାକ୍ୟସମ୍ବନ୍ଧୀୟ ।
Verbal noun, *s.* କୃଦନ୍ତ ସଂଜ୍ଞା ।
Verbally, *ad.* ଉକ୍ତିରେ, କଥାରେ, ମୁଖରେ ।
Verbatim, *ad.* କଥାପର କଥା, ଅକ୍ଷରପର
ଅକ୍ଷର ।
Verbiage, *s.* ଅନର୍ଥକ ବାହୁଲ୍ୟ କଥା ।
Verbose, *a.* ବାହୁଲ୍ୟ କଥାଯୁକ୍ତ, ବହୁବାକ୍ୟ-
ବ୍ୟୟୀ ।
Verbosity, *s.* ବହୁବାକ୍ୟ, ଅତିପ୍ରସଙ୍ଗ ।
Verdant, *a.* ତୃଣମୟ, ହରିତବର୍ଣ୍ଣ, ଶାଗୁଆ,
ଘାସପର । [ନୂତନାନ୍ତାଙ୍କା, ବଗ୍ଦର ।
Verdict, *s.* ନିଷ୍ପତ୍ତି, ଦଣ୍ଡାଜ୍ଞା, ନିତାନ୍ତ ବା
Verdigris, *s.* ତମ୍ବାର କଳଙ୍କ, କଙ୍କାଲ ।
Verdure, *s.* ତୃଣାଦିର ସତେଜଭାବ, ଶାଗୁଆ-
Verge, *s.* ସୀମା, ଧାର, କୂଳ, ତୀର । [ବର୍ଣ୍ଣ ।
Verge, *v.* କୌଣସିଆଡେ ନଇଁବାର, ଝୁଙ୍କିବାର
Verger, *s.* ଅସାବରଦାର, ଯଷ୍ଟିବାହକ ।
Verify, *v.* ପ୍ରମାଣ- ସାବୁଦ୍- ସାବ୍ୟସ୍ତ-କ ।
Verily, *ad.* ସତ୍ୟ, ନିଶ୍ଚେ, ଯଥାର୍ଥରେ,
ନିତାନ୍ତ । [ଇ ପାରଇ ଯେ ।
Verisimilitude, *s.* ସମ୍ଭାବନୀୟତା, ହୋ-
Veritable, *a.* ସତ୍ୟ, ପ୍ରକୃତ, ସପ୍ରମାଣ,
ଯଥାର୍ଥ । [ନିଷ୍ଠା ।
Verity, *s.* ସତ୍ୟତା, ପ୍ରକୃତତା, ଯାଥାର୍ଥ୍ୟ,
Vermicelli, *s.* ହିମାଇ, ମଇଦାର ସୂତାପରି
ଖାଦ୍ୟ ।
Vermicular, *a.* କୃମିବତ୍, ପେଁଚଲା ।
Vermicule, *s.* କ୍ଷୁଦ୍ର କୀଟ, କୃମି ।
Vermifuge, *s.* କୃମିନାଶକ ଔଷଧ ।
Vermillion, *s.* ସିନ୍ଦୂର, ନାଗଜ, ହିଙ୍ଗୁଳ ।
Vermin, *s.* କୀଟ, ପୋକ, କୃମି; ଉଷା ।
Vernacular, *a.* ସ୍ୱଦେଶୀୟ, ଦେଶୀୟ;
-language, ଦେଶ ଭାଷା ।
Vernal, *a.* ବସନ୍ତକାଳର, ବସନ୍ତକାଳସମ୍ବ-
ନ୍ଧୀୟ ।
Versatile, *a.* ଚଞ୍ଚଳ, ଅସ୍ଥିର, ପରିବର୍ତ୍ତନୀୟ ।
Versatility, *s.* ଅସ୍ଥିରତା, ପରିବର୍ତ୍ତନୀୟତ୍ୱ;
ଅନେକ ବିଷୟରେ ନିପୁଣ ।
Verse, *s.* କବିତା, ଶ୍ଳୋକ, ପଦ୍ୟ; ପଦ ।
Versed, *a.* ବ୍ୟୁତ୍ପନ୍ନ, ନିପୁଣ, ପଟୁ, ପାରଦର୍ଶୀ
Versification, *s.* କବିତାକରଣବିଦ୍ୟା, ଶ୍ଳୋ-
କରଚନା ।
Versify, *v.* କବିତା-କ, ଶ୍ଳୋକ ବା ପଦ୍ୟ-କ ।
Version, *s.* ଅନୁବାଦ, ତର୍ଜମା, ଭାଷାନ୍ତର ।
Vertebra, *s.* ମେରୁଦଣ୍ଡର ଗଣ୍ଠି ।
Vertex, *s.* ମୁଣ୍ଡ ଉପରେ ଆକାଶସ୍ଥାନ; top,
ଶିଖା, ଉପରିଭାଗ ।
Vertical, *a.* ମୁଣ୍ଡର ଊର୍ଦ୍ଧ୍ୱସ୍ଥିତ, ଉପରସ୍ଥ ।
Vertigo, *s.* ମୁଣ୍ଡବୁଲା, ଶିରଭ୍ରମଣ ।

Very, *a.* ସତ୍ୟ, ଯଥାର୍ଥ, ଅନନ୍ୟ, ସେହି ।
Very, *ad.* ଅତି, ଅତିଶୟ, ଅତ୍ୟନ୍ତ, ବହୁତ ।
Versicle, *s.* ପୋଟକା, ଫୁଲ୍ଲଚର୍ମ ।
Vesper, *s.* ସନ୍ଧ୍ୟାର ତାରା; ସନ୍ଧ୍ୟାକାଳ ।
Vespers, *s.* ସନ୍ଧ୍ୟା ସମୟର ପ୍ରାର୍ଥନା ବା ଅଧ୍ୟୟନ । [ship, ଜାହାଜ ବା ନୌକାଦି ।
Vessel, *s.* ପାତ୍ର, ଆଧାର; tub, ପିପା;
Vest, *s.* ଅଙ୍ଗରଖା, ବସ୍ତ୍ରବିଶେଷ ।
Vestal, *s.* ସତୀକନ୍ୟା, ଅବିବାହିତା ।
Vestibule, *s.* ଦ୍ୱାରର ବାରଣ୍ଡା, ପିଣ୍ଡା, ପଟନ
Vestige, *s.* ଚିହ୍ନ, ପଦଚିହ୍ନ, ଦାଗ, ନିଶାଣୀ
Vestment, Vesture, *s.* ପରିଚ୍ଛଦବସ୍ତ୍ର, ପୋଶାକ । [କୁଠରୀ; ଭଦଗୃହବର୍ତ୍ତୀ ଘର ।
Vestry, *s.* ଭଜନାଳୟର ସରଞ୍ଜାମ ରଖିବାର
Vetch, *s.* ବୃଣି, ଉତଦାନା । [କାଳାଭ୍ୟାସୀ ।
Veteran, *s.* ପ୍ରାଚୀନ ଯୋଦ୍ଧା; -*a.* ବହୁ-
Veterinary, *a.* ପଶ୍ୱାଦିର ଚିକିତ୍ସାସମ୍ବନ୍ଧୀୟ; -*s.* -surgeon, ଘୋଡାବୈଦ୍ୟ ।
Vex, *v.* ବିରକ୍ତ ବା ବ୍ୟସ୍ତ-କ, ଦିକ୍ ବା ଦୁଃଖ-ଦ
Vexation, *s.* ଯନ୍ତ୍ରଣା, ଦୁଃଖ, ପୀଡା, ବିରକ୍ତି
Vexatious, *a.* ଅତୁଷ୍ଟିକର, ଦୁଃଖଦାୟକ ବା କୋପ । [ବିଶେଷ ।
Vial, *s.* ଶିଁଶି, ସାନ ବୋତଲ, କାଚପାତ୍ର-
Viand, *s.* ଭୋଜ୍ୟ, ଭକ୍ଷ୍ୟ, ଖାଦ୍ୟ, ପକ୍ୱ-ମାଂସାଦି । [କ୍ରିୟା, ବୈତରଣୀ ।
Viaticum, *s.* ପାଥେୟ, ମରିବା କାଳର ଭୃତ-
Vibrate, *v.* ଝୁଲିବାର, ହଲିବାର, ଦୋହଲି-ବାର ।
Vibration, *s.* ଆନ୍ଦୋଳନ, ଝୁଲା, ହଲା ।
Vicar, *s.* ଗ୍ରାମ୍ୟ ଧର୍ମୋପଦେଶକ, ପ୍ରତିନିଧି ।
Vicarious, *a.* ପ୍ରତିନିଧିସ୍ୱରୂପ, ପରଧିଁାଇ ଭୃତ
Vice, *s.* ଦୁଷ୍ଟତ, ପାପ; ପାକ ସଣ୍ଡୁଆସୀ ।
Vice, *pr.* ପ୍ରତିନିଧିତ୍ୱସୂଚକ ।
Vicegerent, *s.* ପ୍ରତିନିଧି, ନାଏବ, ଡେପୁଟୀ ।
Vice-president, *s.* ସଭାପତିର ପ୍ରତିନିଧି ।
Viceroy, *s.* ରାଜା ବା ରାଣୀର ପ୍ରତିନିଧି; ନ-ବାବ, ସୁବେଦାର । [ପାଶ ।
Vicinity, *s.* ନୈକଟ୍ୟ, ସାନ୍ନିଧ୍ୟ, ସାମୀପ୍ୟ,
Vicious, *a.* ଦୁଷ୍ଟ, ଦୁଷ୍ଟସ୍ୱଭାବ, ଅଧମ ।
Vicissitude, *s.* ପରିବର୍ତ୍ତନ, ବଦଳ, ଫେର-ଫାର । [ନ୍ୟାୟରେ ଦଣ୍ଡିତ ଯେ ।
Victim, *s.* ବଳି, ବୋଦା, ନାଶରପାତ୍ର; ଅ-
Victor, *s.* ଜୟକର୍ତ୍ତା, ବିଜୟୀ, ଜୟୀ ।
Victorious, *a.* ଜୟଯୁକ୍ତ, ଜୟକାରୀ, ବିଜୟୀ
Victory, *s.* ଜୟ, ବିଜୟ; କାର୍ଯ୍ୟସିଦ୍ଧି ।
Victual, *v.* ଖାଦ୍ୟଦ୍ରବ୍ୟ ଯୋଗାଇବାର ।
Victualler, *s.* ଭକ୍ଷ୍ୟଦ୍ରବ୍ୟ ଯୋଗାଇବା ଲୋକ ।
Victuals, *s.* ଅନ୍ନ, ଖାଦ୍ୟ, ଆହାର, ଭକ୍ଷ୍ୟ ।
Videlicet, *ad.* ଅର୍ଥାତ୍, ଯଥା, ଫଳତଃ, ବିଶେଷତଃ । [କରିବାକୁ ଚେଷ୍ଟା-କ ।
Vie, *v.* ପ୍ରତିଯୋଗି-ହ, ପଣ-କ, ପରଠାରୁ ଭଲ
View, *v.* ନିରୀକ୍ଷଣ-କ, ଦୃଷ୍ଟି ବା ଦର୍ଶନ-କ, ଚାହିଁବାର ।
View, *s.* ଦର୍ଶନ, ଦୃଷ୍ଟି, ଦେଖା; ଆଶୟ, ହେତୁ
Vigil, *s.* ପର୍ବର ପୂର୍ବସନ୍ଧି, ଉତ୍ସବକାଳର କ୍ରିୟା
Vigilance, *s.* ସତର୍କତା, ସାବଧାନତା, ସଚେ-ତନତା ।
Vigilant, *a.* ସତର୍କ, ସଚେତନ, ସାବଧାନ, ଉଦ୍ଯୋଗୀ ।
Vignette, *s.* ପତ୍ର ପୁଷ୍ପାଦି ଚିତ୍ରିତ ଛବି ।
Vigorous, *a.* ସତେଜ, ବଳବାନ୍, ବଳିଷ୍ଠ, ଶକ୍ତିମାନ୍ । [ସାମର୍ଥ୍ୟ ।
Vigour, *s.* ବଳ, ତେଜ, ଶକ୍ତି, ପରାକ୍ରମ,
Vile, *a.* ପାମର, ଅଧମ, ନୀଚ, ଦୁଷ୍ଟ, ପାଜି ।
Villify, *v.* ଗ୍ଳାନି- ନିନ୍ଦା- ଦୁର୍ନାମ-କ, ଗାଳି-ଦ

**Villa**, *s*. ନଗର ନିବାସିର ଗାଉଁଲି ଗୃହ ବଗି-ଚ୍ଛ ।
**Village**, *s*. ପଲ୍ଲୀଗ୍ରାମ, ଗାଉଁଲି ଗ୍ରାମ ।
**Villager**, *s*. ଗ୍ରାମବାସୀ, ଗାଉଁଲି ବା ଗ୍ରାମ-ଲୋକ ।
**Villain**, *s*. ଦୁରାତ୍ମା, ଠକ, ଦୁଷ୍ଟଲୋକ ।
**Villanous**, *a*. ଦୁଷ୍ଟ, ଦୁରାଚାରୀ, ଅପରାଧୀ, ପାପିଷ୍ଠ । [କୁକର୍ମୀ ।
**Villany**, *s*. ଦୁଷ୍ଟତା, ଦୁରାଚାର, ଠକପଣ,
**Vindicate**, *v*. ନିର୍ଦ୍ଦୋଷୀପଣ ସାବ୍ୟସ୍ତ-କ; to avenge, ପ୍ରତିଫଳ-ଦ । [ଉତ୍ତର-ଦ ।
**Vindication**, *s*. ଦୋଷଖଣ୍ଡନ, କଳଙ୍କମାର୍ଜନ
**Vindictive**, *a*. ପ୍ରତିଫଳଦାୟୀ, ପ୍ରତିହିଂସକ, ଦ୍ୱେଷୀ ।
**Vine**, *s*. ଦ୍ରାକ୍ଷାଲତା, ଅଙ୍ଗୁରଗଛ ।
**Vinegar**, *s*. ସିରକା, ଟିକିରଣୀ, ଅମ୍ଳରସ ।
**Vineyard**, *s*. ଦ୍ରାକ୍ଷା ବା ଅଙ୍ଗୁରର କ୍ଷେତ ।
**Vinous**, *a*. ମଦ୍ୟଗୁଣବିଶିଷ୍ଟ, ସୁରାବତ୍, ମଦ୍ୟପର । [ସଂଗ୍ରହର ସମୟ ।
**Vintage**, *s*. ଅଙ୍ଗୁରର ଫସଲ; ଦ୍ରାକ୍ଷା ଫଳ
**Vintner**, *s*. ଶୁଣ୍ଡୀ, ମଦ୍ୟବିକ୍ରେତା, ଶୌଣ୍ଡିକ ।
**Viol**, *s*. ତାରଯୁକ୍ତବାଦ୍ୟ ଯନ୍ତ୍ରବିଶେଷ, ବୀଣା ।
**Violate**, *v*. ଅପକାର ବା ହାନି-କ, ଉଲ୍ଲଙ୍ଘନ ବା ଅନ୍ୟଥା-କ ।
**Violation**, *s*. ଲଙ୍ଘନ, ବଳାତ୍କାର, ବ୍ୟଭିଚାର
**Violence**, *s*. ଅତ୍ୟାଚାର, ଉପଦ୍ରବ, ଉତ୍ପାତ, ଦୌରାତ୍ମ୍ୟ, ଅନ୍ୟାୟ, ବେଠି । [ଘାତାନ୍ତ ।
**Violent**, *a*. ପ୍ରଚଣ୍ଡ, ଅତ୍ୟାଚାରୀ, ପ୍ରବଳ;
**Violet**, *s*. ସୁଗନ୍ଧି ସୁନ୍ଦର ପୁଷ୍ପବିଶେଷ ।
**Violin**, *s*. ବେହେଲା, ବୀଣା ବା ସାରଙ୍ଗୀ ବିଶେଷ ।
**Viper**, *s*. କାଳସର୍ପବିଶେଷ, ହିଂସକ ଲୋକ ।
**Virago**, *s*. କଠୋର ସ୍ତ୍ରୀ, ଅଣ୍ଡିରଚଣ୍ଡୀ ।
**Virgin**, *s*. କୁମାରୀ, କନ୍ୟା, ଅକ୍ଷତା, ଅନୂଢ଼ା ।
**Virgin**, *a*. କନ୍ୟାପର, କୁମାରୀବତ୍; ଶୁଦ୍ଧ, ନିର୍ମଳ । [ଢ଼ାତ୍ୱ ।
**Virginity**, *s*. କନ୍ୟାବସ୍ଥା, କୁମାରୀତ୍ୱ, ଅନୂ-
**Virgo**, *s*. କନ୍ୟାରାଶି, କନ୍ୟା ।
**Virile**, *a*. ପୁଂବତ୍, ପୁରୁଷପର ।
**Virility**, *s*. ପୌରୁଷ, ପୁଂଶକ୍ତି, ପୁରୁଷତ୍ୱ ।
**Virtual**, *a*. ବାସ୍ତବିକ, ସ୍ୱାଭାବିକ, ଫଳଦ ।
**Virtually**, *ad*. ଯାଥାର୍ଥ୍ୟରେ, ସାରକର, ଗୁଣଦ୍ୱାରା । [ଶକ୍ତି ।
**Virtue**, *s*. ସୌଜନ୍ୟ, ଧର୍ମ, ପୁଣ୍ୟ, ଗୁଣ,
**Virtuous**, *a*. ଧାର୍ମିକ, ପୁଣ୍ୟବନ୍ତ, ସଜ୍ଜନ; ସତୀ, ପତିବ୍ରତା । [ଉଷ୍ଣତା, ଜ୍ୱାଳା ।
**Virulence**, *s*. ଉଗ୍ରତା, କଟୁତା, ଦ୍ୱେଷ;
**Virulent**, *a*. ବିଷଯୁକ୍ତ, ଉଗ୍ର; ଦ୍ୱେଷୀ, କଟୁ ।
**Virus**, *s*. ବିଷ, ଗରଳ; କ୍ଷତରସ, ପୂଜ ।
**Visage**, *s*. ମୁଖ, ବଦନ, ମୁହଁ, ତୁଣ୍ଡ ।
**Viscera**, *s*. ଅନ୍ତ୍ର, ଅନ୍ତ୍ରବୁଜୁଳା ।
**Viscid**, *a*. ଚଟ୍‌ଚଟିଆ, ଅଠାପର ।
**Viscount**, *s*. ଇଙ୍ଗ୍ରେଜୀୟ କୁଳୀନର ଉପାଧି-ବିଶେଷ; -ess, ଏ କୁଳୀନର ପତ୍ନୀ ।
**Visibility**, *s*. ଦୃଷ୍ଟିଗୋଚର ଭାବ ।
**Visible**, *a*. ଦୃଶ୍ୟ, ଚକ୍ଷୁଗୋଚର, ପ୍ରତ୍ୟକ୍ଷ ।
**Visibly**, *ad*. ଦୃଶ୍ୟରୂପେ, ପ୍ରକାଶ ବା ପ୍ର-ତ୍ୟକ୍ଷରୂପେ ।
**Vision**, *s*. ଦୃଷ୍ଟି, ଦର୍ଶନ; ଦର୍ଶନଶକ୍ତି, ସ୍ୱପ୍ନ-ଦର୍ଶନ ।
**Visionary**, *a*. ମିଥ୍ୟା, ସ୍ୱପ୍ନବତ୍, ଅମୂଳକ ।
**Visionary**, *s*. ମିଥ୍ୟାକଳ୍ପନାକାରୀ, ଭ୍ରମ-ଧ୍ୟାନୀ । [ମୁଲାକାତ ।
**Visit**, *s*. ସାକ୍ଷାତ୍, ସନ୍ଦର୍ଶନ, ଦେଖା, ଭେଟି,
**Visit**, *v*. ସାକ୍ଷାତ୍-କ, ଭେଟିବାର; -of condolence, ସନ୍ତୋଳିବାର; ଶାସନ-କ ।

**Visitation**, *s.* ସାକ୍ଷାତ୍କରଣ, ଦୈବଘଟନା, ଈଶ୍ୱରଦତ୍ତ ଶାସନ ।

**Visitor**, *s.* ସାକ୍ଷାତ୍କାରକ, ଯେ ଭେଟିବାକୁ ଆସଇ, ତତ୍ତ୍ୱବଧାରକ ।

**Visor**, *s.* ଛଦ୍ମବେଶ, ମୁଖାଚ୍ଛାଦକ । [ଦର୍ଶନ ।

**Vista**, *s.* ଦୂରପାଖେ ବୃକ୍ଷ ଶ୍ରେଣୀର ମଧ୍ୟ

**Visual**, *a.* ଦୃଷ୍ଟିସମ୍ବନ୍ଧୀୟ, ଅକ୍ଷିର ଗୁଣବିଷୟକ

**Vital**, *a.* ଜୀବନସମ୍ବନ୍ଧୀୟ, ପ୍ରାଣାଧାର; ଅତ୍ୟାବଶ୍ୟକ; -part, ମର୍ମସ୍ଥାନ ।

**Vitality**, *s.* ଜୀବାତ୍ମା, ଜୀବଧାରଣଶକ୍ତି; ସଜୀବତ୍ୱ, ତେଜ ।

**Vitals**, *s.* ପ୍ରାଣର ସାରାଂଶ, ମର୍ମସ୍ଥାନ ।

**Vitiate**, *v.* ନଷ୍ଟ ବା ଭ୍ରଷ୍ଟ-କ, ବିଗାଡିବାର ।

**Vitrify**, *v.* କୌଣସିଦ୍ରବ୍ୟରେ କାଚ ନିର୍ମାଣ-କ

**Vitriol**, *s.* blue ତୁତିଆ, ମହୁରଗିସ; green, ପୁଷ୍ପକ । [ନିନ୍ଦା-କ ।

**Vituperate**, *v.* ଅପବାଦ-ଦ, ଭର୍ତ୍ସନା ବା

**Vivacious**, *a.* ଉଲ୍ଲାସିତ, ସତେଜ, ସଜୀବ, ରଙ୍ଗକ । [ରସିକତା ।

**Vivacity**, *s.* ସଜୀବତ୍ୱ, ପ୍ରଫୁଲ୍ଲତା, ଉଲ୍ଲାସ,

**Vivid**, *a.* ସ୍ପଷ୍ଟ, ଉଜ୍ଜ୍ୱଳ, ସଜୀବ, ସତେଜ ।

**Vividly**, *a.* ସତେଜରୂପେ, ସ୍ପଷ୍ଟଭାବେ ।

**Vivify**, *v.* ସତେଜ- ପ୍ରାଣଦାନ-କ, ଜୀଆଇବାର ।

**Viviparous**, *a.* ଜରାୟୁଜାତ, ଅଣ୍ଡଜ ନୋହେ

**Vixen**, *s.* କଳହସ୍ତ୍ରୀ, କଳିହୁଡୀ, ଭୁଣ୍ଡୋଇ ।

**Viz.** *ad.* ଅର୍ଥାତ୍, ଯଥା, ଫଳତଃ, ବିଶେଷତଃ

**Vizard**, *s.* ମୁଖାଚ୍ଛାଦକ, ମୁଖସ ।

**Vizier**, *s.* ତୁର୍କଦେଶର ରାଜମନ୍ତ୍ରୀ, ଉଜୀର ।

**Vocabulary**, *s.* ଅଭିଧାନ, ଶବ୍ଦକୋଷ, ବାକ୍ୟାବଳି ।

**Vocal**, *a.* ବାଚିକ, ସ୍ୱରୋକ୍ତ, ସ୍ୱରୋତ୍ପନ୍ନ; -music, ସଙ୍ଗୀତ ।

**Vocation**, *s.* ବ୍ୟବସାୟ, ପଦ; ସମ୍ବୋଧନ; ଆହ୍ୱାନ, ନିମନ୍ତ୍ରଣ ।

**Vocative-case**, *s.* ସମ୍ବୋଧନ ପଦ ।

**Vociferate**, *v.* ବଡ ପାଟିକରି ଡାକିବାର, ଚିତ୍କାର-କ । [ତ୍କାରଶବ୍ଦ ।

**Vociferation**, *s.* ବଡପାଟି, ହୁଲ୍ଲାଦ, ଚି-

**Vogue**, *s.* ରୀତି, ଚଳନ, ରୂଢ଼ି, ବ୍ୟବହାର, ଦସ୍ତୁର ।

**Voice**, *s.* ସ୍ୱର, ଶବ୍ଦ, ଧ୍ୱନି, ରବ, ଡାକ; ସମ୍ମତି, active- କର୍ତ୍ତୃବାଚ୍ୟ; passive- କର୍ମବାଚ୍ୟ

**Void**, *a.* ଶୂନ୍ୟ, ଖାଲି, ବ୍ୟର୍ଥ, ମିଥ୍ୟା, ଅସାର; ରଦ; ବର୍ଜିତ ।

**Void**, *s.* ଶୂନ୍ୟସ୍ଥାନ; ନ୍ୟୂନତା; space, ଆକାଶ, ଶୂନ୍ୟ ।

**Void**, *v.* ରହିତ- ଖାଲି- ତ୍ୟାଗ- ରଦ-କ; ବାନ୍ତି-କ; ମଳ ବା ମୂତ୍ରତ୍ୟାଗ-କ । [ଳିତ୍ୱ ।

**Volatile**, *a.* ବାମ୍ଫହୋଇ ଉଡନ୍ତା, ଚଞ୍ଚଳ, ଚଂ-

**Volcano**, *s.* ଅଗ୍ନି ବା ଜ୍ୱଳନ୍ତାପର୍ବତ, ଜ୍ୱାଳାମୁଖୀ । [ବରଣଶକ୍ତି ।

**Volition**, *s.* ଇଚ୍ଛା, ବାଞ୍ଛା, ମାନସ, ବାଞ୍ଛା

**Volley**, *s.* ଏକାବେଳେ ଅନେକ ଗୁଳି ମାରଣ

**Volubility**, *s.* ବାଚାଳପଣ, ବହୁବକ୍ତୃତା ।

**Voluble**, *a.* ବାଚାଳ, ବହୁଭାଷୀ, ବକୁଆ ।

**Volume**, *s.* ପୁସ୍ତକ, ଗ୍ରନ୍ଥ, ଏକପୁସ୍ତକ; ଦ୍ରବ୍ୟର ସଂଗ୍ରହ ।

**Voluminous**, *a.* ବହୁ ପୁସ୍ତକବିଶିଷ୍ଟ; copious, ବିସ୍ତାର, ବଡ, ଅନେକ ।

**Voluntarily**, *ad.* ସ୍ୱେଚ୍ଛାରେ, ସ୍ୱଚ୍ଛନ୍ଦେ ।

**Voluntary**, *a.* ସ୍ୱେଚ୍ଛାଧୀନ, ସ୍ୱଚ୍ଛନ୍ଦ, ଐଚ୍ଛିକ ।

**Volunteer**, *s.* ସ୍ୱେଚ୍ଛାରେ ଯୁଦ୍ଧ ବା ଅନ୍ୟ କର୍ମ କରଇ ଯେ ।

**Voluptuary**, *s.* ଐହିକ ସୁଖାର୍ଥୀ, ସାଂସାରିକ ସୁଖରେ ମଗ୍ନ ଯେ ।

**Voluptuous**, *a.* ଇନ୍ଦ୍ରିୟସୁଖାର୍ଥୀ, ପେଟାର୍ଥୀ, ପେଟୁକ ।

**Vomit**, *v.* ବାନ୍ତି ବା ଉଦ୍ଗାର ବା ବମନ-କ ।

**Vomit**, *s.* ବମିକାରକ ଔଷଧ; ବାନ୍ତି । [ଗ୍ରାସୀ ।

**Voracious**, *a.* ବହୁଭୋକ୍ତା, ପେଟୁକ, ବହୁ-

**Voracity**, *s.* ପେଟୁକତା, ଅଦ୍ଦରତା ।

**Vortex**, *s.* ଘୂର୍ଣ୍ଣି, ଆବର୍ତ୍ତ, ଘୂର୍ଣ୍ଣିଜଳ ବା ବାୟୁ ।

**Votary**, *s.* ଉପାସକ, ସେବକ; ସ୍ୱଧର୍ମଗ୍ରାହୀ ।

**Vote**, *v.* ସମ୍ମତାସମ୍ମତ ପ୍ରକାଶ-କ, ଜଣାଇବାର

**Votive**, *a.* ମାନତ ବା ବ୍ରତାନୁସାରେ ଦତ୍ତ ।

**Vouch**, *v.* ସାକ୍ଷ୍ୟ ବା ପ୍ରମାଣ-ଦ, ନିଶ୍ଚୟକରି କହିବାର ।

**Voucher**, *s.* ପ୍ରମାଣଦାତା, ସାକ୍ଷୀ, ସାକ୍ଷ୍ୟ-ପତ୍ର, ରସୀଦ ।

**Vouchsafe**, *v.* ପ୍ରସନ୍ନ ହୋଇ ବର-ଦ, ଅନୁମତି ପ୍ରକାଶ-କ ।

**Vow**, *s.* ବ୍ରତ, ମାନତ, ସଙ୍କଳ୍ପ, ପ୍ରତିଜ୍ଞା ।

**Vow**, *v.* ମାନତ ବା ବ୍ରତ-କ, ପ୍ରତିଜ୍ଞା-କ ।

**Vowel**, *s.* ସ୍ୱରବର୍ଣ୍ଣ, ସ୍ୱର, ଅଚ୍‌ବର୍ଣ୍ଣ ।

**Voyage**, *s.* ଜାହାଜରେ ଯାତ୍ରା, ଜଳପଥ-ଗମନ ।

**Voyager**, *s.* ଜଳପଥେ ବା ଜାହାଜରେ ଯାତ୍ରାକାରୀ ।

**Vulgar**, *a.* ଇତର, ନୀଚ, ଅଧମ; -*s.* ଇତର-ଲୋକ; -tongue, ଭାଷା; -speech, ଅପଭାଷା ।

**Vulgarity**, *s.* ଇତରତ୍ୱ, ଅଶିଷ୍ଟତା, ଅଧମତା

**Vulnerable**, *a.* ଭେଦନୀୟ, ହନନୀୟ, କ୍ଷତ-ଯୋଗ୍ୟ ।

**Vulpine**, *a.* ଖେଙ୍କଶିଆଳ ସମ୍ବନ୍ଧୀୟ; ଧୂର୍ତ୍ତ, ଶଠ ।

**Vulture**, *s.* ଶାଗୁଣା, ଗୃଧ୍ର, ଶକୁନି ।

## W.

**Wadding**, *s.* ବନ୍ଧୁକର ବଣ୍ଡି ବା ଢିପଲା; ବସ୍ତ୍ରବିଶେଷ, ବହଳ ନିମନ୍ତେ ତୁଳାଦି ପୁର-ଇବା ଦ୍ରବ୍ୟ । [ଚାଲିବାର ।

**Waddle**, *v.* ବଙ୍କଗଡ-କ, ଢଳିଢୋଳି

**Wade**, *v.* ପାଣିରେ ଚାଲିବାର; କଷ୍ଟରେ ଚାଲି-ବାର ।

**Wafer**, *s.* ଚିଠୀ ବନ୍ଦକରିବାର ଚକ୍ତି, ଟିକଲି ।

**Waft**, *v.* ବୁହାଇବାର, ଉଡାଇବାର, ଜଳେ-ଭସାଇବାର ।

**Wag**, *s.* ଭଣ୍ଡ, ଅଟ୍ଟାବାଜ, ରସିକ, ଭଣ୍ଡ ।

**Wag**, *v.* ହଲିବାର, ହଲାଇବାର, ଲଡାଇବାର

**Wage**, *v.* ଉଦ୍ୟମ-କ, ପ୍ରବୃତ୍ତ-ହ, ଲାଗିବାର ।

**Wager**, *s.* ପଣ, ହୁଡ, ବାଜି, ସତ୍ୟସ୍ୱୀକାର; -*v.* ପଣ-କ, ହୁଡ ବା ବାଜି ମାରିବାର ।

**Wages**, *s.* ବର୍ତ୍ତନ, ଦରମା, ମୂଲ୍ୟ, ମହିନା, ତଲବ । [ହସକୁରା ।

**Waggish**, *a.* ରସିକ, ମସ୍କରା, କୌତୁକୀ,

**Wagon**, *s.* ଚାରିଚକର ବୋଝାଇ ଗାଡି ।

**Wagoner**, *s.* ଶଗଡିଆ, ଗାଡି ବାହକ ବିଶେଷ ।

**Wagtail**, *s.* ଖଞ୍ଜନପକ୍ଷୀ, ଖଞ୍ଜରିଟ ।

**Wail**, *v.* ହାହାକାର-କ, ଶୋକ ବା ବିଳାପ-କ

**Wailing**, *s.* ହାହାକାରଧ୍ୱନି, କ୍ରନ୍ଦନ, ବିଳାପ ।

**Wain**, *s.* ଗାଡି ବା ଯାନବିଶେଷ; ସପ୍ତର୍ଷି-ନାମକ ନକ୍ଷତ୍ର ।

**Wainscot**, *s.* ତକ୍ତାବନ୍ଦି; -*v.* ତକ୍ତାବନ୍ଦି-କ ।

**Waist**, *s.* କଟି, ଅଣ୍ଟା, କମର, ମଧ୍ୟଦେଶ ।

**Waistcoat**, *s.* ଅଙ୍ଗରଖାବିଶେଷ, ଫତୁଆ ।

**Wait**, *v.* ରହିବାର, ବିଳମ୍ବ-କ, ଅପେକ୍ଷା-କ, ଚାହିଁବାର ।

**Waiter**, *s.* ସେବକ, ଚାକର, ଖିଦମତଗାର ।

**Waive,** *v.* ସ୍ୱଗିତରଖିବାର, ଛାଡ-ଦ ।
**Wake,** *v.* ନିଦ୍ରା ଭାଙ୍ଗିବାର, ଜାଗିବାର; ଚେତାଇବାର । [ଚିହ୍ନ ।
**Wake,** *s.* ଜାଗରଣ; ପର୍ବ; ନୌକାର ଗତି-
**Wakeful,** *a.* ଜାଗ୍ରତ, ସଚେତନ, ସାବଧାନ ।
**Waken,** *v.* ଜାଗ୍ରତ- ଚେତନ-କ, ଜଗାଇବାର । [ବୁଲି ବୁଲିବାର ।
**Walk,** *v.* ଗମନ ବା ପାଦଗତି ବା ବଜେ-କ,
**Walk,** *s.* ଗମନ, ଗତି ବୁଲି; ପଥ, ବାଟ; ଅଚରଣ ।
**Wall,** *s.* କାନ୍ଥ, ପାଚେରି, ଭିତ୍ତି, ଦେଉଆଲ ।
**Wall,** *v.* ପାଚେରି ବେଷ୍ଟନ-କ, ଦେଉଆଲ-ଦ ।
**Wallet,** *s.* ଝୁଲି, ଥଳି, ମୁଣି ।
**Wall-eyed,** *a.* ବସ୍ତତଅକ୍ଷିଆ ।
**Wallow,** *v.* ପଙ୍କରେ ଗଡାଗଡ-ଦ ବା ଲୋଟିବାର । [ଗିର ।
**Wall-shade,** *s.* ଦେଉଆଲଗୀର, ଦିଅଲ-
**Walnut,** *s.* ଅକ୍ଷୋଟଫଳ ।
**Wan,** *a.* ପାଣ୍ଡୁବର୍ଣ୍ଣ, ଫିକା, ମଇଳା ।
**Wand,** *s.* ଦଣ୍ଡ, ଲମ୍ବାବେତ, ପାଞ୍ଚଣ ।
**Wander,** *v.* ପଥଭ୍ରଷ୍ଟ ବୁଲିବାର, ଅନସ୍ଥିତ ଭ୍ରମଣ-କ । [କୁପଥଗାମୀ ।
**Wanderer,** *s.* ଭ୍ରମଣକାରୀ, ବୁଲିବାଲୋକ,
**Wandering,** *s.* ଭ୍ରମଣକରଣ; ଭ୍ରମ, ଭୁଲ, ଭ୍ରାନ୍ତି । [କଳାକ୍ଷୟ-ହ ।
**Wane,** *v.* ହ୍ରାସ-ହ, ଊଣା କି କମି ପଡବାର;
**Want,** *v.* ଅଭାବ-ହ, ବଳିତ-ହ; ଚାହିଁବାର ।
**Want,** *s.* ଅଭାବ; ପ୍ରୟୋଜନ; ଦୀନତା ।
**Wanton,** *a.* କାମୁକ, ଲୋଚା; ଅନର୍ଥକ, ଚଞ୍ଚଳ
**Wantonly,** *ad.* କାମଭାବେ; ଅକାରଣେ ।
**War,** *s.* ଯୁଦ୍ଧ, ସମର, ସଂଗ୍ରାମ, ରଣ; *-v.* ଯୁଦ୍ଧ ବା ଲଢାଇ-କ । [କମ୍ପାଇବାର ।
**Warble,** *v.* ସ୍ୱରକମ୍ପ-କ, ସୁଗାନ-କ, ସ୍ୱର-
**Warbler,** *s.* ଗାୟକ, ଗାନକର୍ତ୍ତା; ସୁସ୍ୱର ଗାନପକ୍ଷୀ ।
**Ward,** *v.* ରକ୍ଷା-କ, ଆଶ୍ରୟ-ଦ, ଅଟକ-କ ।
**Ward,** *s.* ଚୌକି, ରକ୍ଷାକରଣ; ପଡା, ସାଇ; ଭାଗର ଦେଶ; ପାଳିତ ନାବାଳକ ।
**Warder, Warden,** *s.* ରକ୍ଷକ, ପାଳକ, ଅଧ୍ୟକ୍ଷ; church- ଖ୍ରୀଷ୍ଟଘରର ଅଧ୍ୟକ୍ଷ ।
**Wardrobe,** *s.* ଲୁଗାରଖିବାର କୁଠରି ବା ଆଗାର । [ଲକ୍ଷା ।
**Wardship,** *s.* ଅଧ୍ୟକ୍ଷର ଅଧୀନତ୍ୱପଦ, ନାବା-
**Wares,** *s.* ବାଣିଜ୍ୟରଦ୍ରବ୍ୟ, ସାମଗ୍ରୀ, ମାଲ, ସମ୍ପତ୍ତି । [ଦ୍ରବ୍ୟଶାଳା ।
**Warehouse,** *s.* ଗୋଦାମ, ଭଣ୍ଡାର, ବକ୍ଷେସ୍ତ
**Warfare,** *s.* ଯୁଦ୍ଧକର୍ମ ବୃତ୍ତି ବା ଯୁଦ୍ଧକରଣ; ଯୁଦ୍ଧ, ଲଢାଇ । [ଜାଗିକରି ।
**Warily,** *ad.* ସତର୍କତାରୂପେ, ସଚେତନେ,
**Warlike,** *a.* ଯୁଦ୍ଧଯୋଗ୍ୟ, ଯୁଦ୍ଧୋପଯୁକ୍ତ, ଯୁଦ୍ଧସମ୍ବନ୍ଧୀୟ । [ଉତ୍ତପ୍ତ, ରାଗୀ ।
**Warm,** *a.* ଗରମ, ଗ୍ରୀଷ୍ମ, ଈଷଦୁଷ୍ଣ, ଉଷ୍ଣ;
**Warm,** *v.* ଉଷ୍ଣ ବା ତପ୍ତ ବା ଗରମ-କ, ତତାଇବାର, ଉତ୍ସୁକ-କ ।
**Warmth,** *s.* ଈଷତ୍ତାପ, ଉଷ୍ଣତା; zeal, ଉତ୍ସୁକ, ଉଗ୍ରତା, ବ୍ୟଗ୍ରତା । [ସାବଧାନ-କ ।
**Warn,** *v.* ପୂର୍ବେ ଜଣାଇବାର, ଚେତାଇବାର,
**Warning,** *s.* ଚେତନାବାକ୍ୟ, ପ୍ରତ୍ୟାଦେଶ, ପୂର୍ବଜଣାଣ ।
**Warp,** *s.* ଟଣାସୂତ, ବୁଣିବାର ତନ୍ତୁ ।
**Warp,** *v.* ମୋଡିପିବାର, ବଙ୍କ ବା ବଙ୍କା-ହ ।
**Warrant,** *s.* ଆଜ୍ଞାପତ୍ର, ସନନ୍ଦ, ପରୱାନା, ଡାଲବଗିଟୀ । [ବା ଅଙ୍ଗୀକାର-ଦ ।
**Warrant,** *v.* କ୍ଷମତାପ୍ରଦାନ-କ, ଯୋଗ୍ୟତା
**Warrantable,** *a.* ବ୍ୟବସ୍ଥେୟ, କର୍ତ୍ତବ୍ୟ, ଉଚିତ, ଅଦଣ୍ଡ୍ୟ ।

Warranty, s. ପ୍ରମାଣ ବା ଆଜ୍ଞାପତ୍ର, ଏକରାର
Warren, s ଠେକୁଆର ଗୁଆଡ ବା ଆଲୟ ।
Warrior, s. ଯୋଦ୍ଧା, ବୀର, ମାଲ, ସଂଗ୍ରାମ-
Wart, s. ଭଉଁରୀ, ଉପମାଂସ । [କର୍ତ୍ତା ।
War-whoop, s. ସିଂହନାଦ, ରଣଧ୍ୱନି ।
Wary, a. ସତର୍କ, ସାବଧାନ, ଚତୁର, ସଚେ-
ତନ । [ଳନ-କ ।
Wash, v. ଧୋଇବାର, କାଚିବାର, ପ୍ରକ୍ଷା-
Wash, s. ଧୌତକରଣ, ଧୁଆ, କଲ୍, ପ୍ରକ୍ଷା-
ଳନ, ଧୁଇଲ, ହଳକା । [ଧୋବଣୀ ।
Washerman, s. ଧୋବା, ରଜକ; -woman
Wasp, s. ବରଡ, ବଲୁର । [ଚିଡ୍ୟା ।
Waspish, a. ବରଡମୁହାଁ, ଖିଚ୍ଚିଖିଟିଆ, ଚିଡ-
Waste, s. କ୍ଷତି, ନଷ୍ଟି, ଅପଚୟ, ଅପବ୍ୟୟ;
-ground, ପଡିଆଭୂମି । [ଡାଇ-ଦ ।
Waste, v. ମିଥ୍ୟାବ୍ୟୟ- ବୃଥାଖର୍ଚ୍ଚ-କ, ଉ-
Waste, a. ଉଜାଡ, ଉଚ୍ଛନ୍ନ, ଶୂନ୍ୟ; ଚଷା,
ପଡଅ; -salt, ସୁକ୍ତି । [ରିଦକାଗଜ ।
Waste-book, s. ଜାବାବହି; -paper,
Wasteful, a. ଅପବ୍ୟୟୀ, ଉଡାଣିଆ, କ୍ଷତି-
କାର, ନାଶକ ।
Watch, s. ଘଡି; ସାବଧାନତା, ଚୌକି, ପ-
ହରା; ପ୍ରହର, ଘଣ୍ଟେକର ସମୟ; ରକ୍ଷକ ।
Watch, v. ଜାଗତ ଥିବାର, ଚୌକି-ଦ, ଜଗି-
ରହିବାର, ଓହି ରହିବାର, ପ୍ରହରୀ-କ, ଅପେ-
କ୍ଷା-କ । [ସାବଧାନ ।
Watchful, a. ଚୌକସ, ସତର୍କ, ଜାଗତ,
Watch-house, s. ଥାନା, ଚୌକିଘର; out-
post, ଘାଣ୍ଟି ।
Watchmaker, s. ଘଡିନିର୍ମାତା, ଘଡିବାଲା ।
Watchman, s. ଚୌକିଦାର, ପହରୀ, ଦଣ୍ଡୁ-
ଆଶି । [ବା ଠାର ।
Watchword, s. ପ୍ରହରୀର ସଙ୍କେତ ବାକ୍ୟ

Water, s. ଜଳ, ପାଣି; -clock, ଜଳଘଡି;
-color, ପାଣିଆ ରଙ୍ଗ; -bearer, ଭିସ୍ତି ।
Water, v. ଜଳସିଞ୍ଚିବାର, ଜଳ ଯୋଗାଇ-
ବାର; to make- ମୁତିବାର, ପ୍ରସ୍ରାବ-କ ।
Watercourse, s. ଜଳବାଟ, ପାଣିମୋହରୀ,
ନଳା, ମାହାଣ୍ଡି ।
Waterfall, s. ନିର୍ଝର, ପର୍ବତର ଜଳଝରଣା ।
Water-gruel, s. ତୋରାଣୀ; କାଞ୍ଜି ।
Waterlilly, s. ପଦ୍ମ, ପଙ୍କଜ, ନଳିନ ।
Waterman, s. ନାବିକ, ନାଉରିଆ, ନାଉରୀ ।
Watermark, s. ଜଳ ଯେ ପର୍ଯ୍ୟନ୍ତ ଉଠଇ
ତାହାର ଚିହ୍ନ ।
Watermelon, s. ତରଭୁଜ, ଖରଭୁଜ ।
Watermill, s. ଯଲଯନ୍ତ୍ର, ପାଣିକଳ ।
Water-proof, a. ଜଳସେଧକ, ଯାହା ଦେ-
ଇ ପାଣି ନ ପଶଇ । [ଶିଆ ।
Watery, a. ପାତଳା, ଜଳୁଆ, ଅସ୍ୱାଦୁ, ପା-
Wave, v. ଅନ୍ଦୋଳନ ବା ଝୁଲଣ-କ; ଇଙ୍ଗିତ
ବା ଠାର-କ ।
Wave, s. ଢେଉ, ଲହରୀ, ତରଙ୍ଗ, ଉର୍ମି ।
Waver, v. ଦ୍ୱିଧା-କ, ଅସ୍ଥିର-ହ, ଦ୍ୱିମନା-ହ ।
Wavering, a. ଚଞ୍ଚଳ, ତରଳ, ଅସ୍ଥିର, ଦୁ-
ର୍ମନାଃ । [ing- ଜଉ, ଲାକ୍ଷା ।
Wax, s. ମହମ; ear- କାନମଳି; seal-
Wax, v. ବର୍ଦ୍ଧିଷ୍ଣୁ-ହ, ବଢି ଉଠିବାର, ମହମ
ଲିପ୍ତ-କ । [-candle, ମହମ ବତି ।
Waxcloth, s. ମହମକାମା ବା ଲୁଗା;
Waxen, a. ମହମନିର୍ମିତ, ମହମଯୁକ୍ତ । [ସ୍ୱେତ ।
Way, s. ପଥ, ବାଟ, ମାର୍ଗ; ଉପାୟ; ଧାରା,
Wayfarer, s. ପଥିକ, ଯାତ୍ରୀ, ରାହାଗିର ।
Wayfaring, a. ଯାତ୍ରିକ, ଯାତ୍ରାକାରୀ ।
Waylay, v. ପଥ କି ବାଟ ଓଗାଳି ଅବା
ଅଗୋରି ବସିବାର ।

Wayward, *a.* ଅବଶ, ଅବାଧ୍ୟ, ଥେଣ୍ଟା, ଅମାନକ ।
We, *p.* ଅମ୍ଭେମାନେ, ଅମ୍ଭେସମସ୍ତେ ।
Weak, *a.* ଦୁର୍ବଳ, ଅଶକ୍ତ, କ୍ଷୀଣ, କମ୍‌ଜୋର; ପାତଳା, ଫିକା ।
Weaken, *v.* ଦୁର୍ବଳ-କ, କ୍ଷୀଣ ବା ତେଜ ବା ବଳହ୍ରାସ-କ, ପାତଳା-କ ।
Weakness, *s.* ଦୁର୍ବଳତା, କ୍ଷୀଣତା, ଅଶକ୍ତି, କୃଶତା ।
Weal, *s.* ମଙ୍ଗଳ, କଲ୍ୟାଣ, ସୁଖ, କୁଶଳ ।
Wealth, *s.* ଅର୍ଥ, ଧନ, ସମ୍ପତ୍ତି, ଦୌଲତ ।
Wealthy, *a.* ଧନବାନ୍, ଧନୀ, ଧନାଢ୍ୟ, ଭାଗ୍ୟବନ୍ତ ।
Wean, *v.* ସ୍ତନ ବା ଦୁଗ୍ଧ ଛଡାଇବାର, ସ୍ୱଭାବ [ବା ଅଭ୍ୟାସ ଛଡାଇବାର ।
Weapon, *s.* ଯୁଦ୍ଧାସ୍ତ୍ର, ଅସ୍ତ୍ରଶସ୍ତ୍ର, ହତିଆର ।
Wear, *v.* କ୍ଷୟ ପାଇବାର; ପିନ୍ଧିବାର, ପରିଧାନ-କ ।
Weariness, *s.* କ୍ଳାନ୍ତି, ଶ୍ରାନ୍ତି, ଶ୍ରମ, ଅବସନ୍ନତା ।
Wearisome, *a.* କ୍ଳାନ୍ତିକର, କ୍ଳେଶ ବା କଷ୍ଟଦାୟକ ।
Weary, *a.* କ୍ଳାନ୍ତ, ଶ୍ରାନ୍ତ, ଅବସନ୍ନ; impatient, ବ୍ୟସ୍ତ ।
Weary, *v.* କ୍ଳାନ୍ତ-କ, ଶ୍ରାନ୍ତ-କ, ବ୍ୟସ୍ତ-କ, ବିରକ୍ତ-ଦ ।
Weasel, *s.* ନେଉଳବିଶେଷ ।
Weather, *s.* ବାୟୁ ବୃଷ୍ଟ୍ୟାଦି ଯେଉଁପ ଥାଏ, ସମୟ, କାଳ; cold- ଶୀତ ବା ଜାଡର ସମୟ; hot- ଗ୍ରୀଷ୍ମକାଳ; wet- ବର୍ଷାକାଳ; fair- ନିର୍ମଳ ଦିନ; foul- ଝଡସମୟ ।
Weather, *v.* ବଞ୍ଚିବାର, କଷ୍ଟେ କାଳଯାପନ-କ, ବାତ୍ୟୋତ୍ତୀର୍ଣ୍ଣ-ହ ।
Weather-beaten, *a.* ଝଡରେ ମୁଖର ବିକୃତ ।
Weathercock, *s.* ବାୟୁର ଗତିନିରୂପକ କଳ ।
Weatherglass, *s.* ବାୟୁପରିମାପକ କାଚଯନ୍ତ୍ର ।
Weave, *v.* ବୁଣିବାର, ବସ୍ତ୍ରନିର୍ମାଣ-କ; ଯୋଡି-ଦ ।
Weaver, *s.* ତନ୍ତି, ତନ୍ତୁବାୟ, ଲୁଗା ବୁଣେ [ଯେ ।
Web, *s.* ବୁଣାଟ ବା ଜାଲିକର୍ମ । [ଯନ୍ତ୍ର ।
Web-footed, *a.* ଲିପ୍ତପାଦ, ହଂସପରି ପାଦ-
Wed, *v.* ବିଭା ବା ବିବାହ-କ, ପାଣିଗ୍ରହଣ-କ ।
Wedded, *a.* ଆସକ୍ତ; married, ବିବାହିତ; fem. ପାଣିଗୃହୀତା, ବିବାହିତା ।
Wedding, *s.* ବିବାହ, ବିଭା, ବିଭାଘର, ପାଣିଗ୍ରହଣ; -feast, ବିବାହ କାଳର ଉତ୍ସବ ।
Wedge, *s.* କାଷ୍ଠାଦି ଚିରିବାର କଳା, ଗୋଜ, ମେଖ ।
Wedge, *v.* କଳା କି ଗୋଜଦେଇ ବନ୍ଦ-କ ।
Wedlock, *s.* ବିବାହ, ବିବାହଅବସ୍ଥା ।
Wednesday, *s.* ବୁଧବାର, ସପ୍ତାହର ଚତୁର୍ଥ ଦିବସ ।
Wee, *a.* କ୍ଷୁଦ୍ର, ସାନ, ଛୋଟ, ସୂକ୍ଷ୍ମ ।
Weed, *s.* ବନଘାସ, ବନବୃକ୍ଷ; widow's- ବିଧବାର ଶୋକବସ୍ତ୍ର ।
Weed, *v.* ଘାସ ଉପାଡିବାର, କ୍ଷେତରେ ବନ [ଗଛ ମାରିବାର ।
Week, *s.* ହପ୍ତା, ସପ୍ତାହ, ସାତଦିନ ।
Week-day, *s.* ରବିବାର ଭିନ୍ନ ଅନ୍ୟ କୌଣସି ଦିନ, କର୍ମଦିନ ।
Weekly, *a.* ସାପ୍ତାହିକ, ପ୍ରତିସପ୍ତାହର; *-ad.* [ହପ୍ତାକୁହପ୍ତା ।
Weep, *v.* କାନ୍ଦିବାର, ରୋଦନ-ଅଶ୍ରୁପାତ-କ ।
Weevil, *s.* ଘୁଣ୍ଡିଲିଆପୋକ, ଶସ୍ୟଖାଦକ [ଘୁଣପୋକ ।
Weft, *s.* ପଡଅଣ ବା ଭରଣିସୂତ୍ର । [ଘୁଣକୀଟ ।
Weigh, *v.* ଓଜନ-କ, ତୌଲିବାର; ପରୀକ୍ଷା-ବିବେଚନା-କ, ଉଠାଇବାର ।
Weight, *s.* ତୌଲ, ଓଜନ, ଭାର, ଗୁରୁତ୍ୱ; weights, ବଟଖରା ।
Weighty, *a.* ଭାରି, ଓଜନ, ଗୁରୁ; ଶକ୍ତ; important, ଆବଶ୍ୟକ ।

Welcome, *a.* ତୁଷ୍ଟିଦାୟକ, ଅଚ୍ଛାଦରେ ଗୃହୀତ ।
Welcome, *s.* ଶୁଭଗ୍ରହଣ, ଅଭ୍ୟର୍ଥନା ।
Welcome, *v.* ଆଦରକରି ଗ୍ରହଣ-କ, ଅଭ୍ୟର୍ଥନା-କ, ଶୁଭ ଗ୍ରହଣ-କ ।
Weld, *v.* ଲୌହଆଦିକରି ଯୋଡିବାର ।
Welfare, *s.* ମଙ୍ଗଳ, କଲ୍ୟାଣ, କୁଶଳ, ମଙ୍ଗଳାବସ୍ଥା ।
Welkin, *s.* ଆକାଶମଣ୍ଡଳ, ବ୍ୟୋମ, ଶୂନ୍ୟ ।
Well, *s.* କୂଅ, କୂପ, ଜଳାକର; a stone-ବାମ୍ପୀ ।
Well, *a.* ସୁସ୍ଥ, ଭଲ, ଅପୀଡିତ, ଅରୋଗ ।
Well, *ad.* ଉତ୍ତମ ବା ଭଲରୂପେ, ଭଲ, ଅସ୍ତୁ
Welladay, *int.* ଶୋକସୂଚକଶବ୍ଦ ଯଥା ହାୟ୍ ହାୟ୍ । [ସୁଖାବସ୍ଥା ।
Wellbeing, *s.* ମଙ୍ଗଳ, କଲ୍ୟାଣ, କୁଶଳ,
Well-bred, *a.* ସଦାଚାରସ୍ଥ, ଶିଷ୍ଟ, ସୁଶୀଳ, ସଭ୍ୟ । [ଉପବଳ୍ପ ।
Well-favoured, *a.* ସୁନ୍ଦର, ସୁଶ୍ରୀ, ସୁଦୃଶ୍ୟ,
Wellnigh, *ad.* ପ୍ରାୟ, ନିକଟେ, ସନ୍ନିକଟେ ।
Wellspring, *s.* ଜଳାକର; ଆକର, ମୂଳକାରଣ । [ହିତୈଷୀ ।
Well-wisher, *s.* ମଙ୍ଗଳେଚ୍ଛୁକ ବା କାଙ୍କ୍ଷୀ,
Welter, *v.* ରକ୍ତାଦିରେ ଗଡାଗଡି-ହ ।
Wen, *s.* ଅବ୍ଦୁ, ମାଂସବୃଦ୍ଧି, ଗଳଗଣ୍ଡ ।
Wench, *s.* ବାଳିକା, ଟୋକୀ; strumpet, ବେଶ୍ୟା ।
Wend, *v.* ଯିବାର, ଫେରିବାର, ପ୍ରସ୍ଥାନ-କ ।
Were, *pret. of the verb to be,* ଥିଲେ,
West, *s.* ପଶ୍ଚିମ, ପଶ୍ଚିମଦିଗ । [ହୋଇଲେ ।
Western, *a.* ପଶ୍ଚିମଦିଗସ୍ଥ ।
Westward, *ad.* ପଶ୍ଚିମେ, ପଶ୍ଚିମଦିଗେ ।
Wet, *a.* ଓଦା, ଭିଜା, ତିନ୍ତା, ଜଳୁଆ, ଆର୍ଦ୍ର ।
Wet, *v.* ଭିଜା ବା ଓଦା-କ, ତିନ୍ତାଇବାର ।
Wether, *s.* ଛିନ୍ନମୁଷ୍କମେଷ, ଖାସୀ ।
Wetnurse, *s.* ଦାଈ, ଧାତ୍ରୀ, ଉପମାତା ।
Whale, *s.* ତିମିମତ୍ସ୍ୟ, ଅତି ବଡମାଛ ।
Wharf, *s.* ନୌକାରୁ ଜିନିଷ ଉଠାଇବାର ଘାଟ, ଗୁଠ ।
Wharfage, *s.* ଘାଟଭଡା ବା ମାସୁଲ ।
Wharfinger, *s.* ଘାଟର ଅଧ୍ୟକ୍ଷ ବା ରକ୍ଷକ ।
What, *p.* କି, କେଉଁ, କିସ; ଯେ ଯାହା, ଯେ କୌଣସି । [ଯାହା ।
Whatever, Whatsoever, *p.* ଯେକିଛି,
Wheat, *s.* ଗହମ, ଗୋଧୂମ ।
Wheaten, *a.* ଗହମ ବା ଗୋଧୂମନିର୍ମିତ ।
Wheedle, *v.* ଫୁସୁଲାଇବାର, ଭୁଲାଇବାର, ଯେନାଇବାର । [ଚିରକା, ଚକ୍ରଗତି ।
Wheel, *s.* ଚକ, ଚକ୍ର; spinning- ଅରଟ,
Wheel, *v.* ଚକଯାନରେ ଗତି-କ, ଘୁରାଇବାର
Wheelbarrow, *s.* ଏକ ଚକର ହାତ ଗାଡି-ବିଶେଷ । [କାର୍ଯ୍ୟ ।
Wheelwright, *s.* ଗାଡିଆଦି ଚକ ନିର୍ମାଣ-
Wheeze, *v.* ଫୁସ୍ ଶବ୍ଦକରି ଶ୍ୱାସ ଛାଡିବାର-
Whelp, *s.* କୁକ୍କୁର ବା ସିଂହାଦିର ଛୁଆ ।
When, *ad.* କେବେ, କେତେବେଳେ, କେଉଂସମୟରେ । [ଯେହେତୁକ ।
Whence, *ad.* କେଉଂଠାରୁ, କୌଠାରୁ, କାହିଁ,
Whenever, *ad.* ଯେତେବେଳେ, ଯେ କୌଣସି ସମୟରେ । [କାହିଁରେ ।
Where, *ad.* କେଉଂଠାରେ, କେଉଂସ୍ଥାନେ,
Whereabouts, *ad.* କେଉଂଅଡେ ବା ସ୍ଥାନରେ, କାହିଁରେ । [କାରଣରୁ ।
Whereas, *ad.* ଏଣୁ, ଯେହେତୁକ, ଯେଉଂ-
Whereat, *ad.* ଯହିଁରେ, ତହିଁରେ, ତାହା-ଲାଗି, ତେଣୁ ।

**Whereby**, *ad.* ଯହିଁରେ, ଯଦ୍ୱାରା, ଯାହା-
ଦେଇ, ବେଢେ । [ଉଁଠାରେ ।
**Wherever**, *ad.* ଯେ କୌଣସିସ୍ଥାନେ, ଯେ
**Wherefore**, *ad.* ଏନିମନ୍ତେ, ସେ ସକାଶୁ,
ତେଣୁକରି; କାହିଁକି, କିପାଁ ।
**Whereupon**, *ad.* ଯହିଁରେ, ତହିଁରେ ।
**Wherewithal**, *ad.* ଯଦ୍ୱାରା; କାହିଁରେ ।
**Wherry**, *s.* କ୍ଷୁଦ୍ରନୌକା ।
**Whet**, *v.* ଶାଣ ବା ଧାର-ଦ, ତୀକ୍ଷ୍ଣ-କ;
-the appetite, ଭୋକ ଜନ୍ମାଇବାର ।
**Whether**, *c.* ଯଦି, ବା, କିମ୍ବା, ଅଥବା;
-or not, ହେଲେ କି ନ ହେଲେ ।
**Whetstone**, *s.* ଶାଣପଥର, ଶିଳ ।
**Whey**, *s.* ଛେନାପାଣି, ମାଠ ।
**Which**, *p.* କେଉଁ, ଯେ, ଯାହା ।
**Whichever**, *p.* ଯେକୌଣସି ।
**Whiff**, *s.* ଶ୍ୱାସ, ଫୁ; ଦମକାବତାସ; -*v.* ଫୁ
ବା ଫୁଙ୍କ-ଦ । [କାଳ ।
**While**, *s.* ସମୟ, କାଳ; a while, କିଛି-
**While, Whilst**, *ad.* ଯାବତ, ଯେତେକ୍ଷଣ,
ପର୍ଯ୍ୟନ୍ତ, ଶରକ୍, ଯାଏଁ ।
**Whim**, *s.* ଅକସ୍ମାତ ବାସନା; ଭ୍ରମ ।
**Whimper**, *v.* ଡିଆଁପରି କୁଁଇ କରି କାନ୍ଦିବାର
**Whimsical**, *a.* ଅସମ୍ଭବ କଳ୍ପନାକାରୀ, ଅସ୍ଥିର
ମନାଃ । [ଇବାର ।
**Whine**, *v.* ଗୁଣେଇ କରି କାନ୍ଦିବାର, ବୋବା-
**Whip**, *s.* ଚାବୁକ, କୋରଡା, କଶା । [-ଦ ।
**Whip**, *v.* ଚାବୁକ ବା କୋରଡା ମାରିବାର, ସଜା
**Whirl**, *v.* ଘୂରାଇବାର, ବୁଲାଇବାର, ପାକ-ଦ
**Whirligig**, *s.* ଚକ୍ରକାର ଖେଳନା, ଘୂରଣି-
**Whirlpool**, *s.* ଘୂରଣିଜଳ । [ଜଳ ।
**Whirlwind**, *s.* ଘୂର୍ଣ୍ଣିବତାସ ବା ପବନ ।
**Whisk**, *s.* ଝାଡୁ, ବ୍ରଷ; କ୍ଷୀରଘଣ୍ଟାବସ୍ତୁ ।
**Whisk**, *v.* ଘଁଷରିବାର, ଝାଟାଇବାର ।
**Whisker**, *s.* ମୋଛ, ଗାଲରକେଶ ।
**Whiskey**, *s.* ଅତି ଉଗ୍ର ମଦ୍ୟବିଶେଷ ।
**Whisper**, *v.* ଫୁସୁର-କ, କାନରେ କହିବାର ।
**Whist**, *s.* ତାସ ଖେଳାବିଶେଷ ।
**Whist**, *int.* ଚୁପ, ଚୁପହୋ ।
**Whistle**, *v.* ଶିଶ ବା ଶିଟୀ-ଦ ।
**Whit**, *s.* ବିନ୍ଦୁ, ଟୋପା, ତିଳ, କଣା, ଲେଶ ।
**White**, *s.* ଶୁକ୍ଳ ବା ଧଳାବର୍ଣ୍ଣ; -of egg,
ଅଣ୍ଡାର ଶୁକ୍ଳଭାଗ; -of eye, ଆଖିର ଧୋ-
ବଳ । [ଶାଦା ।
**White**, *a.* ଶୁକ୍ଳ, ଧଳା, ଧୋବଳ, ଶ୍ୱେତ,
**White-ant**, *s.* ଉଈପୋକ, ବଲ୍ମୀକ ।
**Whitelead**, *s.* ଶଫେଦା ।
**Whitesmith**, *s.* କମାର, କର୍ମକାର, ଲୁହାର
**Whitewash**, *s.* କଳିଚୂନ; *v.* କଳିଚୂନ ଲ-
ଗାଇବାର । [ରେ, କାହିଁରେ ।
**Whither**, *ad.* କେଉଁଠାରେ, କେଉଁସ୍ଥାନ-
**Whitish**, *a.* ଅଳ୍ପଶୁକ୍ଳ, ଶ୍ୱେତ ବା ଧଳାପରି ।
**Whitlow**, *s.* ଅଗ୍ରାଅଙ୍ଗୁଳୀ, କୁଣୀ ।
**Whiz**, *v.* ଫୁସୁର ଶବ୍ଦ-କ ।
**Who**, *p.* କି, କେସେ, ଯେ, ଯେଉଁ ।
**Whoever**, *p.* ଯେକେହି, ଯେଇ ।
**Whole**, *s.* ତାବତ, ସମସ୍ତ, ସକଳ, ସମୁଦାୟ
**Whole**, *a.* ଅଖଣ୍ଡ, ଅଭଙ୍ଗ, ଅଶିଳ; ସୁସ୍ଥ ।
**Wholesale**, *s.* ମୋଟେ ବିକ୍ରୟ ।
**Wholesome**, *a.* ସୁପଥ୍ୟ, ସ୍ୱାସ୍ଥ୍ୟଜନକ, ଉ-
ତ୍ତମ, ହିତକାରୀ । [ନିତାନ୍ତ ।
**Wholly**, *ad.* ସର୍ବତୋଭାବେ, ସମ୍ପୂର୍ଣ୍ଣରୂପେ,
**Whom**, *p.* ଯାହାକୁ, ଯେ କୌଣସି ବ୍ୟକ୍ତିକୁ ।
**Whoop**, *s.* ଚିତ୍କାରଶବ୍ଦ, ଦୀର୍ଘରବ, ଡାକ ।
**Whore**, *s.* ବେଶ୍ୟା, ଦାସୀ, କସବୀ; son of-
ବେମଣୀର ପୁଅ, ହାରାମଜାଦା ।

Whoredom, *s.* ବେଶ୍ୟାଗମନ, ବ୍ୟଭିଚାର ।
Whoremonger, *s.* ବେଶ୍ୟାଗାମୀ, ଲମ୍ପଟ-ଲୋକ ।
Whose, *p.* କାହାର; ଯାହାର, ଯାହାଙ୍କର ।
Whosoever, *p.* ଯେକେହି, କୌଣସି କେହି ।
Why, *ad.* କିପାଇଁ, କିନିମିତ୍ତ, କାହିଁକି, କିକାରଣ
Wick, *s.* ବଳିତା, ସଳିତା, ଶଳିତା ।
Wicked, *a.* ଅଧର୍ମୀ, ପାପୀ, ଦୁରାତ୍ମା, ଦୁଷ୍ଟ ।
Wickedness, *s.* ଅଧର୍ମ, ପାପ, ଦୁଷ୍ଟତା, ଦୁରାଚାର । [ପାପରେ ।
Wickedly, *ad.* ଦୁଷ୍ଟରୂପେ, ଅଧର୍ମରେ,
Wicker, *a.* ବେତରେ ବୁଣା । [ଫାଟକ ।
Wicket, *s.* କ୍ଷୁଦ୍ର ବା ସାନଦ୍ୱାର, ଖିଡ଼କିଦ୍ୱାର,
Wide, *a.* ପ୍ରଶସ୍ତ, ଚୌଡ଼ା, ଫରକ୍; remote, ଦୂରସ୍ଥ ।
Widely, *ad.* ବିସ୍ତାରରୂପେ, ଦୂରେ ।
Widen, *v.* ପ୍ରଶସ୍ତ- ଫରକ୍- ଚୌଡ଼ା-କର ।
Widow, *s.* ବିଧବା, ରାଣ୍ଡ, ସ୍ୱାମିହୀନା ।
Widower, *s.* ମାଇପ ମରିଆ, ମୃତଦାର ।
Widowhood, *s.* ବିଧବାବସ୍ଥା, ରାଣ୍ଡଦଶା, ବୈଧବ୍ୟ । [ପ୍ରଶସ୍ତତା ।
Width, *s.* ଓସାର, ଆୟତନ, ଚୌଡ଼ାଇ,
Wield, *v.* ଅକ୍ଲେଶରେ ଧାରଣ-କର, ଚଳାଇବାର
Wife, *s.* ଭାର୍ଯ୍ୟା, ଦାର, ପତ୍ନୀ, ସ୍ତ୍ରୀ, ଘରଣୀ, ଜାୟା
Wig, *s.* ଉପକେଶ, ଚୁଳର ଟୋପି ।
Wight, *s.* ଲୋକ, ଜନ, ବ୍ୟକ୍ତି ।
Wigwam, *s.* କୁଡ଼ିଆ, କୁଟୀର, ଝୁପୁଡ଼ି ।
Wild, *a.* ବନ୍ୟ, ଜଙ୍ଗଲୀ; ଅବାଧ୍ୟ; ଲମ୍ପଟ ।
Wild, *s.* ବନ୍ୟସ୍ଥାନ, ଅରଣ୍ୟ, ଜଙ୍ଗଲ ।
Wilderness, *s.* ଅରଣ୍ୟ, ବନ, ଜଙ୍ଗଲ, ବଣ
Wildfire, *s.* ବେଗେ ଜ୍ୱଳନ୍ତା ଦ୍ରବ୍ୟବିଶେଷ ।
Wildness, *s.* ବନ୍ୟତା, ଅସଭ୍ୟତା; ଉନ୍ମତ୍ତତା ।

Wile, *s.* ଛଳ, ଚାତୁରୀ, ଧୂର୍ତ୍ତତା, ପ୍ରବଞ୍ଚନା ।
Wilful, *a.* ଏକବୁଝା, ଏକଗୁଁୟା, ଥେଣ୍ଟା, ସ୍ୱେଚ୍ଛାରତ ।
Wilfully, *ad.* ଜାଣିଶୁଣିକରି, ସ୍ୱେଚ୍ଛାରେ ।
Will, *s.* ଇଚ୍ଛାର ଶକ୍ତି, ଇଚ୍ଛା, ଅଭିମତ, ଆଜ୍ଞା, ହୁକୁମ; ମରିବାବେଳେ ଦାନପତ୍ର ।
Will, *v.* ଇଚ୍ଛା- ବାଞ୍ଛା-କ; ଅନୁମତି-ଦ, ଆଜ୍ଞା- ହୁକୁମ- ଆଦେଶ-କ; ମୃତପତ୍ରଦ୍ୱାରା ଦାନ-କ । [-ness, ଇଚ୍ଛା, ସମ୍ମତ ।
Willing, *a.* ଇଚ୍ଛୁକ, ସମ୍ମତ, ସ୍ୱୀକୃତ;
Willow, *s.* ବାଇଶୀବୃକ୍ଷ, ବୃକ୍ଷବିଶେଷ ।
Will-o'-the-wisp, *s.* ଆଲୁଅବିଶେଷ, ଚି-ଲଗୁଣୀ ।
Wily, *a.* ଧୂର୍ତ୍ତ, ପ୍ରବଞ୍ଚକ, ପ୍ରତାରକ, ଶଠ ।
Wimple, *s.* ଘୋଡ଼ଣୀ, ଛଦ, ମସ୍ତକାବରଣ ।
Win, *v.* ଜୟୀ-ହ, ଜିତିବାର, ଲାଭ-କ; -over, ଅନୁକୂଳ-କ । [ଘାତ-କ ।
Wince, *v.* ଛଟପଟ-କ, ବେଦନାରେ ପାଦା-
Winch, *s.* ତରଣାର ହାତ, କଳର ବେଣ୍ଟ ।
Wind, *s.* ବାୟୁ, ପବନ, ବତାସ; ବାତ ।
Wind, *v.* ଗୁଡ଼ାଇବାର, ପାକ-କ; ବକ୍ରଗତି-ହ; -up, ସମାପ୍ତି-କ । [ଠାରୁ ଲାଭ ।
Windfall, *s.* ବତାସରେ ପଡ଼ଗ ଫଳ; ହ-
Winding, *a.* ପେଞ୍ଚାଳ, ଫେରନ୍ତା, ବଙ୍କା ।
Winding-sheet, *s.* ଶବାଚ୍ଛାଦନବସ୍ତ୍ର, ଚିତା-ଲୁଗା । [କଳ ।
Windless, *s.* ଭାରଦ୍ରବ୍ୟ ଟେକିବାର ଚରଖି
Windmill, *s.* ବାୟୁଦ୍ୱାରା ଚଳିତ କଳ ।
Window, *s.* ଅଯୁନା କବାଟ, ଝରକା, ଖିଡ଼କି ।
Windpipe, *s.* ଶ୍ୱାସ ଅବା କଣ୍ଠାସନଳୀ ।
Windward, *ad.* ବାୟୁର ଅଭିମୁଖେ, ବତାସ ସମ୍ମୁଖେ ।
Windy, *a.* ବାୟୁଯୁକ୍ତ, ବତାସିଆ; ଫୁଲ୍ଲ, ଫମ୍ପା

Wine, *s.* ମଦସ, ମଦ୍ୟ, ସସପ, ଦ୍ରାକ୍ଷାରସ ।
Wing, *s.* ଡେଣା, ପଶା, ପକ୍ଷ; -of an army, ସୈନ୍ୟର ପାଶର ଦଳ ।
Winged, *a.* ଡେଣା ବା ପଶାଯୁକ୍ତ; ପକ୍ଷ-ଭଙ୍ଗା; ବେଗ ।
Wink, *v.* ଚକ୍ଷୁ ମୁଦ ବା ବୁଜିବାର, ଅକ୍ଷି ବୁଜ ଠାରିବାର, ଦେଖି ନ ଦେଖିବାର ।
Winner, *s.* ଜୟକର୍ତ୍ତା, ଲାଭକର୍ତ୍ତା । [କର୍ଷକ ।
Winning, *a.* ମନୋହର, ମନୋରମ, ମନା-
Winnings, *s.* ଜୁଆର ଟଙ୍କା ବା ଧନ ।
Winnow, *v.* ଶସ୍ୟ ଝାଡ଼ିବାର, ପାଛୁଡ଼ିବାର; -ing fan, କୁଲା, ସୂର୍ପ ।
Winter, *s.* ଶୀତକାଳ, ଜାଡ଼ଦିନ ।
Winter, *v.* ଶୀତକାଳ କାଟିବାର ବା ଯାପନ-କ
Winterly, Wintry, *a.* ଶୀତକାଳୀନ, ଜାଡ଼ ସମୟ ପର ।
Wipe, *v.* ମାର୍ଜନ କ ପରିଷ୍କାର-କ, ପୋଛି-ବାର; -out, ନିଭାଇବାର ।
Wipe, *s.* ପୋଛା, ପୋଛା; a sarcasm, ଟାହୁଲି, ଟାପରା ।
Wire, *s.* ଲୁହା ପିତ୍ତଳାଦିର ସୂକ୍ଷ, ତାର, ତନ୍ତୁ
Wiredrawer, *s.* ତାରକସ, ଗୁଣ ଓଟାରେ
Wiry, *a.* ତାରନିର୍ମିତ, ତାରବତ୍ । [ଯେ ।
Wisdom, *s.* ଜ୍ଞାନ, ବୁଦ୍ଧି, ବିଜ୍ଞତା, ବିବେକ ।
Wise, *a.* ଜ୍ଞାନୀ, ବୁଦ୍ଧିମାନ୍, ଦକ୍ଷ, ପ୍ରବୀଣ ।
Wise, *s.* ମତ, ପ୍ରକାର, ଧାରା, ରୂପ ।
Wiseacre, *s.* ନିର୍ବୋଧ, କଥା ବୁଦ୍ଧିବିଶିଷ୍ଟ-ବ୍ୟକ୍ତି । [ବିବେକେ ।
Wisely, *ad.* ଜ୍ଞାନରୂପେ, ବୁଦ୍ଧିମନ୍ତମତେ, ସୁ-
Wish, *s.* ଇଚ୍ଛା, ବାଞ୍ଛା, ମନୋରଥ, କାମନା, ବାସନା, ମାନସ ।
Wish, *v.* ଇଚ୍ଛା-କ, ବାଞ୍ଛା ବା ବାସନା-କ ।
Wishful, *a.* ଇଚ୍ଛୁକ, କାମନାକାରୀ, ଆକାଂକ୍ଷୀ
Wishfully, *ad.* ଅଭିଳାଷରେ, ବାଞ୍ଛାରେ, ଇଚ୍ଛାକରି ।
Wisp, *s.* ନୁଣ୍ଡା; ବିରିଆ, ନଅଁଘଟା ।
Wistful, *a.* ସଚେତନ, ସାବଧାନ, ଚିନ୍ତିତ ।
Wit, *s.* ତୀକ୍ଷ୍ଣବୁଦ୍ଧି, ଆଶୁବୋଧ, ରସିକ ବାକ୍ୟ; wits, କୌଶଳ, ଫିକର; to wit, *ad.* ଅର୍ଥାତ୍, ବିଶେଷତଃ ।
Witch, *s* ଡାଆଣୀ, ଡାକିନୀ, କୁହୁଡ଼ୀ ।
Witchcraft, *s.* ଡାଆଣୀପଣ, ଜାଦୁ, ଟୁଣା ।
With, *pr.* ସହିତ, ସଙ୍ଗେ, ସାଥେ, ନେଇ ।
Withal, *ad.* ତତ୍ସଙ୍ଗେ, ତଦ୍ଭିନ୍ନ, ତାହାଛଡ଼ା ।
Withdraw, *v.* ପ୍ରସ୍ଥାନ-କ, ଉଠି ଯିବାର ।
Withe, *s.* କଞ୍ଚାବେତ, କଞ୍ଚି ।
Wither, *v.* ଶୁଖିଯିବାର, ମ୍ଳାନ ବା ଶୁଷ୍କ-ହ ।
Withhold, *v.* ନିବାରଣ-କ, ନିଷେଧ ବା ଅଟକ-କ । [ଭିତରେ, ମଧ୍ୟରେ, ଅନ୍ତରେ ।
Within, *pr.* ଭିତର, ଅନ୍ତର, ମଧ୍ୟ; -*ad.*
Without, *pr.* ବାହାର, ବାହାରେ; ବ୍ୟତିରେକ, ବିନା, ଛଡ଼ା, ବେ, ଅ, ନିର ।
Withstand, *v.* ପ୍ରତିରୋଧ- ନିବାରଣ-କ, ସମ୍ଭାଳିବାର ।
Witless, *a.* ନିର୍ବୋଧ, ବୁଦ୍ଧିହୀନ, ଅଜ୍ଞାନ ।
Witling, *s.* ଅଳ୍ପବୁଦ୍ଧିମାନ୍, ଜ୍ଞାନାଭିମାନୀ ।
Witness, *v.* ଗୁହା, ସାକ୍ଷୀ, ଗୁହାରି; testimony, ସାକ୍ଷ୍ୟ, ପ୍ରମାଣ, ସାବୁଦ ।
Witness, *s.* ପ୍ରମାଣ- ସାକ୍ଷ୍ୟ- ଗୁହାରି-ଦ ।
Witticism, *s.* ବ୍ୟଙ୍ଗୋକ୍ତି, ଶ୍ଳେଷବାକ୍ୟ ।
Wittily, *ad.* ତୀକ୍ଷ୍ଣବୁଦ୍ଧିଦ୍ୱାରା, ବ୍ୟଙ୍ଗପୂର୍ବକ ।
Wittingly, *ad.* ଜ୍ଞାତସାରେ, ଜାଣିକରି ।
Witty, *ad.* ତୀକ୍ଷ୍ଣବୁଦ୍ଧି, ବ୍ୟଙ୍ଗକାରୀ, ସୁଚତୁର ।
Wizard, *s.* କୁହୁକୀ, ମାୟାବୀ, ଭେଲ୍କିକର ।
Woe, *s.* ଦୁଃଖ, ଶୋକ, ସନ୍ତାପ, ହାୟ ।
Woeful, *a.* ଦୁଃଖିତ, ସନ୍ତାପିତ, କଷ୍ଟ ।

Wold, *s.* ପ୍ରାନ୍ତର, ଦେଶାନ୍ତର, ମରୁଦ୍ୟାନ୍ତ,
Wolf, *s.* ବେକୁଆ ବାଘ । [ମାଠ ।
Woman, *s.* ସ୍ତ୍ରୀ, ନାରୀ, ଭାର୍ଯ୍ୟା, ଅବଳା, ମାଇ-
କିନିଆଁ । [ଭାବ ।
Womanhood, *s.* ସ୍ତ୍ରୀତ୍ୱ, ନାରୀତ୍ୱ, ବନିତା-
Womanish, *a.* ସ୍ତ୍ରୀବତ୍, ସ୍ତ୍ରୀଧର୍ମକ, ମାଇଚିଆ ।
Womankind, *s.* ସ୍ତ୍ରୀଜାତି ବା ସମୂହ, ମା-
ଇପିଲୋକେ, ନାରୀଗଣ ।
Womb, *s.* ଗର୍ଭସ୍ଥଳୀ, ଗର୍ଭ, ଜରାୟୁ, ପେଟ ।
Wonder, *s.* ଆଶ୍ଚର୍ଯ୍ୟଜ୍ଞାନ ବା ବୋଧ, ଚମତ୍କାର,
ଅଦ୍ଭୁତ ବା ଆଶ୍ଚର୍ଯ୍ୟକର୍ମ । [ସ୍ମୟାପନ୍ନ-କ ।
Wonder, *v.* ଆଶ୍ଚର୍ଯ୍ୟଜ୍ଞାନ କ, ଅବାକ୍-ହ, ବିସ୍ମ-
Wonderful, Wondrous, *a.* ଆଶ୍ଚର୍ଯ୍ୟ,
ଅଦ୍ଭୁତ, ଚମତ୍କାର, ଅସମ୍ଭବ ।
Wont, *s.* ବ୍ୟବହାର, ରୀତି, ଚଳ୍, ଖୋଇ ।
Wonted, *a.* ଖୋଇମତେ, ବ୍ୟବହାରପର,
ଅଭ୍ୟସ୍ତ, ପ୍ରଚଳିତ ।
Woo, *v* ପ୍ରୀତ୍ୟର୍ଥେ ଯତ୍ନ-କ, ବିବାହାର୍ଥେ ସ୍ତ୍ରୀ-
କୁ ଉପାସନା ବା ସ୍ନେହ-କ ।
Wood, *s.* କାଷ୍ଠ, କାଠ; fuel, ଜାଳକାଠ;
-ashes, କାଠର ଭସ୍ମ; forest, ବନ,
ଅରଣ୍ୟ, ଜଙ୍ଗଲ୍ ।
Woodapple, *s.* ଶ୍ରୀଫଳ, ବେଲ ।
Woodbine, *s.* ଲତା ବୃକ୍ଷବିଶେଷ ।
Woodcock, *s.* ବନ ପକ୍ଷିବିଶେଷ ।
Wooded, *a.* ବନମୟ, କାଷ୍ଠନିର୍ମିତ ।
Woodland, *s.* ବୃକ୍ଷମୟସ୍ଥାନ ବା ଦେଶ ।
Woodman, *s.* କାଷ୍ଠ ବ୍ୟବସାୟୀ, କାଠ-
କାଟିବାଲୋକ; ବ୍ୟାଧ [ହଣାପକ୍ଷୀ ।
Woodpecker, *s.* କାଠଠୋକରା ବା କାଠ-
Woody, *a.* ବନମୟ, ବନସ୍ଥ, ଜଙ୍ଗଲିଆ ।
Woof, *s.* ପଡ଼ିଆନ୍ ବା ଭରଣିସୂତା । [ଲୋମ ।
Wool, *s.* ମେଷଲୋମ ବା ରୋମ, ପଶମ,

Woollen, *a.* ପଶମୀ, ଲୋମନିର୍ମିତ, ଊର୍ଣ୍ଣାମୟ
Woollen-draper, *s.* ଊର୍ଣ୍ଣାବସ୍ତ୍ର ବ୍ୟବସାୟୀ
Woolly, *a.* ଲୋମମୟ, ଲୋମଜ, ଲୋମଶ ।
Woolsack, *s.* ଲୋମର ଗଣ୍ଠି ବା ବସ୍ତା ।
Word, *s.* ବାକ୍ୟ, କଥା, ବଚନ, ଉକ୍ତି, ସମ୍ବାଦ;
ପ୍ରତିଜ୍ଞା ।
Word, *v.* ବାକ୍ୟସୃଷ୍ଟିକରିବାର; give
one's- ଅଙ୍ଗୀକାର-କ; say a- କଥା ଗୋ-
ଟିଏ-କହ । [ଶୀଳ ।
Wordy, *a.* ବହୁବାକ୍ୟବିଶିଷ୍ଟ, ବାକ୍ୟମୟ, ବା-
Work, *s.* କର୍ମ, କ୍ରିୟା, କାର୍ଯ୍ୟ, ପାଇଟି, ବ୍ୟା-
ପାର ।
Work, *v.* କର୍ମ- କାର୍ଯ୍ୟ-କ, ଗୁଣ ଦେଖାଇବାର;
ଫେଣ ଉଠିବାର । [ର୍ଥେ ସ୍ଥାପିତ କର୍ମାଳୟ ।
Workhouse, *s.* ଦରିଦ୍ର ଲୋକର ଉପକାରା-
Workman, *s.* କାରିଗର, ଶିଳ୍ପକର, ମିସ୍ତ୍ରୀ;
laborer, ମୂଲିଆ । [ନୈପୁଣ୍ୟ ।
Workmanship, *s.* କାରିଗରୀ, ଶିଳ୍ପକର୍ମ,
Workshop, *s.* କାରଖାନା, କର୍ମାଳୟ ।
World, *s.* ଜଗତ୍, ପୃଥିବୀ, ସଂସାର, ଭୂମ-
ଣ୍ଡଳ; ଲୋକସମୂହ । [ଧନସେବକ ।
Worldling, *s.* ଅର୍ଥପ୍ରିୟ, ସାଂସାରିକ ଲୋକ,
Worldly, *a.* ସାଂସାରିକ, ବିଷୟୀ, ଐହିକ,
ଲୌକିକ ।
Worm, *s.* କୃମି, ଜିଆ, ପୋକ; maggot,
କୀଟ; silk- ଗୁଟିପୋକ; any thing
spiral, ପେଁଚ ।
Worm, *v.* କୀଟ ବା କୃମିପରି ଗମନ-କ ।
Wormeaten, *a.* ପୋକକଟା, ଜୀର୍ଣ୍ଣ ।
Wormwood, *s.* ନାଗଦଣା । [ଶ୍ରାନ୍ତ ।
Worn out, *a.* ଜୀର୍ଣ୍ଣ, ପୁରୁଣା, କ୍ଷୟହେଲା;
Worry, *v.* ପଶୁପରି କାମୁଡ଼ିବାର ଓ ଚିରି
ପକାଇବାର; ବ୍ୟସ୍ତ-କ ।

**Worse**, *a.* ମନ୍ଦତର, ଅଧିକ ବା ଅଶୁର ମନ୍ଦ ।
**Worship**, *s.* ଭଜନା, ପୂଜା, ଅର୍ଚ୍ଚନା, ଆସ-ଧନା; ସମ୍ଭ୍ରମସୂଚକ ଉପାଧି ।
**Worship**, *v.* ପୂଜା- ଭଜନା- ଆରାଧନା-କ, ଆଦର- ମର୍ଯ୍ୟାଦା-କ । [ଣୀୟ ।
**Worshipful**, *a.* ପୂଜନୀୟ, ମାନ୍ୟ, ଆଦର-
**Worshipper**, *s.* ପୂଜକ, ଅର୍ଚ୍ଚକ, ସେବକ, ଭକ୍ତ ।
**Worst**, *a.* ମନ୍ଦତମ, ସବୁଠାରୁ ମନ୍ଦ ।
**Worst**, *v.* ପରାଭୂତ- ପରାସ୍ତ କ ଜୟ-କ ।
**Worsted**, *s.* ଉର୍ଣ୍ଣା କ ମେଷ ପଶମର ସୂତା ।
**Worth**, *s.* ମୂଲ୍ୟ, ଦର, ଦାମ; excellence, ଗୁଣ, ଶ୍ରେଷ୍ଠତା ।
**Worthily**, *ad.* ଉପଯୁକ୍ତରୂପେ, ଉଚିତମତେ
**Worthiness**, *s.* ଯୋଗ୍ୟତା, ଉତ୍ତମତା, ଶ୍ରେଷ୍ଠତା, ମାହାତ୍ମ୍ୟ ।
**Worthless**, *a.* ଅକର୍ମଣ୍ୟ, ନାକାମ, କଛି ମୂଲ୍ୟ ନାହିଁ । [ମାନ୍ୟ ।
**Worthy**, *a.* ଯୋଗ୍ୟ, ଗୁଣବାନ୍, ଉପଯୁକ୍ତ,
**Wot**, *v.* ଜାଣିବାର, ବୋଧ-କ, ଜ୍ଞାତ-ହ ।
**Would**, *v.* କରନ୍ତୁ; ଇଚ୍ଛାକଥିଲୁଁ ।
**Wound**, *s.* କ୍ଷତ, ଘା, ଅସ୍ତ୍ରାଘାତ, ଚୋଟ ।
**Wound**, *v.* କ୍ଷତ-କ, ଆଘାତ-କ, ହାଣିବାର
**Wrangle**, *v.* ବିବାଦ- କଳି- କଜିଆ-କ ।
**Wrap**, *v.* ଗୁଡ଼ାଇବାର, ଜଡାଇବାର, ଲପାଇବାର ।
**Wrapper**, *s.* ଆଚ୍ଛାଦନ, ଘୋଡଣି, ଗୁଦର ।
**Wrath**, *s.* କୋପ, କ୍ରୋଧ, ରୋଷ, ରାଗ ।
**Wrathful**, *a.* କ୍ରୋଧୀ, କୋପାନ୍ୱିତ, ରାଗୀ ।
**Wreak**, *v.* ପ୍ରତିହିଂସା-କ, ପ୍ରତିଫଳ-ଦ ।
**Wreath**, *s.* ଫୁଲମାଳା, ହାର, ମାଳା ।
**Wreathe**, *v.* ବୁଣିବାର, ଗୁନ୍ଥିବାର; ମୋଡିବାର ।
**Wreck**, *s.* ବିନାଶ, ଉତ୍ପାତ, ପ୍ରଳୟ; ship, ଭଙ୍ଗା ଜାହାଜ ।
**Wren**, *s.* କ୍ଷୁଦ୍ର ପକ୍ଷିବିଶେଷ, ଟିପ୍ ଚଡାଇ ।
**Wrench**, *v.* ଟାଣି ମୋଡିବାର, ଭାଙ୍ଗି ପକାଇବାର, ମୋଡାଣି-ଦ । [ବିଶେଷ ।
**Wrench**, *s.* ମୋଡାଣୀ, ମୋଚ, ହତିଆର-
**Wrest**, *v.* ବଳରେ ଛଡାଇ-ନ, ବକ୍ରତ-କ ।
**Wrestle**, *v.* ମଲ୍ଲଯୁଦ୍ଧ-କ, ବାହୁଯୁଦ୍ଧ-କ ।
**Wretch**, *s.* ହତଭାଗ୍ୟ ବା ଦୁଃଖି ବ୍ୟକ୍ତି; ଭଣ୍ଡ, ପାପୀ । [ହୀନ, ନୀଚ, ତୁଚ୍ଛ ।
**Wretched**, *a.* ଦୁଃଖି, ଅଭାଗା, ଅନାଥ, ଦୀନ-
**Wretchedly**, *ad.* ମନ୍ଦରୂପେ, ଅତି ଦୁଃଖିତ-ପଣେ । [ପର ସବୁକାର ।
**Wriggle**, *v.* ଏଣେତେଣେ ହଲିବାର; ଛିଅ-
**Wright**, *s.* ମିସ୍ତ୍ରୀ, କାରଗର, ଶିଳ୍ପୀ ।
**Wring**, *v.* ମୋଡା ବା ପାକ-ଦ, ଚିପୁଡିବାର; ଯନ୍ତ୍ରଣା-ଦ । [ଭାଞ୍ଜ; କୁଳିତମାଂସ ।
**Wrinkle**, *s.* ଚୁନଟ, କେଁକଡା, କୁଞ୍ଚାର
**Wrinkle**, *v.* କୋଁକଡା-କ, ଭାଞ୍ଜ-ଦ ।
**Wrist**, *s.* ମଣିବନ୍ଧ, ହାତର ଗଣ୍ଠି ।
**Writ**, *s.* ଲେଖନ; ଅଦାଲତର ପରୁଆନା; holy- ଧର୍ମପୁସ୍ତକ ।
**Write**, *v.* ଲେଖିବାର; compose, ରଚନା-କ, ଲିପି-କ; -poetry, ଶ୍ଳୋକ ବାନ୍ଧିବାର । [author, ଗ୍ରନ୍ଥକର୍ତ୍ତା ।
**Writer**, *s.* ଲେଖକ, କରଣ, ଲିପିକର;
**Writhe**, *v.* ଛଟପଟ-କ, ଧଡପଡ-କ ।
**Writing**, *s.* ଲିପି, ଲେଖନ; a deed, ପଦ୍ଧ, ସନନ୍ଦ, ପଟ୍ଟା; a book, ପୋଥି, ପୁସ୍ତକ ।
**Wrong**, *s.* ଅନ୍ୟାୟ, ଅଧର୍ମ, ଅବିଚାର, ଅପକାର ।
**Wrong**, *a.* ଅଯଥାର୍ଥ, ଅନୁଚିତ, ଅନ୍ୟାୟ; ଅଶୁଦ୍ଧ; -headed, ଭ୍ରାନ୍ତ ।

**Wrong**, *v.* ଅନ୍ୟାୟ-କ, ଅପକାର-କ, କ୍ଷତି
ବା ମନ୍ଦ-କ । [ଉପେ ।
**Wrongfully**, *ad.* ଅନ୍ୟାୟ କରି, ଅନୁଚିତ-
**Wroth**, *a.* କ୍ରୋଧାନ୍ୱିତ, କୁପିତ, ଦ୍ୱେଷ ବା
ରୋଷାଯୁକ୍ତ । [ବ୍ୟାକୁଳୀକୃତ ।
**Wrought**, *a.* କୃତ, ନିର୍ମିତ, ସମାପ୍ତ; upon,
**Wry**, *a.* ବଙ୍କା, ବକ୍ର, ଟେର୍ଢ଼ା, ଟେରା, ବକ୍ରିତ ।

## X.

**X**, ଇଂରାଜୀ ଭାଷାରେ କୌଣସି ଶବ୍ଦର ଆଦ୍ୟ-
ରେ ପ୍ରାୟ ବ୍ୟବହାର ନାହିଁ ।
**X**, ଦଶସଂଖ୍ୟା, ଦଶମ । [ବିଶେଷ ।
**Xebec**, *s.* ତିନ ମାସ୍ତୁଲବିଶିଷ୍ଟ କ୍ଷୁଦ୍ର ଜାହାଜ-

## Y.

**Yacht**, *s.* ସୁଶୋଭିତ କ୍ଷୁଦ୍ର ଜାହାଜ ।
**Yam**, *s.* ଆଳୁ, ଗଯ୍ନା ବା ଖମ୍ବଆଳୁ ।
**Yard**, *s.* ଦୁଇହାତ ପରିମାଣ ଗଜ; ଜାହା-
ଜର ପାଲର ଦଣ୍ଡ; ଅଗଣା । [ଦଣ୍ଡ ।
**Yardwand**, *s.* ଗଜକାଠି ବା ବାଡି ବା
**Yarn**, *s.* ଊର୍ଣ୍ଣା ବା ପଶମୀ ସୂତା ।
**Yawl**, *s.* ଜାହାଜର ଡଙ୍ଗାବିଶେଷ ।
**Yawn**, *v.* ହାଇ ମାରିବାର ବା ଟୋଲିବାର,
ଜୃମ୍ଭା-କ । [କୃତ ।
**Ycleped**, **Yclept**, *a.* ଖ୍ୟାତ, ମାନ୍ୟ, ନାମ-
**Ye**, *p.* ତୁମ୍ଭେମାନେ, ତୁମ୍ଭେ, ତୁ ।
**Yea**, *ad.* ହାଁ, ହୁଁ, ସତ୍ୟ, ଅବଶ୍ୟ ।
**Yean**, *v.* ମେଷାଦି ପ୍ରସବ-କ, ବିଆଇବାର ।
**Year**, *s.* ବର୍ଷ, ବରଷ, ସନ, ସାଲ, ବାରମାସ ।
**Yearling**, *a.* ଏକ ବର୍ଷ ବୟସ୍କ, ଏକବର୍ଷୀୟ ।
**Yearly**, *a.* ବାର୍ଷିକ, ବର୍ଷିକ ।
**Yearly**, *ad.* ପ୍ରତିବର୍ଷରେ, ବରଷକୁ ବରଷ ।
**Yearn**, *v.* ସ୍ନେହରେ ବ୍ୟାକୁଳ ବା ଆକାଂକ୍ଷିତ-ହ

**Yearning**, *s.* ଆକାଂକ୍ଷା, ବ୍ୟାକୁଳତା, ଅନ୍ତ-
ରିକ ବ୍ୟଥା ।
**Yeast**, *s.* ମଦ୍ୟ ଅବା ସୁରା ଫେଣ, ମୋଦ୍ମା ।
**Yell**, *v.* ଚିତ୍କାର ଶବ୍ଦ-କ, ଦୀର୍ଘନାଦ-କ ।
**Yell**, *s.* ଅତ୍ୟନ୍ତ ଚିତ୍କାର, ଘର୍ଘନାଦ ବା ରବ ।
**Yellow**, *a.* ପୀତ ବା ହଳଦିଆ ବର୍ଣ୍ଣ; -ochre,
ଗୋପୀ ମୃତ୍ତିକା; -orpiment, ହରି-
**Yelp**, *v.* କୁକ୍କୁରପରି ରବ-କ । [ତାଳ ।
**Yeoman**, *s.* ଇଂଲଣ୍ଡୀୟ ଜମିଦାରବିଶେଷ ।
**Yes**, *ad* ହାଁ, ହୁଁ, ସତ୍ୟ, ଅବଶ୍ୟ ।
**Yesterday**, *s.* କାଲି, ଗତଦିବସ, କଲ୍ୟ ।
**Yet**, *c.* ତଥାପି, ଆଉ, ତେବେ, ତେବେହେଁ ।
**Yew**, *s.* ବୃକ୍ଷବିଶେଷ ।
**Yield**, *v.* ଫଳ-ଦ, ଉତ୍ପନ୍ନ-କ; ସମର୍ପିବାର;
ସ୍ୱୀକାର-କ ।
**Yoke**, *s.* ଯୁଆଳି; a pair, ଯୁଗ୍ମ, ଯୋଡା;
slavery, ଦାସତ୍ୱ ।
**Yoke**, *v.* ଯୁଆଳିରେ ବାନ୍ଧିବାର, ଯୁକ୍ତ-କ,
ଯୋଡ- ଯୋଚି-ଦ । [ସହଦାସ ।
**Yokefellow**, *s.* ସହକାରୀ, ସାଥୀ, ସଙ୍ଗୀ,
**Yolk**, *s.* ଅଣ୍ଡ ମଧ୍ୟସ୍ଥ ପୀତଭାଗ । [ଠାରେ ।
**Yon**, **Yonder**, *a.* ସେହି, ସେଆଡେ, ସେ-
**Yore**, *ad.* ପୂର୍ବକାଳେ, ପ୍ରାଚୀନ ସମୟରେ ।
**You**, *p.* ତୁମ୍ଭେ, ଆପଣ, ତୁ; plural, ତୁ-
ମ୍ଭେମାନେ ।
**Young**, *a.* ଯୁବା, ଯୁବକ, ଯୁଆନ, ନୂଆ;
younger, ସାନ, କନିଷ୍ଠ; youngtes,
ସବୁଠୁ ସାନ ବା କନିଷ୍ଠ ।
**Young**, *s.* ଛୁଆ, ବତ୍ସ, ପିଲା ।
**Youngster**, *s.* ବାଳକ, ଯୁବାଲୋକ ।
**Your**, *p.* ତୁମ୍ଭର, ତୋହୋର; plural,
ତୁମ୍ଭମାନଙ୍କର ।
**Yourself**, *p.* ତୁମ୍ଭେ, ଆପଣ, ସ୍ୱୟଂ ।

**Youth**, *s.* ଯୌବନାବସ୍ଥା ବା କାଳ; young man, ଯୁବା ପୁରୁଷ, ଟେଣ୍ଡା ।

**Youthful**, *a.* ଯୁବା, ତରୁଣ; vigorous, ସତେଜ, ବଳବନ୍ତ; -woman, ଯୁବତୀ ।

## Z.

**Zany**, *s.* ଭଣ୍ଡ, ମସ୍କର, କୌତୁକୀ ।

**Zeal**, *s.* ଉତ୍ସାହ, ଉଗ୍ରତା, ବ୍ୟଗ୍ରତା, ଔତ୍ସୁକ୍ୟ ।

**Zealot**, *s.* ଅତ୍ୟୁତ୍ସୁକ ଲୋକ, ଦୃଢମତାବଲମ୍ବୀ, ସ୍ଥିରଭକ୍ତ । [ବ୍ୟଗ୍ର ।

**Zealous**, *a.* ଉତ୍ସୁକ, ଉଦ୍ଯୋଗୀ, ସଚେଷ୍ଟ,

**Zealously**, *ad.* ଉତ୍ସାହପୂର୍ବକ, ଉଦ୍ୟମରେ ।

**Zebra**, *s.* ବନ ଗଧବିଶେଷ ।

**Zendavesta**, *s.* ପାରସୀ ଲୋକର ଧର୍ମଗ୍ରନ୍ଥ ।

**Zenith**, *s.* ମଧ୍ୟାହ୍ନ ସୂର୍ଯ୍ୟସ୍ଥଳ, ମଧ୍ୟସ୍ଥ, ଠିକ ମୁଣ୍ଡ ଉପରେ ।

**Zephyr**, *s.* ପଶ୍ଚିମବାୟୁ, ଅଳ୍ପ ପବନ, ସ୍ନିଗ୍ଧବାୟୁ । [ଚିହ୍ନ (•)

**Zero**, *s.* ତାପ ମାପଯନ୍ତ୍ରର ପରିମାଣ; ଶୂନ୍ୟ

**Zest**, *s.* ସ୍ୱାଦ, ରସ, ରୁଚିଜନକ ବସ୍ତୁ ।

**Zigzag**, *a.* ବକ୍ରାକାର, ବଙ୍କା, କରତଧାର,

**Zinc**, *s.* ଦସ୍ତା, ଉପଦସ୍ତା । [ପ୍ରକାର ।

**Zodiac**, *s.* ରାଶିଚକ୍ର, ଜ୍ୟୋତିଷ୍ଚକ୍ର, ଲଗ୍ନମଣ୍ଡଳ

**Zone**, *s.* କଟିବନ୍ଧ, ପଟୁକା; torrid- ଉଷ୍ଣକଟିବନ୍ଧ; temperate- ସମକଟିବନ୍ଧ; frigid- ଶୀତକଟିବନ୍ଧ ।

**Zoography**, *s.* ପଶ୍ୱାଦିର ବିବରଣ ।

**Zoology**, *s.* ଜୀବ ବିଷୟକ ବିଦ୍ୟା, ଜନ୍ତୁବିଦ୍ୟା

**Zoophyte**, *s.* ଜୀବ ଧର୍ମକ ବୃକ୍ଷବିଶେଷ ।

*Zootomy*, *s.* ପଶ୍ୱାଦିର ବ୍ୟବଚ୍ଛେଦ ବା ବ୍ୟବଚ୍ଛେଦବିଦ୍ୟା ।

# APPENDIX.

## GRAMMATICAL TERMS,

*In the order of the Parts of Speech.*

### GRAMMAR, ବ୍ୟାକରଣ ।

*Orthographical Terms.*

The alphabet, ବର୍ଣ୍ଣମାଳା ।
A letter, ଅକ୍ଷର ।
A vowel, ସ୍ୱର ।
A short vowel, ହ୍ରସ୍ୱ ।
A long vowel, ଦୀର୍ଘ ।
A similar vowel, ସମାନ ।
A disssimilar one, ଅସମାନ ।
The letter, (ം) ଅନୁସ୍ୱାର ।
The letter, (ଃ) ବିସର୍ଗ ।
When the vowels are enumerated, each vowel is pronounced with କାର after it, as ଅ-କାର akár, ଇ-କାର i-kár, &c.
A consonant, ବ୍ୟଞ୍ଜନ ।
A guttural, କଣ୍ଠ୍ୟ ।
A palatine, ତାଲବ୍ୟ ।
A lingual, ମୂର୍ଦ୍ଧନ୍ୟ ।
A dental, ଦନ୍ତ୍ୟ ।
A labial, ଓଷ୍ଠ୍ୟ ।
A nasal, ଆନୁନାସିକ ।
Unaspirated consonant, ଅଳ୍ପପ୍ରାଣ ।
Aspirated, ମହାପ୍ରାଣ ।
Classified, including the first five rows of consonants, ବର୍ଗୀୟ ।

Not classified, *i. e.* miscellaneous, including the remaining rows, ଅବର୍ଗୀୟ ।
The first class, କ-ବର୍ଗ, viz, କ, ଖ, ଗ, ଘ, ଙ ।
The second class, ଚ-ବର୍ଗ ।
The third class, ଟ-ବର୍ଗ ।
The fourth class, ତ-ବର୍ଗ ।
The fifth class, ପ-ବର୍ଗ ।
Union, ସଂଯୋଗ ।
A compound consonant, ଯୁକ୍ତାକ୍ଷର ।
Pronunciation, ଉଚ୍ଚାରଣ ।
Addition or insertion of a letter, ଆଗମ ।
The substitution of one letter for another, ଆଦେଶ ।
The mark ( ୍ ), ହସନ୍ତ, for excluding the vowel ଅ, as ଅକ୍ *ak.*
Permutation of letters, ସନ୍ଧି ।
Permutation of vowels, ସ୍ୱର or ଅଚ୍-ସନ୍ଧି ।
Permutation of consonants, ବ୍ୟଞ୍ଜନ ସନ୍ଧି ।
Permutation of (ଃ), ବିସର୍ଗ ସନ୍ଧି ।
The change called *goon*, ଗୁଣ ।

The changing of the letters ଇ and ଈ to ଏ, and of ଉ and ଊ to ଓ, of ଋ and ୠ to ଅର, is called *goon.*

The changing of the letter ଅ to ଆ, ଇ ଈ to ଐ, ଉ ଊ to ଔ, and ଋ ୠ to ଆର, is called *bruddhi.*

### Etymological Terms.

A word, ଶବ୍ଦ।

An inflexion, ବିଭକ୍ତି।

An affix, ପ୍ରତ୍ୟୟ।

A noun or name, ସଂଜ୍ଞା।

Gender ଲିଙ୍ଗ। [ସ୍ତ୍ରୀଲିଙ୍ଗ।

Masculine gender, ପୁଂଲିଙ୍ଗ; Fem.

Neuter gender, କ୍ଲୀବଲିଙ୍ଗ।

Singular number, ଏକବଚନ।

Plural number, ବହୁବଚନ।

The cases, when simply enumerated, are,

First, ପ୍ରଥମା।
Second, ଦ୍ୱିତୀୟା।
Third, ତୃତୀୟା।
Fourth, ଚତୁର୍ଥୀ।
Fifth, ପଞ୍ଚମୀ।
Sixth, ଷଷ୍ଠୀ।
Seventh, ସପ୍ତମୀ।
Eighth, ଅଷ୍ଟମୀ।

When considered in relation to the verb they are called କର୍ତ୍ତା, the agent or nominative.

The work, the objective, କର୍ମ।

The means, the instrumental, କରଣ

The giving to, the dative, ସମ୍ପ୍ରଦାନ।

The taking from, the ablative, ଅପାଦାନ। [ମ୍ବନ୍ଧ।

The connecting, the possessive, ସ-

The appointing, the locative, ଅଧିକରଣ। [ମ୍ବୋଧନ।

The calling to, the vocative, ସ-

A qualifying word, an adjective, ଗୁଣବାଚକ।

A pronoun, whether personal, relative, interrogative, or adjec-

A verbal root, ଧାତୁ। [tive, ସର୍ବନାମ।

A verb, କ୍ରିୟା।

A *transitive verb*, ସକର୍ମକ।

An intransitive verb, ଅକର୍ମକ।

A causal verb, ପ୍ରେରଣ।

The active voice, କର୍ତ୍ତୃବାଚ୍ୟ।

The passive, କର୍ମବାଚ୍ୟ।

For the indicative mood, ସ୍ୱାର୍ଥ is sometimes used, [ଭାବାର୍ଥ ବା ଅନୁଜ୍ଞା।

For the imperative mood, ଅନୁମ-

Time or tense, କାଳ।

Present time, ବର୍ତ୍ତମାନ। [ର୍ତ୍ତମାନ।

The present indefinite, ନିତ୍ୟପ୍ରବୃତ୍ତ ବ-

Present definite, ଶୁଦ୍ଧ ବର୍ତ୍ତମାନ।

Past time, ଅତୀତ, ଭୂତ। [ମୀପ୍ୟ ବର୍ତ୍ତମାନ

The imperfect, ଅଦ୍ୟତନଭୂତ, ଭୂତ ସା-

The imperfect definite, ଭୂତ ବା ନିଷ୍ଠିତ ଭୂତ। [ତନ ଭୂତ।

The perfect, ଶୁଦ୍ଧଭୂତ ବା ଅଦ୍ୟତନାନଦ୍ୟ-

The pluperfect, ଚିରଭୂତ ବା ଅନଦ୍ୟତନ ଭୂତ। [ପ୍ରୋକ୍ଷ ଭୂତ।

The aorist, ନିତ୍ୟ ପ୍ରବୃତ୍ତ ଭୂତ ବା ଅସ-

The future, ଭବିଷ୍ୟତ ।
The first person, ଅସ୍ମଦର୍ଥ ।
The second person, ଯୁଷ୍ମଦର୍ଥ ।
The third person, ନାମବାଚ୍ୟ ।
Indeclinable word, ଅବ୍ୟୟ ।
Inseparable preposition, ଉପସର୍ଗ ।
Words derived from verbal roots, କୃଦନ୍ତ । [ତଦ୍ଧିତ ।
Words derived from other words,
A common noun, ଦ୍ରବ୍ୟବାଚକ ।
A proper noun, ନାମବାଚକ ।
Patronymics, ଅପତ୍ୟବାଚକ ।
Gentiles, ଜାତିବାଚକ ।
Collectives, ସମୂହବାଚକ ।
Abstracts, ଭାବବାଚକ ।
Diminutives, ନ୍ୟୂନବାଚକ ।
Verbals, କ୍ରିୟାବାଚକ ।
Denominatives, କର୍ତ୍ତୃବାଚକ ।
Names of animate beings, ପ୍ରାଣିବାଚକ । [ବାଚକ ।
Names of inanimate do, ଅପ୍ରାଣି-
Passive nouns, କର୍ମବାଚକ, as କାର୍ଯ୍ୟ a work. [mouth
Instrumental do, କରଣବାଚକ, as ମୁଖ,
Recipient do, ସମ୍ପ୍ରଦାନବାଚକ as ଦାସ, a servant. [as ଶିକ୍ଷକ, a teacher.
Communicative do, ଅପାଦାନବାଚକ,
Possessive do, ଅଧିକରଣବାଚକ, as ମନ୍ଦିର, a temple. [କାନ, the ear.
Members of the body, ଅଙ୍ଗବାଚକ as
Verbal adjectives, କର୍ତ୍ତୃବାଚକ
Adjectives relating to colour, ବର୍ଣ୍ଣାର୍ଥ ।

Adjectives of place or circumstance, ସ୍ଥିତ୍ୟର୍ଥକ, as ସାମୁଦ୍ର, of the sea.
Adjectives of time, କାଳୀୟ, as ହିମକାଳର, of the winter.
Adjectives of origin, ଜନକାତ, as ସିନ୍ଧୁଜାତ, produced from the sea.
A compound word, ସମାସ ।
A compound noun, ଦ୍ୱନ୍ଦ୍ୱ ।
Of the first genus masculine, ଇତରେତର ।
Of the first genus neuter, ସମାହାର ।
A compound noun of the second genus, କର୍ମଧାରୟ ।
A compound adjective of the first class, ବହୁବ୍ରୀହି ।
A compound adjective of the second class, ତତ୍ପୁରୁଷ ।
A compound adjective formed by prefixing a numeral, ଦ୍ୱିଗୁ ।
A compound adverb, ଅବ୍ୟୟୀଭାବ ।

TERMS IN SYNTAX.

The words or clauses that qualify others, ବିଶେଷଣ ।
The words or clauses qualified by others, ବିଶେଷ୍ୟ ।
The particular case in which a word is put by the influence of another word upon it, କାରକ ।
The principal objective case when a verb governs two, ପ୍ରଧାନ, ମୁଖ୍ୟ ।
The secondary objective case when a verb governs two, ଅପ୍ରଧାନ, ଗୌଣ

## Terms in Prosody.

Verse or poetry, ପଦ୍ୟ ।

Metre, ବୃତ୍ତ, ଛନ୍ଦ । [ଶ୍ଳୋକ ।

A verse containing four pádas,

The fourth part of a verse, ପାଦ ।

An instant, ମାତ୍ରା ।

The harmonic pause, ଯତି ।

The sentential pause (।), ଦାଣ୍ଡି

A long syllable, ଗୁରୁ ।

A short syllable, ଲଘୁ ।

The common heroic metre of the Mahabharut and Ramayan has fourteen syllables (ଅକ୍ଷର) in each line (ପାଦ). The Bhagabut has ନବାକ୍ଷର or nine syllables. Oriya poetry has a great variety of metres, ranging from eight to thirty-six syllables.

---

## Terms of Kindred and Affinity.

Adopted son, ପୋଷାପୁଅ, ଦତ୍ତକପୁତ୍ର ।

Ancestor, ପୂର୍ବପୁରୁଷ, ପିତାମହ, ପ୍ରପିତା- [ମହାଦି ।

Bastard, ବେଅପିଲା, ଜାରଜ ।

Bride, କନ୍ୟା, ଦୁହିତା ବା ଝିଅ ।

Bridegroom, ବର, ନବାଢ଼ କୁମର ।

Brother, ଭାଇ, ଭ୍ରାତା, ସହୋଦର ।

Brother-in-law, ଶଳା, ଶାଳକ ।

Brother of the whole blood, ଏକୋ-ଦର ।

Children, ପିଲାମାନେ, ସନ୍ତାନସନ୍ତତି ।

Cousin, ଭାଇ, ଭ୍ରାତା, Fem. ଭଉଣୀ, ଭଗିନୀ

Child's Father-in-law, ସମଧି, ସମୁଦ୍ଧି ବା ସମ୍ବନ୍ଧୀ । [ଧିରସ୍ତ୍ରୀ, ପୁତ୍ରାଦିର ଶାଶୂ ।

Child's Mother-in law, ସମଧୁଣୀ, ସମୁ-

Daughter, ଝିଅ, ଦୁହିତା ।

Daughter-in-law, ବୋହୂ, ପୁତ୍ରବଧୂ ।

Daughter's son, ଦୌହିତ୍ର, ଝିଅରପୁଅ, ନାତି ।

Deceased owner, ମୃତକର୍ତ୍ତା, ମୃତାଧିକାରୀ ।

Father, ବାପ, ପିତା, ଜନକ, ତାତ, ବୋପା ।

Father-in-law, ଶ୍ୱଶୁର, ପତ୍ନ୍ୟାଦିର ବାପ ।

Family, ପରିବାର; କୁଳ, ବଂଶ, ଗୋତ୍ର, ।

Fellow-student, ଗୁରୁଭାଇ, ସଙ୍ଗସ୍ଥ, ସହାଧ୍ୟାୟୀ । [ଶ୍ରେଣୀ ।

Genealogy, ବଂଶାବଳି, ପୂର୍ବପୁରୁଷର ନାମ-

Grandson, ପୌତ୍ର, ନାତି, ପୁତ୍ରାଦିର ପୁଅ ।

Great Grandson, ପ୍ରପୌତ୍ର, ପୌତ୍ରର ପୁତ୍ର, ଅଣନାତି ।

Half brother, ଶାବତଭାଇ, ବୈମାତୃକ ।

Half sister, ଶାବତଭଉଣୀ, ମାତୃସପତ୍ନୀ

Heir, ଉତ୍ତରାଧିକାରୀ; ଔରସ । [ଦୁହିତା ।

Husband, ସ୍ୱାମୀ, ଗୃହସ୍ଥ, ଘଇତା, ଗୁସାଇଁ, ପତି ।

Husband's brother's wife, ଜା, ପତିର ବଡ ବା ସାନ ଭାଇଆଦିର ସ୍ତ୍ରୀ ।

Husband's elder brother, ଦେଢ଼-ଶୁର, ପତିର ବଡଭାଇ ବା ଅଗ୍ରଜ ।

——— younger brother, ଦିଅର, ସ୍ୱାମୀର ସାନଭାଇ । [ର କନିଷ୍ଠ ଭାଇର ସ୍ତ୍ରୀ ।

— youngest —s' wife, ସାନଜା, ସ୍ୱାମୀ-

Husband's Sister, ନଣନ୍ଦ, ସ୍ୱାମୀର ଭଉଣୀ
—— —'s Husband, ନଣନ୍ଦୋଇ, ସ୍ୱାମୀର ଭଉଣୀର ସ୍ୱାମୀ ।
Maternal Grandfather, ଅଜା, ପିତୃ ବା ମାତୃପିତା, ମାତାମହ, ମାମୁ ବା ମାର ବାପ ।
— Grand-mother, ଆଇ, ପିତୃ ବା ମାତୃମାତା, ମା ବା ମାମୁର ମା, ମାତାମହୀ ।
M. Aunt, ମାଉଶୀ, ମାର ଭଉଣୀ ।
M. Uncle, ମାମୁ, ମୌଲା, ବାପର ଶଳା, ମାତୁଳ । [ମାମୁର ସ୍ତ୍ରୀ ।
M. Uncle's wife, ମାଇଁ, ମଉଲାଣୀ,
Mother, ମା, ମାତା, ଜନନୀ, ଜନୟିତ୍ରୀ ।
Mother-in-law, ଶାଶୂ, ପତି ବା ସ୍ତ୍ରୀଙ୍କର ମାତା । [ପୁଅ ।
Nephew, ପୁତୁରା, ବଡ ଅବା ସାନ ଭାଇର
Niece, ଝିଅରୀ, ଜ୍ୟେଷ୍ଠ ବା କନିଷ୍ଠ ଭ୍ରାତାର ଝିଅ
Orphan, ଅନାଥ, ଅରକ୍ଷ ।
Paternal Grandfather, ପିତାମହ, ବଡବାପ, ଅଜା, ବାପର ବାପ ।
P. Grandmother, ଅଜୀ, ବଡମା, ଆଇ, ପିତାମହୀ ବା ମାତାମହୀ ।
P. Uncle (senr.), ଜେଠପା, ଜେଜୁଭା, ବଡାଇ, ଜେଠା । [ଭାଇର ସ୍ତ୍ରୀ ।
P. Uncle's Wife, ଜେଠାଇ, ବାପର ବଡ-
P. Uncle (junr.), ଦାଦ, ଖୁଡୁତା, କକାଇ, ପିତାର କନିଷ୍ଠ ଭ୍ରାତା । [ଇର ସ୍ତ୍ରୀ ।
— —s' Wife, ଖୁଡୀ, ଖୁଡୋଇ, କକା-
P. Aunt, ପିଉଶୀ, ବାପର ଭଉଣୀ ।
— Aunt's Husband, ପିଉଶା, ବାପର ଭେଣୋଇ । [ଭଉଣୀର ପତି ।
M. Aunt's Husband, ମଉଶା, ମାତାର

P. Great Grandfather, ଅଣଅଜା ପ୍ରପିତାମହ, ବାପର ଅଜା ।
P. Great Great Grand do., ପଣଅଜା, ବାପର ଅଣଅଜା, ବୃଦ୍ଧ ପ୍ରପିତାମହ ।
P. Great Grandmother, ଅଣଅଜୀ, ପ୍ରପିତାମହୀ, ବାପର ଆଇ ।
P. Great Great Grand do., ପଣଅଜୀ, ବାପର ଅଣଅଜୀ । [ସମ୍ପତ୍ତି ।
Patrimony, ପୈତୃକ ଧନ, ପିତୃପାଦସମ୍ବନ୍ଧୀୟ
Pedigree, ବଂଶାବଳିପତ୍ର, ପୂର୍ବପୌର୍ବାଦ ନାମାଙ୍କିତ ଫର୍ଦ୍ଦ ବା ତାଲିକା ।
Posterity, ସନ୍ତାନ, ପୁତ୍ରାଦ, ବଂଶ, ସନ୍ତତି ।
Pupil, ଶିଷ୍ୟ, ଚେଲା, ପଢୁଆ; ମନ୍ତ୍ରଗ୍ରହୀତା ।
Remote kindred, ଛଡାକୁଟୁମ୍ବ ।
Sister, ଭଉଣୀ, ଭଗିନୀ, ସହୋଦରା, ସ୍ୱସା ।
Sister's Daughter, ଭାଣଜୀ, ଭାଗିନେୟୀ
Sister's Husband, ଭେଣୋଇ ।
Sister-in-law, ଜେଜଶାଶୁ; wife's younger sisters, ଶାଳୀ ।
Sister of the whole blood, ଏକୋଦରା, ଏକ ମାତୃଜାତ, ସହୋଦରା ।
Sister's Son, ଭଣଜା, ଭାଗିନେୟ ।
Son, ପୁଅ, ପୁତ୍ର, ଆତ୍ମଜ, ସନ୍ତାନ, ସୁତ ।
Son-in-law, ଜୁଆଁଇ, ଜାମାତା ।
Spiritual Preceptor, ଗୁରୁ, ମନ୍ତ୍ରଦାତା ।
Twins, ଯାଆଁଳା, ଯମକ ।
Widow, ବିଧବା, ବେଉଅ, ରାଣ୍ଡ, ଅନାଥା ।
Wife, ମାଇପ, ସ୍ତ୍ରୀଙ୍କ, ଗୃହିଣୀ, ଦାରା ।
Wife's Sister's Husband, ସଢୁ ।

# MONEY, WEIGHTS, MEASURES, &c.

There are two sorts of accounts kept in Orissa, viz., ପକ୍କା and କଚ୍ଚା, which are known by ଟଙ୍କା being written over the ପକ୍କା account, and କଉଡ଼ି over the କଚ୍ଚା. The figures for the cowries, &c., are the same in both; but in the ପକ୍କା account ଟଙ୍କା or rupee is the highest denomination, and in the କଚ୍ଚା account the କାହାଣ. The number of káháns for a rupee varies form 4 to 10, according to the market.

## MONEY.

| | | | |
|---|---|---|---|
| 3 Kránti | equal to 1 Kauri. | ତିନି କ୍ରାନ୍ତି .. | .. ଏକ କଉଡ଼ା । |
| 4 Kauri | .. .. 1 Ganda. | ଚାରି କଉଡ଼ା .. | .. ଏକ ଗଣ୍ଡା । |
| 20 Gandá | .. .. 1 Pana. | କୋଡ଼ିଏ ଗଣ୍ଡା | .. ଏକ ପଣ । |
| 16 Pana | .. .. 1 Káhána. | ଷୋଳ ପଣ .. | .. ଏକ କାହାଣ । |
| 10 Káhána .. | .. 1 Tanká. | ଦଶ କାହାଣ .. | .. ଏକ ଟଙ୍କା । |

## LAND MEASURE.

| | | | |
|---|---|---|---|
| 4 Káni | equal to 1 Biswá. | ଚାରି କାଣି .. | .. ଏକ ବିଶ୍ୱା । |
| 16 Biswá | .. .. 1 Gunṭh. | ଷୋଳ ବିଶ୍ୱା .. | .. ଏକ ଗୁଣ୍ଠ । |
| 25 Gunṭha .. | .. 1 Mána. | ପଚିଶ ଗୁଣ୍ଠ .. | .. ଏକ ମାଣ । |
| 20 Mána | .. .. 1 Báti. | କୋଡ଼ିଏ ମାଣ | .. ଏକ ବାଟୀ । |

## LONG MEASURE.

| | | | |
|---|---|---|---|
| 4 Anguli | equal to 1 Musti. | ଚାରି ଅଙ୍ଗୁଳି .. | .. ଏକ ମୁଷ୍ଟି-ମୁଠି । |
| 3 Musti | .. .. 1 Chákhand. | ତିନି ମୁଠି .. | .. ଏକ ଚାଖଣ୍ଡ । |
| 2 Chákhand, | .. 1 Hát. | ଦୁଇ ଚାଖଣ୍ଡ .. | .. ଏକ ହାତ । |
| 4 Hát, | .. .. 1 Dhenu. | ଚାରି ହାତ .. | .. ଏକ ଧେନୁ । |
| 2000 Dhenu | .. 1 Kos. | ଦୁଇ ହଜାର ଧେନୁ .. | ଏକ କୋଶ । |
| 4 Kos | .. .. 1 Jojan. | ଚାରି କୋଶ .. | .. ଏକ ଯୋଜନ । |

### Measure of Paddy.

| | | | |
|---|---|---|---|
| 4 Chatánki equal to | 1 Páá. | ଚାରି ଛଟାଙ୍କି .. | .. ଏକ ପାଅ । |
| 4 Páá .. .. | 1 Ser. | ଚାରି ପାଅ .. | .. ଏକ ସେର । |
| 12 Ser .. .. | 1 Gauni. | ବାର ସେର .. | .. ଏକ ଗଉଣି । |
| 80 Gauni .. .. | 1 Bharana. | ଅଶି ଗଉଣି .. | .. ଏକ ଭରଣ । |

### Measure of Rice, &c.

| | | | |
|---|---|---|---|
| 4 Paisá equal to | 1 Chatánki. | ଚାରି ପଇସା .. | .. ଏକ ଛଟାଙ୍କି । |
| 4 Chatánki .. | 1 Páá. | ଚାରି ଛଟାଙ୍କି .. | .. ଏକ ପାଅ । |
| 4 Páá .. .. | 1 Ser. | ଚାରି ପାଅ .. | .. ଏକ ସେର । |
| 40 Ser .. .. | 1 Mahana. | ଚାଳିଶ ସେର .. | .. ଏକ ମହଣ । |

### Brass Weight.

| | | | |
|---|---|---|---|
| 4 Márha equal to | 1 Karisa. | ଚାରି ମାଢ .. | .. ଏକ କରଷ । |
| 4 Karisa .. .. | 1 Pala. | ଚାରି କରଷ .. | .. ଏକ ପଲ । |
| 20 Pala .. .. | 1 Bishá. | କୋଡ଼ିଏ ପଲ | .. ଏକ ବଶା । |
| 40 Bishá .. .. | 1 Chelá. | ଚାଳିଶ ବଶା .. | .. ଏକ ଚେଲା । |

### Gold Weight.

| | | | |
|---|---|---|---|
| 4 Dhána equal to | 1 Rati. | ଚାରି ଧାନ .. | .. ଏକ ରତି । |
| 8 Rati .. .. | 1 Mashá. | ଆଠ ରତି .. | .. ଏକ ମଶା । |
| 10 Mashá .. .. | 1 Bhari. | ଦଶ ମଶା .. | .. ଏକ ଭରି । |

*Fractions.*

ପାଏ or ପାହୁଲା, a quarter, is thus represented .. ୲
ଅଧ, ଅର୍ଦ୍ଧ, ଅର୍ଦ୍ଧେକ, half .. .. .. .. .. .. ୳
ପଉଣେ or ଛଣପା, three quarters .. .. .. .. ୴
ଦେଢ଼, one and a half .. .. .. .. .. .. ୧୳
ଅଢ଼ାଇ, two and a half .. .. .. .. .. .. ୨୳

These are irregular. In all other cases a quarter more than an even number is expressed by prefixing ସଉଅର to the number; a half

by prefixing ସାଢେ; and three quarters by prefixing ପଉଣେ to the even number. Exam. ସଉଥର ତନ, three and a quarter; ସାଢେ ତନ, three and a half; ପଉଣେ ଚାର, three and three quarters, viz., a quarter less than *four*.

Fractional parts are generally expressed by dividing the Rupee into sixteen annas or parts. Exam. ସାତପଣା, seven annas or seven sixteenths; ଦଶ ପଣା, ten annas or ten-sixteenths.

*The signs are as follows.*

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| ୵ | ୶ | ୷ | ୲ | ୲୵ | ୲୶ | ୲୷ | ୳ | ୳୵ | ୳୶ | ୳୷ | ୴ | ୴୵ | ୴୶ | ୴୷ | ୧ |
| $\frac{1}{16}$ | $\frac{1}{8}$ | $\frac{3}{16}$ | $\frac{1}{4}$ | $\frac{5}{16}$ | $\frac{6}{16}$ | $\frac{7}{16}$ | $\frac{1}{2}$ | $\frac{9}{16}$ | $\frac{10}{16}$ | $\frac{11}{16}$ | $\frac{3}{4}$ | $\frac{13}{16}$ | $\frac{14}{16}$ | $\frac{15}{16}$ | 1 |

## TIME.

| | | | | | |
|---|---|---|---|---|---|
| 60 Bilitá | .. | one Litá. | ୬୦ ବିଲିତା | .. .. | ୧ ଲିତା। |
| 60 Litá | .. | one Danda. | ୬୦ ଲିତା | .. .. | ୧ ଦଣ୍ଡ। |
| 60 Danda | .. | one Deen. | ୬୦ ଦଣ୍ଡ | .. .. | ୧ ଦିନ। |
| 7 Deen | .. | one Haptá. | ୭ ଦିନ | .. .. | ୧ ହପ୍ତା। |
| 30 Deen | .. | one Más. | ୩୦ ଦିନ | .. .. | ୧ ମାସ। |
| 12 Más | .. | one Baras. | ୧୨ ମାସ | .. .. | ୧ ବରଷ। |

## DAYS OF THE WEEK.

| | | Mahomedan. |
|---|---|---|
| Sunday, ରବିବାର, | from the Sun, ରବି। | ଏତ୍ୱାର। |
| Monday, ସୋମବାର, | ——— the Moon ସୋମ। | ପୀର। |
| Tuesday, ମଙ୍ଗଲବାର, | ——— Mars, ମଙ୍ଗଲ। | ମଙ୍ଗଲ୍। |
| Wednesday, ବୁଧବାର, | ——— Mercury, ବୁଧ। | ବୁଧ। |
| Thursday, ଗୁରୁବାର, | ——— Jupiter, ବୃହସ୍ପତି। | ଜୁମେରାହ। |
| Friday, ଶୁକ୍ରବାର, | ——— Venus, ଶୁକ୍ର। | ଜୁମ୍ମା। |
| Saturday, ଶନିବାର, | ——— Saturn, ଶନି। | ଶନିଚର। |

A day is divided into two parts, ଦିନବେଳ, viz., the time from sun-rising to sun-setting; and ରାତ୍ରିକାଲ, the time from sun-setting to sun-rising. Each of these is subdivided into four equal parts, called ପ୍ରହର, or watches, one of which is nearly equal to three English hours, but varying with the season.

## OF THE HINDOO MONTHS.

The Hindoo months always begin at what they calle the ସଂକ୍ରାନ୍ତି, viz., the moment of the sun's entering any sign of the Zodiac.

| | | | | |
|---|---|---|---|---|
| ବୈଶାଖ, | Beisákya part of | | April and May. Sign, | ମେଷ । |
| ଜ୍ୟେଷ୍ଠ, | Jesth | —— | May and June. | ବୃଷ । |
| ଆଷାଢ, | Áshárha | —— | June and July. | ମିଥୁନ । |
| ଶ୍ରାବଣ, | Srábana | —— | July and August. | କର୍କଟ । |
| ଭାଦ୍ରବ, | Bhádraba | —— | August and Sepetmber. | ସିଂହ । |
| ଆଶ୍ୱିନ, | Áshwinya | —— | September and October. | କନ୍ୟା । |
| କାର୍ତ୍ତିକ, | Kártik | —— | October and November. | ତୁଲ । |
| ମାର୍ଗଶିର, | Márgashira | —— | November and December. | ବୃଶ୍ଚ । |
| ପୌଷ, | Pousa | —— | December and January. | ଧନୁ । |
| ମାଘ, | Mágha | —— | January and February. | ମକର । |
| ଫାଲ୍ଗୁନ, | Phálgun | —— | February and March. | କୁମ୍ଭ । |
| ଚୈତ୍ର, | Chaitra | —— | March and April. | ମୀନ । |

The month is divided into two ପକ୍ଷ, or sides (of the moon); the time from change (ଅମାବାସ୍ୟା) to the full moon (ପୌର୍ଣ୍ଣମୀ), is called the ଶୁକ୍ଳପକ୍ଷ, bright side; and from the full to the change କୃଷ୍ଣପକ୍ଷ, the dark side. A lunar day is called ତିଥି ।

---

*Directions for commencing and addressing Letters to Persons of Rank.*

ପଦବୀ, ପତ୍ରର ଶିରୋନାମା ଲେଖାବ ।

THE QUEEN.

*Commence.* Madam; Most Gracious Sovereign; May it please Your Majesty.

*Address.* To the Queen's Most Excellent Majesty.

THE NOBILITY.

A Duke, Marquis, Earl, Viscount, or Baron.

*Com.* My Lord Duke; Your Grace, or May it please your Grace; My Lord Marquis, or Your Lordship; My Lord, or Your Lordship (*to the others*).

*Add.* To His grace the Duke of Argyll.
To the Most Honourable the Marquis of Bute.
To the Right Honourable the Earl of Derby.
To the Right Honourable the Lord Viscount Duncan.
To the Right Honourable Lord Grey.

OFFICIAL MEMBERS OF THE STATE.

*A Member of H. M. Most Honourable Privy Council.*

*Com.* Sir, or My Lord, or Right Honourable Sir, or My Lord.
*Add.* To the Right Honourable ———, Her Majesty's Principal Secretary of State.

THE PARLIAMENT.

*House of Peers.—Com.* My Lords, or May it Please your Lordships.

*Add.* To the Right Honourable the Lords Spiritual & Temporal in Parliament assembled.

*House of Commons. Com.* May it please your Honourable House.

*Add.* To the Right Honourable the Commons of the United Kingdom of Great Britain and Ireland in Parliament assembled.

*The Speaker of ditto. Com.* Sir, or Mr. Speaker.
*Add.* To the Right Honourable ———, Speaker of the House of Commons.

*A member of the House of Commons, not ennobled. Com.* Sir,
*Add.* To W. H. Gladstone, Esqr., M. P.

To His Excellency the Right Honourable Lord Northbrook,
G. M. S., Viceroy & Governor General of India,
My Lord, May it please your Lordship.

Right Honourable Sir G. Campbell, D. C. L., Lieut. Governor of Bengal, Honourable Sir, May it please your Honour.

His Highness the Raja of Burdwan,
May it please your Highness.

T. R. Esq., Commissioner,—Sir.

J. B. Esq., Judge & Magistrate,—Sir.

A. B. Esq., Collector,—Sir.

Dr. H. C.,—Sir.

Mrs. A. B.,—Madam.

Messrs. H. S. and Co., Merchants,—Gentlemen.

Baboo Radha Kanta Deb,—Sir.

---

STOPS, &c. ଛେଦ ଚିହ୍ନ ।

| | | | |
|---|---|---|---|
| Comma | .. .. .. .. | , | ଏକ ଛିଡାର ବସମ ଚିହ୍ନ । |
| Semicolon | .. .. .. .. | ; | ଦୁଇ „ „ „ |
| Colon | .. .. .. .. | : | ତିନି „ „ „ |
| Period or full-stop | .. .. | . | ଚାରି „ „ „ |
| Note of Interrogation | .. | ? | ପଚ୍ଛିବାର ଚିହ୍ନ । |
| Note of Admiration .. | .. | ! | ଚମତ୍କାରବୋଧର ଚିହ୍ନ । |
| Parenthesis or Crotchets | | ( ) [ ] | ଏହି ଚିହ୍ନ ମଧ୍ୟରେ ଯେଉଁ କଥା ଲେଖା |

ହୋଏ ତାହା ଛଡା ମୂଳ କଥା ବୋଧ ହୁଏ ।

PRINTED AT THE ORISSA MISSION PRESS.—W. BROOKS.